# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୨/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, July 12/2019 | ★★★★

୪୫ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରେକର୍ଡ ଭାଙ୍ଗିଲେ ଲାଲ୍‌ରିନୁଙ୍ଗା**

ସାମୋଆଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ଭାରତୀୟ ଭାରୋତ୍ତୋଳକ ଜେରେମି ଲାଲ୍‌ରିନୁଙ୍ଗା ତିନୋଟି ରେକର୍ଡ ଭଙ୍ଗ କରିଛନ୍ତି।

୧୫ ୦୫

**ଫୋର୍ବସ ଧନୀ ସେଲିବ୍ରିଟି ତାଲିକାରେ ଅକ୍ଷୟ**

ଫିଲ୍ମ ପାଇଁ ସର୍ବାଧିକ ପ୍ରାପ୍ୟ ନେଉଥିବା ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଫୋର୍ବସ ଧନୀ ସେଲିବ୍ରିଟି ତାଲିକାରେ ସ୍ଥାନ ପାଇଛନ୍ତି।










ନବମୀ ସନ୍ଧ୍ୟା ଦର୍ଶନ ଲାଗି ଗୁରୁବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଆଜି ବାହୁଡ଼ିବେ ମହାପ୍ରଭୁ

**ମଧ୍ୟାହ୍ନ ୧୨ଟାରେ ପହଣ୍ଡି** | **ଅପରାହ୍ନ ୪ଟାରେ ରଥଟଣା**

**ପୁରୀ ଅଫିସ,୧୧।୭**

ଆଡ଼ପ ମଣ୍ଡପରେ ଶେଷ ହୋଇଛି ଚତୁର୍ଦ୍ଧାବିଗ୍ରହଙ୍କ ଲୀଳା। ଗୁରୁବାର ଭକ୍ତଙ୍କୁ ସନ୍ଧ୍ୟା ଦର୍ଶନ ଦେଇ ଏବେ ରତ୍ନବେଦିକୁ ବାହୁଡ଼ିବାକୁ ପ୍ରସ୍ତୁତ ମହାପ୍ରଭୁ। ଶ୍ରୀଗୁଣ୍ଡିଚା ମନ୍ଦିରରେ ୭ଦିନର ରହଣି ପରେ ଭାଇଭଉଣୀଙ୍କୁ ସାଥିରେ ଧରି ଶୁକ୍ରବାର ବାହୁଡ଼ି ଆସିବେ ଶ୍ରୀମନ୍ଦିର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ମହାପ୍ରଭୁଙ୍କୁ ତିନିରଥ ଅପେକ୍ଷା କରି ରହିଛନ୍ତି। ତିନିରଥକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟିର ସଦସ୍ୟମାନେ ଯାଞ୍ଚ କରିସାରିଛନ୍ତି। ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ ପ୍ରସ୍ତୁତି ଚାଲିଛି।

ଗୁରୁବାର ଥିଲା ସନ୍ଧ୍ୟା ଦର୍ଶନ। ତେଣୁ ବୁଧବାର ରାତି ୨ଟା ୫୫ରେ ଠାକୁରଙ୍କ ପହୁଡ଼ ହୋଇ ଭୋର ୪ଟା ୨୦ରେ ଦ୍ୱାରଫିଟା ଯାଇଥିଲା। ୫ଟା ୧୦ରେ ହୋଇଥିଲା ମଙ୍ଗଳ ଆଳତି। ଏହାପରେ ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ସନ୍ଧ୍ୟା ଦର୍ଶନ ଆରମ୍ଭ ହୋଇଥିଲା। ଲମ୍ବା ଧାଡ଼ିରେ ଶ୍ରଦ୍ଧାଳୁମାନେ ଦାରୁଦିଅଁଙ୍କ ଦର୍ଶନ କରିଥିଲେ। ନୀତି ସଅଳ ଚାଲିଥିଲା। ଭକ୍ତମାନେ ପୂର୍ବାହ୍ନ ୧୦ଟା ୨୫ରେ ଆଡପ ଅବଢ଼ା ପାଇଥିଲେ।

ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ରାତି ୮ଟାରୁ ବନ୍ଦ କରାଯାଇଥିଲା। ଏହାପରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଶୋଧ କରାଯାଇଥିଲା। ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ବାହୁଟକଣ୍ଟି, ଚାରବନ୍ଧା ଓ କୁସୁମୀ ଲାଗି ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ଭୋର ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡି ଭୋଗ ଖାଇସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ପୂର୍ବାହ୍ନ ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ୧୨ଟାରେ ବାହୁଡା ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ନୀତି ବଢି ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ଲାଗି ନୀତି ନିର୍ଘଣ୍ଟ ହୋଇଛି। ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ବାହୁଡା ପରଦିନ ଅର୍ଥାତ୍ ଶନିବାର ସୁନାବେଶ ରହିଛି। ତେଣୁ ବାହୁଡ଼ା ଦିନ ହିଁ ସିଂହଦ୍ୱାରରେ ତିନିରଥ ପହଞ୍ଚାଇବା ଲାଗି ପ୍ରଶାସନ ସ୍ଥିର କରିଛି। ଆବଶ୍ୟକ ପଡ଼ିଲେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇ ରାତିରେ ରଥ ଟଣାଯାଇ ସିଂହଦ୍ୱାରରେ ପହଞ୍ଚାଇବାର ଯୋଜନା ରହିଛି ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

# ତୃଣମୂଳସ୍ତରକୁ ଯାଇ ଲୋକଙ୍କ କଥା ବୁଝ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

**ମନ୍ତ୍ରୀ ପରିଷଦ ବୈଠକ**



- ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ
- ଅଚାନକ ପରିଦର୍ଶନ କରି ନିଜ ବିଭାଗ କାର୍ଯ୍ୟ ତଦାରଖ କର
- ୫-ଟି ମନ୍ତ୍ରକୁ ଧରି ଦାୟିତ୍ୱ ତୁଲାଅ
- ୧୪ ଶହ କୋଟି ଜରୁରିକାଳୀନ ପାଣ୍ଠିକୁ ମନ୍ତ୍ରୀ ପରିଷଦର ଅନୁମୋଦନ

ମନ୍ତ୍ରୀ ପଦବୀ ପାଇ କେବଳ ସଚିବାଳୟରେ ବସିଲେ ଚଳିବ ନାହିଁ। ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ କଥା ବୁଝ। ସେମାନଙ୍କ ନିକଟତର ହୁଅ। ସମସ୍ୟା ବୁଝି ବ୍ୟକ୍ତିଗତ ସ୍ତରରେ ସମାଧାନ କରିବାକୁ ଚେଷ୍ଟାକର। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗସ୍ତକରି ନିଜ ବିଭାଗର କାର୍ଯ୍ୟ କିପରି ଚାଲିଛି ସେଗୁଡ଼ିକ ଭଲ ଭାବରେ ତଦାରଖ କର। ଲୋକମାନଙ୍କ ସହ ମିଶି ନିଜ ବିଭାଗର କାର୍ଯ୍ୟ କେମିତି ଚାଲିଛି ସିଧାସଳଖ ପଚାରି ବୁଝ। ସରକାରଙ୍କ ଜନକଲ୍ୟାଣ ଯୋଜନା ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ ସେ ବିଷୟରେ ତୃଣମୂଳସ୍ତରରେ ଲୋକମାନଙ୍କଠାରୁ ପଚାରି ବୁଝ। ନିଜ ବିଭାଗର ବିଭିନ୍ନ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନ କରି ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ନଜର ରଖ। ଏହା ଦ୍ୱାରା ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ଓ ଲୋକମାନେ ଏହାର ସୁଫଳ ପାଇ ପାରିବେ। ଗୁରୁବାର ସଚିବାଳୟଠାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀମାନଙ୍କୁ ଏମିତି କଡ଼ା ତାଗିଦ୍ କରିଛନ୍ତି।

ମନ୍ତ୍ରୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ ଅଞ୍ଚଳ ବାରମ୍ବାର ଗସ୍ତ କରି ଲୋକମାନଙ୍କୁ ସାକ୍ଷାତ୍ କରିବା ଦରକାର। ପ୍ରତ୍ୟକ୍ଷ ଭାବରେ ସେମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପଡିବ। ସରକାରୀ ସେବାଗୁଡ଼ିକ ହିତାଧିକାରୀମାନେ ଠିକ୍‌ରେ ପାଉଛନ୍ତି କି ନାହିଁ ସେମାନଙ୍କଠାରୁ ସେ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ୫-ଟି (ଟ୍ରାନ୍ସପରେନ୍ସି, ଟେକ୍‌ନୋଲୋଜି, ଟିମ୍ ୱାର୍କ, ଟ୍ରାନ୍ସଫର୍‌ମେଶନ ଏବଂ ଟାଇମ୍) ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ମନ୍ତ୍ରକୁ କାର୍ଯ୍ୟକାରୀ କରିବାକୁ ବ୍ୟକ୍ତିଗତ ସ୍ତରରେ ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଦକ୍ଷତାର ସହ କଠିନ ପରିଶ୍ରମ ଅତ୍ୟନ୍ତ ଜରୁରୀ। ନିଜ ବିଭାଗର କାମ କିପରି ସହଜ ଓ ସ୍ୱଚ୍ଛତାର ସହ ହୋଇପାରିବ, ସେଥିପ୍ରତି ଧ୍ୟାନଦେବାକୁ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଜ ବିଭାଗର ରିପୋର୍ଟ କାର୍ଡ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ବାତ୍ୟା 'ଫନୀ'ର ମୁକାବିଲା ପାଇଁ ରାଜ୍ୟ ସରକାର ରାଜ୍ୟ ଜରୁରିକାଳୀନ ପାଣ୍ଠିରୁ ୨ଟି ପର୍ଯ୍ୟାୟରେ ପ୍ରାୟ ୧୨ଶହ କୋଟି ଏବଂ ସାମାଜିକ ସୁରକ୍ଷା ପାଇଁ ୨ଶହ କୋଟି ଟଙ୍କା ଉଠାଇଥିଲେ। ଏଥିପାଇଁ ଆଇନରେ ବ୍ୟବସ୍ଥା ନ ଥିବାରୁ ଅଧ୍ୟାଦେଶ ବଳରେ ରାଜ୍ୟ ସରକାର ଏହି ଅର୍ଥ ଖର୍ଚ୍ଚ କରିଥିଲେ। ଅଧ୍ୟାଦେଶ ସମୟସୀମା ଶେଷ ହୋଇଯାଇଥିବାରୁ ଜରୁରିକାଳୀନ ପାଣ୍ଠିରୁ ଉକ୍ତ ଅର୍ଥ ଭରଣା କରାଯାଇଛି। ଏହାକୁ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ କରାଯାଇଛି।

ବିଜେଡି ସରକାରଙ୍କ ପଞ୍ଚମ ପାଳିରେ ନବୀନ ସମୟ ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ମାସର ୭ ତାରିଖ ପୂର୍ବରୁ ମନ୍ତ୍ରୀମାନେ ନିଜ ବିଭାଗର ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ କୁହାଯାଇଛି। ମେ ୨୯ରେ ମନ୍ତ୍ରିମଣ୍ଡଳ ଗଠନ ପରେ ଜୁଲାଇ ୭ ପୂର୍ବରୁ ମନ୍ତ୍ରୀମାନେ ପ୍ରଥମ ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି।

# କର୍ଣ୍ଣାଟକ ନାଟକରେ ନୂଆମୋଡ଼

**ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୧।୭(ପି.ଟି)**

କର୍ଣ୍ଣାଟକରେ ଚାଲିଥିବା ରାଜନୈତିକ ନାଟକରେ ନୂଆମୋଡ଼ ଆସିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଗୁରୁବାର ସନ୍ଧ୍ୟା ୬ଟାରେ ୧୦ ବିଦ୍ରୋହୀ ବିଧାୟକ ବାଚସ୍ପତି କେ.ଆର୍. ରମେଶଙ୍କୁ ବିଧାନସଭାସ୍ଥିତ ତାଙ୍କ ଚାମ୍ବରରେ ଭେଟିଛନ୍ତି। ମୁମ୍ବାଇରୁ ଫେରିବା ପରେ ସେମାନେ ବାଚସ୍ପତିଙ୍କୁ ବ୍ୟକ୍ତିଗତ ଭାବେ ଲିଖିତ ଆକାରରେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଦ୍ରୋହୀ ପୁନଶ୍ଚ ଇସ୍ତଫା ଦେବା ରାଜନୈତିକ ବାତାବରଣକୁ ସରଗରମ କରିଛି। ବାଚସ୍ପତି ଶୁକ୍ରବାର ଏନେଇ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବେ। ପରେ ବିଧାୟକଙ୍କ ମାମଲା ସହ ବାଚସ୍ପତିଙ୍କ ପକ୍ଷରୁ ଦାଏର ପିଟିଶନର ମଧ୍ୟ ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି।

ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାର କିଛିଘଣ୍ଟା ପରେ ମୁମ୍ବାଇର ହୋଟେଲ ରେନେସାଁରେ ଥିବା ୧୦ ବିଦ୍ରୋହୀ ବିଧାୟକ ଦୁଇଟି ସ୍ୱତନ୍ତ୍ର ବିମାନରେ ବେଙ୍ଗାଲୁରୁସ୍ଥିତ ଏଚ୍‌ଏଏଲ୍ ବିମାନବନ୍ଦରରେ ପହଞ୍ଚିଥିଲେ। ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେମାନେ ବାଚସ୍ପତିଙ୍କ ଚାମ୍ବରରେ ହାଜର ହୋଇ ନିଜ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଅଦ୍ୟାବଧି ମୋଟ ୧୬ ବିଧାୟକ ଇସ୍ତଫା ଦେଇଥିବାବେଳେ ୧୧ ବିଧାୟକ ବାଚସ୍ପତିଙ୍କ ନିକଟରେ ପହଞ୍ଚି ନୂଆକରି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବାଚସ୍ପତି ସନ୍ଧ୍ୟା ୭ଟାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଶାସକ ମେଣ୍ଟର ବିଧାୟକମାନଙ୍କ ଇସ୍ତଫା ସ୍ୱେଚ୍ଛାକୃତ ଓ ଠିକ୍ କି ନୁହେଁ ତାହା ଯାଞ୍ଚ କରାଯିବ। ନିୟମାନୁସାରେ ଇସ୍ତଫାପତ୍ର ସମ୍ପୂର୍ଣ୍ଣ ଫର୍ମାଟରେ ହେବା ଉଚିତ। ଦୁର୍ଭାଗ୍ୟବଶତଃ ଗତ ସପ୍ତାହରେ ଚାମ୍ବରରେ ପହଞ୍ଚିଥିବା ୧୩ ଇସ୍ତଫାପତ୍ର ମଧ୍ୟରୁ ୮ଟି ଉପଯୁକ୍ତ ଫର୍ମାଟରେ ନ ଥିଲା। କର୍ଣ୍ଣାଟକ ଆସେମ୍ବ୍ଲି ରୁଲ୍ସ ଆଣ୍ଡ ପ୍ରୋସିଡ୍ୟୁରର ନିୟମ ୨୦୧ ଅନୁସାରେ ଯାଞ୍ଚ ପରେ ଏହା ଜଣାପଡ଼ିଥିଲା। ଏବେ ନୂଆ ଇସ୍ତଫା ପତ୍ର ଯାଞ୍ଚ କରି ସୁପ୍ରିମକୋର୍ଟଙ୍କୁ ଅବଗତ କରାଯିବ। ସମ୍ବିଧାନର ନିୟମାନୁସାରେ ସବୁକିଛି ହେବ। ତରବରିଆ ଭାବେ କି ବିଜୁଳି ବେଗରେ କିଛି କରାଯିବ ନାହିଁ ବୋଲି ବାଚସ୍ପତି କେ.ଆର. ରମେଶ ସୂଚନା ଦେଇଛନ୍ତି।

**ବିଦ୍ରୋହୀ ବିଧାୟକଙ୍କ ପୁନଶ୍ଚ ଇସ୍ତଫା**



ବାଚସ୍ପତି କେ.ଆର. ରମେଶ

**ଆଜିର ସମ୍ପାଦକୀୟ**

**ବଜେଟ ତ୍ରୁଟି**

ବଢ଼ିଲା ବସ୍ ଭଡ଼ା ........୪........

ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଅଧିବେଶନ ........୩........


NECC NATIONAL EGG CO-ORDINATION COMMITTEE | 11.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 85 | 139 | 149 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers


# ଇଂଲଣ୍ଡକୁ ଭେଟିବ ନ୍ୟୁଜିଲାଣ୍ଡ

**ବର୍ମିଂହାମ, ୧୧।୭**

**ଆଇସିସି ବିଶ୍ୱକପ ଫାଇନାଲ**



ଇଂଲଣ୍ଡ ବିଜୟରେ ଉଲ୍ଲସିତ ଜୋ ରୁଟ୍ ଓ ଇଅନ ମୋର୍ଗାନ୍।

ଆୟୋଜକ ଇଂଲଣ୍ଡ ଚଳିତ ଆଇସିସି ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡ ୮ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୨୪ ରନ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ୩୨.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୨୨୬ ରନ ସଂଗ୍ରହ କରି ନେଇଛି। ଆସନ୍ତା ରବିବାର ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ଭାରତ ଓ ଅଷ୍ଟ୍ରେଲିଆ ସେମିଫାଇନାଲରୁ ବିଦାୟ ନେଇଥିବାରୁ ଏଥର ବିଶ୍ୱକପରେ ନୂଆ ଚାମ୍ପିୟନ ହେବା ପଥ ପରିଷ୍କାର ହୋଇଛି।

ଇଂଲଣ୍ଡ ପୂର୍ବରୁ ୧୯୭୫ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ୧୯୭୯ରେ ରନର୍ସଅପ୍ ହୋଇଥିଲା। ୧୯୮୩ରେ ଦଳ ପୁଣି ସେମିଫାଇନାଲ ଖେଳି ବିଦାୟ ନେଇଥିବାବେଳେ ୧୯୮୭ ଓ ୧୯୯୨ ବିଶ୍ୱକପରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହା ପରଠାରୁ ଇଂଲଣ୍ଡ ଆଉ କେବେହେଲେ ଏହି ସ୍ତରରେ ପହଞ୍ଚି ପାରି ନ ଥିଲା। ୧୯୯୬ରେ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିବାବେଳେ ୧୯୯୯ ଓ ୨୦୦୩ରେ ଗ୍ରୁପ ପର୍ଯ୍ୟାୟରୁ, ୨୦୦୭ରେ ସୁପର-୮ରୁ, ୨୦୧୧ରେ କ୍ୱାର୍ଟର ଫାଇନାଲରୁ ଏବଂ ୨୦୧୫ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ତେଣୁ ଦୀର୍ଘ ବ୍ୟବଧାନରେ ଦଳ ଏଥର ପୁଣି ଟାଇଟଲ ପର୍ଯ୍ୟାୟରେ ଉପନୀତ ହୋଇଛି ଏବଂ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଆଶାକୁ ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ୧୯୮୭, ୧୯୯୯, ୨୦୦୩, ୨୦୦୭ ଓ ୨୦୧୫ ଚାମ୍ପିୟନ ଏବଂ ୧୯୭୫ ଓ ୧୯୯୬ ରନର୍ସଅପ୍ ଅଷ୍ଟ୍ରେଲିଆର ଅଭିଯାନ ଏଥର ପ୍ରଥମଥର ପାଇଁ ସେମିଫାଇନାଲରୁ ଶେଷ ହୋଇଛି।


(ଅଧିକ ରିପୋର୍ଟ ଖେଳ ପୃଷ୍ଠାରେ)







କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦର ମଞ୍ଜି। ଏହାର ସମାଧାନ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହେବା ଉଚିତ।
-ଫାରୁକ୍ ଅବ୍ଦୁଲ୍ଲା,
ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

## ସୁପ୍ରିମକୋର୍ଟରେ କର୍ନାଟକ ଶୁଣାଣି

# ଆଜି ରିପୋର୍ଟ ଦାଖଲ କରିବେ ବାଚସ୍ପତି

**ନୂଆଦିଲ୍ଲୀ/ ବେଙ୍ଗାଲୁରୁ,୧୧।୭(ପି.ଟି)**

କର୍ନାଟକରେ ଘଡ଼ିକେ ଘୋଡ଼ା ଛୁଟୁଛି। ଗୋଟିଏପଟେ ଅସନ୍ତୁଷ୍ଟ ବିଧାୟକମାନେ ଇସ୍ତଫା ଦେବାରେ ଲାଗିଥିବାବେଳେ ଅନ୍ୟପଟେ ସୁପ୍ରିମକୋର୍ଟରେ ଏହାର ବିଚାର ଆରମ୍ଭ ହୋଇଛି। ଏହିକ୍ରମରେ ଗୁରୁବାର ସନ୍ଧ୍ୟା ୬ଟାରେ ୧୦ ବିଦ୍ରୋହୀ ବିଧାୟକ ବାଚସ୍ପତି କେ.ଆର୍. ରମେଶଙ୍କୁ ବିଧାନସଭାସ୍ଥିତ ତାଙ୍କ ଚାମ୍ବରରେ ଭେଟି ଇସ୍ତଫା ଦେଇଛନ୍ତି। ବାଚସ୍ପତି ସେଗୁଡ଼ିକୁ ଯାଞ୍ଚ କରି ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

ସୁପ୍ରିମକୋର୍ଟ ଗୁରୁବାର କଂଗ୍ରେସ-ଜେଡିଏସ୍ ମେଣ୍ଟର ୧୦ ବିଦ୍ରୋହୀ ବିଧାୟକଙ୍କ ପିଟିଶନର ଶୁଣାଣି କରି ସନ୍ଧ୍ୟା ୬ଟା ସୁଦ୍ଧା ବାଚସ୍ପତିଙ୍କୁ ଭେଟି ଇସ୍ତଫା ସମ୍ପର୍କିତ ନିଷ୍ପତ୍ତି ଜଣାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବାଚସ୍ପତିଙ୍କୁ ବିଧାୟକଙ୍କ ଇସ୍ତଫା ଉପରେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ନେଇଥିବା ନିଷ୍ପତ୍ତି ସମ୍ପର୍କରେ ଶୁକ୍ରବାର ଏହି ପ୍ରସଙ୍ଗରେ ଶୁଣାଣି ବେଳେ ଅଦାଲତଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ ସାମିଲ ଥିବା ଏହି ଖଣ୍ଡପୀଠ ୧୦ ବିଧାୟକ ମୁମ୍ବାଇରୁ ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ବିଧାନସଭା ଯାଏ ସୁରକ୍ଷା ଦେବା ଲାଗି କର୍ନାଟକ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ, ଖଣ୍ଡପୀଠ ଅନ୍ୟମାନଙ୍କ ପାଇଁ ନୁହେଁ, ବରଂ କେବଳ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବା ୧୦ ବିଧାୟକଙ୍କ ସମ୍ପର୍କରେ ଏହି ନିର୍ଦ୍ଦେଶନାମା ଜାରି କରୁଛନ୍ତି। ପ୍ରକାଶ ଯେ, ପ୍ରତାପ ଗୌଡ଼ା ପାଟିଲ, ରମେଶ ଜାର୍କିହୋଲି, ବୀରାଟି ବାସବରାଜ, ବି.ସି. ପାଟିଲ, ଏସ୍.ଟି. ସୋମଶେଖର, ଅର୍ବାଇଲ୍ ଶିବରାମ ହେବ୍ବାର, ମହେଶ କୁମାଥାଲ୍ଲି, କେ. ଗୋପିନାଥ, ଏ.ଏଚ୍. ବିଶ୍ୱନାଥ ଓ ନାରାୟଣ ଗୌଡ଼ା ବାଚସ୍ପତିଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, କର୍ନାଟକର ୧୫ ବିଧାୟକ ଇସ୍ତଫା ଦେଇଥିଲେ ହେଁ ବାଚସ୍ପତି ତାହା ଗ୍ରହଣ କରୁନାହାନ୍ତି। ଗତ ୬ ତାରିଖରେ ବିଧାୟକମାନେ ଇସ୍ତଫା ଦେବା ପାଇଁ ବାଚସ୍ପତିଙ୍କ ଅଫିସ୍‌କୁ ଯାଇଥିବାବେଳେ ସେ ପଛଦ୍ୱାର ଦେଇ କୁଆଡ଼େ ଚାଲିଯାଇଥିଲେ। ସେହିପରି ବୁଧବାର ଜଣେ ବିଦ୍ରୋହୀ ବିଧାୟକ ବାଚସ୍ପତିଙ୍କ ନିକଟକୁ ଯାଇଥିବାବେଳେ ସେଠାରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। କର୍ନାଟକ ବିଧାନସଭା ୧୨ ତାରିଖ (ଶୁକ୍ରବାର) ଆରମ୍ଭ ହେଉଥିବାରୁ ଆସ୍ଥାଭୋଟ ପରିବର୍ତ୍ତେ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶାସକ ମେଣ୍ଟ ଉଦ୍ୟମ କରୁଛି। ତେଣୁ ବିଧାୟକମାନେ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ିବା ପାଇଁ ଚାହାନ୍ତି। ଗତ ୧ ତାରିଖରୁ ଚାଲିଥିବା ଘଟଣାକ୍ରମ ସମ୍ପର୍କରେ ରୋହତଗୀ ଅଦାଲତଙ୍କୁ ଅବଗତ କରାଉଥିବାବେଳେ ଆମକୁ କିଛି ବିସ୍ମିତ କରୁନାହିଁ ବୋଲି ଖଣ୍ଡପୀଠ କହିଥିଲେ। ରୋହତଗୀ କହିଥିଲେ, ସଂଖ୍ୟାଲଘୁ ସରକାରଙ୍କୁ ବାଚସ୍ପତି ସୁରକ୍ଷା ଦେଉଛନ୍ତି। ବିଧାୟକମାନେ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେଇଛନ୍ତି ବୋଲି ରୋହତଗୀ ଯୁକ୍ତି ବାଢ଼ିଥିଲେ। ଫଳରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାର କିଛି ସମୟ ପରେ ଖଣ୍ଡପୀଠଙ୍କ ନିର୍ଦ୍ଦେଶରେ ପରିବର୍ତ୍ତନ ପାଇଁ ବାଚସ୍ପତି ଶୀର୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ୧୦ ବିଧାୟକଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଦର୍ଶାଇ ସେ ସୁପ୍ରିମକୋର୍ଟଙ୍କୁ ଜଣାଇବା ସହ ଅଧିକ ସମୟ ମାଗିଥିଲେ। ଜଷ୍ଟିସ୍ ଗୋଗୋଇଙ୍କ ଖଣ୍ଡପୀଠରେ ବାଚସ୍ପତିଙ୍କ ପକ୍ଷରୁ ମାମଲା ଲଢ଼ୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ, ଶୁକ୍ରବାର ଏହି ପ୍ରସଙ୍ଗରେ ଶୁଣାଣି ବେଳେ ନିଷ୍ପତ୍ତି ନେଇ ଅବଗତ କରାଇବାକୁ ବାଚସ୍ପତିଙ୍କୁ ସମୟ ମିଳୁ। ଖଣ୍ଡପୀଠ ଏହାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ପୂର୍ବାହ୍ନରେ ରାୟ ପ୍ରକାଶ ପାଇସାରିଥିବାରୁ ବାଚସ୍ପତିଙ୍କୁ ଗୁରୁବାର ସୁଦ୍ଧା ନିଷ୍ପତ୍ତି ନେବାକୁ ପଡ଼ିବ। ବାଚସ୍ପତିଙ୍କ ପିଟିଶନର ଶୁଣାଣି ଶୁକ୍ରବାର କରାଯିବ।



ବାଚସ୍ପତିଙ୍କୁ ଭେଟିବା ପାଇଁ ଯାଉଛନ୍ତି ୧୦ ବିଦ୍ରୋହୀ ବିଧାୟକ।

## କଂଗ୍ରେସର ଅସ୍ଥାୟୀ ଅଧ୍ୟକ୍ଷ ହେବାକୁ ସୋନିଆ ମନାକଲେ

**ନୂଆଦିଲ୍ଲୀ,୧୧।୭**



ଲୋକ ସଭା ନିର୍ବାଚନରେ ପରାଜୟ ପାଇଁ ନିଜକୁ ଦାୟୀ କରି ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପରେ କେତେଜଣ ବରିଷ୍ଠ ନେତା ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ଭେଟି ଅସ୍ଥାୟୀ ଭାବେ ଦଳର ନେତୃତ୍ୱ ନେବା ଲାଗି ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ରାଜନୀତିଠାରୁ ଦୂରେଇ ରହିଥିବା ସୋନିଆ ଅଧ୍ୟକ୍ଷ ପଦ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଏପରିକି ଅସ୍ଥାୟୀ ଭାବେ ମଧ୍ୟ ଅଧ୍ୟକ୍ଷ ପଦ ଗ୍ରହଣ କରିବାକୁ ସମର୍ଥ ନୁହନ୍ତି ବୋଲି ସୋନିଆ ତାଙ୍କ ସହଯୋଗୀମାନଙ୍କୁ କହିଛନ୍ତି।

ଲୋକ ସଭା ନିର୍ବାଚନରେ ପରାଜୟ ପରେ ବିଭିନ୍ନ ରାଜ୍ୟରେ କଂଗ୍ରେସର ସ୍ଥିତି ଖରାପ ହେବାରେ ଲାଗିଛି। ଦଳର ଏଭଳି ନୈରାଶ୍ୟଜନକ ସ୍ଥିତିରେ ହସ୍ତକ୍ଷେପ କରି ଅନ୍ତରୀଣ ଅଧ୍ୟକ୍ଷ ହେବା ଲାଗି ସୋନିଆଙ୍କୁ ତାଙ୍କର ଘନିଷ୍ଠ ସହଯୋଗୀମାନେ ଅନୁରୋଧ କରିଥିଲେ। ଅଧ୍ୟକ୍ଷ ପଦ ଗ୍ରହଣ କରିବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି ୭୨ ବର୍ଷୀୟା ସୋନିଆ କହିଛନ୍ତି।

## ପାକ୍‌ରେ ଟ୍ରେନ ଦୁର୍ଘଟଣା: ୧୪ ମୃତ



**ଇସଲାମାବାଦ୍,୧୧।୭ (ଆଇଏଏନ୍ଏସ୍)**

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ଯାତ୍ରୀବାହୀ ଟ୍ରେନ ଏକ ମାଲବାହୀ ଟ୍ରେନ ସହ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ୧୪ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୭୯ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସାଦିକାବାଦ୍‌ସ୍ଥିତ ୱାଲ୍‌ହର ରେଲୱେ ଷ୍ଟେଶନରେ ଗୁରୁବାର ଭୋର୍ ୪ଟାରେ ଏହି ଦୁର୍ଘଟଣା ହୋଇଥିଲା। କ୍ୱେଟାକୁ ଯାଉଥିବା ଆକବର ଏକ୍ସପ୍ରେସରୁ ସମସ୍ତ ଯାତ୍ରୀଙ୍କୁ ବାହାର କରାଯିବା ସହ ରେଳଧାରଣା କାମ ଜାରି ରହିଥିବା ଡେପୁଟି କମିଶନର ଜମିଲ ଅହମଦ ଜମିଲ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧.୫ ନିୟୁତ ପାକିସ୍ତାନୀ ଟଙ୍କା ପ୍ରଦାନ କରିବା ଲାଗି ରେଳମନ୍ତ୍ରୀ ଶେଖ୍ ରସିଦ ଅହମଦ ଘୋଷଣା କରିଛନ୍ତି।

## ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା ମାମଲା

# ପୂର୍ବତନ ଏମ୍‌ପିଙ୍କୁ ଆଜୀବନ ଜେଲ

**ଅହମଦାବାଦ,୧୧।୭ (ଆଇଏଏନ୍ଏସ୍)**

ଆର୍‌ଟିଆଇ କର୍ମୀ ଅମିତ୍ ଜେଠ୍‌ୱା ହତ୍ୟା ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ସୌରାଷ୍ଟ୍ରର ପୂର୍ବତନ ଏମ୍‌ପି ଦିନୁ ବୋଘା ସୋଲାଙ୍କିଙ୍କ ସମେତ ୭ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୦ ଜୁଲାଇ ୨୦ରେ ଏହି ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା କରାଯାଇଥିଲା। ଜୁଲାଇ ୬ରେ କୋର୍ଟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ସଂରକ୍ଷିତ ରଖିଥିଲେ। ଗିର ଜଙ୍ଗଲାଞ୍ଚଳରେ ବେଆଇନ ଖଣି କାରବାରରେ ଭାଜପା ଏମ୍‌ପିଙ୍କ ସମ୍ପୃକ୍ତି ନେଇ ଗୁମର ଖୋଲିଦେବା ଭୟରେ ଜେଠ୍‌ୱାଙ୍କୁ ହତ୍ୟା କରାଯାଇଥିଲା।

# ଇନ୍ଦିରା ଜୟସିଂଙ୍କ ଘରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୧୧।୭(ପି.ଟି.)**

ସୁପ୍ରିମକୋର୍ଟର ଜଣାଶୁଣା ଆଇନଜୀବୀ ଇନ୍ଦିରା ଜୟସିଂଙ୍କ ଘର ସମେତ ତାଙ୍କ ସ୍ୱାମୀ ଆନନ୍ଦ ଗ୍ରୋଭରଙ୍କ ଚଳାଉଥିବା ଏନ୍‌ଜିଓ 'ଲୟର୍ସ କଲେକ୍ଟିଭ୍' କାର୍ଯ୍ୟାଳୟ ଉପରେ ଗୁରୁବାର ସିବିଆଇ ଚଢ଼ାଉ କରିଛି। ଜୟସିଂଙ୍କ ନିଜାମୁଦ୍ଦିନ ବାସଭବନ ଏବଂ କାର୍ଯ୍ୟାଳୟ, ଜଙ୍ଗପୁରାରେ ଥିବା ଏନ୍‌ଜିଓ କାର୍ଯ୍ୟାଳୟ ଏବଂ ମୁମ୍ବାଇସ୍ଥିତ କାର୍ଯ୍ୟାଳୟରେ ଭୋର ୫ଟାରୁ ଏକସଙ୍ଗେ ଚଢ଼ାଉ ଆରମ୍ଭ ହୋଇଥିଲା। ବିଦେଶୀ ପାଣ୍ଠି ବିନିଯୋଗରେ ଏଫସିଆର୍‌ଏ ନିୟମ ଉଲ୍ଲଂଘନ ଅଭିଯୋଗରେ ଗ୍ରୋଭରଙ୍କ ନାଁରେ ସିବିଆଇ ମାମଲା ରୁଜୁ କରିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଭିଯୋଗ କ୍ରମେ ଗ୍ରୋଭର ଏବଂ ଏନ୍‌ଜିଓ ବିରୋଧରେ ଏତଲା ଦାଏର ହୋଇଥିଲା। ଅଭିଯୋଗ ଅନୁଯାୟୀ ଲୟର୍ସ କଲେକ୍ଟିଭ୍ ୨୦୦୬-୦୭ରୁ ୨୦୧୪-୧୫ ମଧ୍ୟରେ ବିଦେଶରୁ ୩୨ କୋଟି ୩୯ ଲକ୍ଷ ଟଙ୍କା ଅନୁଦାନ ପାଇଥିଲା। ତେବେ ବିଦେଶୀ ଅନୁଦାନ ନିୟାମକ ଆଇନ (ଏଫ୍‌ସିଆର୍‌ଏ)ର ଉଲ୍ଲଂଘନ କରାଯାଇ ଉକ୍ତ ଅନୁଦାନ ରାଶିକୁ ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା।

Ranjita Institute of Hotel Management
& Catering Technology
(Affiliated to NCHMCT, Noida, Ministry of Tourism, Govt. of India)
Bidyanagar, Mahura, Janla, Bhubaneswar, Odisha. Pin - 752054
NCHMCT

SPOT ADMISSION in
Hotel Management

Ranjita Institute of Hotel Management & Catering Technology one of the leading Hotel Management Institutions in Odisha calls for application, from the eligible candidates to get admission into :

- 3Yrs. B.Sc. in Hospitality & Hotel Administration
  Age : 25 year(As on 01/07/2019); Eligibility : 10+2 system(50%marks in aggregate with English as a compulsory subject)
- Post Graduate Diploma in Accommodation Operation & Management
  Eligibility : Graduate (Any Stream); Age : 18 to 25 year
- Diploma in
  - Food Production
  - Food & Beverage Service
  - Front Office Operation
  - Housekeeping Operation

  Eligibility : 10+2 pass(Any Stream); Age : 19 to 25 years

Important Information
Eligible and interested candidates are advised to visit our office for Spot Admission with the following documents :
- 10th Certificate (Original & Photocopy)
- 10+2 Pass Mark Sheet / Certificate (Original & Photocopy)
- 6nos of Colour Passport Size Photographs

YouTube : www.rihmct.tv
Web: www.rihmct.edu.in
E-mail : admission@rihmct.edu.in

For Admission Information, Contact :
0674-6636555;
Mob.: 9040 021 100/101/102/103



C. V. Raman College of Engineering
(Autonomous Engineering College)
Ranked among Top 100 Engineering Institutes in India by NIRF, MHRD, Govt. of India
Approved by AICTE, Accredited by NBA and NAAC
ISO 9001-2017 Certified

CVRCE, one of the leading Engineering Colleges in Odisha invites applications for admission into 02Yrs fulltime regular

M.Sc. Programmes in
1. Applied Mathematics & Computing
2. Applied Physics
3. Chemistry

Eligibility : Student must have passed B.Sc./+3 Science with Honours in Mathematics, Physics and Chemistry respectively. For detail information, candidates are advised to visit : www.cvrce.edu.in or call us at :
Candidates are advised to apply within 21st July 2019

Ph.:0674-663 6555
+91 - 9040 021 100 / 101 / 102 / 103

**ଇତିହାସର ଆଇନାରେ**

### ଜୁଲାଇ ୧୨ର ପ୍ରମୁଖ ଘଟଣା

୧୯୬୧ ଜୁଲାଇ ୧୨ରେ ଖଡକ୍‌ୱାଲା ଏବଂ ନିର୍ମାଣାଧୀନ ପନଶେତ୍ ଡ୍ୟାମ୍ ଭୁଶୁଡ଼ି ବନ୍ୟା ଆସିବାରୁ ପୁଣେରେ ୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ପନଶେତ୍ ଡ୍ୟାମ୍‌ରେ ଫାଟ ସୃଷ୍ଟି ହେବାରୁ ଏହାକୁ ରୋକିବା ଲାଗି ସେନାବାହିନୀକୁ ନିୟୋଜିତ କରାଯାଇଥିଲା।

୧୯୯୯ ଜୁଲାଇ ୧୨ରେ ବଲିଉଡ୍ ସୁପରଷ୍ଟାର ରାଜେନ୍ଦ୍ର କୁମାରଙ୍କର କ୍ୟାନ୍‌ସରରେ ପରଲୋକ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ୧୯୫୦ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିବା ରାଜେନ୍ଦ୍ର ୪ ଦଶନ୍ଧି ମଧ୍ୟରେ ୧୫୦ରୁ ଅଧିକ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ୧୯୬୯ରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।



ବ୍ରହ୍ମପୁତ୍ର ନଦୀ ବନ୍ୟାରେ ଗୁଆହାଟୀର କାଳୀପୁରଠାରେ ଥିବା ଚକ୍ରେଶ୍ୱର ମନ୍ଦିର ନିକଟସ୍ଥ ଭଗବାନ ବିଷ୍ଣୁ ଓ ମାଆ ଲକ୍ଷ୍ମୀଙ୍କ ମୂର୍ତ୍ତି ଅଧା ବୁଡ଼ିଯାଇଛି।

## ମଧ୍ୟସ୍ଥତାରେ ସମାଧାନ ସମ୍ଭବ ନ ହେଲେ

# ୨୫ରୁ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୧୧।୭(ପି.ଟି.)**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଆପୋସ ସମାଧାନ ପାଇଁ ଗଠିତ ମଧ୍ୟସ୍ଥ କମିଟି ଆସନ୍ତା ୧୮ ତାରିଖରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବେ। ଯଦି ଉକ୍ତ ମାମଲାରେ ଅଧିକ କିଛି ଭୂମିକା ନାହିଁ ବୋଲି ମଧ୍ୟସ୍ଥ କମିଟି ଅନୁଭବ କରେ ତେବେ ୨୫ରୁ ସୁପ୍ରିମକୋର୍ଟ ଅଯୋଧ୍ୟା ମାମଲାର ଶୁଣାଣି କରିବେ।


ଅଗଷ୍ଟ ୧୫ ସୁଦ୍ଧା ସମାଧାନ ପନ୍ଥା ବାହାର କରିବା ଲାଗି ସୁପ୍ରିମକୋର୍ଟ ଗତ ମେ ୧୦ରେ ମଧ୍ୟସ୍ଥ କମିଟିକୁ ସମୟ ଦେଇଥିଲେ। ଏବେ ଉକ୍ତ କମିଟିର ଅଧ୍ୟକ୍ଷଙ୍କୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ରିପୋର୍ଟ ମିଳିବାର ପରବର୍ତ୍ତୀ ସପ୍ତାହରେ ଅଦାଲତ ଏହା ଉପରେ ନିଷ୍ପତ୍ତି ନେବେ। ଯଦି ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ସମ୍ଭବ ନୁହେଁ ବୋଲି କମିଟି ଅନୁଭବ କରନ୍ତି ତେବେ ଜୁଲାଇ ୨୫ରୁ ମାମଲାର ନିୟମିତ ଶୁଣାଣି ଆରମ୍ଭ ହେବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଗୁରୁବାର କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି। ଦୀର୍ଘ ଦଶନ୍ଧି ଧରି ଅଯୋଧ୍ୟା ବିବାଦ ମାମଲା ଅଦାଲତର ବିଚାରାଧୀନ ରହିଥିବାରୁ ବୁଝାମଣା ମାଧ୍ୟମରେ ଏହାର ଶୀଘ୍ର ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ୩ ଜଣିଆ ମଧ୍ୟସ୍ଥ କମିଟି ଗଠନ ହୋଇଥିଲା। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ଅଛନ୍ତି। ୧୮ ତାରିଖରେ ଜଷ୍ଟିସ କଲିଫୁଲ୍ଲା ତାଙ୍କ ରିପୋର୍ଟ ଦାଖଲ କରିବା ପରେ ଖଣ୍ଡପୀଠ ପରବର୍ତ୍ତୀ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

ଅଯୋଧ୍ୟାରେ ଷୋଡ଼ଶ ଶତାବ୍ଦୀରେ ବାବ୍ରୀ ମସ୍‌ଜିଦ ନିର୍ମାଣକୁ ନେଇ ବିବାଦ ଲାଗି ରହିଛି। ଭଗବାନ ରାମଙ୍କ ଜନ୍ମସ୍ଥାନରେ ଥିବା ପୁରାତନ ମନ୍ଦିରର ଭଗ୍ନାବଶେଷ ଉପରେ ଉକ୍ତ ମସ୍‌ଜିଦ ନିର୍ମାଣ କରାଯାଇଥିବା ହିନ୍ଦୁ ସଂଗଠନଗୁଡ଼ିକ ବିଶ୍ୱାସ କରିଥାନ୍ତି। ମସ୍‌ଜିଦକୁ ୧୯୯୨ରେ ହିନ୍ଦୁ କରସେବକମାନେ ଭାଙ୍ଗିଦେବା ପରେ ବିଭିନ୍ନ ସ୍ଥାନରେ ଦଙ୍ଗା ସୃଷ୍ଟି ହୋଇ ୨୦୦୦ ଲୋକ ନିହତ ହୋଇଥିଲେ। ଅଯୋଧ୍ୟାର ବିବାଦୀୟ ୨.୭୭ ଏକର ଜମିକୁ ତିନିପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟ ବିରୋଧରେ ସର୍ବୋଚ୍ଚ ଅଦାଲତରେ ୧୪ ଆବେଦନ କରାଯାଇଥିଲା। ଉତ୍ତରପ୍ରଦେଶ ସରକାର ଏବଂ ଅନ୍ୟ ପିଟିଶନରଙ୍କ ବିରୋଧ ସତ୍ତ୍ୱେ ସାମ୍ବିଧାନିକ ଖଣ୍ଡପୀଠ ମଧ୍ୟସ୍ଥ କମିଟି ଗଠନ କରିଥିଲେ। ସୁନ୍ନି ୱାକଫ୍ ବୋର୍ଡ ଏବଂ ନିର୍ମୋହୀ ଆଖଡ଼ା ବ୍ୟତୀତ ଅନ୍ୟମାନେ ମଧ୍ୟସ୍ଥତାକୁ ବିରୋଧ କରିଥିଲେ।



**୧୮ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

କଂଗ୍ରେସର ମିଡିଆ ସଂଯୋଜକ ରଚିତ୍ ସେଠ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାହୁଲ ଗାନ୍ଧୀ ଦଳର ଅଧ୍ୟକ୍ଷ ପଦ ଛାଡ଼ିବା ପରେ ଆଉ ଏହି ପଦରେ ରହିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଭାଜପା ଯୋଗୁ ନୁହେଁ ବରଂ ଦଳ ଭିତରେ ଦୋଷ ଦୁର୍ବଳତା ଯୋଗୁ କର୍ନାଟକ ଓ ଗୋଆରେ ସମସ୍ୟା ସୃଷ୍ଟି ହେଲା ବୋଲି ସେ ପ୍ରକାଶ କରିଛନ୍ତି।




# ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

**ବିଧାନସଭା**
- ୨ ଦିନ ଛୁଟି ପରେ ପୁଣି ୧୫ରୁ ଚାଲିବ
- ଅଗଷ୍ଟ ୨ରେ ପାରିତ ହେବ ବ୍ୟୟମଞ୍ଜୁରୀ ବିଲ୍

ଷୋଡ଼ଶ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଆରମ୍ଭ ହେବାର ଗୋଟିଏ ଦିନ ପରେ ୧୩ ଓ ୧୪ ତାରିଖ ମାସର ଦ୍ୱିତୀୟ ଶନିବାର ଏବଂ ରବିବାର ପାଇଁ ବିଧାନସଭା ଛୁଟି ରହିବ। ୧୫ ତାରିଖଠାରୁ ଅଧିବେଶନ ନିୟମିତ ଚାଲିବ। ୧୨ ତାରିଖରେ ଏହି ଅଧିବେଶନ କାଳରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ବିଭିନ୍ନ ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ। ଜୁଲାଇ ୧୫ରୁ ଅଗଷ୍ଟ ୧ ତାରିଖ ଯାଏ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ବିଧାନସଭାରେ ଆଗତ ହୋଇଥିବା ବଜେଟର ଖର୍ଚ୍ଚଦାବି ଉପରେ ଆଲୋଚନା ହେବ। ଅଗଷ୍ଟ ୨ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାରେ ଅନୁମୋଦନ ଲାଭ କରିବ। ଏହି ସମୟରେ ପୌର ନିର୍ବାଚନ ସକାଶେ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ସଂଶୋଧନ ପାଇଁ ପ୍ରସ୍ତାବ ଆସିବାର କାର୍ଯ୍ୟକ୍ରମ ରହିଛି। ବିଜେଡି ସରକାରର ପଞ୍ଚମ ପାଳିର ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଜୁନ୍ ୨୫ରୁ ଆରମ୍ଭ ହୋଇଥିଲା। ଜୁଲାଇ ୨ ତାରିଖରେ ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିଲା। ଏହି ସମୟରେ ୨୦୧୯-୨୦ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଆଗତ କରାଯାଇଥିଲା। ଏଥିସହିତ ଉପବାଚସ୍ପତି ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅଧିବେଶନରେ ବିରୋଧୀ ଦଳ ଚାଷୀ, ଧାନର ଅଭାବୀ ବିକ୍ରି, ସ୍ୱାସ୍ଥ୍ୟ, ଜଳସେଚନ, ଆଇନକାନୁନ ବ୍ୟବସ୍ଥା ଆଦିକୁ ନେଇ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଆସନ୍ତା ୨୦ ତାରିଖରେ ପାଟକୁରା ନିର୍ବାଚନ ଥିବାରୁ ଉଭୟ ଶାସକ ଏବଂ ବିରୋଧୀ ଦଳର ଅଧିକାଂଶ ସଦସ୍ୟ ଗୃହରେ ଅନୁପସ୍ଥିତ ରହିବା ସମ୍ଭାବନା ରହିଛି।

## ବିଦ୍ୟୁତ୍ ଆଘାତରେ ଛାତ୍ରୀଙ୍କ ମୃତ୍ୟୁ

**ମୁନିଗୁଡ଼ା, ୧୧।୭(ଡ଼ି.ଏନ.ଏ):** ରାୟଗଡା ଜିଲା ମୁନିଗୁଡା ବ୍ଲକ କୁମୁଡାବାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବୁଧବାର ରାତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତା ଛାତ୍ରୀ ଜଣକ ହେଲେ କୁମୁଡାବାଲି ପଞ୍ଚାୟତ ଗୁମୁଡି ଗ୍ରାମର ଉଁଆସୁ କାଡ୍ରାକାଙ୍କ ଝିଅ ନନ୍ଦିନୀ କାଡ୍ରାକା। ସେ ୭ମ ଶ୍ରେଣୀର ଛାତ୍ରୀ ଥିଲେ। ଗୁରୁବାର ରାୟଗଡା ଏଡ଼ିଏମ ସୁଧାକର ଶବର, ଗୁଣପୁର ପିଏ ଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ ଓ ମୁନିଗୁଡା ତହସିଲଦାର ଦେବାଶିଷ ଗୋଡ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ମୁନିଗୁଡା ଥାନା ଶିଶୁ ମହିଳା ଡ଼େସ୍କ ଶ୍ୱେତପଦ୍ମା ସେଠ୍ ଓ ଚନ୍ଦ୍ରମା ଶବର କେତେକ ଛାତ୍ରୀ ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଅନ୍ୟପଟେ ମୃତା ଛାତ୍ରୀଙ୍କ ବାପା ବିଦ୍ୟାଳୟର ଅବହେଳାରୁ ଏପରି ଘଟଣା ଘଟିଛି ବୋଲି ମୁନିଗୁଡା ଥାନାରେ ଅଭିଯୋଗ କରିଛନ୍ତି।




**ସଂକ୍ଷେପରେ**

## ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୧୦ ଗିରଫ

**ଜୟପୁର/ଦିଗପହଣ୍ଡି,୧୧।୭(ଡି.ଏନ୍.ଏ./ନି.ପ୍ର.):** ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ କୋରାପୁଟ ଜିଲାର ପୃଥକ୍ ସ୍ଥାନରୁ ପ୍ରାୟ ୨ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୧୦ ଜଣଙ୍କୁ ପୋଲିସ ଗିରଫ କରିଛି। ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ିଥିବା ୪ ଜଣ ନାବାଳକଙ୍କୁ ସ୍ୱାଧାର ଗୃହ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଜୟପୁର ଓ କୋରାପୁଟ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରୁ ଗୁରୁବାର ପୂର୍ବାହ୍ନରୁ ୫୮.୯ କିଲୋଗ୍ରାମ ଗଞ୍ଜେଇ ରେଳ ବିଭାଗ ପୋଲିସ ଜବତ କରିଛି। ସେହିପରି ଗଞ୍ଜାମ ଜିଲା ଦିଗପହଣ୍ଡି ଅବକାରୀ ବିଭାଗ ବୁଧବାର ଭୋରରେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତାର ସେବାକେନ୍ଦ୍ର ନିକଟରେ ଏକ ଡାଲା ଅଟୋରୁ ୮୧ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଗଜପତି ଜିଲା ମୋହନା ଥାନା ଖାରିଗୁଡ଼ା ଗ୍ରାମର ଯୁଗଳ ବଲିୟାରସିଂଙ୍କୁ ଗିରଫ ପରେ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୪ ନାବାଳକଙ୍କୁ ବ୍ରହ୍ମପୁର ସ୍ୱାଧାର ଗୃହକୁ ପଠାଯାଇଛି। ଚାଲାଣରେ ବ୍ୟବହୃତ ଡାଲା ଅଟୋ (ଓଡି୦୭ ଏମ ୮୦୬୭) ଜବତ ହେବା ସହ କେସ୍ ନଂ ୨୧/୧୯ରେ ମାମଲା ରୁଜୁ ହୋଇଛି।

# ଭୁବନେଶ୍ୱରରେ ହେବ ସାତକୋଶିଆ ମାନସମନ୍ଥନ
# ୧୫ରେ ବାଘୁଣୀ ସୁନ୍ଦରୀର ଭାଗ୍ୟ ନିର୍ଦ୍ଧାରଣ

**ଦିନେଶ ଦେହୁରୀ**
**ବନ୍ତଲା,୧୧।୭**




- ୫ ହେକ୍ଟରକୁ ବଢ଼ିବ ରାଇଗୁଡ଼ା ଏନକ୍ଲୋଜର
- ଅଭୟାରଣ୍ୟବାସୀଙ୍କ ସମସ୍ୟାକୁ ଦିଆଯିବ ପ୍ରାଥମିକତା
- ପୁରୁଣା ବାଘୁଣୀ ଶାବକ ଜନ୍ମକୁ ନେଇ ସନ୍ଦେହ
- କ୍ୟାମେରା ଟ୍ରାପ୍‌କୁ ଚାହିଁ ରହିଛି ବନ ବିଭାଗ

ଆସନ୍ତା ୧୫ ତାରିଖରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ନେଇ ଭୁବନେଶ୍ୱରରେ ହେବ ମାନସମନ୍ଥନ। ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଥିବା ଏହି ବୈଠକରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଭବିଷ୍ୟତ ଉପରେ ଆଲୋଚନା ହେବ। ବିଶେଷକରି ୨୦୧୮ ନଭେମ୍ବର ୬ରୁ ରାଇଗୁଡାସ୍ଥିତ ଏନକ୍ଲୋଜରରେ ବନ୍ଦୀ ଜୀବନ କାଟୁଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ନେଇ ଏଥିରେ ନିଆଯିବ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ସୁନ୍ଦରୀକୁ ପୁନର୍ବାର ଅଭୟାରଣ୍ୟରେ ଛଡାଯିବ କି ନନ୍ଦନକାନନରେ ରଖାଯିବ କିମ୍ବା ବାନ୍ଧବଗଡ଼କୁ ଫେରାଇ ଦିଆଯିବ ସେ ନେଇ ଉକ୍ତ ବୈଠକରେ କ'ଣ ନିଷ୍ପତ୍ତି ନିଆଯିବ ଏବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ନେଇ ଦୀର୍ଘଦିନ ପରେ ବସୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ ରାଜ କରାଟେ, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ), ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ), ୱାଇଲ୍ଡ ଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି), ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ), ବିଭାଗୀୟ ସଚିବ ଓ ସାତକୋଶିଆ ଡିଏଫଓ ଉପସ୍ଥିତ ରହିବେ। ତେବେ ଯାହା ସୂଚନା ମିଳିଛି, ସୁନ୍ଦରୀ ରହୁଥିବା ରାଇଗୁଡା ଏନକ୍ଲୋଜରକୁ ୫ ହେକ୍ଟରକୁ ସମ୍ପ୍ରସାରଣ କରାଯିବ। ଏଥିପାଇଁ ଅଢେଇ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଏନ୍‌କ୍ଲୋଜର ମଧ୍ୟରେ ଏକ ଚିରସ୍ରୋତା ନାଳ, ପାହାଡ଼ ଖୋଲ ଆଦି ପ୍ରାକୃତିକ ପରିବେଶ ନିର୍ମାଣ କରାଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଅଭୟାରଣ୍ୟ ମଧ୍ୟରେ ପ୍ରାଣ ହରାଇବା ପୂର୍ବରୁ ମହାବଳ ମହାବୀର ଔରସରୁ ସାତକୋଶିଆର ପୁରୁଣା ବାଘୁଣୀ ଗର୍ଭବତୀ ଥିବା ୨୦୧୮ ନଭେମ୍ବରରେ ବନ ବିଭାଗ ସ୍ପଷ୍ଟ କରିଥିଲା। ଏବେ ସେହି ପୁରୁଣା ବାଘୁଣୀ ଖୋଲାଖୋଲି ବୁଲୁଥିଲେ ବି ଶାବକ ଜନ୍ମ ଦେଇଛି କି ନାହିଁ ସେ ସମ୍ପର୍କରେ କିଛି ସୂଚନା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏ ବିଷୟରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କହିଛନ୍ତି, ବାଘୁଣୀ ସୁନ୍ଦରୀକୁ ନେଇ ଖୁବ୍‌ଶୀଘ୍ର ବୈଠକ ବସୁଛି। ସେଥିରେ ଯାହା ନିଷ୍ପତ୍ତି ହେବ ସେହି ଅନୁଯାୟୀ କାର୍ଯ୍ୟ କରାଯିବ। ସାତକୋଶିଆରେ ପୁନର୍ବାର ବାଘ ଛାଡିବା ସମ୍ପର୍କରେ ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇ ନିଷ୍ପତ୍ତି ନେବ। ଏନ୍‌କ୍ଲୋଜରରେ ଥିବା ସୁନ୍ଦରୀର ବ୍ୟାଘ୍ର ପ୍ରକୃତି ଯେପରି ପରିବର୍ତ୍ତନ ନ ହୋଇଯାଏ ସେଥିପାଇଁ ଅଧିକ ୪ ହେକ୍ଟର ଜାଗାକୁ ଏହାକୁ ସମ୍ପ୍ରସାରଣ କରାଯିବ। ସାତକୋଶିଆର ପୁରୁଣା ବାଘୁଣୀ ଗର୍ଭବତୀ ଥିବା ଆମ ପାଖରେ ଖବର ଥିଲା। କିନ୍ତୁ ଶାବକ ଜନ୍ମ ବିଷୟରେ କିଛି ସୂଚନା ନାହିଁ। ଏ ନେଇ ପ୍ରମାଣ ପାଇବା ପାଇଁ ବିଭିନ୍ନ ଜାଗାରେ ୨ଶହରୁ ଊର୍ଦ୍ଧ୍ୱ କ୍ୟାମେରା ଲଗା ଯାଇଛି। ହେଲେ ଏଯାଏ କ୍ୟାମେରା ଟ୍ରାପରେ ଶାବକର ଫଟୋ ଆସୁନାହିଁ। ତେଣୁ ଆଉ ଅଧିକ ୪ ଶହ କ୍ୟାମେରା ଲଗାଯିବାର ଯୋଜନା ରହିଛି। ବାଘକୁ ନେଇ ବନବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଯେଉଁ ସମସ୍ୟା ଉପୁଜିଛି ତାହାର ସମାଧାନ ପାଇଁ ଗୁରୁତ୍ୱ ଦିଆଯାଉଛି। ପ୍ରତି ଗ୍ରାମର ଅଧିବାସୀଙ୍କୁ ବିଭିନ୍ନ ରାଜ୍ୟରେ ଥିବା ବ୍ୟାଘ୍ର ପ୍ରକଳ୍ପ ପରିଦର୍ଶନରେ ନିଆଯିବା ସହିତ ପ୍ରକଳ୍ପରୁ ରୋଜଗାର ଓ ବାଘ-ମଣିଷର ସମ୍ପର୍କ ବିଷୟରେ ଅବଗତ କରାଯିବ। ଏଥିସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କ୍ଷେତ୍ର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।




## ୧୫୫ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ
# କୃଷି ଓ ଶିକ୍ଷା କ୍ଷେତ୍ରକୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି

**ଭୁବନେଶ୍ୱର, ୧୧।୭(ବ୍ୟୁରୋ)**

ରାଜ୍ୟର ପଛୁଆ ଅଞ୍ଚଳଗୁଡ଼ିକରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ତଥା ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଗଠନମୂଳକ ଭୂମିକା ନିର୍ବାହ କରିଆସୁଛି। ଗୁରୁବାର ସଚିବାଳୟଠାରେ ଅନୁଷ୍ଠିତ ୧୫୫ତମ ବ୍ୟାଙ୍କର୍ସ କମିଟି ବୈଠକରେ ରିଜର୍ଭ ବ୍ୟାଙ୍କ, ଏସ୍.ଏଲ୍.ବି.ସି.(ଓଡ଼ିଶା), ନାବାର୍ଡ, ଏସ୍‌ବିଆଇ, ୟୁକୋ ବ୍ୟାଙ୍କ ଅଂଶଗ୍ରହଣ କରି ଏହି ପ୍ରସଙ୍ଗରେ ନିଜର ମତାମତ ରଖିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ବୈଠକକୁ ଉଦ୍‌ଘାଟନ କରି କହିଛନ୍ତି ଯେ, ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଜିଲାଗୁଡ଼ିକରେ ବ୍ୟାଙ୍କିଂ ବ୍ୟବସ୍ଥା ସଚଳ କରିବାରେ ବ୍ୟାଙ୍କ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ପ୍ରମୁଖ ବ୍ୟାଙ୍କଗୁଡ଼ିକ ବାତ୍ୟା ସମୟରେ ପ୍ରତ୍ୟେକ ସ୍ଥାୟୀ ଶାଖା ଏବଂ ଏଟିଏମ୍‌କୁ କାର୍ଯ୍ୟକ୍ଷମ କରି ଜନସାଧାରଣଙ୍କୁ ଟଙ୍କା ଉଠାଇବାରେ ସହଯୋଗ କରିଛନ୍ତି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଇଣ୍ଟରନେଟ୍ ସୁବିଧା ରହୁ ନ ଥିବାରୁ ବ୍ୟାଙ୍କ କାରବାର ବାଧାପ୍ରାପ୍ତ ହେଉଛି। ଏଥିଲାଗି ଅର୍ଥ ବିଭାଗ ପ୍ରଥମ ପର୍ଯ୍ୟାୟରେ ୫୦ ସୌର ଭିସାଟ୍ ସ୍ଥାପନା କରିବା ପାଇଁ ୨ କୋଟି ଟଙ୍କା ଓଡ଼ିଶା ଜୀବିକା ମିଶନକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୨୦୧୯-୨୦ ବର୍ଷ ପାଇଁ ବାର୍ଷିକ ଋଣ ଯୋଜନା ୭୧,୪୨୦ କୋଟି ଟଙ୍କାରେ ଧାର୍ଯ୍ୟ ହୋଇଥିବାବେଳେ ଗତ ମାର୍ଚ୍ଚ ୩୧ ସୁଦ୍ଧା ୫୯୯୩୬.୩୪ କୋଟି ଟଙ୍କାର ଲକ୍ଷ୍ୟ ହାସଲ ହୋଇପାରିଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୨୦୧୮-୧୯ ବର୍ଷ ପାଇଁ ୧୭୯୧୯ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଗତ ମାର୍ଚ୍ଚ ୩୧ ସୁଦ୍ଧା ଏଥିରୁ ୨୫୯୧୧ କୋଟି ଟଙ୍କାର ଲକ୍ଷ୍ୟ ହାସଲ ହୋଇଛି। ସେହିପରି କୃଷି ଓ ଶିକ୍ଷା କ୍ଷେତ୍ରରେ ବାର୍ଷିକ ଋଣ ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରାଧାନ୍ୟ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଅଗ୍ରାଧିକାର କ୍ଷେତ୍ରରେ ୭୫୬୧୧.୯୬ କୋଟି ଟଙ୍କା ବାର୍ଷିକ ଋଣ ଯୋଜନା ଧାର୍ଯ୍ୟ ହୋଇଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ରିଜର୍ଭ ବ୍ୟାଙ୍କ୍, ଅର୍ଥ ବିଭାଗ ଏବଂ ଏସ୍.ଏଲ୍. ବି.ସି. ତରଫରୁ ଋଣମେଳା ଆୟୋଜନ କରିବା ପାଇଁ କହିଛନ୍ତି। ଗତ ଦୁଇବର୍ଷ ହେଲା ରିଜର୍ଭ ବ୍ୟାଙ୍କ୍ ବାର୍ଷିକ ଋଣ ଯୋଜନା ଏବଂ ଋଣ ଓ ଜମା ଅନୁପାତକୁ ସତର୍କତାର ସହ ତଦାରଖ କରୁଛି। ଏହାଦ୍ୱାରା ବାର୍ଷିକ ଋଣ ଯୋଜନା ଏବଂ ଋଣ ଓ ଜମା ଅନୁପାତ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ଏହି ଅବସରରେ କହିଛନ୍ତି, ସମ୍ପ୍ରତି ଜାତୀୟ ଅର୍ଥନୀତିରେ ଡିଜିଟାଲ ଟଙ୍କା ପୈଠ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗ, ଏସ୍.ଏଲ୍.ବି.ସି ଏବଂ ଅନ୍ୟାନ୍ୟ ବ୍ୟାଙ୍କଗୁଡ଼ିକ ଡିଜିଟାଲ ଟଙ୍କା ପୈଠ ବାବଦରେ କର୍ମଶାଳା ଆୟୋଜନ କରି ସଚେତନତା ସୃଷ୍ଟି କରିବା ଆବଶ୍ୟକ। କୃଷି ଏବଂ ଶିକ୍ଷା କ୍ଷେତ୍ରରେ ବାର୍ଷିକ ଋଣ ଯୋଜନା ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ବିଭିନ୍ନ ବିଭାଗର ସଚିବଙ୍କ ସହ ପ୍ରମୁଖ ବ୍ୟାଙ୍କଗୁଡିକର ଅଧିକାରୀମାନେ ଉପସ୍ଥିତ ଥିଲେ।



୧୫୫ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଅତିଥିମାନେ ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ମେଡିକାଲ ନାମଲେଖା
# ପ୍ରଥମ ପର୍ଯ୍ୟାୟରେ ୯୭୦ ସିଟ୍ ପୂରଣ

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ରାଜ୍ୟରେ ଥିବା ୭ଟି ସରକାରୀ ଓ ଗୋଟିଏ ଘରୋଇ ମେଡିକାଲ କଲେଜର ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ପ୍ରୋଭିଜନାଲ ନାମଲେଖା ବୁଧବାର ଶେଷ ହୋଇଛି। ନାମଲେଖା ପ୍ରକ୍ରିୟାରେ ଏମ୍‌ବିବିଏସ୍‌ରେ ମୋଟ ୯୩୩ ସିଟ୍ ପୂରଣ ହୋଇଥିବାବେଳେ ବିଡିଏସ୍‌ରେ ୩୭ ଜଣ ନାମ ଲେଖାଇଛନ୍ତି। ଏନେଇ ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ରାଜ୍ୟ କୋଟା ପାଇଁ ହେଉଥିବା ଏହି ନାମଲେଖାରେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜର ୨୧୨ଟି ରାଜ୍ୟ କୋଟା ଏମ୍‌ବିବିଏସ୍ ସିଟ୍ ମଧ୍ୟରୁ ୧୭୩ ସିଟ୍ ପୂରଣ ହୋଇଛି। ସେହିଭଳି ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ୨୧୨ ସିଟ୍ ମଧ୍ୟରୁ ୧୯୮ ସିଟ୍, ବୁର୍ଲାସ୍ଥିତ ଭିଏସ୍‌ଏସ୍ ମେଡିକାଲ କଲେଜର ୧୭୦ ସିଟ୍‌ରୁ ୧୫୯, ବାରିପଦା ମେଡିକାଲ କଲେଜର ୧୦୬ ସିଟ୍‌ରୁ ୧୦୦ ଏବଂ କୋରାପୁଟ ମେଡିକାଲ କଲେଜର ୯୯, ବାଲେଶ୍ୱର ମେଡିକାଲ କଲେଜରେ ୮୨, ବଲାଙ୍ଗୀର ମେଡିକାଲ କଲେଜର ୭୭ଟି ସିଟ୍ ପୂରଣ ହୋଇଛି। ଏକମାତ୍ର ଘରୋଇ ହାଇଟେକ୍ ମେଡିକାଲ କଲେଜର ୪୫ଟି ଏମ୍‌ବିବିଏସ୍ ସିଟ୍ ପୂରଣ ହୋଇଛି। ସେହିଭଳି ବିଡିଏସ୍ ପାଠ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜର ୩୨, ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜର ୫ଟି ସିଟ୍‌ରେ ନାମଲେଖା ହୋଇଛି। ଏହି କଲେଜଗୁଡ଼ିକରେ ମୋଟ ୧୪୦୦ ସିଟ୍ ରହିଥିବାବେଳେ ରାଜ୍ୟକୋଟାରେ ଏବେ ୧୨୧୮ ସିଟ୍ ପାଇଁ କାଉନସେଲିଂ କରାଯାଉଛି।



**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ମାଇକ୍ରୋଫାଇନାନ୍ସ ଶିଳ୍ପର ମୋଟ ଋଣ ପୋର୍ଟଫୋଲିଓ ୪୦% ବୃଦ୍ଧି ଘଟି ୧.୮ ଲକ୍ଷ କୋଟି ଟଙ୍କା ଛୁଇଁଛି।

– ସିଡ୍‌ବି

**ଆଜିର ମନ୍ତବ୍ୟ**

ବିରୋଧୀ ସରକାର ଗଢ଼ିଥିବା ରାଜ୍ୟଗୁଡ଼ିକରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି ଭାଜପା।

– ମାୟାବତୀ, ବିଏସ୍‌ପି ସୁପ୍ରିମୋ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସାଢେ ୩ କୋଟି ସହାୟତା ପ୍ରଦାନ

**ଭୁବନେଶ୍ୱର,୧୧।୭(ବ୍ୟୁରୋ):** ବାତ୍ୟା ଫନୀ ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ପାଇଁ ଗୁରୁବାର କେତେଗୁଡିଏ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ୟୁକୋ ବ୍ୟାଙ୍କ କର୍ମଚାରୀମାନଙ୍କ ପକ୍ଷରୁ ୩ କୋଟି ୪୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ପରିମାଣର ଚେକ୍ ପ୍ରଦାନ କରିଛନ୍ତି। ଏହାସହ ବେଙ୍ଗାଲୁରୁର ଏସିଟି ଫିବ୍ରେନେଟ୍ ପକ୍ଷରୁ ୧୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ରାଜ୍ୟବାସୀଙ୍କ ବିପଦ ସମୟରେ ସେମାନଙ୍କୁ ସହାୟତା କରିବା ଲାଗି ଏହି ସଂସ୍ଥାଗୁଡିକ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବଢ଼ିଲା ବସ୍ ଭଡ଼ା

- କି.ମି. ପିଛା ୧, ୨ ପଇସା
- ସରକାର ପଦକ୍ଷେପ ନେବା ଜରୁରୀ: ସଂଘ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ପୁଣି ବସ୍ ଭଡ଼ା ବଢ଼ିଲା। ଡିଜେଲ ଦର ବୃଦ୍ଧି ଯୋଗୁ ରାଜ୍ୟ ସରକାର ଏହି ଭଡ଼ା ବୃଦ୍ଧି କରିଥିବା କୁହାଯାଉଛି। ଡିଜେଲ ଦର ବୃଦ୍ଧି ପାଇବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ଭଡ଼ା ବୃଦ୍ଧି ହୋଇଛି। ଏ ନେଇ ରାଜ୍ୟ ସଡ଼କ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପ୍ରତି ୧ ପଇସା ବୃଦ୍ଧି କରାଯାଇଥିବା ବେଳେ ଡିଲକ୍ସ ଏବଂ ଏସି ଡିଲକ୍ସ ବସ୍ ଭଡ଼ା କିମି ପିଛା ୨ ପଇସା ବୃଦ୍ଧି ହୋଇଛି। ପୂର୍ବରୁ ସାଧାରଣ ବସ୍ ଭଡ଼ା ପ୍ରତି କିମି ପିଛା ୬୮ ପଇସା ଥିବା ବେଳେ ଏବେ ତାହା ୬୯ ପଇସାକୁ ବୃଦ୍ଧି ପାଇଛି। ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୭୧ ପଇସାରୁ ୭୨ ପଇସାକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଡିଲକ୍ସ ବସ୍ ଭଡ଼ା କିମି ପିଛା ୯୭ ପଇସାରୁ ୯୯ ପଇସା ଏବଂ ଏସି ଡିଲକ୍ସ ବସ୍‌ର କିମି ପିଛା ୧ଟଙ୍କା ୧୯ ପଇସାରୁ ୧ ଟଙ୍କା ୨୧ ପଇସାକୁ ବୃଦ୍ଧି ହୋଇଛି। ବସ୍ ଭଡ଼ା ବୃଦ୍ଧି ପାଉଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଡିଜେଲ ଦର ବଢୁଥିବାରୁ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି। ବସ୍ ଭଡ଼ା ବଢ଼ାଇବାକୁ ଇଚ୍ଛା ନ ଥିଲେ ମଧ୍ୟ ତୈଳ ଦର ବୃଦ୍ଧି ଯୋଗୁ ବାଧ୍ୟ ହୋଇ ଭଡ଼ା ବଢ଼ାଯାଉଛି ବୋଲି ରାଜ୍ୟ ବସ୍ ମାଲିକ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। କେବଳ ଡିଜେଲ ନୁହେଁ, ଗାଡିର ଅନ୍ୟାନ୍ୟ ଯନ୍ତ୍ରାଂଶ ଓ ଆନୁଷଙ୍ଗିକ ଖର୍ଚ୍ଚ ବଢୁଥିବାରୁ ବସ୍ ଚଳାଇବା କଷ୍ଟସାଧ୍ୟ ହୋଇପଡୁଛି। ଯାତ୍ରୀଙ୍କ ଉପରେ ଭଡ଼ା ବୋଝ ପଡୁଥିବାରୁ ସରକାର ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଲୋକାୟୁକ୍ତ, ସୂଚନା କମିଶନ୍ ସଦସ୍ୟଙ୍କ ନାମ ସୁପାରିସ

**ଭୁବନେଶ୍ୱର,୧୧।୭(ବ୍ୟୁରୋ):** ଲୋକାୟୁକ୍ତ ଏବଂ ସୂଚନା କମିଶନ୍ ସଦସ୍ୟ ଚୟନ କରିବା ଲାଗି ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ପକ୍ଷରୁ ରାଜ୍ୟ ଅତିଥି ଭବନରେ ଲୋକାୟୁକ୍ତ ପାଇଁ ଜଣେ ସଦସ୍ୟ ଏବଂ ସୂଚନା କମିଶନଙ୍କ ଜଣେ ସଦସ୍ୟଙ୍କ ନାମ ସୁପାରିସ କରାଯାଇଥିବା ଜଣାପଡ଼ିଛି। ଉଭୟ ସଦସ୍ୟଙ୍କ ନାମ ରାଜ୍ୟପାଳଙ୍କୁ ସୁପାରିସ କରାଯାଇଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସୂଚନା ଦେଇଛନ୍ତି। ରାଜ୍ୟପାଳଙ୍କ ଅନୁମୋଦନ ପରେ ନୂଆ ସଦସ୍ୟ ନିଯୁକ୍ତ ହେବେ। ଉଭୟଙ୍କ ନାମ ଗୋପନ ରଖାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଲୋକାୟୁକ୍ତରେ ଜଣେ ଅଧ୍ୟକ୍ଷଙ୍କ ସମେତ ୪ଜଣ ସଦସ୍ୟ ରହିବାର ବ୍ୟବସ୍ଥା ରହିଛି। ଲୋକାୟୁକ୍ତରେ ଏବେ ୩ସଦସ୍ୟ ପଦ ଖାଲି ରହିଛି। ସେହିପରି ସୂଚନା କମିଶନ୍‌ଙ୍କ କାର୍ଯ୍ୟାଳୟରେ ୪ସଦସ୍ୟ ପଦବୀ ଖାଲି ରହିଥିବା ଜଣାପଡ଼ିଛି।

# ଆର୍‌କେଭିୱାଇରେ ୨୪ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୪ ନୂଆ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ପ୍ରକଳ୍ପଗୁଡିକୁ କୃଷକମାନଙ୍କ ଆୟବୃଦ୍ଧିଭିତ୍ତିକ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ତଥା କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେଲା ଭଳି ନୂତନ ପ୍ରକଳ୍ପକୁ ରାଜ୍ୟ ସରକାର ଚଳିତ ୨୦୧୯-୨୦ ବର୍ଷ ପାଇଁ ମଞ୍ଜୁର କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍.କେ.ଭି.ୱାଇ)ର ରାଜ୍ୟସ୍ତରୀୟ ମଞ୍ଜୁରୀ କମିଟି ବୈଠକରେ ଏହି ପ୍ରକଳ୍ପଗୁଡିକୁ ଅନୁମୋଦନ ଓ ମଞ୍ଜୁର କରାଯାଇଛି। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ପ୍ରକଳ୍ପ ମଞ୍ଜୁରୀ ଓ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟବସ୍ତୁ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି। ନୂଆ ପ୍ରକଳ୍ପଗୁଡିକୁ ଅନୁମୋଦନ ଦେଇ ସେଗୁଡିକ ଯେପରି ବାସ୍ତବ କ୍ଷେତ୍ରରେ କୃଷି ଉତ୍ପାଦନ, କୃଷକଙ୍କ ଆୟ ଏବଂ କୃଷି କ୍ଷେତ୍ରରେ ଆତ୍ମନିଯୁକ୍ତି ବଢ଼ାଇବାରେ ସହାୟକ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରସ୍ତାବ ଦେଇଥିବା ବିଭାଗ ଓ ସଂସ୍ଥାଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ବାବଦରେ ପୂର୍ବରୁ ମଞ୍ଜୁର ହୋଇଥିବା ଅର୍ଥର ବିନିଯୋଗ ପୂର୍ଣ୍ଣାଙ୍ଗ କରି ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ସମସ୍ତ ବିନିଯୋଗ ପତ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ମଧ୍ୟ ପାଢୀ କହିଥିବା ଜଣାପଡିଛି।

ବୈଠକ ଶେଷ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟାଦେଇ ସୌରଭ ଗର୍ଗ କହିଛନ୍ତି ଯେ, ବୈଠକରେ କ୍ଷେତ୍ର-କୃଷି, ପଶୁପାଳନ, ମତ୍ସ୍ୟଚାଷ, ଫସଲ ନଷ୍ଟକାରୀ କୀଟାଣୁ ପରିଚାଳନା, ରାଜ୍ୟରେ ସବୁଜ ବିପ୍ଳବର ଦୃଢ଼ୀକରଣ ସମ୍ବନ୍ଧୀୟ ୨୪ ପ୍ରକଳ୍ପ ଅନୁମୋଦିତ ହୋଇଛି। ଏହିସବୁ ପ୍ରକଳ୍ପରେ ପ୍ରାୟ ୨୫୦ କୋଟି ଟଙ୍କା ବିନିଯୋଗ ହେବ। ରାଜ୍ୟରେ କୀଟାଣୁ ନିରୀକ୍ଷଣ ଏବଂ ପରିଚାଳନା, ସଘନ ଆଳୁ ଚାଷ, ପିଆଜ ଉତ୍ପାଦନ ଓ ସଂରକ୍ଷଣର ନୂତନ ଲାଭଦାୟୀ କୌଶଳ, କୃଷି-ପୁଞ୍ଜରେ ନୂତନ କୌଶଳର ପ୍ରାମାଣିକ ପ୍ରଦର୍ଶନ, ଅଧିକ ଉତ୍ପାଦନକ୍ଷମ ପ୍ରାମାଣିତ ବିହନ ଉତ୍ପାଦନ, ଜମି ଉର୍ବରତା ପରିଚାଳନା, ସମନ୍ୱିତ କୀଟନାଶକ ପରିଚାଳନା, କମ୍ୟୁନିଟି କ୍ଲଷ୍ଟର, ଗଭୀର ବୋରୱେଲ୍, ଗ୍ରାମ ସ୍ତରୀୟ ଉଠାଜଳସେଚନ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଏବଂ ବଜାର ସଂଯୁକ୍ତି, ତମାଖୁ ଜାତୀୟ ଚାଷ ପରିବର୍ତ୍ତେ ବିକଳ୍ପ ଲାଭକାରୀ ଫସଲ ଚାଷ ଏବଂ ସମସ୍ୟା ଜଡିତ ଭୂମିର ପୁନରୁଦ୍ଧାର ଆଦି ପ୍ରକଳ୍ପଗୁଡିକ ବୈଠକରେ ଅନୁମୋଦିତ ହୋଇଛି। ଏହାଛଡା ବିଧ୍ୱଂସକାରୀ ସାମୁଦ୍ରିକ ବାତ୍ୟା ଫନୀ ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ଜିଲାଗୁଡିକ ପାଇଁ ପାନବରଜ ପୁନରୁଦ୍ଧାର, ଛତୁ ଚାଷର ପୁନରୁଦ୍ଧାର, ପନିପରିବା ଓ ଆଖୁ ଚାଷ ଆଦିର ପୁନଃସ୍ଥାପନ, ମତ୍ସ୍ୟଜୀବୀମାନଙ୍କ ଜୀବିକାର ପୁନଃସ୍ଥାପନ ଆଦି ୧୧ପ୍ରକଳ୍ପ ଅନୁମୋଦନ ଲାଭ କରିଛି। କେବଳ ଫନୀ କ୍ଷତିଗ୍ରସ୍ତ ଜିଲା ପାଇଁ ପ୍ରାୟ ୧୨୩ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ସୂଚନା ମୁତାବକ, ୨୦୦୭-୦୮ରୁ ରାଜ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସମୁଦାୟ ୭୪୯ ମୁଖ୍ୟ ପ୍ରକଳ୍ପ ହାତକୁ ନିଆଯାଇଛି। ତନ୍ମଧ୍ୟରୁ ୪୯୬ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୨୫୩ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ଏହି ଯୋଜନା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ରେ ପାଣ୍ଠି ଯୋଗାଇଥାଆନ୍ତି। ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ୩୪୩.୬୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ଛାତ୍ରଙ୍କୁ ମାଡ଼ ଅଭିଯୋଗ, ଶିକ୍ଷୟିତ୍ରୀ ନିଲମ୍ବିତ

**ବସ୍ତା, ୧୧।୭(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତର ମୁଳିଦା ଗ୍ରାମରେ ଥିବା ମୁଳିଦା ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ସୋମବାର ଜଣେ ଛାତ୍ର ସ୍କୁଲକୁ ରବର ଆଣି ନ ଥିବାରୁ ଶିକ୍ଷୟିତ୍ରୀ ସଂଘମିତ୍ରା ବେହେରା ତାଙ୍କୁ ମାଡ଼ ମାରିଥିଲେ। ଛାତ୍ରଜଣଙ୍କ ତାଙ୍କ ଘରେ ଜଣାଇବାରୁ ବାପା ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚି ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଛାତ୍ରଙ୍କ ବାପା ବସ୍ତା ବିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ବିଇଓଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାବିଭାଗ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ରିପୋର୍ଟ ଆଧାରକୁ ଭିତ୍ତି କରି ବିଇଓ ପ୍ରାଚୀତନୟା ଗିରି ଚିଠି (ନଂ. ୧୪୧୯)ଅନୁଯାୟୀ କାର୍ଯ୍ୟରତ ଶିକ୍ଷୟିତ୍ରୀ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜିର ନୂତନ କର୍ମାରମ୍ଭ, ଆନୁଷ୍ଠାନିକ କର୍ମ ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପନ୍ନ ହେବ। ଆପଣ ଯାହା ଚାହୁଁଛନ୍ତି ତାହା ପାଇବେ ଏବଂ ଉପରବେଳା ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ଆଶଙ୍କା ରହିଛି।

**ବୃଷ**



ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଓ ଫେରନ୍ତା ବାଟରେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ବ୍ୟବସାୟିକ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଘର ସାଜସଜ୍ଜାରେ କିମ୍ବା ନିର୍ମାଣରେ ସମୟ ଅତିବାହିତ କରିପାରନ୍ତି। ମନର କଥା ମନରେ ରଖି ବନ୍ଧୁଙ୍କୁ ନିଜ କାମରେ ଲଗାଇ ଇଚ୍ଛିତ କାର୍ଯ୍ୟ ହାସଲ କରିବେ।

**ମିଥୁନ**



ସବୁସୁବିଧା ଥାଇ ମଧ୍ୟ ସମସ୍ୟା ଲାଗିରହିବା ଯୋଗୁ କେତେକ କାମ ସମ୍ପନ୍ନ ନ ହେବା କାରଣରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ହୋଟେଲ, ଛୋଟ ଦୋକାନୀ, ଲାଭବାନ ହେବେ। ପୂର୍ବ ବିବାଦକୁ କେନ୍ଦ୍ରକରି ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ସମସ୍ୟା ଆସିବ। ପିଲାମାନଙ୍କ କେତେକ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କର୍କଟ**



ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରନ୍ତି। ଗତକାଲିର ଯୋଜନାକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ**



ଆଜିର କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ଼ ଚେଷ୍ଟା କରିପାରନ୍ତି। ତଥାପି କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ସାମାଜିକ ସ୍ତରରେ ଦୃଢ଼ତା ହେତୁ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**କନ୍ୟା**



ବିଭିନ୍ନ ପ୍ରକାରର ସମସ୍ୟା କାରଣରୁ ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିବ। ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ କଳହ ଲାଗିପାରେ। ଅଚାନକ ଭାବରେ ଅଶୌଚ ସମ୍ବାଦ ଶୁଣି ବିସ୍ମିତ ହୋଇପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବିତ ହୋଇପାରେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା**



କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବ୍ୟବସାୟ ଓ ବାଣିଜ୍ୟରୁ ଅର୍ଥ ଲାଭ ହେତୁ ଖୁସି ରହିବେ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାରରେ ଗୋଳମାଳିଆ ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିବେ।

**ବିଛା**



ଆଜି ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରୁହନ୍ତୁ। ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଅର୍ଥ ସମ୍ପର୍କୀୟ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ମିଳିବ। ଦେବ ଦର୍ଶନର ସୁଯୋଗ ମିଳିବ। ସାହାଯ୍ୟ, ସହଯୋଗର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ**



ଭୁଲ ବୁଝାମଣା କାରଣରୁ ପରିବାରର ସଦସ୍ୟମାନେ ଆପଣଙ୍କୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଅତି ନିଜର ପ୍ରିୟ ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧ କଥା କହିପାରେ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ଅବଶ୍ୟ ସ୍ଥାନୀୟ ଜଣାଶୁଣା ଲୋକମାନେ ଆପଣଙ୍କୁ ଏ ଦିଗରେ ସାହାଯ୍ୟ କରିବେ।

**ମକର**



ଆଜିର ଯାତ୍ରାରେ ଅର୍ଥ ପ୍ରାପ୍ତିର ଆଶା ପୂରାମାତ୍ରାରେ ରହିଛି। ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ମତାନ୍ତର ଜନିତ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ।

**କୁମ୍ଭ**



କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ଛାଡ଼ି ପାରିବେ ନାହିଁ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇ ପାରନ୍ତି। ହଠାତ୍ ଯାତ୍ରା କରିବାକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡିପାରେ। କର୍ମକ୍ଷେତ୍ରରେ ଘଟଣାଚକ୍ରରେ ପଡି ମିଥ୍ୟା କହିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ**



ପାଖ ପଡ଼ୋଶୀ କିମ୍ବା ଆତ୍ମୀୟମାନଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇବେ। ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା ପ୍ରୟୋଗ କରି ସୁସମ୍ପର୍କ ହରାଇପାରନ୍ତି। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ବାହୁଡ଼ା ଯାତ୍ରା, ଆଷାଢ଼ ଶୁକ୍ଳପକ୍ଷର ହରିଶୟନ ଏକାଦଶୀ ଶୁକ୍ରବାର, ଚାତୁର୍ମାସ୍ୟା ବ୍ରତାରମ୍ଭ, ଅଶୁଦ୍ଧକାଳ ଆରମ୍ଭ, ଜୁଲାଇ ୧୨ ତାରିଖ, ମାଲାଲା ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ୧୧।୧୧ମି. ଗତେ, ବିଛା ଚନ୍ଦ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୪୯ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୬ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday

0674-2580101, 2549302




**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

2BHK, 3BHK ready to move flats at Hitech Heaven near Gudiapokhari Chowk, Bhubaneswar. 9937846404, 9937179713. D-13352

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଉଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

**ଘରବାରି converted residential 1800sqft plot for sale @ 870 per sqft near Gudia Pokhari Hitech-Heaven apartment near Puri highway. Ph: 8917468717, 9337341703.** D-13345

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

Bhubaneswar-Pitapalli ଛକଠାରେ possession/ ପାଚେରି ଥାଇ sqft. 550/- Xavier University-250/-. 8280860015 / 7750068828. D-13342

"Litigation free 2storied building with parking, 3phase electricity, 24hr water supply over freehold GA plot (60'x90') for sale at B.J.B Nagar (POSH Area), Bhubaneswar, only genuine buyer contact directly: 9583009046". D-13368

1500 sqft. gharabari plot in Chandrasekharpur, Bhubaneswar is for sale. 9937162220. D-66161

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft. Road ଏବଂ ବାସପୋଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948. D-13373




Tolet service for bachelor, family, girls, all over Bhubaneswar. 6371209927. D-64982

Single room attached toilet, no kitchen working executive, Rs. 6000/-, Omfed Chhak, Chandrasekharapur, 9337199407. D-65665

Residential/commercial accomodation near DAV Chandrasekharpur mainroad, available. Contact: 9338089477. D-67007

ସମ୍ ହସ୍‌ପିଟାଲ ପଛପଟେ ରୋଗୀମାନଙ୍କ ସହାୟକ ରହିବାପାଇଁ ଘର ଭଡାରେ ମିଳେ। ୯୩୩୮୦୮୯୪୭୭. D-67008

**ACCOMMODATION**

Furnished accomodation for working lady, students, near Amber showroom, Chandrasekharpur. 9938377066, 9337464616. D-67306




Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302


Herbal full body massage by smart/expert therapist. Contact: 8338067247. D-67303

Summer special mesmerizing offer expert therapeutic refreshing massage appointment: 9668374480. D-66593

Ayurvedic full body massage ladies/gents smart experts therapist. 9114697517. D-66917

Monsoon dhamaka/ full body massage with hiprofile smart lady therapist. Hurry up ! 9708545108. D-13319

Kajal ayurvedic massage club fully relaxed by smart lady, home service available. 9937637219. D-66922




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13361

**LOST**

ମୁଁ ନାରାୟଣ ସେଠୀ, ପିତା-ସ୍ୱର୍ଗତ ଯୋଗୀ ସେଠୀ, ସା- ଭଗତ୍‌ପୁର, ପୋଅ-ତେଲେଙ୍ଗାବଜାର, ଥାନା-ପୁରିଘାଟ, ଜିଲ୍ଲା- କଟକ, ଘୋଷଣା କରେକି ମୋର ପ୍ଲଟ ନଂ. ଏଫ୍/ ୭୧୩, ସିଡିଏ, ସେକ୍ଟର-୭ ପ୍ରୋଭିଜନାଲ ଓ ଫାଇନାଲ ଆଲର୍ଟମେଣ୍ଟ କାଗଜପତ୍ର ୬।୭।୧୯ ଦିନ ଭଗତ୍‌ପୁରଠାରେ ହଜିଯାଇଛି, ଯଦି କେହି ପାଇଥାଆନ୍ତି, ଫୋନ: ୯୩୪୮୫୫୨୩୫୮, ୭୦୦୮୧୫୯୫୪୪, ୮୦୯୩୧୪୦୬୧୦ ଜଣାଇବାକୁ ଅନୁରୋଧ। ଧ-୧୩୩୭୨

**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Ph.d Award in Electronics and T.C. Engineering**



Sonali Dash, Associate Professor, Raghu Engineering College, Visakhapatnam has been awarded Ph.D Degrees in Engineering from Veer Surendra Sai University of Technology, Burla, Orissa. She has conducted her research on texture classification by combining laws mask with traditional texture analysis techniques, under the supervision of Dr. U.R Jena, Professor, Department of Electronics and T.C. Engineering, VSSUT, Burla, Orissa.

Her research work has been examined and highly appreciated by professor Dr. Sasibhushana Rao of E.C.E, Andhra University and Professor Dr. Hossein Mousavinezhad Idaho of state University, USA.

Dr. Sonali Dash is the only daughter of Er. Sarbeswar Dash and Smt. Kirtymoyi Rath, Daughter-in-law of Shri Binay Bhusan Mishra, Retd. IAS and Smt. Prativa Mishra. She is very thankful to her parents, In-laws and also her son Ayush Mishra for their constant support and encouragement. She also expresses her heartfelt thanks to the Administrative Officials, Academic and Non-Academic staff of the University and friends for their timely support.

D-66257

**୫ମ ଜନ୍ମଦିନ ଶୁଭେଚ୍ଛା**



**ପିଏସ୍ ସାଇ ଆରାଧ୍ୟା**

Durgeswar Garh, Nimapara, Puri

ତୋର ଜନ୍ମ ସୁନାବେଶ ଦିନ ଠାକୁର ତୋତେ ସୁନାପିଲା କରିଗଢି ଦେଇଛନ୍ତୁ। ତୁମେ ଦୀର୍ଘାୟୁ, ନିରୋଗୀ ଓ ଚଲାପଥରେ ପୁଷ୍ପବୃଷ୍ଟି ହେଉ, ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୁଭେଚ୍ଛା ସହ**

ଜେଜେମା, ଅଜା, ଆଈ, ବାପା, ମାମା, ଶୀଖା, ବାବୁ, ବନ୍ଧୁ ଓ ପରିବାରବର୍ଗ।

ଧ-୧୩୩୭୦

**ଜନ୍ମଦିନ ଶୁଭେଚ୍ଛା**



Micky

**Sneha Panda**

**ବାଇଁଶିଆ, ଯୋରନ୍ଦା, ଢେଙ୍କାନାଳ**

ଆଜି ତୋର ୮ମ ଶୁଭଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥ ଏବଂ ବାଇଁଶିଆରେ ଥିବା ପ୍ରଭୁ କପିଳେଶ୍ୱରଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁ।

**ଶୁଭେଚ୍ଛା ସହ**

ଅଜା, ଆଈ, ବଡ଼ବାବା, ବଡ଼ମାମା, ଚୁଟୁ, ନାଲୁ, ମିକୁନ୍, Hotel Heaven staff ଏବଂ Ajay Kumar

ଧ-୬୪୦୭୬

ଧରିତ୍ରୀ
DHARITRI
ଶୁକ୍ରବାର, ୧୨ ଜୁଲାଇ, ୨୦୧୯



## ସଂକ୍ଷେପରେ

### ବିଶ୍ୱବିଦ୍ୟାଳୟରେ ପ୍ରଫେସର ନିଯୁକ୍ତି ମାମଲା: ହାଇକୋର୍ଟଙ୍କ ଅଙ୍କୁଶ

**କଟକ ଅଫିସ, ୧୧।୭:** ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଓ ସହଯୋଗୀ ପ୍ରଫେସର ନିଯୁକ୍ତି ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ୪ ଜଣିଆ ଖଣ୍ଡପୀଠ ଆଗତ ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟା ଜାରି ରଖିବାକୁ ଆଦେଶ ଦେଇଛନ୍ତି। ମାତ୍ର ଏହି ନିଯୁକ୍ତି ଅଦାଲତଙ୍କ ବିନା ଆଦେଶରେ ଦିଆଯାଇପାରିବ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହିତ ଉକ୍ତ ମାମଲାରେ ହାଇକୋର୍ଟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରାଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଧନଞ୍ଜୟ ସୋରେନ ଓ ରାଜକୁମାର ନାୟକଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ବରିଷ୍ଠ ଆଡଭୋକେଟ ଜଗନ୍ନାଥ ପଟ୍ଟନାୟକ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ବାଢ଼ିଥିଲେ ଯେ, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ଜୁନ ୨୬ରେ ପ୍ରକାଶିତ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞପ୍ତି ସମ୍ପୂର୍ଣ୍ଣ ବେଆଇନ। ଏଥିରେ ସରକାରଙ୍କ ୧୯୭୫ ମସିହା ସଂରକ୍ଷଣ ଆଇନକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀଠାରୁ ଆରମ୍ଭ କରି ସହଯୋଗୀ ଓ ସହକାରୀ ଏବଂ ଅଧ୍ୟାପକ ପଦବୀ ପୂରଣ କ୍ଷେତ୍ରରେ ସଂରକ୍ଷଣ ଆଇନ ଲାଗୁ ହେବା ନିମନ୍ତେ ନିୟମ ରହିଛି। ମାତ୍ର ଏହାକୁ କାର୍ଯ୍ୟକାରୀ କରା ନ ଯିବା ଦ୍ୱାରା ଆବେଦନକାରୀ ଦ୍ୱୟ ପଦୋନ୍ନତିରୁ ବଞ୍ଚିତ ହେବେ ବୋଲି ପଟ୍ଟନାୟକ କୋର୍ଟଙ୍କୁ ଦର୍ଶାଇଥିଲେ। ଅନ୍ୟପକ୍ଷରେ ଏ କ୍ଷେତ୍ରରେ ୟୁଜିସିର ଗାଇଡ୍‌ଲାଇନକୁ ମଧ୍ୟ ଅଣଦେଖା କରାଯାଇଛି। ସୂଚନାଥାଉ କି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୯ଟି ପ୍ରଫେସର, ୧୭ ସହଯୋଗୀ ପ୍ରଫେସର ଏବଂ ୨୦ ସହକାରୀ ପ୍ରଫେସରଙ୍କୁ ମିଶାଇ ମୋଟ ୪୬ଟି ପଦବୀ ପୂରଣ ସଂକ୍ରାନ୍ତରେ ଗତ ୨ ତାରିଖରେ ପ୍ରକାଶିତ ବିଜ୍ଞପ୍ତିର ବୈଧତାକୁ ମଧ୍ୟ ଏହି ମାମଲାରେ ଚ୍ୟାଲେଞ୍ଜ କରାଯାଇଛି।

### ହାତୀ ଆକ୍ରମଣରେ ନାବାଳିକା ମୃତ

#### କାନ୍ଥପଡ଼ି ଭାଇ, ଭଉଣୀ ଆହତ

**ଝୁମ୍ପୁରା୧୧।୭ (ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରି ଫରେଷ୍ଟ ଅନ୍ତର୍ଗତ ମଲଦା ଗ୍ରାମର ମୁଣ୍ଡା ସାହିରେ ଗୋଠଛଡା ଦନ୍ତାହାତୀ ଆକ୍ରମଣରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ହାତୀ ଭାଙ୍ଗି ଦେଇଥିବା କାନ୍ଥ ତଳେ ଚାପି ହୋଇ ମୃତକଙ୍କ ଭାଇ ଭଉଣୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ହାତୀଟି ଅନ୍ଧାରି ଖମଣ ଜଙ୍ଗଲରେ ରହୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ମଲଦା ଗ୍ରାମ ମୁଣ୍ଡା ସାହିରେ ପହଞ୍ଚିଥିଲା। ହାତୀ ଗତିବିଧି ଉପରେ ନଜର ରଖିଥିବା ବନ କର୍ମଚାରୀମାନେ ଏହା ଜାଣିପାରି ନ ଥିଲେ। ହାତୀଟି ଧାତିକା ଗାଁରେ ପହଞ୍ଚି ୨ଟି ଘର ଭାଙ୍ଗିବା ସହିତ ବାଡି ବଗିଚା ନଷ୍ଟ କରିଥିଲା। ପରେ ହାତୀଟି ମଲଦା ଗ୍ରାମ ମୁଣ୍ଡା ସାହିରେ ପହଞ୍ଚି ବାଜାୟୀ ମୁଣ୍ଡାଙ୍କ ଘର କାନ୍ଥ ଭାଙ୍ଗିଥିଲା। ଘର ଭିତରେ ୩ ଶିଶୁଙ୍କ ସହିତ ତାଙ୍କ ବାପା, ମା' ଶୋଇଥିଲେ। ହାତୀଟି ସେମାନଙ୍କ ମଧ୍ୟରୁ ୭ବର୍ଷର ଝିଅ ସିନି ମୁଣ୍ଡାଙ୍କୁ ଘର ଭିତରୁ ଟାଣି ନେଇ ବାହାରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରର ଅନ୍ୟ ସଦସ୍ୟମାନେ ଅଳ୍ପକେ ବର୍ତ୍ତିଯାଇଥିଲେ ହେଁ କାନ୍ଥ ପଡିଯିବାରୁ ଅନ୍ୟ ୨ଶିଶୁ ଗୁରୁତର ହୋଇଛନ୍ତି। ହାତୀଟି ୧ଘଣ୍ଟାରୁ ଅଧିକ ସମୟ ଧରି ବାଜାୟୀଙ୍କ ଘର ପାଖରେ ରହିଥିବାରୁ ଆହତ ଶିଶୁ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଗୁରୁବାର ସକାଳେ ଆହତ ଶିଶୁଦ୍ୱୟଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନା ପଠାଇଥିଲେ। ଗୋଠଛଡା ଦନ୍ତାର ଉତ୍ପାତ ଯୋଗୁ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଆତଙ୍କିତ ଥିବାବେଳେ ଗ୍ରାମବାସୀଙ୍କ ମଧ୍ୟରେ ଏନେଇ ଉତ୍ତେଜନା ପ୍ରକାଶ ପାଇଛି। ଶିଶୁର ମୃତଦେହ କେନ୍ଦୁଝର ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ସରକାରୀ ନିୟମ ଅନୁଯାୟୀ ମୃତ ଶିଶୁଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ।

# ପ୍ରକାଶ ପାଇଲା ୩ ଦଳର ଷ୍ଟାର ପ୍ରଚାରକ ତାଲିକା

**ପାଟକୁରା ନିର୍ବାଚନ**
- ନବୀନ ବିଜେଡିର ମୁଖ୍ୟ ପ୍ରଚାରକ
- ଭାଜପା ତାଲିକାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ପ୍ରତାପ
- ବାହୁଡ଼ା ପରେ ବିଧିବଦ୍ଧ ପ୍ରଚାର ଆରମ୍ଭ କରିବ କଂଗ୍ରେସ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ପାଟକୁରା ବିଧାନସଭା ଆସନ ଦଖଲ କରିବା ଲାଗି ରାଜ୍ୟର ପ୍ରମୁଖ ରାଜନୈତିକ ଦଳଗୁଡିକ ମଧ୍ୟରେ ଲଢେଇ ଜୋର୍‌ଦାର ହେବାରେ ଲାଗିଛି। ଆସନ୍ତା ୨୦ରେ ଏହି ଆସନରେ ନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ନିଜ ନିଜ ରଣନୀତି ପ୍ରସ୍ତୁତ କରିସାରିଛନ୍ତି। ଗୁରୁବାର ବିଜେଡି, ଭାଜପା ଓ କଂଗ୍ରେସ ନିଜ ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିଛନ୍ତି। ସବୁଦଳ ନିଜର ୪୦ ଜଣିଆ ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଉପସ୍ଥାପିତ କରିଛନ୍ତି। ବିଜେଡି ପକ୍ଷରୁ ଅନେକ ନେତା କିଛିଦିନ ହେଲା ଯାଇ ପାଟକୁରାରେ ଡେରା ପକାଇ ପ୍ରଚାର ଚଳାଇଛନ୍ତି। ଗୋଟେ ଗୋଟେ ପଞ୍ଚାୟତ ଦାୟିତ୍ୱ ଜଣେ ଲେଖାଏଁ ବିଧାୟକଙ୍କୁ ଦିଆଯାଇଛି। ସେହିପରି ବିଧାୟକମାନେ ମଧ୍ୟ ନିଜ ସାଙ୍ଗରେ ବହୁ ଅନୁଗତଙ୍କୁ ଧରି ପ୍ରଚାର ଚଳାଇଛନ୍ତି। ଯାହାକୁ ଯେଉଁ ପଞ୍ଚାୟତର ଦାୟିତ୍ୱ ମିଳିଛି, ତାହା କିପରି ଠିକଣା ଢଙ୍ଗରେ ତୁଲାଇବେ ସେନେଇ ମଧ୍ୟ ଶାସକ ଦଳର ବିଧାୟକମାନେ ଦିନରାତି ଏକ କରିଦେଇଛନ୍ତି। ୩ ଦଳର ମୋଟ ୧୨୦ ଷ୍ଟାର କ୍ୟାମ୍ପେନର ପାଟକୁରାରେ ନିଜ ନିଜର ପ୍ରାର୍ଥୀ ପାଇଁ ପ୍ରଚାର କରିବେ। ବିଜେଡି ତାଲିକାରେ ମୁଖ୍ୟ ଆକର୍ଷଣ ସାଜିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ସଙ୍ଗେସଙ୍ଗେ ପ୍ରମୁଖ ଷ୍ଟାର ପ୍ରଚାରକ ତାଲିକାରେ ଅଛନ୍ତି– ପ୍ରମିଳା ମଲ୍ଲିକ, ଶଶିଭୂଷଣ ବେହେରା, ଦେବୀ ପ୍ରସାଦ ମିଶ୍ର, ପ୍ରତାପ କେଶରୀ ଦେବ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ କୁମାର ପାଣିଗ୍ରାହୀ, ସଞ୍ଜୟ ଦାସବର୍ମା, ଅରୁଣ ସାହୁ, ପ୍ରଣବ ପ୍ରକାଶ ଦାସ, ସମୀର ଦାଶ, ସୁଶାନ୍ତ ସିଂ, ଦିବ୍ୟ ଶଙ୍କର ମିଶ୍ର, ରଘୁନନ୍ଦନ ଦାସ, ଅନୁଭବ ମହାନ୍ତି, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଆକାଶ ଦାଶ ନାୟକ, ଅରିନ୍ଦମ ରାଏ, ମିନତି ବେହେରାଙ୍କ ନାମ ରହିଛି। ହେଲେ ଏହି ତାଲିକାରେ ଦଳର କିଛି ବରିଷ୍ଠ ନେତାଙ୍କ ନାମ ରଖାଯାଇ ନ ଥିବା ଲକ୍ଷ୍ୟ କରାଯାଇଛି। ସେହିପରି ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଭାଜପାର ଷ୍ଟାର ପ୍ରଚାରକ ତାଲିକାରେ ରହିଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ରହିଛନ୍ତି– ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସୁରେଶ ପୂଜାରୀ, ବସନ୍ତ କୁମାର ପଣ୍ଡା, ସଙ୍ଗୀତା ସିଂ ଦେଓ, ଅପରାଜିତା ଷଡଙ୍ଗୀ, ଦାମୋଦର ରାଉତ, କେ.ଭି ସିଂ ଦେଓ, ସମ୍ବିତ ପାତ୍ର, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଷ୍ଣୁଚରଣ ସେଠୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ଜୟନାରାୟଣ ମିଶ୍ର, ଅନୁ ଚୌଧୁରୀ ଓ ପ୍ରିଙ୍କି ପ୍ରଧାନଙ୍କ ନାମ ଆଦି ରହିଛି। ସେହିପରି କଂଗ୍ରେସ ଷ୍ଟାର ପ୍ରଚାରକ ତାଲିକାରେ କେନ୍ଦ୍ରୀୟ ନେତାଙ୍କ ସହ ଓଡ଼ିଶାରୁ ନିର୍ବାଚିତ ଜଣେ ମାତ୍ର ଏମ୍‌ପି ସପ୍ତଗିରି ଉଲାକାଙ୍କ ନାମ ରହିଛି। କଂଗ୍ରେସ ପ୍ରକାଶ କରିଥିବା ତାଲିକାରେ ଦଳର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂହ, ଟି.ଏସ୍ ସିଂ ଦେଓ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ନରସିଂହ ମିଶ୍ର, ପ୍ରଦୀପ ମାଝୀ, ଚିରଞ୍ଜୀବ ବିଶ୍ୱାଳ, ରାମଚନ୍ଦ୍ର ଖୁଣ୍ଟିଆ, ରୁଦ୍ର ରାଜୁ, ଭକ୍ତଚରଣ ଦାଶ, ଶରତ ରାଉତ, ସୁରେଶ ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି ପ୍ରମୁଖ ନେତା ରହିଛନ୍ତି। ଆସନ୍ତା ୧୭ରେ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ପ୍ରଚାର କରିବାକୁ ଯିବାକୁ ସ୍ଥିର ହୋଇଛି। ଭାଜପା ଷ୍ଟାର ପ୍ରଚାରକମାନେ ଆସନ୍ତା ଶନିବାରଠାରୁ ପାଟକୁରାରେ ପହଞ୍ଚିବାପରେ ବିଜୟଙ୍କ ପାଇଁ ବିଧିବଦ୍ଧ ପ୍ରଚାର କରିବେ ବୋଲି ଜଣାପଡିଛି। ସେହିପରି କଂଗ୍ରେସ ଷ୍ଟାର ପ୍ରଚାରକମାନେ ଜଗନ୍ନାଥଙ୍କ ବାହୁଡା ଯାତ୍ରା ପରେ ଏକ ବୈଠକ କରି ବିଧିବଦ୍ଧ ପ୍ରଚାର ଆରମ୍ଭ କରିବେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆସନ୍ତା ରବିବାରଠାରୁ ପାଟକୁରାରେ ପ୍ରଚାର ଜମିବ ବୋଲି ବିଭିନ୍ନ ଦଳର ଭିତିରି ସୂତ୍ରରୁ ଜଣାପଡିଛି।




## ଜିଲା ଚିଠି
### ସୁବର୍ଣ୍ଣପୁର

## ଚାଷୀଙ୍କ ଦୁଃଖ

ସୁବର୍ଣ୍ଣପୁର ଜିଲାରେ ରବି ଧାନ ସଂଗ୍ରହର ବିଭ୍ରାଟ ପୂର୍ବ ବର୍ଷଠାରୁ ଟପି ଯାଇଛି। ଏହି ଜିଲାରେ ମେ ୧୭ରୁ ଜୁନ୍ ୩୦ ତାରିଖ ମଧ୍ୟରେ ୨୩ ଲକ୍ଷ ୮୪ ହଜାର ୧୫୩ କୁଇଣ୍ଟାଲ ଧାନ କିଣାଯାଇଛି। ୨୧ ହଜାର ୩୯୯ ଜଣ ଚାଷୀ ଧାନ ବିକିଥିବା ଦର୍ଶାଯାଉଛି । ଜୁଲାଇ ୧ ତାରିଖଠାରୁ ସରକାର ଧାନ କିଣା ବନ୍ଦ କରିଛନ୍ତି। ଚାଷୀଙ୍କ ପାଖରେ କିନ୍ତୁ ବଳକା ଧାନ ମହଜୁଦ୍ ରହିଛି। ପରିଚୟପତ୍ର ଥାଇ ଚାଷୀ ଧାନ ବିକି ପାରୁନାହାନ୍ତି। ଜିଲାର ବିଭିନ୍ନ ମଣ୍ଡିରେ ହଜାର ହଜାର ଧାନବସ୍ତା ପଡିରହିଛି। ମିଲର୍ସମାନେ ନିର୍ଦ୍ଧାରିତ ସମୟରେ ମଣ୍ଡିକୁ ଆସି ଧାନ ଉଠାଇଲେନି। ଛତିଶଗଡରୁ ଶସ୍ତାରେ ଧାନ ଆସି ମିଲର୍ସଙ୍କ ଗୋଦାମ ଭର୍ତ୍ତି ହେଲା । ମିଲର୍ସ, ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି) ଓ ଯୋଗାଣ ବିଭାଗ ସଲାସୁତୁରା କରି ଚାଷୀଙ୍କ ନାମରେ ମିଥ୍ୟା ଏଣ୍ଟ୍ରି କରାଇଲେ । ମିଲର୍ସଙ୍କ ଗୋଦାମକୁ ତନଖି କରାଗଲାନି। ସେମାନଙ୍କ ଉପରେ ପ୍ରଶାସନର ଅଙ୍କୁଶ ରହିଲାନି। ଜିଲାର ଚାଷୀ ଏବେ କ୍ଷତି ସହୁଛନ୍ତି। କେତେକ ମଣ୍ଡିରେ ବିକ୍ରି ନ ହୋଇ ପଡିରହିଥିବା ଧାନ ବର୍ଷାରେ ଭିଜି ଗଜା ହେଲାଣି। ଧାନ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନାହିଁ। ଗରିବ ଚାଷୀ ନିଜର କଷ୍ଟ ଉପାର୍ଜିତ ଧାନ ବିକ୍ରି ପାଇଁ ସବୁଦିନ ଜିଲା ସଦର ମହକୁମାକୁ ଆସି ପ୍ରଶାସନିକ ଅଧିକାରୀଙ୍କୁ ନେହୁରା ହେଉଛି। ପୁଣି ନିରାଶ ହୋଇ ଘରକୁ ଫେରୁଛି। ଏଭଳି ବାସ୍ତବ ସ୍ଥିତିକୁ ଦେଖି ଜିଲାର ଧାନକିଣା ଟାର୍ଗେଟ୍ ଓ ସମୟ ବୃଦ୍ଧି କରିବାକୁ ଜିଲାପାଳ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ । କିନ୍ତୁ ସପ୍ତାହେ ପରେ ବି କୌଣସି ଉତ୍ତର ନାହିଁ। ଆଗକୁ ନିର୍ବାଚନ ନ ଥିବାରୁ ଭୋଟ ସର୍ବସ୍ୱ ରାଜନୀତିରେ ଚାଷୀଙ୍କ ସମସ୍ୟାକୁ କେହି ହୃଦୟଙ୍ଗମ କରୁ ନ ଥିବା ଅଭିଯୋଗ ହେଉଛି। ଜିଲାର ଚାଷୀଙ୍କୁ ଏବେ ଦଇବ ସାହା । ବର୍ଷା ସତ୍ତ୍ୱେ ଅର୍ଥ ଅଭାବରୁ ସେ ଖରିଫ ଚାଷକୁ ଆଗେଇ ପାରୁନି, କି ଋଣ ଶୁଝିପାରୁନି। ଉତ୍ପାଦନ ଖର୍ଚ୍ଚ ବଢୁଥିବା ବେଳେ ଚାଷୀ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରୁନି। କମ୍ ଦାମରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ଭଲ ଅମଳ କରି ମଧ୍ୟ ଚାଷୀ ଲାଭାନ୍ୱିତ ହୋଇପାରୁନି। କିନ୍ତୁ ବଡ ଚାଷୀ, ବ୍ୟବସାୟୀ ଓ ମିଲର୍ସଙ୍କୁ ସରକାରୀସ୍ତରରେ ସମସ୍ତ ସହଯୋଗ ମିଳୁଛି। ଅନ୍ୟପକ୍ଷେ ଚାଷୀଙ୍କୁ ଠିକ୍ ସମୟରେ ବିହନ, ସାର ଓ କୀଟନାଶକ ମିଳୁନି। ଚଳିତ ଖରିଫରେ ୨୩ ହଜାର ୬୦୦ କୁଇଣ୍ଟାଲ ଅଧିକ ଅମଳକ୍ଷମ ଧାନ ବିହନ ଆବଶ୍ୟକ ଥିବା ବେଳେ ସରକାର କେବଳ ୯ ହଜାର ୬୧୨ କୁଇଣ୍ଟାଲ ଯୋଗାଇଛନ୍ତି। କୃଷି ବିଶେଷଜ୍ଞ, ଅଧିକାରୀ, କର୍ମଚାରୀ ପଦବୀ ଖାଲି ଥିବା ଯୋଗୁ କୃଷି ସମ୍ପର୍କିତ ପରାମର୍ଶ ମିଳିବା ସ୍ୱପ୍ନ ପାଲଟିଛି। ଏହି ସୁଯୋଗରେ ବଜାରରେ ନକଲି କମ୍ପାନୀର କୀଟନାଶକ ଓ ବିହନ ବିକ୍ରି ବୃଦ୍ଧି ପାଉଛି। ଚାଷୀ ଶୋଷଣର ଶିକାର ହେଉଛି। ବୀମା କମ୍ପାନୀ ମଧ୍ୟ ଚାଷୀଙ୍କୁ ଶୋଷଣ କରିବାରେ ପଛରେ ପଡିନି । ଅନ୍ୟପକ୍ଷେ ସରକାର ଏ ପର୍ଯ୍ୟନ୍ତ ଭାଗଚାଷୀଙ୍କୁ ଚିହ୍ନଟ କଲେନି। କୃଷିକ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ଏକ ବଡ ଭାଗ ରୂପେ ପରିଚିତ ଭାଗଚାଷୀ ସରକାରୀ ଯୋଜନାର ଲାଭ ପାଉନାହାନ୍ତି। ସରକାରଙ୍କ ଭୁଲ ନୀତି ଲାଗି ଉଭୟ କୃଷି ଓ କୃଷକ ଆଜି ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଚଷା ଘରର ପୁଅ ଚାଷ କାର୍ଯ୍ୟ ଛାଡିବାକୁ ବାଧ୍ୟ ହେଉଛି। କୃଷି ଲାଭଜନକ ନ ହୋଇ ଏକ କ୍ଷତିର ପେସା ଭାବେ ପରିଗଣିତ ହେଲାଣି। ଉତ୍ପାଦିତ ଖାଦ୍ୟଶସ୍ୟର ସଂରକ୍ଷଣ, ବିକ୍ରିବଟା ଓ ଜମିକୁ ଜଳସେଚନର ସୁବିଧା ନ ହେଲେ କୃଷି ସଙ୍କଟକୁ ଦୂରକରି କୃଷକଙ୍କ ପାଇଁ ଭଲଦିନ ଆଶାକରିବା ବୃଥା ହେବ।

– ମୃତ୍ୟୁଞ୍ଜୟ ଶତପଥୀ

# ଫୋର୍ବ୍‌ସ ଧନୀ ସେଲିବ୍ରିଟି ତାଲିକାରେ ଅକ୍ଷୟ କୁମାର



**ଲସ୍ ଏଞ୍ଜେଲସ୍**

ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ବିଶ୍ୱର ସର୍ବାଧିକ ପ୍ରାପ୍ୟ ନେଉଥିବା ଅଭିନେତାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସର୍ବାଧିକ ପ୍ରାପ୍ୟ ନେଉଥିବା ଏକମାତ୍ର ଭାରତୀୟ ଅକ୍ଷୟଙ୍କ ବ୍ୟତୀତ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ ୯୯ ଜଣ କଳାକାର ଅଛନ୍ତି। ଅକ୍ଷୟ ବର୍ଷକୁ ପାଖାପାଖି ୬୫ ନିୟୁତ ଆମେରିକୀୟ ଡଲାର ଆୟ କରି ଏହି ତାଲିକାର ୩୩ତମ ର୍ୟାଙ୍କରେ ରହିଥିବାବେଳେ ସେ ଅନ୍ତର୍ଜାତୀୟ ସ୍ତରର ଲୋକପ୍ରିୟ କଳାକାର ରିହାନ୍ନା, ଜ୍ୟାକି ଚାନ୍, ସ୍କାର୍‌ଲେଟ୍ ଜନ୍‌ସନ୍, କ୍ରିସ ଇଭାନ୍ସ ଏବଂ କାଟି ପେରିଙ୍କୁ ପଛରେ ପକାଇ ଦେଇଛନ୍ତି। ଫୋର୍ବ୍‌ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, 'କେଶରୀ' ଅଭିନେତା ଅକ୍ଷୟ ଫିଲ୍ମ ପିଛା ପାରିଶ୍ରମିକ ବାବଦରେ ୫ ନିୟୁତ ଡଲାରରୁ ୧୦ ନିୟୁତ ଡଲାର ପର୍ଯ୍ୟନ୍ତ ନେଇଥାଆନ୍ତି।

'କେଶରୀ'ର ସଫଳତା ପରେ ଅକ୍ଷୟଙ୍କ ଅଭିନୀତ 'ମିଶନ୍ ମଙ୍ଗଲ୍' ସ୍ୱାଧୀନତା ଦିବସରେ ରିଲିଜ୍ ହେବାକୁ ଯାଉଛି। ଏତଦ୍‌ଭିନ୍ନ 'ହାଉସଫୁଲ୍ ୪' ଏବଂ 'ଗୁଡ୍ ନ୍ୟୁଜ୍' ଚଳିତବର୍ଷ ଶେଷଭାଗରେ ରିଲିଜ୍ ହେବ। ୨୦୨୦ରେ ୫୧ବର୍ଷ ବୟସ୍କ ଏହି ଅଭିନେତାଙ୍କୁ 'ଲକ୍ଷ୍ମୀ ବମ୍ବ' ଏବଂ 'ସୂର୍ଯ୍ୟବଂଶୀ'ରେ ଦେଖିବାକୁ ମିଳିବ।

ସୁପରଷ୍ଟାର ସଲମାନ୍ ଖାନ୍ କିଛିବର୍ଷ ହେଲା ଫୋର୍ବ୍‌ସର ଏହି ତାଲିକାରେ ନିୟମିତ ରହିଆସୁଥିଲେ ହେଁ ଚଳିତବର୍ଷ ୧୦୦ କଳାକାର ତାଲିକାରେ ସେ ସ୍ଥାନ ପାଇପାରିନାହାନ୍ତି।

## ବିବାହର କିଛି ଘଣ୍ଟା ପୂର୍ବରୁ ବନ୍ଧା ହେଲା କୋକେଇ

**କେନ୍ଦୁଝର, ୧୧।୭ (ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହର କିଛି ଘଣ୍ଟା ପୂର୍ବରୁ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଲୋକନାଥ ମହାନ୍ତି। ଗୁରୁବାର ତାଙ୍କର ବିବାହ ପାଇଁ ତିଥି ଧାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟାରେ ସେ ବରଯାତ୍ରୀ ନେଇ କନ୍ୟା ଘରକୁ ବିବାହ ପାଇ ଯାଇଥାନ୍ତେ। କିନ୍ତୁ ତାଙ୍କୁ କୋକେଇରେ ମଶାଣି ନେବାକୁ ପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଲୋକନାଥ କେନ୍ଦୁଝର ସହର ଅଜନ୍ତା ଲଜ୍ ପରିସରରେ ଥିବା ଏକ ଦୋକାନରେ ସେଲ୍‌ସମ୍ୟାନ ଭାବେ କାମ କରନ୍ତି। ଗୁରୁବାର ତାଙ୍କର ବିବାହ ପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିଲା। ପରିବାର ଲୋକଙ୍କ ସହିତ ସମ୍ପର୍କୀୟମାନେ ଘରେ ଭିଡ଼ ଜମାଇଥିଲେ। ବୁଧବାର ତାଙ୍କର ମଙ୍ଗଳକୃତ୍ୟ ଶେଷ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ତାଙ୍କ ଘର ଝଲସି ଉଠୁଥିଲା। ତେବେ ଏପରି ଖୁସି ପରିବେଶ ଭିତରେ ହଠାତ୍ ଆସିଥିଲା କାଳ। ଗୁରୁବାର ସକାଳୁ ନିଦରୁ ଉଠିଥିଲେ ଲୋକନାଥ। ବିବାହ ପାଇଁ କ'ଣ ସବୁ ପ୍ରସ୍ତୁତି ହୋଇଛି ସେ ସବୁର ତଦାରଖ କରିଥିଲେ। ଏହି ସମୟରେ ତାଙ୍କ ଆଖି ପଡିଥିଲା ଘର ବାହାରେ ସଜା ହୋଇଥିବା ଲାଇଟ୍‌ଗୁଡ଼ିକ ଜଳୁଛି, ସକାଳ ହେବା ପରେ ବି କେହି ଅଫ୍ କରିନାହାନ୍ତି। ବାହାରେ ଏକ ସୁଇଚ୍ ବୋର୍ଡ ଝୁଲୁଥିଲା। ସେହି ସୁଇଚ୍ ସେ ଅଫ୍ କରିଦେଇଥିଲେ। ହେଲେ ସେଥିରେ ଲାଗିଥିବା ଏକ ବିଦ୍ୟୁତ୍ ତାର ତାଙ୍କ ହାତରେ ଲାଗି ଯିବାରୁ ସେ ଛିଟିକି ତଳେ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡିବା ପରେ କେନ୍ଦୁଆ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଥିଲେ। କାନ୍ଦବୋବାଳିରେ ତାଙ୍କ ଘର ଫାଟି ପଡିଥିଲା। ଖବର ପାଇ ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭାରତର ପରାଜୟ ଦୁଃଖ

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଧର୍ମଗଡ଼,୧୧।୭(ଡି.ଏନ୍.ଏ.)**

ବୁଧବାର ଆଇସିସି ବିଶ୍ୱ କପ୍ ସେମିଫାଇନାଲରେ ଭାରତର ଶୋଚନୀୟ ପରାଜୟ ଘଟିଛି। ଏଥିରେ ମାନସିକ ଭାରସାମ୍ୟ ହରାଇ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସିନ୍ଧିଭାଡି ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସଂପୃକ୍ତ ଯୁବକ ବୁଧବାର ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଭାରତ ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ ଦେଖୁଥିଲେ। ସାଙ୍ଗମାନଙ୍କ ମଧ୍ୟରେ ଏ ନେଇ ବାଜି ଲାଗିଥିଲା। ଭାରତ ଜିତିବ ବୋଲି ସଂପୃକ୍ତ ଯୁବକ ଦୃଢ଼ ନିଶ୍ଚିତ ଥିଲେ। ହେଲେ ବହୁ ସଂଘର୍ଷ ପରେ ଭାରତ ପରାଜିତ ହୋଇଥିଲା। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁରୁବାର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

### ରେଳ ବଜେଟ ଉପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା

## ଯେତିକି ନଉଛ, ସେତିକି ଦିଅ: ଶ୍ରୀକାନ୍ତ


**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ଓଡ଼ିଶା ପାଇଁ ରେଳ ବଜେଟରେ ଚଳିତବର୍ଷ ମାତ୍ର ୫,୯୯୩ କୋଟି ବ୍ୟୟ ଅଟକଳ ରଖାଯାଇଛି। ପ୍ରକୃତରେ ଦେଖିବାକୁ ଗଲେ ଓଡ଼ିଶାକୁ ମାତ୍ର ୩ ହଜାର କୋଟି ଟଙ୍କା ଦେବାକୁ ଅଟକଳ କରାଯାଇଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶ୍ରୀକାନ୍ତ କହିଛନ୍ତି ଯେ, ଓଡ଼ିଶାଠାରୁ କେନ୍ଦ୍ର ଯେତିକି ନଉଛି ସେତିକି ଦେଉ। ଗତବର୍ଷ ପ୍ରାୟ ୨ ହଜାର କୋଟି ଟଙ୍କା କାମ ନ ହୋଇ କେନ୍ଦ୍ରକୁ ଫେରିଯାଇଥିଲା ଏବଂ ପ୍ରତ୍ୟେକ ବର୍ଷ ମଧ୍ୟ ଏହା ଘଟୁଛି। ଯାହା କେବଳ କାଗଜପତ୍ରରେ ଟଙ୍କା ଆସୁଛି। ଏହାଦ୍ୱାରା ଓଡ଼ିଶାର ରେଳ ବିକାଶ ପାଇଁ ଯାହା ନ୍ୟୁନତମ ଆବଶ୍ୟକତା ସେଗୁଡିକ ମଧ୍ୟ ହୋଇପାରିବ ନାହିଁ। ୧୯୯୬ରେ ଏଚ.ଡି. ଦେବେଗୌଡା ପ୍ରଧାନମନ୍ତ୍ରୀ ଓ ରାମବିଳାସ ପାଶ୍ୱାନ ରେଳ ମନ୍ତ୍ରୀ ଥିଲେ। ସେହି ସମୟରେ ଓଡ଼ିଶାର ଦୀର୍ଘଦିନର ଦାବି ଇଷ୍ଟକୋଷ୍ଟ ରେଳବାଇ ଜୋନ୍ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯାଇଥିଲା। ସେତେବେଳେ ଓଡ଼ିଶାରେ ନୂଆ ଜୋନ୍ ଅଫିସ ପ୍ରତିଷ୍ଠା ସହିତ ହରିଦାଶପୁର–ପାରାଦୀପ, ତାଳଚେର–ସୁକିନ୍ଦା, ଖୋର୍ଦ୍ଧାରୋଡ଼–ବଲାଙ୍ଗୀର ନୂଆ ଲାଇନକୁ କେନ୍ଦ୍ର ମନ୍ତ୍ରୀସଭା ଗ୍ରହଣ କରିବା ସଙ୍ଗେସଙ୍ଗେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାଳଚେର–ସମ୍ବଲପୁର ଲାଇନକୁ ପ୍ରାୟ ୨ଶହ କୋଟି ଟଙ୍କା ଦେଇ ସମ୍ପୂର୍ଣ୍ଣ କରାଯାଇଥିଲା। ରାୟଗଡ଼ା–କୋରାପୁଟ ଲାଇନ ଓ ଟନେଲ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଗଲା। ସେହିଭଳି ରୁପ୍‌ସା–ବାଙ୍ଗିରିପୋଶୀ ଲାଇନକୁ ଦୋହରୀକରଣ କରାଯାଇଥିଲା। ଓଡ଼ିଶାର ଅନ୍ୟ ରେଳ ଲାଇନଗୁଡିକର ଦୋହରୀକରଣ ସଙ୍ଗେସଙ୍ଗେ ଭବାନିପାଟଣାକୁ ମଧ୍ୟ ରେଳ ସଂଯୋଗ କରାଗଲା। ଚଳିତ ରେଳ ବଜେଟରେ ନୂଆ ରେଳ ଲାଇନ ଦୂରର କଥା ଯେଉଁ ରେଳ ପ୍ରୋଜେକ୍ଟ ୨୩ ବର୍ଷ ତଳୁ ଆରମ୍ଭ କରାଯାଇଥିଲା ସେଗୁଡିକୁ ସମ୍ପୂର୍ଣ୍ଣ କରିବାକୁ ଆବଶ୍ୟକୀୟ ଅର୍ଥ ଦିଆଯାଇନାହିଁ। ଇଷ୍ଟକୋଷ୍ଟ ରେଳଜୋନ ପ୍ରତିଷ୍ଠା ପରଠାରୁ ଏହା ସ୍ପଷ୍ଟ ହୋଇଛି ଯେ, ଓଡ଼ିଶା ରେଳ ମନ୍ତ୍ରଣାଳୟକୁ ପ୍ରତିବର୍ଷ ୨୦ରୁ ୨୫ ହଜାର କୋଟି ଟଙ୍କା ଦେଉଥିବା ବେଳେ ଏହାର ଏକ ଚତୁର୍ଥାଂଶ ଅର୍ଥ ଓଡ଼ିଶାକୁ ମିଳୁନାହିଁ। ରେଳ ମନ୍ତ୍ରଣାଳୟରେ ସମୁଦାୟ ୨୦ଲକ୍ଷ କର୍ମଚାରୀଙ୍କ ମଧ୍ୟରୁ ଓଡ଼ିଶା ଲୋକଙ୍କ ସଂଖ୍ୟା ଅତି ନଗଣ୍ୟ। ଟଙ୍କା ଅଧିକ ଓଡ଼ିଶା ଦେବ ଅଥଚ ଆମ ପିଲାଙ୍କ ଚାକିରି ରେଳ ମନ୍ତ୍ରଣାଳୟରେ ନାହିଁ। ରାଜ୍ୟ ଅର୍ଥରେ ଅନ୍ୟ ସ୍ଥାନର ରେଳଯାତ୍ରୀଙ୍କୁ ସବ୍‌ସିଡି (ପ୍ରତି ପାସେଞ୍ଜର ଗୋଟିଏ କି.ମି. ପିଛା ୪୬ପଇସା) ମିଳିବ। ମାତ୍ର ଓଡ଼ିଶାରେ ଦେଶର ସବୁଠୁ କମ୍ ଲୋକ ରେଳରେ ଯାତ୍ରା କରନ୍ତି। କାରଣ ଅଧିକ ଟ୍ରେନ୍ ନାହିଁ କି ଅଧିକ ରେଳ ଲାଇନନାହିଁ। ଯେତିକି ଅର୍ଥ ଓଡିଶାଠାରୁ ନେଉଛ ସେତିକି ଦିଅ ଏବଂ ଏହାସହ ବେକାର ଯୁବତୀ,ଯୁବକଙ୍କୁ ନିଯୁକ୍ତି ଦିଅ ବୋଲି ଶ୍ରୀକାନ୍ତ କହିଛନ୍ତି।

# ଆଣ୍ଡ୍ରଏଡ୍ ଫୋନ୍‌ରେ ଏଜେଣ୍ଟ ସ୍ମିଥ୍ ଭାଇରସ୍

**ନୂଆଦିଲ୍ଲୀ/ଜେରୁଜେଲମ୍, ୧୧।୭**

ଭାରତରେ ୧.୫ କୋଟି ଆଣ୍ଡ୍ରଏଡ୍ ଫୋନ୍ ଭାଇରସ୍‌ର ଶିକାର ହୋଇଛି। ଏହି ଭାଇରସ୍‌ର ନାମ ଏଜେଣ୍ଟ ସ୍ମିଥ୍। ଏନେଇ ଇସ୍ରାଏଲ୍ ସାଇବର ସୁରକ୍ଷା ଗବେଷଣା କମ୍ପାନୀ ଚେକ୍ ପଏଣ୍ଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି। ଏହାଦ୍ୱାରା ହ୍ୱାଟସ୍‌ଆପ୍ ମାଧ୍ୟମରେ ମୋବାଇଲ୍‌ରେ ଥିବା ଅନ୍ୟ ଆପ୍‌ଗୁଡିକୁ ହ୍ୟାକ୍ କରାଯାଉଛି। ଏସବୁ ଆପ୍ ସ୍ଥାନରେ ଡୁପ୍ଲିକେଟ୍ ଭର୍ସନ ଇନ୍‌ଷ୍ଟଲ ହୋଇଯାଉଛି। ଫଳରେ ହ୍ୟାକରମାନେ ବ୍ୟବହାରକାରୀଙ୍କ ତଥ୍ୟ ଚୋରି କରି ନେଉଛନ୍ତି। ପୃଥିବୀର ୨.୫ କୋଟି ଆଣ୍ଡ୍ରଏଡ୍ ଫୋନ୍‌କୁ ଏହି ଭାଇରସ୍ ଆକ୍ରାନ୍ତ କରିଥିବାବେଳେ ଭାରତରେ ଏହି ସଂଖ୍ୟା ୧.୫ କୋଟି ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ସେଥିମଧ୍ୟରୁ ଆମେରିକାର ୩ଲକ୍ଷ ଏବଂ ଇଂଲଣ୍ଡର ୧ଲକ୍ଷ ୩୭ ହଜାର ଆଣ୍ଡ୍ରଏଡ ବ୍ୟବହାରକାରୀ ଅଛନ୍ତି। ଏହି ଭାଇରସ୍ ଥାର୍ଡ ପାର୍ଟି ଆପ୍ ୯–ଆପ୍‌ସ ଡଟ୍ କମ୍




ଦ୍ୱାରା ଆଣ୍ଡ୍ରଏଡ୍ ଫୋନ୍‌କୁ ଆସୁଛି। ଏହି ଭାଇରସ୍ ମାଧ୍ୟମରେ ଆରବୀ, ହିନ୍ଦୀ, ଇଣ୍ଡୋନେସୀୟ ଆଦି ଭାଷାଭାଷୀଙ୍କୁ ଅଧିକ ଟାର୍ଗେଟ୍ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ଭାଇରସ୍ ଦ୍ୱାରା ସାଇବର ଅପରାଧୀମାନେ ବ୍ୟାଙ୍କ ଗୋପନୀୟ ତଥ୍ୟ ଚୋରି କରିବା ସାଙ୍ଗକୁ ଗୁପ୍ତ କଥାବାର୍ତ୍ତା କାନେଇପାରିବେ ବୋଲି କୁହାଯାଉଛି।

ଭାରତୀୟ ଆଣ୍ଡ୍ରଏଡ୍ ଫୋନ୍ ବ୍ୟବହାରକାରୀମାନେ ଅନେକ ସମୟରେ ଥାର୍ଡ–ପାର୍ଟି ଷ୍ଟୋର୍‌ଗୁଡିକରୁ ବିଭିନ୍ନ ଆପ୍ ବା ପରିବର୍ତ୍ତିତ ଭର୍ସନ୍‌ର ଆପ୍ ଡାଉନଲୋଡ କରନ୍ତି। ବିଶେଷକରି ସେକ୍ସ–ସମ୍ପର୍କିତ ଆପ୍, ଗେମ୍ ଏବଂ ଫଟୋଗ୍ରାଫି ଆପ୍‌ରେ ଏଜେଣ୍ଟ ସ୍ମିଥ୍ ଭାଇରସ୍ ଲୁଚିକରି ରହିଥାଏ। ଥରେ ଏଭଳି ଆପ୍ ଫୋନ୍‌ରେ ଇନ୍‌ଷ୍ଟଲ୍ ହୋଇଗଲେ ବ୍ୟବହାରକାରୀ ଏଜେଣ୍ଟ ସ୍ମିଥ୍‌ର ଶିକାର ହୋଇଥାଏ। ଏହି ସମୟରେ ଏଜେଣ୍ଟ ସ୍ମିଥ୍ ହ୍ୱାଟ୍‌ସଆପ୍ ଏବଂ ଫ୍ଲିପ୍‌କାର୍ଟ ଭଳି ଅନ୍ୟ ଲୋକପ୍ରିୟ ଆପ୍‌ରେ ଏହାର କୋଡ ପ୍ରବେଶ କରାଇଥାଏ। ଏହି କୋଡ ମାଧ୍ୟମରେ ବ୍ୟବହାରକାରୀ ପାଖକୁ ଅଧିକରୁ ଅଧିକରୁ ଅନଲାଇନ୍ ବିଜ୍ଞାପନ ଆସିବା ସହଜ ହୋଇଥାଏ।

### ପ୍ରତିକାର ବ୍ୟବସ୍ଥା

- ଫୋନ୍‌କୁ ଅଧିକ ବିଜ୍ଞାପନ ବିଶେଷକରି ସନ୍ଦେହଜନକ ବିଜ୍ଞାପନ ଆସୁଥିଲେ ଏକ ଭଲ ଆଣ୍ଟି–ଭାଇରସ୍ ଆପ୍ ଦ୍ୱାରା ସ୍କାନିଂ କରାଇ ଦିଅନ୍ତୁ। ଏଥିସହିତ ଉତ୍ତମ ନିରାପତ୍ତା ବ୍ୟବସ୍ଥା ଅନୁସରଣ କରନ୍ତୁ।
- ୯ ଆପ୍‌ସ ଭଳି ଥାର୍ଡ–ପାର୍ଟି ଆପ୍ ଷ୍ଟୋର୍‌ରୁ କୌଣସି ଆପ୍ ଡାଉନଲୋଡ କରନ୍ତୁ ନାହିଁ। ଏହା ମାଗଣା ହୋଇଥିଲେ ମଧ୍ୟ ଏହାଦ୍ୱାରା କିଏ କେଉଁଠାରେ ଉପକୃତ ହୋଇଛନ୍ତି ବୁଝିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ଗୁଗଲ୍ ପ୍ଲେ ଷ୍ଟୋର୍‌ରୁ ଆପ୍‌ସ ଡାଉନଲୋଡ କରନ୍ତୁ।
- ଆପଣଙ୍କ ଫୋନ୍ ଏଜେଣ୍ଟ ସ୍ମିଥ୍ ଦ୍ୱାରା ଆକ୍ରାନ୍ତ ହୋଇଥିବାର ସନ୍ଦେହ ହେଲେ, ସେଟିଂକୁ ଯାଇ ହ୍ୱାଟ୍‌ସ ଆପ୍ ଏବଂ ଫ୍ଲିପ୍‌କାର୍ଟର ଡାଟା ଡିଲିଟ କରନ୍ତୁ ଏବଂ ଏହି ଆପ୍‌ଗୁଡିକୁ ପୁଣି ଇନ୍‌ଷ୍ଟଲ୍ କରନ୍ତୁ।
- ଅଜଣା ସୂତ୍ରରୁ ଗେମିଂ ଆପ୍‌ଗୁଡ଼ିକୁ ଡାଉନଲୋଡ କରନ୍ତୁ ନାହିଁ।

> କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ୍ୟ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଧ୍ୟ ମଣିଷ ଭିତରୁ ଅତିମାନବ ଉଠିଆସୁଛି।
> -ଶ୍ରୀଅରବିନ୍ଦ

# ବଜେଟ ତ୍ରୁଟି

ନିକଟରେ ବଜେଟ ଉପସ୍ଥାପନ ପରେ ପରେ ବିଏସ୍‌ଇ ସେନ୍‌ସେକ୍ସ ତଳକୁ ଖସିଥିବା ବେଳେ ଗୁରୁବାର ଓଲଟିଯାଇ ୨୬୬ ପଏଣ୍ଟ ବୃଦ୍ଧିପାଇଛି। ୟୁଏସ୍ ଫେଡ୍ ରେଟ୍ ହ୍ରାସ କରିବାର ସଙ୍କେତ ଦେବା ପରେ ଏହି ବୃଦ୍ଧି ଘଟିଛି। ଗୁରୁବାରକୁ ଛାଡ଼ିଦେଲେ ଜୁଲାଇ ୫ ତାରିଖରେ କେନ୍ଦ୍ର ବଜେଟ ଉପସ୍ଥାପନ ପରଠାରୁ ବୁଧବାର ପର୍ଯ୍ୟନ୍ତ ବିତ୍ତ ବଜାର ୨ ପ୍ରତିଶତ ହ୍ରାସ ପାଇଥିଲା। ଜୁନ୍ ୪ ତାରିଖରେ ସର୍ବକାଳୀନ ଉଚ୍ଚ ସ୍ତରରୁ ଏହା ୪ ପ୍ରତିଶତ ତଳେ ରହିଥିଲା। ଶୁକ୍ରବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ପରେ ଏହା ବିରୋଧରେ ବିତ୍ତ ବଜାରରେ ମଧ୍ୟମ ପ୍ରତିକୂଳ ପ୍ରତିକ୍ରିୟା ପରିପ୍ରେକ୍ଷୀରେ ଉଭୟ ସେନ୍‌ସେକ୍ସ ଓ ନିଫ୍‌ଟି ଚଳିତ ସପ୍ତାହ ପ୍ରାରମ୍ଭରେ ଗତ ଦୁଇବର୍ଷ ଭିତରେ ସବୁଠୁ ବଡ଼ ପତନର ସମ୍ମୁଖୀନ ହୋଇଥିଲା। ବଜେଟ ପରେ ପ୍ରଥମ ବାଣିଜ୍ୟିକ ଦିବସରେ ସେନ୍‌ସେକ୍ସ ୭୯୩ ପଏଣ୍ଟ ହ୍ରାସ ପାଇଥିବା ବେଳେ ନିଫ୍‌ଟି ୨୫୦ ପଏଣ୍ଟ ତଳକୁ ଖସିଥିଲା ଏବଂ ତା'ପରେ ପତନର ଧାରା ଜାରି ରହିଥିଲା। ବୁଧବାର ସେନ୍‌ସେକ୍ସ ଆଉ ୧୭୪ ପଏଣ୍ଟ ହ୍ରାସ ପାଇଥିଲା। ବିତ୍ତ ବଜାରରେ ଏକ ଭୟର ବାତାବରଣ ଖେଳିଯାଇଥିଲା। ନିବେଶକମାନେ ବଜାରରୁ ପୁଞ୍ଜିପ୍ରତ୍ୟାହାର କରିନେଉଥିବା ବେଳେ ବିଦେଶୀ ନିବେଶକ ମଧ୍ୟ ଲାଭ ବାନ୍ଧୁଥିଲେ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଘୋଷଣା କରିଥିବା କେତେକ ନିଷ୍ପତ୍ତି ବଜାର ମନୋଭାବକୁ ଭୟସଂକୁଳ କରିବାରୁ ସେନ୍‌ସେକ୍ସ ହ୍ରାସ ପାଇଥିଲା। କ୍ରେତାଙ୍କ ମନୋଭାବ ପ୍ରତି ଦୃଷ୍ଟି ନ ଦେଇ ଚଳିତବର୍ଷ ବଜେଟରେ କେତେକ ଆମଦାନି ଉପରେ ଶୁଳ୍କ ବୃଦ୍ଧି କରାଯାଇଥିଲା। ବିଦେଶୀ ବଜାରରେ ସେମାନଙ୍କ ଦ୍ରବ୍ୟଗୁଡ଼ିକର ସୁରକ୍ଷା ପାଇଁ ଅନୁରୂପ ପଦକ୍ଷେପ ନେବାର ସମ୍ଭାବନା ସୃଷ୍ଟି ହୋଇଛି। ଭାରତ ତା'ର ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବାର ଉତ୍ତମ ଇତିହାସ ନାହିଁ। ଶିଳ୍ପଗୁଡ଼ିକର ସୁରକ୍ଷା ପାଇଁ ଶୁଳ୍କ ବୃଦ୍ଧି କଲେ ଦ୍ରବ୍ୟଗୁଡ଼ିକର ଦାମ୍ ବୃଦ୍ଧି ପାଇବ ଏବଂ ସେଗୁଡ଼ିକ ପ୍ରତିଯୋଗିତାକ୍ଷମ ହୋଇପାରିବ ନାହିଁ। ଘରୋଇ ବଜାରରେ ପ୍ରତିଯୋଗିତା ଅଭାବରୁ ଏକଚାଟିଆ କାରବାର ଦେଖାଦେବ ଏବଂ ଫଳତଃ ଦାମ୍ ମଧ୍ୟ ବୃଦ୍ଧି ପାଇବ। ବର୍ତ୍ତମାନର ବିଶ୍ୱ ଯୋଗାଣ ଶୃଙ୍ଖଳରେ ସୁରକ୍ଷାବାଦ ଏକ ଅତୀତର ବିଷୟ। ତାହା ଏବେ ଆଉ ଚଳୁନାହିଁ। ଅନ୍ତର୍ଜାତୀୟ ବଜାର ଦେଶ-ବିଦେଶର ସୀମା ଦେଇ ଦ୍ରବ୍ୟ ଓ ସେବାଗୁଡ଼ିକର ସ୍ୱଚ୍ଛନ୍ଦ ଯାତାୟାତ ଆଶା କରୁଛି, ଯେଉଁଥିପାଇଁ ଏକ ସ୍ଥିର ବାଣିଜ୍ୟ ନୀତିର ଆବଶ୍ୟକତା ରହିଛି। ଶୁଳ୍କ ବୃଦ୍ଧି ହେତୁ ଦାମ୍ ବୃଦ୍ଧି ପାଇଲେ ବିଶ୍ୱ ବଜାରରେ ଭାରତର ଅଂଶକୁ ବର୍ତ୍ତମାନର ୨ ପ୍ରତିଶତରୁ ବୃଦ୍ଧି କରିବା ଲାଗି ସରକାରଙ୍କ ଲକ୍ଷ୍ୟ ବ୍ୟାହତ ହେବ।

**ଆଜିର ଅର୍ଥନୀତି**

ଟିକସ ବୋଝ ବୃଦ୍ଧିକରିବା ପରି ଅର୍ଥମନ୍ତ୍ରୀଙ୍କ କେତେକ ପ୍ରସ୍ତାବ ନିବେଶକମାନଙ୍କୁ ନିରୁତ୍ସାହିତ କରିଛି। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ବିଦେଶୀ ନିବେଶକଙ୍କ ଉପରେ ଦୀର୍ଘକାଳୀନ ପୁଞ୍ଜିଲାଭ ଟିକସ ବୃଦ୍ଧିକରିବା ଏବଂ କମ୍ପାନୀଗୁଡ଼ିକ ଦ୍ୱାରା ଶେୟାରଗୁଡ଼ିକର ପୁନଃକ୍ରୟ ଉପରେ ୨୦ ପ୍ରତିଶତ ଟିକସ ଲଦିବା। ଅତି ଧନୀଙ୍କ ଉପରେ ସରକାର ଯେଉଁ ସର୍‌ଚାର୍ଜ ଲାଗୁ କରିଛନ୍ତି, ତାହା ମଧ୍ୟ ବଜାର ଉପରେ ପ୍ରଭାବ ପକାଇଛି। ଅତି ଧନୀଙ୍କ ଉପରେ ଲଗାଯାଇଥିବା ଟିକସ ସରକାରଙ୍କ ରାଜକୋଷ ବୃଦ୍ଧି କରିବାରେ ଖୁବ୍ ବେଶି ସାହାଯ୍ୟ କରି ନ ପାରେ। ଏହାଦ୍ୱାରା ସେମାନେ ଅନ୍ୟ ଦେଶକୁ ଚାଲିଯିବାର ମଧ୍ୟ ସମ୍ଭାବନା ରହିଛି। କେତେକ ତାଲିକାଭୁକ୍ତ କମ୍ପାନୀର ସର୍ବନିମ୍ନ ପବ୍ଲିକ୍ ଶେୟାର୍‌ହୋଲ୍‌ଡିଂ ପରିମାଣ ୨୫ ପ୍ରତିଶତରୁ ୩୫ ପ୍ରତିଶତକୁ ବୃଦ୍ଧି କରିବା ଲାଗି ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ନିବେଶକମାନେ ପସନ୍ଦ କରୁନାହାନ୍ତି। ଦେଶର ଘରୋଇ ନିବେଶକଙ୍କ ଲାଗି ବଜେଟରେ କୌଣସି ପ୍ରୋତ୍ସାହନ ନାହିଁ, ଯେଉଁମାନେ ନିଯୁକ୍ତି ସୃଷ୍ଟିର ପ୍ରମୁଖ ଉତ୍ସ। କେବଳ କିଛି ମନଭୁଲାଣିଆ କଥା କହିବା ବ୍ୟତୀତ ବଜେଟରେ ଅର୍ଥମନ୍ତ୍ରୀ କୌଣସି ଢାଞ୍ଚାଗତ ସଂସ୍କାର ବିଷୟରେ କହିନାହାନ୍ତି।

ଆଗାମୀ ମାସଗୁଡ଼ିକରେ ବଜାରର କୁଟିଳ ଗତି ସରକାରଙ୍କ ସଂସ୍କାର ଉପରେ ଅନେକାଂଶରେ ନିର୍ଭର କରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଆର୍ଥିକ ନୀତିର ସରଳତା ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଶ୍ୱ ଲିକ୍ୱିଡିଟିକୁ ଟାଇଟ୍ କରିଦେଲେ ତାହା ବିଦେଶୀ ପାଣ୍ଠିର ଅନ୍ତଃପ୍ରବେଶକୁ ପ୍ରଭାବିତ କରିବ। ଗୁରୁବାର ୟୁଏସ୍ ଫେଡ୍‌ର ସୂଚନା ଏକ ସୁଧହାର ହ୍ରାସର ଆଶା ଉଜ୍ଜୀବିତ କରିଛି। ଏହା ବିଶ୍ୱ ବଜାରକୁ ସାହାଯ୍ୟ କରିପାରେ କାରଣ ବିଦେଶୀ ସଂସ୍ଥା (ଏଫ୍‌ଆଇ)ଗୁଡ଼ିକ ଉଦୀୟମାନ ବଜାରଗୁଡ଼ିକରେ ପୁଞ୍ଜିନିବେଶ ବଳବତ୍ତର ରଖିବେ। ସରକାର କୃତ୍ରିମଭାବରେ ବଜାରକୁ ସମର୍ଥନ କରିବାର ଇଚ୍ଛାରୁ ନିବୃତ୍ତ ରହିବା ଦରକାର। ବଜାର ତଳକୁ ଖସୁଥିବା ଦେଖି ସରକାର ତା'ର ସ୍ୱାଭାବିକ ପ୍ରତିକ୍ରିୟାରେ ରାଷ୍ଟ୍ରାୟତ୍ତ ଇନ୍‌ସ୍ୟୁରାନ୍ସ ସଂସ୍ଥା ଓ ବ୍ୟାଙ୍କଗୁଡ଼ିକୁ ଇକ୍ୱିଟି କିଣି ସୂଚକାଙ୍କ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ସରକାର ଏପରି କରିବା ଉଚିତ ନୁହେଁ। ବରଂ ଇକ୍ୱିଟିଗୁଡ଼ିକର ମୁକ୍ତ କାରବାରକୁ ସରକାର ଅନୁମତି ଦେବା ଉଚିତ। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ଇକ୍ୱିଟି କିଣିବାକୁ ବାଧ୍ୟ କରି ବଜାର ସ୍ଥିତିକୁ ସୁଧାରିବାକୁ ଚେଷ୍ଟା କଲେ ସରକାର ଭୟଭୀତ ହୋଇପଡ଼ିଛନ୍ତି ବୋଲି ସୂଚନା ମିଳିବ ଏବଂ ନିବେଶକମାନେ ଆହୁରି ଭୀତତ୍ରସ୍ତ ହୋଇପଡ଼ିବେ। ତା' ନ କରି ସରକାର ବରଂ ଦୀର୍ଘକାଳୀନ ସଂସ୍କାର ବ୍ୟବସ୍ଥା ପ୍ରଚଳନ କରନ୍ତୁ। ଆମଦାନି ବା ବହିଃଶୁଳ୍କ ବୃଦ୍ଧି କରିବା କୌଣସି ମତେ ଅର୍ଥନୀତି ପାଇଁ ଲାଭଦାୟକ ହେବନାହିଁ।

# ମହାପ୍ରଭୁଙ୍କ ମହାପ୍ରସାଦ



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ସାଂସ୍କୃତିକ ପ୍ରାଣକେନ୍ଦ୍ର। ଆମ ଆଧ୍ୟାତ୍ମିକ ଆସ୍ଥା ଓ ସାମାଜିକ ବିଚାର ଧାରାର କେନ୍ଦ୍ରବିନ୍ଦୁ। ଓଡ଼ିଶାର ସାମାଜିକ ଚଳଣି, ଖାଦ୍ୟପେୟ ରୀତିନୀତି ଓ କଳା ସଂସ୍କୃତିକୁ ଅଙ୍ଗୀଭୂତ କରି ପରିପୁଷ୍ଟ ହୋଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ଏହା ମୂଳରେ ରହିଛି ଧର୍ମୀୟ ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନର ପ୍ରେରଣା, ଭ୍ରାତୃଭାବ, ସଂହତି ରକ୍ଷା ଓ ଅଲୌକିକ ମାନବିକତାର ଗଭୀର ସ୍ପନ୍ଦନ। ଅର୍ଥାତ୍ ମହାନ୍ ଅନ୍ତଃପ୍ରେରଣାରେ ଦୀପ୍ତିମନ୍ତ ତା'ର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବରେ ନିହିତ ମଣିଷ ଜୀବନକୁ ସରସ, ସୁନ୍ଦର ଓ ସୃଜନଶୀଳ କରି ଗଢ଼ିତୋଳିବାର ଏକ ବ୍ୟବସ୍ଥିତ ଦୃଷ୍ଟିଭଙ୍ଗୀ। ଏହାର ଚୂଡ଼ାନ୍ତ ଦୃଷ୍ଟାନ୍ତ ହେଉଛି ମହାପ୍ରଭୁଙ୍କର ମହାପ୍ରସାଦ।

ମହାପ୍ରଭୁଙ୍କ ମହାପ୍ରସାଦ ଅମୃତ ତୁଲ୍ୟ। ମାନବଶରୀର ସୁରକ୍ଷାରେ ତା'ର ଭୂମିକା ଅବର୍ଣ୍ଣନୀୟ। ପୃଥିବୀର ସର୍ବପ୍ରାଚୀନ ଶାସ୍ତ୍ର ଆୟୁର୍ବେଦକୁ ଭିତ୍ତିକରି ତିଆରି ହୋଇଛି ମହାପ୍ରଭୁଙ୍କ ମହାପ୍ରସାଦ ବିଧି। ପ୍ରତିଦିନ ପ୍ରଭୁଙ୍କ ମଣୋହି ଗୋପାଳ ବଲ୍ଲଭ ଧୂପରୁ ଆରମ୍ଭହୋଇ ଶେଷ ହୁଏ ବଡ଼ସିଂହାର ଧୂପରେ। ଅନ୍ନ ଓ ବ୍ୟଞ୍ଜନ ସହିତ ଭୋଗଲାଗେ ବରା, କାକରା, ଲଡ଼ୁ, ପିଠା ଓ ଆହୁରି ଅନେକ ପ୍ରକାର ସାତ୍ତ୍ୱିକ ଖାଦ୍ୟ। ମନ୍ଦିର ବିଧି ଅନୁସାରେ ଏସବୁ ପ୍ରସ୍ତୁତ ହୁଏ ଦେଶୀ ପନିପରିବା, ଫଳମୂଳ, ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ପ୍ରାକୃତିକ ପଦାର୍ଥରୁ। ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ଏସବୁ ଖାଦ୍ୟରେ ଆଦୌ ବ୍ୟବହାର ହୁଏନି ବିଲାତି ଆଳୁ, ବିଲାତି ବାଇଗଣ ଆଦି ବୈଦେଶିକ ପରିବା। ମାତ୍ର ବିଡ଼ମ୍ବନାର ବିଷୟ ଅମୃତଭଣ୍ଡା ଭଳି କିଛି ପରିବାକୁ ବିଦେଶୀ କହି ମହାପ୍ରସାଦଠାରୁ ଦୂରେଇ ରଖାଯାଇଛି, ଯାହା ଶୁଦ୍ଧ ସାତ୍ତ୍ୱିକ ଖାଦ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ। ଆୟୁର୍ବେଦ କହେ ଅମୃତଭଣ୍ଡା ଅମୃତ ସମ ଏକ ସାତ୍ତ୍ୱିକ ଖାଦ୍ୟ। ସୁସ୍ଥ ଓ ନୀରୋଗ ଜୀବନ ଧାରଣ ପାଇଁ ଏହା ଏକାନ୍ତ ଜରୁରୀ। ଶରୀରର ପୁଷ୍ଟିସାଧନ ନିମନ୍ତେ ଏଥିରେ ରହିଛି ପର୍ଯ୍ୟାପ୍ତ ପରିମାଣର ଜୀବସାର କ, ଖ, ଗ ଓ ଘ। ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେଥିରେ ରହିଛି ଭରପୂର ପେପେନ ଏଞ୍ଜାମିନ୍। ତା'ର କ୍ଷୀରରେ ବି ରହିଛି ଅଦ୍ଭୁତ ଔଷଧୀୟ ଗୁଣ। ବିଶେଷଜ୍ଞଙ୍କ ମତରେ ଦନ୍ତ ରୋଗ, ଅର୍ଶ ତଥା ଯକୃତ୍ ଓ ମନ୍ଦାଗ୍ନି ଆଦି ଉଦର ରୋଗ ପାଇଁ ଏହା ଏକ ମହାର୍ଘ ମହୌଷଧି। ଏଥିରେ ପୂର୍ଣ୍ଣମାତ୍ରାରେ ଫାଇଭର ଥାଏ, ଯାହା ଦୂର କରେ କଫ ସମସ୍ୟା। କଞ୍ଚାଭଣ୍ଡା ରକ୍ତରେ ଥିବା ଶର୍କରା ଅଂଶକୁ କମ୍ କରୁଥିବାରୁ ଏହା ମଧୁମେୟ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ। ତେଣୁ ଗୁଣବତ୍ତା ଦୃଷ୍ଟିରୁ ଏହା ମହାପ୍ରଭୁଙ୍କ ବ୍ୟଞ୍ଜନରେ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ। ଅଥଚ ଏ ଦିଗରେ ବାଧକ ହୋଇ ଉଭା ହୋଇଛି ତା'ର ଉତ୍ପତ୍ତି ସ୍ଥଳ। ଦକ୍ଷିଣ ମେକ୍ସିକୋରୁ ଆସିଛି ବୋଲି କହି ତାକୁ ଅମୃତ ମଣୋହିଠାରୁ ଦୂରେଇ ରଖାଯାଇଛି ପରମ୍ପରାକ୍ରମେ।

ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଉଚିତ ଜଗନ୍ନାଥ କେବଳ ଏକ ଆଧ୍ୟାତ୍ମିକ ଉପଲବ୍ଧିର ପୀଠ ନୁହନ୍ତି, ବରଂ ସେ ହେଉଛନ୍ତି ଏକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ; ଯାହାର ବ୍ୟାପକତା ଅକଳ୍ପନୀୟ। ମାନବ ଜାତିର ପରମ୍ପରା, ଜୀବନଚର୍ଯ୍ୟା ତଥା ଆଧ୍ୟାତ୍ମିକ ଓ ସାମାଜିକ ଜୀବନର ନିରବଚ୍ଛିନ୍ନ ପ୍ରତିଫଳନରେ ପ୍ରାଣବନ୍ତ, ଛବିଳ ଓ ମହିମାନ୍ୱିତ ହୋଇଛି ଜଗନ୍ନାଥ ତତ୍ତ୍ୱ, ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ବିଜ୍ଞାନ। ଅର୍ଥାତ୍ ଆଞ୍ଚଳିତ ସଂକୀର୍ଣ୍ଣତା ନୁହେଁ, ପାରିବେଶିକ ପ୍ରତିବଦ୍ଧତାକୁ ନେଇ ତିଆରି ହୋଇଛି ମହାପ୍ରଭୁଙ୍କ ଖାଦ୍ୟଶୃଙ୍ଖଳା। ଶାସ୍ତ୍ର କହେ ପ୍ରକୃତିଦତ୍ତ ଅଣୁ ପରମାଣୁରେ ତିଆରି ହୋଇଛି ମଣିଷ ଶରୀର। ତା'ର ପୁଷ୍ଟି ସାଧନ ନିମନ୍ତେ ଆବଶ୍ୟକ ପରିବେଶ ଉପଯୋଗୀ ସାତ୍ତ୍ୱିକ ଆହାର। ପ୍ରକୃତିର ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ପରିବେଶ ଉପଯୋଗୀ ଖାଦ୍ୟଶସ୍ୟ ଉତ୍ପାଦିତ ହୁଏ ସ୍ଥାନୀୟ ଜଳବାୟୁରେ। ଏହି ଦୃଷ୍ଟିରୁ ବିଚାର କଲେ ଅମୃତଭଣ୍ଡା ଏମିତି ଏକ ପରିବା, ଯାହା ଜୈବିକ ଉପାୟରେ ଓ ସ୍ଥାନୀୟ ପରିବେଶରେ ପ୍ରଚୁର ପରିମାଣରେ ଫଳେ ବର୍ଷତମାମ। ଏଥିପାଇଁ ଆବଶ୍ୟକ ହୁଏନି ରାସାୟନିକ ସାର ଓ କୀଟନାଶକ। ଅଥଚ ଅମୃତସମ ଆହାର ଅମୃତଭଣ୍ଡା ପରିବର୍ତ୍ତେ ମହାପ୍ରସାଦରେ ଏମିତି କିଛି ପରିବା ବ୍ୟବହାର ହୋଇଛି, ଯାହାର ଉତ୍ପତ୍ତିସ୍ଥଳ ବିଦେଶରେ।

ସଂଗୃହୀତ ତଥ୍ୟ ଅନୁସାରେ ମହାପ୍ରସାଦରେ ବ୍ୟବହାର ହେଉଥିବା ମାଟିଆଳୁ ଆସିଛି ଆଫ୍ରିକାରୁ। ପୋଟଳ ଓ କଞ୍ଚାକଦଳୀର ଉତ୍ପତ୍ତିସ୍ଥଳ ଯଥାକ୍ରମେ ଆମେରିକା ଓ ନେଦରଲାଣ୍ଡ। ଦକ୍ଷିଣ ଏସିଆରୁ ଆସିଛି ବାଇଗଣ ଓ ପାଣିକଖାରୁ। ଲାଟିନ୍ ଆମେରିକାରୁ ଆସିଥିବା କନ୍ଦମୂଳ ମଧ୍ୟ ବ୍ୟବହାର ହେଉଛି ଦେଶୀ ପରିବା ଭାବରେ। ଏହି ଦୃଷ୍ଟିରୁ ବିଚାର କଲେ ଅମୃତଭଣ୍ଡାକୁ ବିଦେଶୀ ପରିବା କହି ମହାପ୍ରସାଦଠାରୁ ଦୂରେଇ ରଖିବାରେ ଯଥାର୍ଥତା କିଛି ନାହିଁ। ପରମ୍ପରାକୁ ମାନଦଣ୍ଡ ଭାବରେ ଗ୍ରହଣ କଲେ ବି ଆଦୌ ଯୁକ୍ତିସିଦ୍ଧ ମନେହୁଏନି ତାକୁ ମହାପ୍ରସାଦଠାରୁ ଦୂରେଇ ରଖିବା ନିଷ୍ପତ୍ତି। ଏ କଥା ଅବଶ୍ୟ ସତ୍ୟ ଯେ ବ୍ୟବସ୍ଥାକୁ ଅଙ୍ଗୀଭୂତ କରି ନେଇଥିବା କିଛି ପରମ୍ପରାକୁ ବଦଳେଇ ହୁଏନି ସହଜରେ। ଜୋର୍‌କରି ବଦଳେଇବାକୁ ଚେଷ୍ଟା କଲେ ସେଥିରେ କିଛି ଗୋଟେ ଭାଙ୍ଗିଯାଏ, ଯଦ୍ୱାରା ଆଉ ଯୋଡ଼ି ହୁଏନି କି ସଜାଡ଼ି ହୁଏନି ପୂର୍ବ ବ୍ୟବସ୍ଥା। ମାତ୍ର ଶ୍ରୀମନ୍ଦିର ପରମ୍ପରା ଏକ ଅପରିବର୍ତ୍ତନୀୟ ପ୍ରକ୍ରିୟା ନୁହେଁ, ଏହା ପରିବର୍ତ୍ତନଶୀଳ। ତା'ର ସଂସ୍କାରସ୍ନାତ ଉଦାରତା କଥା ବିଚାରକଲେ ପ୍ରଥମେ ଆଖିଆଗକୁ ଆସେ ଶ୍ରୀମନ୍ଦିର ପରିଚାଳନା ବ୍ୟବସ୍ଥା। ଆଗେ ଶ୍ରୀମନ୍ଦିର ଥିଲା ଗଜପତିଙ୍କ ତତ୍ତ୍ୱାବଧାନରେ। ପରବର୍ତ୍ତୀ ସମୟରେ ତା'ର ପରିଚାଳନା ଦାୟିତ୍ୱ ହାତକୁ ନେଲେ ସରକାର। ମନ୍ଦିର ନିର୍ମାଣ ହୋଇଥିଲା ଲାଖି, ଚୂନ, ଗୁଡ଼ ଓ ଝୁଣା ସାହାଯ୍ୟରେ। ସେସବୁ ସାମଗ୍ରୀ ଆଉ ବ୍ୟବହାର ହେଉନି ମନ୍ଦିର ମରାମତି ବେଳେ। କେଉଁ ପ୍ରାଚୀନ କାଳରୁ ମନ୍ଦିରରେ ପ୍ରଚଳିତ ଥିଲା ଦେବଦାସୀ ନୃତ୍ୟ ପରମ୍ପରା। ସମୟକ୍ରମେ ତାହା ଉଚ୍ଛେଦ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ। ଅନ୍ଧାର ଦୂର କରିବା ପାଇଁ ମନ୍ଦିର ଭିତରେ ଆଗଭଳି ଆଉ ଦୀପ ଜଳୁନାହିଁ, ଏବେ ଜଳୁଛି ଉଜ୍ଜ୍ୱଳ ବିଜୁଳିବତି। ଦିନଥିଲା ତାଳପତ୍ର ଛତା ବ୍ୟତୀତ କପଡ଼ା ଛତା ନେଇ କେହି ପ୍ରବେଶ କରିପାରୁ ନ ଥିଲେ ମନ୍ଦିର ଭିତରେ। କାଳକ୍ରମେ କୋହଳ ହେଲା ସେ ନୀତି। ପୂର୍ବରୁ ମନ୍ଦିରରେ ରୋଷ ଘରେ ଧୂଆଁ ନିର୍ଗତ ପାଇଁ କାନ୍ଥରେ ଥିଲା ବଡ଼ ବଡ଼ ଛିଦ୍ର ବା ଜଳା କବାଟ। ଏବେ ଧୂଆଁ ନିର୍ଗତ ପାଇଁ ଖଞ୍ଜାଯାଇଛି ବିଜୁଳିଚାଳିତ ପଙ୍ଖା। ମହାପ୍ରଭୁଙ୍କ ଖାଦ୍ୟ ଶୃଙ୍ଖଳାରେ ବି ଆସିଛି ଅନେକ ପରିବର୍ତ୍ତନ। ମେକ୍ସିକୋରୁ ଆସିଥିବା କାରଣରୁ ଆଗେ ମହାପ୍ରସାଦରେ ବ୍ୟବହାର ହେଉ ନ ଥିଲା ପାଣିକଖାରୁ। ମାତ୍ର ରାମାନୁଜଙ୍କ ଶ୍ରୀକ୍ଷେତ୍ର ଅବସ୍ଥାନ କାଳରେ ବଦଳିଲା ପରମ୍ପରା। ତାଙ୍କ ହସ୍ତକ୍ଷେପ ଫଳରେ ବ୍ୟବହାର ହେଲା ପାଣିକଖାରୁ। ଆଗେ କେବଳ ଢିଙ୍କିକୁଟା ଚାଉଳରେ ପ୍ରସ୍ତୁତ ହେଉଥିଲା ଅନ୍ନ। ଏବେ ବ୍ୟବହାର ହେଉଛି କଳକୁଟା ଚାଉଳ। ଦିନଥିଲା ଗୁଡ଼ ବ୍ୟତୀତ ଚିନି ବ୍ୟବହାର ହେଉ ନ ଥିଲା ମହାପ୍ରଭୁଙ୍କ ବ୍ୟଞ୍ଜନରେ। ଏବେ ବ୍ୟବହାର ହେଉଛି ଉଭୟ ଗୁଡ଼ ଓ ଚିନି। ମହାପ୍ରଭୁଙ୍କ ବ୍ୟଞ୍ଜନରେ ଆଗେ ନ ଥିଲା କାଙ୍କଣ ଫଳର ବ୍ୟବହାର। ମାଦଳାପାଞ୍ଜି ଅନୁସାରେ ତକୀ ଖାଁର ଆକ୍ରମଣ ବେଳେ ସେବକମାନେ ମହାପ୍ରଭୁଙ୍କୁ ନେଇ ରଖିଥିଲେ ଚିଲିକାର କାଙ୍କଣ ଶିଖରରେ। ସେଇ ନୀରବ ନିଶ୍ଚଳ ପାହାଡ଼ରେ ମହାପ୍ରଭୁଙ୍କ ଶୀତଳ ମଣୋହି ଥିଲା କାଙ୍କଣ ଫଳ। ତା' ପରଠୁ ପ୍ରଚଳିତ ହେଲା ଏଠାରୁ ଲକ୍ଷ୍ମୀ ରୋଷ ଘରକୁ କାଙ୍କଣ ପ୍ରେରଣ ପରମ୍ପରା। ମେକ୍ସିକୋରୁ ଆସିଥିବା କାରଣରୁ ଲଙ୍କା ବଦଳରେ ମହାପ୍ରଭୁଙ୍କ ବ୍ୟଞ୍ଜନରେ ବ୍ୟବହାର ହୁଏ ଗୋଲମରିଚ। ଏବେ କିନ୍ତୁ ଆନନ୍ଦ ବଜାରରେ ଭକ୍ତମାନଙ୍କ ଅବଢ଼ା ସେବନ ବେଳେ କଞ୍ଚାଲଙ୍କା ଜାହିର କଲାଣି ତା'ର ଉପସ୍ଥିତି।

ଅତଏବ ମାନବବାଦର କଥା ହେଉ କି ସ୍ୱାସ୍ଥ୍ୟ ସୁରକ୍ଷା ସବୁ କ୍ଷେତ୍ରରେ ଏକ କଲ୍ୟାଣକାରୀ ଆଭିମୁଖ୍ୟର ସୂଚକ ହେଉଛି ଜଗନ୍ନାଥ ସଂସ୍କୃତି। ଏକ ପ୍ରଗତିଶୀଳ ଦର୍ଶନ ଭାବରେ ତାହା ସର୍ବଦା ନିତ୍ୟ ନୂତନତାରେ ବିମଣ୍ଡିତ। ଏହି ପରିବର୍ତ୍ତନ କ୍ରମରେ ଅମୃତଭଣ୍ଡାର ଗୁଣବତ୍ତା ସମୀକ୍ଷାପୂର୍ବକ ତାକୁ ମହାପ୍ରସାଦରେ ବ୍ୟବହାର ନିମନ୍ତେ ବ୍ୟବସ୍ଥା ଗ୍ରହଣ କଲେ ଉପକୃତ ହୋଇପାରନ୍ତେ ମହାପ୍ରସାଦ ସେବନ କରୁଥିବା ରୋଗୀଠାରୁ ଯୋଗୀ ପର୍ଯ୍ୟନ୍ତ କୋଟି କୋଟି ଭକ୍ତ। ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱ ପରିବ୍ୟାପକତାରେ ଯୋଡ଼ି ହୋଇ ଯାଆନ୍ତା ଉଦାରଶୀଳତାର ଆଉ ଏକ ଫର୍ଦ୍ଦ।

ବିଜୁପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ବୌଦ୍ଧତନ୍ତ୍ରରେ ଦାରୁଦିଅଁ



ଡ. ଭାଗ୍ୟଲିପି ମଲ୍ଲ

ଜଗନ୍ନାଥ ଦାରୁଦେବତା। କାଠରେ ଗଢ଼ା ତାଙ୍କ ଦେହ। ପୁଣି ବିଶ୍ୱାବସୁ ଶବର ପୂଜିତ ଠାକୁର। ତେଣୁ ପ୍ରଥମତଃ ସେ ବନବାସୀ ମଣିଷଙ୍କ ଦିଅଁ। ପ୍ରାଚୀନ ଓଡ଼ିଶା ଥିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏବଂ ଆଦିବାସୀମାନେ ମୁଖ୍ୟତଃ ପ୍ରକୃତି ପୂଜକ। ଶାସ୍ତ୍ରଭାଷାରେ ସେମାନଙ୍କୁ ଆମେ ଶକ୍ତି ଉପାସକ କହିପାରିବା। ତେବେ ଶାକ୍ତ ସାଧନାର ଭିତ୍ତିଭୂମି ତନ୍ତ୍ର। ତେଣୁ ତନ୍ତ୍ର ସେମାନଙ୍କର ଅତି ପ୍ରିୟ।

ଓଡ଼ିଶାରେ ମୁଖ୍ୟତଃ ତନ୍ତ୍ରର ତିନୋଟି ଧାରା ଦେଖିବାକୁ ମିଳେ। ଆଦିବାସୀତନ୍ତ୍ର, ବୌଦ୍ଧତନ୍ତ୍ର ଓ ହିନ୍ଦୁତନ୍ତ୍ର। ଓଡ଼ିଶା ଆଦିବାସୀବହୁଳ ରାଜ୍ୟ ହୋଇଥିବାରୁ ଆଦିବାସୀତନ୍ତ୍ରର ପ୍ରାବଲ୍ୟ ଏଠାରେ ରହିବା ସ୍ୱାଭାବିକ। ଅଣସର ଘରେ ଦିଅଁମାନଙ୍କୁ ଜ୍ୱର ହେବା ଏବଂ ଜ୍ୱରର ନିରାକରଣ ପଦ୍ଧତି ଜଡ଼ିବୁଟି ଇତ୍ୟାଦି ଆଦିବାସୀତନ୍ତ୍ରର ପ୍ରଭାବ ନିଶ୍ଚୟ। ଜଡ଼ିବୁଟି, ଗୁଣିଗାରେଡ଼ି, ଶକ୍ତିସାଧନା ଆଦିବାସୀତନ୍ତ୍ରର ମୂଳ ଉପାଦାନ। ମାତ୍ର ଏହି ଆଦିବାସୀ ତନ୍ତ୍ର କେତେବେଳେ ଓ କିପରି ବୌଦ୍ଧତନ୍ତ୍ରକୁ ସଂକ୍ରମିତ ହେଲା, ତାହା ହିଁ ଅନୁସନ୍ଧେୟ।

ବୌଦ୍ଧଧର୍ମ ଗୌତମ ନାମକ ଜଣେ ରାଜପୁତ୍ରର ସାଧନାର ସାରକଥା। ସଂସାର ଦୁଃଖପୂର୍ଣ୍ଣ, କାମନା ହିଁ ଦୁଃଖର କାରଣ ଏବଂ କାମନାର ବିନାଶରେ ଦୁଃଖର ବିନାଶ। ଏବଂ ନିର୍ବାଣପ୍ରାପ୍ତି ହିଁ ମଣିଷର ଏକମାତ୍ର କାମନା ଥିଲା ସେହି ରାଜପୁତ୍ରଙ୍କର ବାଣୀ। ସମକାଳର ବ୍ରାହ୍ମଣ୍ୟବାଦ ଓ ଭୋଗମତ୍ତ କ୍ଷମତାକୁ ଏହା ଆହତ କରିଛି। ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ମାତ୍ର ବୁଦ୍ଧଙ୍କ କଥା ସାଧାରଣ ଜନତାଙ୍କୁ ଏତେ ପ୍ରଭାବିତ କରିଛି ଯେ, କ୍ଷମତା ବାଧ୍ୟ ହୋଇଛି ବୁଦ୍ଧଙ୍କୁ ସ୍ୱୀକାର କରିବାକୁ। ଶେଷରେ ରାଜପୃଷ୍ଠପୋଷକତା ଲାଭ କରିଛି ବୌଦ୍ଧଧର୍ମ। ସାଧାରଣ ମଣିଷର ବିଶ୍ୱାସ ମିଶିଯାଇଛି ବୌଦ୍ଧଧର୍ମରେ।

ମାତ୍ର କଥା ହେଉଛି ସମକାଳରେ ସାଧାରଣ ମଣିଷର ଜୀବନ ବହୁ ବିଶ୍ୱାସ ଦ୍ୱାରା ନିୟନ୍ତ୍ରିତ ଏବଂ ସବୁ ବିଶ୍ୱାସର ମୂଳ ଆଧାର ଶାକ୍ତବିଚାର। ଶାକ୍ତବିଚାର କହେ- ସମଗ୍ର ବ୍ରହ୍ମାଣ୍ଡ ମାତୃଶକ୍ତି ଦ୍ୱାରା ପରିଚାଳିତ। ଯିଏ ସମ୍ମୋହନ, ଜନ୍ମ, ଜୀବନ, ମରଣ ଓ ପୁନର୍ଜନ୍ମର କାରଣ। ତେଣୁ ଯେଉଁ ବୌଦ୍ଧଧର୍ମ ଦିନେ ନିର୍ବାଣର କଥା କହୁଥିଲା, ସେହି ବୌଦ୍ଧଧର୍ମ ଶାକ୍ତବିଚାର ସହ ସନ୍ଧି କରିବାକୁ ବାଧ୍ୟହେଲା। ଅର୍ଥାତ୍ ସନାତନ ଧର୍ମର ଯେତେ ଶାଖାପ୍ରଶାଖା - ସବୁକୁ ଆଚ୍ଛନ୍ନକରି ରଖିଲା ଶକ୍ତିଙ୍କ ଅପ୍ରତିହତ ସମ୍ମୋହନ।

ସପ୍ତମ-ଅଷ୍ଟମ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମ ଦୁଇଟି ଶାଖାରେ ବିଭକ୍ତ ହୋଇଗଲା। ବଜ୍ରଯାନ ଓ ସହଜଯାନ। ବଜ୍ରଯାନର ପ୍ରବର୍ତ୍ତକ ସମ୍ବଳକ (ବର୍ତ୍ତମାନର ସମ୍ବଲପୁର)ର ରାଜା ଇନ୍ଦ୍ରଭୂତି ଓ ସହଜଯାନର ପ୍ରବର୍ତ୍ତିକା ତାଙ୍କ ଭଉଣୀ, ସୋନପୁରର ରାଜବଧୂ ଲକ୍ଷ୍ମୀଙ୍କରା। ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି' କହେ ବୁଦ୍ଧଙ୍କ ଭିତରେ ଜଗନ୍ନାଥ ଚେତନାର କଥା। ''ପ୍ରଣିପତ୍ୟ ଜଗନ୍ନାଥ ସର୍ବଜୀନ ବରାର୍ଚ୍ଚିତମ; ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମ୍''। ଠିକ୍ ପରେ ପରେ ଲକ୍ଷ୍ମୀଙ୍କରାଙ୍କର 'ଅଦ୍ୱୟସିଦ୍ଧି'ର ସହଜଯାନ ଲୋକପ୍ରିୟତାକୁ ଛୁଇଁଲା। ତାଙ୍କ ଦର୍ଶନ ସହଜରୁ ସହଜାତୀତ ଓ ପୁଣି ସହଜ ହୋଇଯିବାର ଏକ ଯାତ୍ରା। ଏହି ଯାତ୍ରାର ଯାତ୍ରୀ ହେଲେ ବହୁ ସାଧାରଣ ମଣିଷ। ସେମାନଙ୍କ ଚେତନାରେ ସହଜଯାନର ତନ୍ତ୍ର। ତନ୍ତ୍ର କହିଲେ, ଯାହା ଜୀବ-ଜୀବ ମଧ୍ୟରେ ପରସ୍ପର ପ୍ରତି ସମ୍ମୋହନର ଭାବ ସୃଷ୍ଟିକରେ। ସମ୍ମୋହନରୁ କାମନା, କାମନାରୁ ସର୍ଜନା ଏବଂ ସର୍ଜନାରୁ ମହାମୁକ୍ତି ହେଉଛି ସହଜତନ୍ତ୍ର। ଅର୍ଥାତ୍ ଜୀବ ଓ ଭୋଗର ପୂର୍ଣ୍ଣ ଆତ୍ମସମର୍ପଣଭାବ ହିଁ ଏହାର ମୂଳସୂତ୍ର। ଦାର୍ଶନିକ ପରିଭାଷା ଏହାକୁ କହେ - ସ୍ତମ୍ଭନ, ମୋହନ, ଉଚ୍ଚାଟନ, ବଶୀକରଣ ମାଧ୍ୟମ ଦେଇ ତୂରୀୟଗତି ପ୍ରାପ୍ତି।

ମାତ୍ର ଦାରୁଦିଅଁ ସକଳ ସନାତନ ଚେତନାର ସମନ୍ୱିତ ରୂପ। ସେ ବୈଷ୍ଣବ, ଶାକ୍ତ, ଶୈବ, ଗାଣପତ୍ୟ, ମହାଜୀନ ଓ ବୌଦ୍ଧମନ୍ତ୍ରରେ ଦୀକ୍ଷିତ। ବିଚିତ୍ର ତାଙ୍କର ରୂପ। କଳାମୁହଁ, ଚକାଆଖି, ନାଲିଓଠ। ନାକରେ ଫୁଲର ଗୁଣା, ମଥାରେ ପାଟ ଓଢ଼ଣା। ସେ ପୁରୁଷ ନା ନାରୀ? କେଉଁ ରୂପରେ ତାଙ୍କୁ ଆମେ ଦେଖିବା। ସେ ମହାତାନ୍ତ୍ରିକ ନା ମହାମାନ୍ତ୍ରିକ ନା ଉଭୟର ଏକ କଳାରୂପ? ତାଙ୍କ ସ୍ଥିର ଚକାଆଖି ତ ସକଳ ଜଗତକୁ ସମ୍ମୋହିତକରି ରଖିଛି। ତାଙ୍କର ଏ ବିଚିତ୍ର ରୂପରେ ଆଦିଶକ୍ତିର ମହାଭାବ ହିଁ ପ୍ରତୀକାୟିତ। ଶାକ୍ତ ଦର୍ଶନ କହେ- ଜଗନ୍ନାଥ ଶକ୍ତି ଦ୍ୱାରା ନିୟନ୍ତ୍ରିତ ନୁହନ୍ତି, ବରଂ ଶକ୍ତିଙ୍କର ମୁଗ୍ଧ ପ୍ରତିରୂପ। ତେଣୁ 'ମହାନିର୍ବାଣତନ୍ତ୍ର'ରେ ସେ ସ୍ୱୟଂ ଦକ୍ଷିଣ କାଳିକା। ପ୍ରକୃତି ସ୍ୱରୂପା। ପୁଣି ଶ୍ରୀମନ୍ଦିରରେ ବିମଳା ମହାଭୈରବୀ ଓ ଜଗନ୍ନାଥ ଭୈରବ ଭାବରେ ପୂଜା ପାଉଛନ୍ତି। ଶ୍ରୀଜଗନ୍ନାଥଙ୍କୁ ଦୁଇଟି ତାନ୍ତ୍ରିକ ଶବ୍ଦ 'କାଳଚକ୍ର' ଓ 'କାଳତତ୍ତ୍ୱ'ରେ ଉଚ୍ଚାରଣ କରାଯାଏ।

ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା- ବୌଦ୍ଧଧର୍ମର 'ତ୍ରିମୟ' ଭାବରେ ଗୃହୀତ। ବୁଦ୍ଧ, ଧର୍ମ, ସଂଘ। ସୁଦର୍ଶନ ଚକ୍ରର ପ୍ରତୀକ। ନାଲି ଓ କଳା ରଙ୍ଗ ତନ୍ତ୍ର ସାଧନାର ରଙ୍ଗ। ଜଗନ୍ନାଥଙ୍କ କଳାମୁହଁ, ନାଲି ଓଠ ତନ୍ତ୍ରଦର୍ଶନକୁ ସୂଚାଏ। ଜଗନ୍ନାଥଙ୍କ ଗଳାରେ ଫୁଲମାଳ ଦିଆଯାଏ ନାହିଁ, ବୁଦ୍ଧଙ୍କ ଗଳାରେ ଫୁଲମାଳ ଦିଆଯାଏ ନାହିଁ। ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତି ଶାକ୍ତଯନ୍ତ୍ର ଉପରେ ଅଧିଷ୍ଠିତ ଥିବା କୁହାଯାଏ। ଜଗନ୍ନାଥ ଧର୍ମର ଶେଷକଥା ମୋକ୍ଷ ବା ମୁକ୍ତିପ୍ରାପ୍ତି। ଜଗନ୍ନାଥଙ୍କୁ ପାଇବାର ମାର୍ଗ ପ୍ରେମମାର୍ଗ। ପ୍ରେମ ହିଁ ସହଜମାର୍ଗ। ବୌଦ୍ଧତନ୍ତ୍ରର ମୂଳମନ୍ତ୍ର। ତନ୍ତ୍ରରେ ଭାବ ଏକ ପ୍ରଧାନ ଅଙ୍ଗ ଏବଂ ଭାବ ଦ୍ୱାରା ମୁକ୍ତିପ୍ରାପ୍ତି ସମ୍ଭବ। ଆମ ଦାରୁଦେବତା ଭାବର ଠାକୁର।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ଚଳିଆସୁଛି। ଏସବୁ ପରମ୍ପରା ପଛରେ ଅନେକ କାହାଣୀ ରହିଥାଏ। ଉତ୍ତରପ୍ରଦେଶର ମହାରାଜଗଞ୍ଜ୍ ଜିଲା ବେଲୱା ଚୌଧିରୀ ଗାଁରେ ରହିଛି ଏଭଳି ଏକ ଅଜବ ପରମ୍ପରା। ଏଠାରେ ପ୍ରତିବର୍ଷ ବୁଦ୍ଧପୂର୍ଣ୍ଣିମାରେ ଗୋଟିଏ ଦିନ ଗାଁର ସମସ୍ତ ଲୋକ ଘର ଛାଡ଼ି ଗାଁ ବାହାରକୁ ପଳାଇଯାଆନ୍ତି। ସାଙ୍ଗରେ ଗୃହପାଳିତ ପଶୁଙ୍କୁ ମଧ୍ୟ ନେଇଯାଆନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳର ଲୋକେ ପରାଓ୍ୱନ ପର୍ବ କହନ୍ତି। ଗ୍ରାମବାସୀମାନେ ଅଭିଶାପରୁ ରକ୍ଷା ପାଇଁ ଏହି ଦିନ ଗାଁ ଛାଡି ଚାଲିଯାଇଥାନ୍ତି। ଏହି ଦିନ ଗାଁରେ ରହିଲେ ମଣିଷ କିମ୍ବା ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗାଁ ଲୋକଙ୍କ କହିବା କଥା ହେଉଛି ୨ଶହ ବର୍ଷ ତଳେ ବୁଦ୍ଧପୂର୍ଣ୍ଣିମା ଦିନ ଗାଁକୁ ଜଣେ ସାଧୁ ଆସିଥିଲେ। ସାଧୁ ଆସିବାର ସୂଚନା ଗ୍ରାମବାସୀଙ୍କ ପାଖରେ ନ ଥିଲା। ତେଣୁ ତାଙ୍କର ଯଥାର୍ଥ ସ୍ୱାଗତ କରାଯାଇ ନ ଥିଲା। ଏଥିରେ ସାଧୁ କ୍ରୋଧ ପ୍ରକାଶ କରି ଅଭିଶାପ ଦେଇଥିଲେ। ତେଣୁ ଅଭିଶାପର ଫଳ ସେହିଦିନ ପଡିଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ଆପଦ-ସଙ୍କୁଳ କରି ଖୋଜିନେଉ
ଜୀବନର ପଥ
ଦିଅ ତବ ଆଶୀର୍ବାଦ, ହେଉ ଧନ୍ୟ
ହେଉ ସତ୍ୟବ୍ରତ।
ଆପଦର ବହ୍ନି ଜାଳି ଜରା ମରଣକୁ
ଉପହସି
ହେଉ ସେ ବିଜୟୀ ବୀର ଦିଅ ତବ
ଆଶିଷ ବରଷି।
ଜୀର୍ଣ୍ଣ ସେ ବିଧାନ ରାଶି କରେ ଯେବେ
ଆଜି ଅସ୍ୱୀକାର
ଲଭିବାକୁ କ୍ଷମା ତବ ରହୁ ତା'ର
ନ୍ୟାୟ ଅଧିକାର।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୯୪

- ମହିଳା ପୋଲିସ ଅଫିସର କିରଣ ବେଦୀଙ୍କୁ ତାଙ୍କର ଉଲ୍ଲେଖନୀୟ ସରକାରୀ ସେବା ପାଇଁ ଚଳିତବର୍ଷର ରମଣ ମାଗାସେସ୍ ପୁରସ୍କାର।
- ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ପି. କୁର୍ଦ୍ଦୁକର ପଞ୍ଜାବର ଅସ୍ଥାୟୀ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ।
- ରାଜ୍ୟରେ ଥିବା ସମବାୟ ବ୍ୟାଙ୍କଗୁଡିକୁ ସୁଦୃଢ଼ କରିବା ପାଇଁ ନାବାର୍ଡ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | | | | | | | | | 1 | |
| | | | | | | 3 | | | 0 | 6 | 9 | | 7 | |
| | B | 0 | | | | | | E | A | | | | 4 | 9 |
| 9 | | | | D | | 7 | C | | B | 2 | 1 | 8 | | 0 |
| | A | 4 | 5 | | | | 1 | | | 7 | D | 2 | E | |
| D | | | | | C | A | | | 7 | | | 1 | | |
| | | A | 2 | 4 | | | 9 | 0 | | | | B | | |
| | | 6 | | | | | | B | | 1 | E | | 3 | |
| | | | | | 5 | | | | D | | 4 | 0 | | |
| | | 1 | | | D | | | 5 | | | | E | | |
| C | | 5 | 7 | | | 9 | | 2 | 3 | E | 8 | | | D |
| | 1 | | | | E | | | A | | 5 | | | | |
| | | | | B | | 1 | | | 4 | | | | 9 | |
| 3 | | | | | | | 4 | | | | | | | |
| | | E | 0 | 8 | A | B | | | | 9 | 6 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 8 | E | 5 | 0 | 2 | 6 | 3 | D | B | 4 | C | 7 | A | 9 |
| B | 2 | 4 | 7 | D | 9 | 8 | 5 | 0 | E | A | 1 | 3 | C | 6 |
| C | 5 | 3 | 6 | 8 | 4 | B | 2 | A | 9 | 7 | D | E | 1 | 0 |
| 9 | D | 0 | 3 | A | E | 7 | 1 | C | 2 | 6 | 5 | B | 8 | 4 |
| 6 | A | 7 | C | B | 1 | 4 | 9 | E | 8 | 0 | 3 | 5 | D | 2 |
| D | 9 | 6 | 1 | 5 | B | 0 | 8 | 2 | 4 | E | A | C | 7 | 3 |
| 8 | 1 | A | 4 | 9 | 0 | C | 6 | B | 7 | 3 | 2 | D | 5 | E |
| 5 | 0 | C | 2 | 6 | 7 | 3 | E | 1 | D | 8 | B | 9 | 4 | A |
| 4 | 3 | B | D | E | 8 | A | 7 | 5 | 0 | C | 9 | 6 | 2 | 1 |
| 7 | E | 2 | A | C | 3 | 9 | D | 4 | 5 | 1 | 6 | 8 | 0 | B |
| A | 4 | 8 | 9 | 2 | 5 | E | C | 6 | 1 | B | 7 | 0 | 3 | D |
| 0 | C | 1 | 8 | 7 | 6 | 2 | A | 9 | 3 | D | E | 4 | B | 5 |
| E | B | 9 | 0 | 1 | D | 5 | 4 | 3 | C | 2 | 8 | A | 6 | 7 |
| 3 | 6 | D | E | 4 | C | 1 | B | 7 | A | 5 | 0 | 2 | 9 | 8 |
| 2 | 7 | 5 | B | 3 | A | D | 0 | 8 | 6 | 9 | 4 | 1 | E | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୃଙ୍ଖଳିତ ରଥଯାତ୍ରା

ମହାଶୟ,

ଏ ବର୍ଷ ପୁରୀ ରଥଯାତ୍ରା ଦେଖିବା ସୁଯୋଗ ଏ ଭକ୍ତକୁ ମିଳିଥିଲା। ପୁରୀ ରଥଯାତ୍ରାକୁ ଶୃଙ୍ଖଳାର ସହ ପାଳନ କରି ଆମ ସରକାର ଧନ୍ୟବାଦର ପାତ୍ର ହୋଇଛନ୍ତି। ପୋଲିସ ଭାଇମାନେ ବଡଦାଣ୍ଡକୁ ସମ୍ପୂର୍ଣ୍ଣ ରୂପେ ଯାନବାହନ ମୁକ୍ତ କରିବା ସଙ୍ଗେ ସଙ୍ଗେ କଡନ ମଧ୍ୟରେ ରଥଟଣା ସୁଚାରୁ ରୂପେ ସମାପନ କରାଇଛନ୍ତି। ସରକାରଙ୍କ ପକ୍ଷରୁ କରାଯାଇଥିବା ସୂଚନା କେନ୍ଦ୍ର, ଆଶୁ ଚିକିତ୍ସା, ପିଇବା ପାଣି ଓ ପରିମଳ ବ୍ୟବସ୍ଥା ଖୁବ୍ ସୁଚାରୁ ରୂପେ କାର୍ଯ୍ୟ କରୁଥିଲା। କଥାରେ ଅଛି ରଥରେ ପ୍ରଭୁଙ୍କୁ ଦର୍ଶନ କଲେ ଜନ୍ମ ମୃତ୍ୟୁ ବନ୍ଧନରୁ ମୁକ୍ତି ମିଳେ। କିନ୍ତୁ ଦେଖାଯାଉଛି ଯେ ରଥରେ ଅନେକ ଅନାବଶ୍ୟକ ଲୋକ ରଥଟଣା ସମୟରେ ବସି ଭକ୍ତମାନଙ୍କ ଦୃଷ୍ଟି ଅବରୋଧ କରୁଛନ୍ତି। କଣ ରଥଟଣା ସମୟରେ ରଥ ଉପରେ ଏତେ ଲୋକଙ୍କର ବାସ୍ତବିକ କିଛି କାର୍ଯ୍ୟ ଥାଏ। ଏହାର ସମୀକ୍ଷା ହେବା ଆବଶ୍ୟକ। କେବଳ ଘଣ୍ଟୁଆ ଓ ଡାହୁକଙ୍କୁ ମିଶାଇ ଆଠଦଶ ଜଣଙ୍କୁ ଛାଡିଦେଲେ ଅନ୍ୟ କାହାରିକୁ ରଥ ଉପରେ ରହିବାକୁ ଅନୁମତି ଦିଆ ନ ଯାଉ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ, କଟକ

### ସମ୍ବେଦନଶୀଳତାର ଅଭାବ

ଗରିବ, ଅସହାୟ ଓ ସର୍ବହରାଙ୍କ ପ୍ରତି ସର୍ବାଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରିବା ସମାଜର ପ୍ରମୁଖ ଦାୟିତ୍ୱ। ଏ କ୍ଷେତ୍ରରେ ଉଭୟ ସରକାର ଓ ଜନସାଧାରଣଙ୍କର ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଛି। ୧୯୯୫ ମସିହାରେ ପି.ଭି. ନରସିଂହରାଓଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଦେଶରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କ ପରି ଗରିବ, ଅସହାୟ, ନିରାଶ୍ରୟଙ୍କୁ ମାସିକ ଭତ୍ତା ଦିଆଯାଏ। ଏହି ଭତ୍ତାର ପରିମାଣ ଶେଷଥର ପାଇଁ ଉପା-୨ ଶାସନ ସମୟରେ ୨୦୦୬ରେ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏହାପରେ ଉପା-୨ ଶାସନ ଓ ଏନ୍‌ଡିଏର ଗତ ୫ ବର୍ଷ ଶାସନକାଳ ମଧ୍ୟରେ ଏହା ବୃଦ୍ଧି ପାଇନାହିଁ। ଅବଶ୍ୟ ଅନେକ ରାଜ୍ୟ ସରକାର ସେମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅନୁରୂପ ଯୋଜନାରେ ଭତ୍ତା ପରିମାଣ ବୃଦ୍ଧି କରିଛନ୍ତି। ଗତ ୧୩ ବର୍ଷ ମଧ୍ୟରେ କେନ୍ଦ୍ରୀୟ ଯୋଜନାରେ ଭତ୍ତା ପରିମାଣ ବୃଦ୍ଧି ନ ପାଇବା କେନ୍ଦ୍ର ସରକାରଙ୍କ ସମ୍ବେଦନଶୀଳତାର ଅଭାବକୁ ପ୍ରମାଣିତ କରୁଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳିକା ଶାଳୀଙ୍କୁ ନେଇ ଫେରାର ଅଭିଯୁକ୍ତ ୪ବର୍ଷ ପରେ ଗିରଫ

**କୋରେଇ,୧୧।୭(ସ୍ୱ.ପ୍ର):** ପାଣିକୋଇଲି ଥାନା ଶଗଡି ଗ୍ରାମର ରୁକ୍ସାନା ବେଗମ୍‌ଙ୍କୁ କୋରେଇ ପଠାନ ମହାଲାର ସେକ ସେଲେମାନ (୩୫) ବିବାହ କରିଥିଲେ। ବିବାହର କିଛିଦିନ ପରେ ପାରିବାରିକ କହଳ ଯୋଗୁ ରୁକ୍ସାନା ତାଙ୍କ ସ୍ୱାମୀକୁ ଛାଡି ବାପଘରକୁ ଚାଲି ଆସିଥିଲେ। ପରେ ଉଭୟଙ୍କ ମଧରେ ବୁଝାସୁଝା ହେବାପରେ ଉଭୟ ସାଥିହୋଇ ରହିଥିଲେ। ଏହାର କିଛିଦିନ ପରେ ସୋଲେମାନ ତାଙ୍କ ସ୍ତ୍ରୀଙ୍କୁ ଛାଡ଼ି ନାବାଳିକା ଶାଳୀଙ୍କୁ ୨୦୧୫ରେ ଅପହରଣ କରିନେଇ ଫେରାର ହୋଇଯାଇଥିଲେ। ଏନେଇ କସିମୁଦ୍ଦିନ ଥାନାରେ ଅଭିଯୋଗ କରିଥିଲେ। ୭୯/୧୫ରେ ଏକ ମାମଲା ରୁଜୁ ହୋଇଥିଲେ ମଧ ସୁଲେମାନ ଧରାପଡି ନ ଥିଲେ। ଖବର ପାଇ ପୋଲିସ ମୟୁରଭଞ୍ଜର କପ୍ତିପଦା ଥାନା ଅଞ୍ଚଳର ଏକ ଗ୍ୟାରେଜରୁ ଉଭୟଙ୍କୁ ଧରିଥିଲା। ପୋଲିସ ଉଭୟଙ୍କ ଡାକ୍ତରୀମାଇନା କରାଇବା ପରେ ସାଲେମାନଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଉଭୟ ବିବାହ କରିସାରିଥିବା ସୋଲେମାନ କହିଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ୩ କୋର୍ଟ ଚାଲାଣ

**କୋରେଇ,୧୧।୭(ସ୍ୱ.ପ୍ର):** କୋରେଇ ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର ଧନେଶ୍ୱର ଛକରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଗୁରୁବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏକ ବସ୍‌ରୁ କୋରେଇ ଫାଜଲପୁର ଗ୍ରାମର ସାକିର ହୋସେନ ହଜାରୀ ଓହ୍ଲାଇବା କ୍ଷଣି ତାଙ୍କୁ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସେ କୋରେଇ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୧୪୪/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ମାମଲାରେ ଚାନ୍ଦାମ ଗ୍ରାମର କାହ୍ନୁ ସାହୁ (୫୮) ଓ ତାଙ୍କ ଦୁଇପୁଅ ବରୁଣ(୨୭), ଅରୁଣ(୨୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଯେ, ଏକ ବସରେ ଉଭୟେ ଆସୁଥିବାବେଳେ ସେମାନଙ୍କର ବଚସା ହୋଇଥିଲା। ସାକିର ବସ୍‌ରୁ ଓହ୍ଲାଇବା କ୍ଷଣି ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ।

# ସହରରେ ବିକ୍ରି ହେଉଛି ଅପମିଶ୍ରିତ ଖାଦ୍ୟ

- ହୋଟେଲରେ ଦୀର୍ଘଦିନ ରଖାଯାଇ ବିକ୍ରି ହେଉଛି ମାଛ, ମାଂସ
- ବ୍ୟବହାର ହେଉଛି ପୋଡ଼ା ଓ ନିମ୍ନମାନର ତେଲ
- ଖାଦ୍ୟ ନିରୀକ୍ଷଣ ବିଭାଗ, ପୌର ପରିଷଦ କର୍ତ୍ତୃପକ୍ଷ ନିରବ

**ଯାଜପୁର ରୋଡ,୧୧।୭(ନି.ପ୍ର)**

ଯାଜପୁର ରୋଡ ସହର କଳିଙ୍ଗନଗର ଶିଳ୍ପାଞ୍ଚଳର ଦ୍ୱାରଦେଶ ହୋଇଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ଲୋକଙ୍କର ଏହି ସହରରେ ଭିଡ ଜମିଥାଏ। ବୃଦ୍ଧି ପାଉଥିବା ଲୋକ ସଂଖ୍ୟାକୁ ଦୃଷ୍ଟିରେ ରଖି ସହରରେ ବଢୁଛି ହୋଟେଲ, ଠେଲା ଓ ଅନ୍ୟ ଚଟ୍‌ପଟା ଖାଦ୍ୟ ବିକ୍ରି କରୁଥିବା ଦୋକାନ ସଂଖ୍ୟା। ମାତ୍ର ଏହି ସବୁ ଖାଦ୍ୟପେୟ ଦୋକାନରୁ ଅଧିକାଂଶରେ ଅପମିଶ୍ରିତ ତଥା ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସହରରେ ଥିବା ଅନେକ ହୋଟେଲରେ ଫ୍ରିଜ୍‌ରେ ଦୀର୍ଘଦିନ ଧରି ମାଛ, ମାଂସ ରଖାଯାଉଥିବାବେଳେ ପରେ ସେଥିରେ ବିଭିନ୍ନ ସୁସ୍ୱାଦୁ ମସଲା ବ୍ୟବହାର କରାଯାଇ ଲୋକଙ୍କୁ ପରିବେଷଣ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ହୋଟେଲରେ ବରଫ ଓ ରସାୟନିକ ଦ୍ରବ୍ୟ ଲେପନ କରି ଫ୍ରିଜ୍‌ରେ ୭-୮ଦିନ ପର୍ଯ୍ୟନ୍ତ ରଖି ତାହାକୁ ବିକ୍ରି କରାଯାଉଛି। ଏହି ଅପମିଶ୍ରିତ ଖାଦ୍ୟ ଖାଇ ଲୋକ ନାନା ପେଟଜନିତ ଓ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। କାମଳ ରୋଗରେ ବିଶେଷ ପରିମାଣରେ ପୀଡିତ ହେଉଥିବା ଦେଖାଦେଉଛି। ବ୍ୟାସନଗର ପୌରପରିଷଦ ପକ୍ଷରୁ ଓ ଖାଦ୍ୟ ନୀରକ୍ଷଣ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ରାସ୍ତାକଡରେ ଅପମିଶ୍ରିତ ନିମ୍ନମାନର ଫାଷ୍ଟଫୁଡ ବିକ୍ରି କରାଯାଉଛି। ଫଳ ଓ ପନିପରିବା ଦୋକାନରେ ମଧ ରସାୟନିକ ଦ୍ରବ୍ୟ ଲେପନ କରାଯାଇ ସତେଜ ପରିବାର ଭ୍ରମ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଆସୁଥିବାବେଳେ କଦଳୀ, ଆମ୍ବକୁ କାର୍ବାଇଟ୍ ଦେଇ ପଚାଯାଇ ବଜାରରେ ବିକ୍ରି କରିବା ନିତିଦିନିଆ ଘଟଣା ପାଲଟିଛି। ଲୋକେ ସନ୍ଧ୍ୟାରେ ଫାଷ୍ଟଫୁଡ୍ ଖାଇବାକୁ ବିଶେଷ ମନ ବଳାଉଛନ୍ତି। ମାତ୍ର ସେମାନେ ଅତି ଆଗ୍ରହରେ ଖାଉଥିବା ଖାଦ୍ୟ କିଭଳି ପ୍ରସ୍ତୁତ କରାଯାଉଛି ତାହା ଜାଣିପାରୁ ନାହାନ୍ତି। ଖାଇ ସାରିବା ପରେ ସେମାନେ ପିଇବାକୁ ଦେଉଥିବା ପାଣି ମଧ ବିଶୁଦ୍ଧ ନ ଥିବା କୁହାଯାଉଛି। ବିଭିନ୍ନ ଛଣାଛଣି ଖାଦ୍ୟରେ ସୋଡା ଓ ପୋଡା ତେଲ ବ୍ୟବହାର କରାଯାଉଛି। ଯାହା ଶରୀର ପ୍ରତି ଆଦୌ ହିତକର ନୁହେଁ। ଲାଭ ଆଶାରେ କମ୍ ଦାମ୍‌ର ତେଲ ଓ ମସଲା ବ୍ୟବହାର କରୁଛନ୍ତି। ଯାଜପୁର ରୋଡ ସହରର ମୁଖ୍ୟ ରେଳଷ୍ଟେଶନ୍ ବଜାର, ଚୋରଦା ବାଇପାସ୍ ଛକ, ଏପରିକି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଠେଲା ଦୋକାନରେ ଖୋଲାରେ ଖାଦ୍ୟ ବିକ୍ରି କରାଯାଉଛି। ଯେଉଁଥିରେ ମାଛି ବସୁଥିବା ଲୋକେ ଦେଖୁଥିଲେ ମଧ ଖୁବ୍ ଆଗ୍ରହରେ ଖାଉଥିବା ଦେଖିବାକୁ ମିଳିଥାଏ। ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ଓ ପୁଷ୍ଟି ସମ୍ପର୍କିତ ଇସ୍ତାହାର ପ୍ରକାଶ ପାଉଥିବାବେଳେ ଗ୍ରାହକଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ବିଭିନ୍ନ ସଂସ୍ଥା କାର୍ଯ୍ୟ କରୁଛି। ତାହା ପ୍ରକୃତରେ କାର୍ଯ୍ୟ କରୁନାହିଁ, କେବଳ କାଗଜ କଲମରେ ସୀମିତ ରହିଛି । ତେଣୁ ଏଭଳି ନିମ୍ନମାନର ଖାଦ୍ୟ ବିକ୍ରି ଅବାଧରେ ବଢ଼ିଚାଲିଛି। ଶିଶୁମାନେ ସେଇ ଖାଦ୍ୟ ଖାଇ ବିଭିନ୍ନ ରୋଗର ଶିକାର ହୁଅନ୍ତି। ଶିଶୁଙ୍କୁ ଏହି ଖାଦ୍ୟ ଖାଇବା ପାଇଁ ବାରଣ କରାଯାଉ ନାହିଁ। ଫାଷ୍ଟଫୁଡ୍ ଖାଦ୍ୟ ସହରଠାରୁ ଗାଁ ପର୍ଯ୍ୟନ୍ତ ବ୍ୟାପୀ ଗଲାଣି । ସେ ଅପମିଶ୍ରଣ ଖାଦ୍ୟ ଲୋକଙ୍କୁ ଜଣାନାହିଁ । ଏ ସମ୍ପର୍କରେ ପୌରପରିଷଦର ସାନିଟାରୀ ଇନିସପେକ୍ଟର ମାଣିକ ମହାପାତ୍ରଙ୍କୁ ପଚାରିବାରୁ, ସେ କହିଲେ ଏଥିପାଇଁ ଫୁଡ୍ ନୀରିକ୍ଷକ ଜଣେ ଅଛନ୍ତି । ସେ ଏହି କାର୍ଯ୍ୟ କରିବା କଥା, କିନ୍ତୁ କରୁନାହାନ୍ତି । ସେ ଭୁବନେଶ୍ୱର ଓ ଯାଜପୁର ଭଳି ଦୁଇଟି ପ୍ରମୁଖ ସ୍ଥାନରେ ଦାୟିତ୍ୱରେ ରହିଛନ୍ତି। ମାତ୍ର ସେ ଭୁବନେଶ୍ୱରରେ ରହୁଛନ୍ତି, ପୌରପରିଷଦକୁ ଆସୁନାହାନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ପ୍ରଶାସକ ସନ୍ତୋଷ ମିଶ୍ରଙ୍କୁ ପଚାରିବାରେ, ନିମ୍ନମାନର ଖାଦ୍ୟ ପରିବେଷଣ କରୁଥିବା ଦୋକାନଗୁଡ଼ିକ ଉପରେ ଖୁବ୍‌ଶୀଘ୍ର ଚଢ଼ାଉ କରାଯିବ ବୋଲି କହିଛନ୍ତି।

### ସୁଦଶାବ୍ରତ ପାଇଁ ଲକ୍ଷ୍ମୀ ମନ୍ଦିରରେ ଭିଡ଼

**ଯାଜପୁର ଟାଉନ,୧୧।୭(ଡିଏନଏ)**

ଯାଜପୁର ବୈତରଣୀ ନଦୀକୂଳରେ ଥିବା ଲକ୍ଷ୍ମୀ ମନ୍ଦିରରେ ସୁଦଶା ବ୍ରତ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ସକାଳ ୫ଟାରୁ ସଧବା ନାରୀମାନେ ପୂଜାର୍ଚ୍ଚନା କରିବା ପାଇଁ ଲକ୍ଷ୍ମୀ ମନ୍ଦିରରେ ଭିଡ ଜମାଇ ଥିଲେ। ପବିତ୍ର ଆଷାଢ଼ ମାସ ଶୁକ୍ଳପକ୍ଷ ଗୁରୁବାର ପଡୁଥିବାରୁ ଯାଜପୁରସହର ଏବଂ ଏହାର ଆଖପାଖ ଅଞ୍ଚଳରେ ହଜାର ହଜାର ସଂଖ୍ୟକ ସଧବା ନାରୀ ଆସି ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରି ତାଙ୍କ ପରିବାରର ମଙ୍ଗଳ କାମନା କରିଥିଲେ। ଲକ୍ଷ୍ମୀ ମନ୍ଦିରରେ ସକାଳୁ ମଙ୍ଗଳା ଆଳତୀ କରାଯାଇ ନୀତିରୀତି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଯାଜପୁର ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ସରସ୍ୱତୀ ଶିଶୁମନ୍ଦିରରେ ଚାରାରୋପଣ



ଶିଶୁମନ୍ଦିରରେ ଅନୁଷ୍ଠିତ ବନମହୋତ୍ସବ।

**ଯାଜପୁର ରୋଡ,୧୧।୭(ନି.ପ୍ର)**

ରୋଟାରୀ କ୍ଲବ କଳିଙ୍ଗନଗର ଆନୁକୂଲ୍ୟରେ ସ୍ଥାନୀୟ ମଧୁସୁଦନନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରାଙ୍ଗଣରେ ଗୁରୁବାର ବୃକ୍ଷରୋପଣ କରାଯାଇଛି। ଏକ ନିଆରା ଢଙ୍ଗରେ ଚାରାରୋପଣ ପୂର୍ବରୁ କ୍ଲବ ସଭାପତି ରୋଟାରିଆନ ଲୋକନାଥ ରାଉତ ନଡ଼ିଆ ବାଡ଼େଇ ଧୂପ, ଦୀପ, ଫୁଲ, ଚନ୍ଦନ ଦେଇ ଚାରାକୁ ପୂଜାର୍ଚ୍ଚନା କରିଥିଲେ। ଗୁଆ ଓ ନଡ଼ିଆ ଚାରାଗୁଡିକୁ ରୋଟାରୀ କ୍ଲବର ସଦସ୍ୟ, ବିଦ୍ୟାଳୟର ଗୁରୁଜୀ/ଗୁରୁ ମା', ସଭାପତି, ସମ୍ପାଦକ, ସମାଜିକ କର୍ମୀ ପ୍ରମୁଖ ବୃକ୍ଷରୋପଣ କରିଥିଲେ। କ୍ଲବର କାର୍ଯ୍ୟନିର୍ବାହୀ ସମ୍ପାଦକ ରୋଟାରିଆନ୍ ସୁଦୀପ୍ କୁମାର ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା ବିକାଶ ସମିତିର ଉତ୍ତର ପୂର୍ବ ସଂଭାଗ ସଭାପତି ପ୍ରଫୁଲ୍ଲ କୁମାର ବୋଇତାଇ, କ୍ଲବର ଭାରପ୍ରାପ୍ତ ପ୍ରୋଜେକ୍ଟ ଅଧିକାରୀ ଅଚ୍ୟୁତାନନ୍ଦ ମହାନ୍ତି, ସଂଗ୍ରାମ ପଟ୍ଟନାୟକ, ଶିବାନନ୍ଦ ନାୟକ, ପରମେଶ୍ୱର ଦାଶ, ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ସହସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ପରିବେଶବିତ୍ ଦୁଷ୍ମନ୍ତ କୁମାର ରାଉତ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ, ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ଶତପଥିଙ୍କ ସମେତ ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବୃକ୍ଷରୋପଣ କରିଥିଲେ।

- ଯାଜପୁର ରୋଡ୍-ଧାମରା ରେଳପଥକୁ କେନ୍ଦ୍ର ସରକାରଙ୍କ ଅଣଦେଖା

# ଆନ୍ଦୋଳନ ପାଇଁ ସଂଗ୍ରାମ ସମିତିର ପ୍ରସ୍ତୁତି

**ଯାଜପୁର ରୋଡ/ କୋରେଇ, ୧୧।୭(ନି.ପ୍ର/ସ୍ୱ.ପ୍ର)**

କେନ୍ଦ୍ର ସରକାର ରେଲୱେ ବଜେଟ୍‌ରେ ଯାଜପୁର ରୋଡ-ଧାମରା ରେଳପଥ ପାଇଁ ବଜେଟ୍‌ରେ ସ୍ଥାନ ଦେଇ ନ ଥିବାରୁ ସମଗ୍ର ଯାଜପୁର ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି । ଗୁରୁବାର ଯାଜପୁର ରୋଡ-ଧାମରା ରେଳପଥ ନିର୍ମାଣ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଆଲୋଚନା କରାଯାଇଥିଲା। ୨୦୧୯-୨୦୨୦ କେନ୍ଦ୍ର ବଜେଟ୍‌ରେ ପୁଣିଥରେ ଯାଜପୁର ରୋଡ-ଧାମରା ରେଳପଥ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇ ନ ଥିବାରୁ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । କେନ୍ଦ୍ର ସରକାରଙ୍କର ଏହି ଭୂମିକା ଯାଜପୁର ଓ ଭଦ୍ରକ ଜିଲାର ୩୩ ଲକ୍ଷ ଜନସାଧାରଣଙ୍କୁ ନିରାଶ କରିଥିବା ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସ ମତବ୍ୟକ୍ତ କରିଥିଲେ। ଏହି ରେଳପଥ ଭଦ୍ରକ ଓ ଯାଜପୁର ଜିଲାର କୃଷକ ଓ ମତ୍ସ୍ୟଜୀବୀଙ୍କ ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରିବ। ତେଣୁ ତୁରନ୍ତ କେନ୍ଦ୍ର ସରକାର ଏହି ରେଳପଥ ନିର୍ମାଣ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଯାଜପୁର ରୋଡ-ଧାମରା ରେଳପଥ ନିର୍ମାଣ ଦାବି ହାସଲ ପାଇଁ ଆନ୍ଦୋଳନକୁ ତୀବ୍ରତର କରିବାକୁ ସଂଗ୍ରାମ ସମିତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ଅଗଷ୍ଟ ୪ରେ ଯାଜପୁର ରୋଡରେ ପ୍ରସ୍ତାବିତ ରେଳପଥ ହେବାକୁ ଥିବା ସମସ୍ତ ଅଞ୍ଚଳର ପ୍ରତିନିଧିଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ କରିବାକୁ ସ୍ଥିର ହୋଇଛି । ଏହି ସମ୍ମିଳନୀରେ ଯାଜପୁର, ମଙ୍ଗଳପୁର, ଆରଡି, ମତୋ, ଚାନ୍ଦବାଲି ଓ ଧାମରା ସମେତ ଯାଜପୁର ରୋଡ ଓ ପାଣିକୋଇଲିର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଯାଜପୁର ରୋଡଠାରେ ଅନୁଷ୍ଠିତ ବୈଠକରେ ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସଙ୍କ ସମେତ ସର୍ବଶ୍ରୀ ପ୍ରଫୁଲ୍ଲ ନାୟକ, ନିର୍ମଳ ରଥ, ଗଣେଶ ସାହୁ, ଦିଗମ୍ବର ସାହୁ, ବାସୁଦେବ ଓ ବି. ମୋହନ ପ୍ରମୁଖ ଯୋଗ ଦେଇଥିଲେ ।

HLW CAB SERVICES PVT. LTD.
ପବିତ୍ର ବାହୁଡ଼ା ଯାତ୍ରାର ଶୁଭେଚ୍ଛା
ଆପଣଙ୍କର ୨ବର୍ଷର ଚାରିଚକିଆ ଯାନକୁ ଆମ ସହିତ ପଞ୍ଜୀକୃତ କରି ମାସିକ ₹40,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
ଆପଣଙ୍କର ବୈଧ Driving License ସହିତ ₹70,000/- ବିନିଯୋଗ କରି ଗାଡ଼ିର ମାଲିକ ହୁଅନ୍ତୁ ଓ ଆମ ସହିତ ବ୍ୟବସାୟରେ ଭାଗୀଦାରି ହୋଇ ମାସିକ ₹40,000/-ରୁ ₹50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
Franchisee Required for all over Odisha
HLW CAB
www.hlwcab.com
For Details Contact:
7064773777, 9776622228, 9437123801

# କିରୋସିନ କୋଟା ଅଧାରୁ ହ୍ରାସ, ଚିନ୍ତାରେ ଖାଉଟି

**ଚଣ୍ଡିଖୋଲ,୧୧।୭(ଡି.ଏନ୍.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକରେ ଥିବା କିରୋସିନ ଡିପୋରେ ଗୁରୁବାର ଚଳିତ ମାସର କିରୋସିନ କୋଟା ହ୍ରାସ କରାଯିବାକୁ ନେଇ ବଡ଼ଚଣା ଖୁଚୁରା ବିକ୍ରେତା ସଂଘ(ରିଟେଲର) ବିରୋଧ କରିଛି। ଚଳିତମାସ ବାବଦକୁ ବାକି ଥିବା କିରୋସିନ କୋଟା ପ୍ରଦାନ କରା ନ ଗଲେ ରିଟେଲରମାନେ କିରୋସିନ ନେବେ ନାହିଁ ବୋଲି ସଂଘ ଯୋଗାଣ ବିଭାଗକୁ ଜଣାଇଛି। ଫଳରେ କିରୋସିନ ପାଇବାରୁ ବଞ୍ଚିତ ହୋଇଥିବା ହିତାଧିକାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଦେଖାଦେଇଛି।

ପ୍ରକାଶ ଯେ, ଜୁନ୍ ଏବଂ ଜୁଲାଇ ଦୁଇ ମାସର କିରୋସିନ କୋଟା ଏକାଥରକେ ଖାଉଟିଙ୍କୁ ବଣ୍ଟନ ପାଇଁ ଯୋଗାଣ ବିଭାଗ ନିର୍ଦ୍ଦେଶ ଦେଇଥିଲା। ଏହି ଆଧାରରେ ବଡ଼ଚଣା ବ୍ଲକରେ ଏବେ ଏକାଥରେ ଦୁଇ ମାସର କିରୋସିନ ହିତାଧିକାରୀଙ୍କୁ ବଣ୍ଟନ କରାଯାଉଛି। ବଡ଼ଚଣା ବ୍ଲକରେ କିରୋସିନ ବଣ୍ଟନ ପାଇଁ ସିଟି କିରୋସିନ ହୋଲସେଲର ଭାବେ ନିଯୁକ୍ତ ପାଇଛନ୍ତି। ଦୁଇ ମାସର କିରୋସିନ କୋଟା ବାବଦକୁ ସିଟିକୁ ୨ଲକ୍ଷ ୨୮ହଜାର ୮ଶହ ୩୫ଲିଟର ଉଠାଇବା ପାଇଁ ନିୟମ ରହିଛି। କିନ୍ତୁ ଗୁରୁବାର ସୁଦ୍ଧା କିରୋସିନ ଡିପୋରେ ୧ଲକ୍ଷ ୫୬ହଜାର ଲିଟର କିରୋସିନ ପହଞ୍ଚିଥିଲା। ଅବଶିଷ୍ଟ ଆଉ ୪୨ହଜାର ଲିଟର କିରୋସିନ ନ ଦେବା ପାଇଁ କମ୍ପାନୀ ପକ୍ଷରୁ ସମ୍ପୃକ୍ତ ହୋଲସେଲର ନିର୍ଦ୍ଦେଶ ପାଇଥିଲେ। ଫଳରେ କିରୋସିନ ପାଇଁ ରିଟେଲରମାନେ ଗାଡ଼ି ଧରି ଆସିଥିଲା ବେଳେ ନିରାଶ ହୋଇ ଫେରିଥିଲେ। ପୂର୍ବରୁ ମିଳିଥିବା କିରୋସିନ କୋଟାରୁ କେତେଜଣ ରିଟେଲରମାନେ ଖାଉଟିମାନଙ୍କୁ ବଣ୍ଟନ କରିଛନ୍ତି। ସେଥିରୁ ମଧ ବହୁ ଖାଉଟି ବଞ୍ଚିତ ହୋଇଛନ୍ତି। ଏବେ କମ୍ ପରିମାଣର କିରୋସିନ ନେଲେ ହିତାଧିକାରୀଙ୍କ ବଣ୍ଟନ ବେଳେ ସମସ୍ୟା ଦେଖାଦେବ। ତେଣୁ ସଂଘ ସମ୍ପୂର୍ଣ୍ଣ ପରିମାଣର କିରୋସିନ ପ୍ରଦାନ ପାଇଁ ଦାବି କରିଛି। ଏ ସମ୍ପର୍କରେ ବଡ଼ଚଣା ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ, କିରୋସିନ କୋଟା କମିବା ସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ। ଘଟଣା ଜାଣିବା ପରେ କହିବେ ବୋଲି କହିଛନ୍ତି।

### ବଜ୍ରପାତରେ ପୋଡ଼ିଗଲା ଟ୍ରାନ୍ସଫର୍ମର, ଅନ୍ଧାରରେ ଉପଭୋକ୍ତା

**କୋରେଇ୧୧।୭(ସ୍ୱ.ପ୍ର)**

ପାଣିକୋଇଲି ବିଦ୍ୟୁତ ଉପଖଣ୍ଡର ସୋତି ଫିଡର ୩.୧୫ ଏମ୍‌ଭି ୩୩/୧୧ କେଭି ପାୱାର ଟ୍ରାନ୍ସଫର୍ମର ଗୁରୁବାର ଅପରାହ୍ନରେ ବ୍ରଜପାତ ଯୋଗୁ ପୋଡି ଯାଇଛି। ଫଳରେ ପାଣିକୋଇଲି ଅଞ୍ଚଳରେ ବିଦ୍ୟୁତ ସରାବରାହରେ ବ୍ୟାଘାତ ସୃଷ୍ଟି ହୋଇଛି। ୩ଦିନ ମଧ୍ୟରେ ଟ୍ରାନ୍ସଫର୍ମର ଲାଗିବ ବୋଲି ଏସଡିଓ ମୀନକେତନ ସାମଲ ଓ କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ସାହୁ ଜଣାଇଛନ୍ତି। ଏହି ୩ଦିନ ଉପଭୋକ୍ତାମାନେ ସହଯୋଗ କରିବାକୁ ବିଭାଗୀୟ ଅଧିକାରୀ ନିବେଦନ କରିଛନ୍ତି।

CLASSIFIED DISPLAY

Passport Seva
Consular, Passport & Visa Division
Ministry of External Affairs, Government of India
Passport Seva — Service Excellence

**Alert on Fake Websites related to Passport Services**

It has come to the notice of the Ministry that many fraudulent websites and mobile applications are collecting data from applicants and also levying additional hefty charges for filling up the online application form and scheduling appointment for Passport and related services. Some of these **fake website** are registered in the domain name *.org, *.in, *.com such as **www.indiapassport.org, www.online-passportindia.com, www.passportindiaportal.in, www.passport-india.in, www.passport-seva.in, www.applypassport.org** and many other similar looking websites.

It is therefore advised to all citizens applying for Indian Passport and related services that they should NOT visit to the above mentioned fraudulent websites or make payment related to passport services. The official website of the Ministry of External Affairs, Government of India for applying Passport services is **www.passportindia.gov.in**.

Alternatively, applicants may also use the official mobile App **mPassport Seva** which can be downloaded from Android and iOS application stores.

*Sd./- Regional Passport Officer*
*Bhubaneswar*

See Career Appointment on every Wednesday & Saturday

**OFFICE OF THE PRINCIPAL**
**RAYAGADA AUTONOMOUS COLLEGE**
**RAYAGADA**
Adv. No. 1037/RAC/2019 Date: 10.07.2019
**WALK-IN-INTERVIEW**
**FOR LECTURERS (GUEST FACULTY)**

| Sl. No. | Subjects | No. of Vacancies |
|---|---|---|
| 1. | Odia | 04 |
| 2. | Commerce | 04 |
| 3. | History | 03 |
| 4. | English | 02 |
| 5. | Hindi | 01 |
| 6. | Pol. Science | 01 |
| 7. | Mathematics | 01 |
| 8. | Botany | 01 |
| 9. | Zoology | 01 |

**Qualification:** Master's Degree with atleast 55% of marks in the subject concerned from a recognized university. M.Phil and Ph.D holders shall be given weightage.
**Age Limit:** Upper Age limit 42 years as on 21.07.2019. Relaxation of 5 years for SC/ST/SEBC/WOMEN/ Ex-Servicemen & 10 years for PWD with a disability of 40% or more
Engagement shall be purely temporary.
**Schedule:** Date of Interview- 21.07.2019 (Sunday)
Registration- 9.00AM to 10.30AM (21.07.2019)
Venue- Rayagada Autonomous College, Rayagada
**Documents Required:** All relevant original certificates alongwith a set of photocopies of the certificates.
No TA & DA shall be paid.
*Sd./- PRINCIPAL*
*Rayagada Autonomous College, Rayagada*

ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡ଼ିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT*
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR Baramunda 9777806331 | BHUBANESWAR Saheed Nagar 6371045707 | BHUBANESWAR Jaydev Vihar 6372287878 | CUTTACK Link Road 7381770531 | KORAPUT In front of S.L.N Hospital 6372307123

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ସବୁ ଔଷଧ ଦୋକାନରେ ଉପଲବ୍ଧ
ଆୟୁର୍ବେଦିକ ଔଷଧ
କ୍ୟାପ୍‌ସୁଲ, ଟ୍ୟାବ୍‌ଲେଟ୍ ଓ ଅଏଣ୍ଟମେଣ୍ଟ
Erotic Capsule
Vigo-X Tablet
Erotic Ointment
*Cond. App.
WANTED Distributer & Stockist
Please Call Between 10.30am to 5pm
033-25649070


## ସଂକ୍ଷେପରେ

### ଅଖା ଭିତରୁ ମହିଳାଙ୍କ ମୃତଦେହ ମିଳିବା ଘଟଣା
## ହତ୍ୟାକାରୀଙ୍କ ଟେର୍ ପାଉନି ପୋଲିସ

ରାଜନଗର, ୧୧।୭ (ଡି.ଏନ୍.ଏ.)

ରାଜନଗର ବ୍ଲକ ରାଜନଗର-ଗୋପାଳପୁର ଲୁଣା ଘେରିବନ୍ଧ ପାର୍ଶ୍ୱରୁ ଅଖା ଭିତରୁ ମହିଳାଙ୍କ ମୃତଦେହ ମିଳିବା ଘଟଣାକୁ ଇତିମଧ୍ୟରେ ୧୪ ଦିନ ବିତିଛି। ମୃତଦେହ ମିଳିଥିବା ସ୍ଥାନରୁ ପୋଲିସ ହାତେଇଥିବା କାଗଜପତ୍ରରୁ ମୃତାଙ୍କ ନାମ ରାନୀ ମିଶ୍ର ବୋଲି ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏ ପର୍ଯ୍ୟନ୍ତ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ରାନୀଙ୍କ ଘର ଜଗତ୍‌ସିଂହପୁର ଜିଲାର ନାଉଗାଁ ବ୍ଲକ ଅଞ୍ଚଳରେ। ସେ ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ବାଉଁଶକଣି ଗାଁର ଉଦ୍ଧବ ଚରଣ ରାଉତଙ୍କ ପୁଅ ରଞ୍ଜନଙ୍କୁ ୨ୟ ବିବାହ କରିଥିଲେ। ପରିବାର ଲୋକଙ୍କ ଅଜାଣତରେ ଉଭୟେ କୋର୍ଟରେ ବିବାହ କରି ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ରହୁଥିଲେ। ରାନୀଙ୍କ ହତ୍ୟାକାଣ୍ଡର ୨ ଦିନ ପୂର୍ବରୁ ଅର୍ଥାତ୍ ଜୁନ୍ ୨୬ ତାରିଖ ରାତି ସାଢ଼େ ୮ଟା ବେଳେ ସେ ତାଙ୍କ ପୁଅ ଓ ମା'ଙ୍କ ସହିତ ଶେଷ ଥର ପାଇଁ ଫୋନ୍‌ରେ କଥା ହୋଇଥିଲେ। ଶାଶୁଘରେ ଜମିବାଡ଼ିକୁ ନେଇ ବିବାଦ ଚାଲିଥିବାରୁ ସେ ଶାଶୁଘରକୁ ଆସିଥିବା ତାଙ୍କ ମା'ଙ୍କୁ କହିଥିଲେ। ତେବେ ସେ ଶାଶୁଘର ଗାଁକୁ ଆସିଥିବା ବେଳେ କେହି ତାଙ୍କୁ ହତ୍ୟା କରି ମୃତଦେହ ଜଳାଇ ଦେବାକୁ ଯୋଜନା କରିଥିଲେ। କାଠୁଆଗଣ୍ଡ ଘେରିବନ୍ଧ ନିକଟରେ ତାଙ୍କ ଶବ ଜଳାଇବା ଉଦ୍ଦେଶ୍ୟରେ ଜାର୍‌ରେ ପେଟ୍ରୋଲ ଓ ଦୁଇଟି ବସ୍ତାରେ ଜାଳ ନିଆଯାଇଥିଲା। ମାତ୍ର କୌଣସି କାରଣରୁ ସେଠାରେ ମୃତଦେହ ଓ ଜାଳ, ପେଟ୍ରୋଲ ସେଠାରେ ଫିଙ୍ଗିଦେଇ ଚାଲିଆସିଥିଲେ। ଅନ୍ୟପକ୍ଷରେ ରାନୀଙ୍କ ପୋଷ୍ଟମୋର୍ଟମ ରିପୋର୍ଟରେ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ହେଲେ ପୋଲିସ ଏ ପର୍ଯ୍ୟନ୍ତ ଏହି ଘଟଣାରେ କାହାର ସମ୍ପୃକ୍ତି ରହିଛି ସେ ନେଇ କିଛି ସୁରାକ ପାଉନ ଥିବା ପୋଲିସର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ ଶେଷ



ଆଡପ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତି।

- ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ
- ବ୍ୟାପକ ସୁରକ୍ଷା ବ୍ୟବସ୍ଥା

କେନ୍ଦ୍ରାପଡା ଅଫିସ, ୧୧।୭

ଇଚ୍ଛାପୁରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ସାନ୍ଧ୍ୟ ଦର୍ଶନ ଗୁରୁବାର ଶେଷ ହୋଇଛି। ଆଡପ ମଣ୍ଡପରେ ଶ୍ରୀଜୀଉଙ୍କ ଶେଷ ଦିବସ ହୋଇଥିବାରୁ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧାଡ଼ିରେ ଯାଇ ଶ୍ରଦ୍ଧାଳୁମାନେ ତିନିଠାକୁରଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟା ଦର୍ଶନ ଲାଗି ପ୍ରାୟ ୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ରୀତିନୀତି ଅନୁଯାୟୀ ସକାଳ ୬ରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ହୋଇଥିଲା। ୮ଟା ୩୦ରେ ନୀତିସ୍ନାନ, ୯ଟା ୩୦ରେ ଗୋପାଳବଲ୍ଲଭ ଧୂପ, ଅପରାହ୍ନ ୧ଟାରେ ଖେଚୁଡ଼ି ଧୂପ ଓ ସାହାଣ ମେଲା ହୋଇଥିଲା। ଅପରାହ୍ନ ୪ଟା ୩୦ରୁ ୫ଟା ୩୦ ଯାଏଁ ମନ୍ଦିର ବନ୍ଦ ରହିଥିଲା। ସନ୍ଧ୍ୟା ୬ଟା ୩୦ରେ ଉଠାଣି ଅବକାଶ ହୋଇ ସନ୍ଧ୍ୟା ଆଳତି ସମାପ୍ତ ହୋଇଥିଲା। ଶ୍ରୀବଳଦେବ ଜୀଉଙ୍କ ରୀତିନୀତି ଅନୁଯାୟୀ ରାତ୍ର ୧୧ଟାରେ ବଡ ସିଂହାର ବେଶ ହୋଇ ଠାକୁରମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି ହୋଇଥିବା ଉପୁଣୀ ପିଠା ମଣୋହି ହେବ ବୋଲି ମନ୍ଦିର ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି। ଶୁକ୍ରବାର ବାହୁଡା ଦଶମୀ ଅବସରରେ ଠାକୁରଙ୍କ ଖେଚୁଡ଼ି ଧୂପ ପରେ ରଥ ଦକ୍ଷିଣମୋଡ଼ ହେବ। ବାହୁଡା ଦ୍ୱାରରେ ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ରୀଜୀଉଙ୍କୁ ଧାଡି ପହଣ୍ଡିରେ ରଥାରୂଢ଼ କରାଯିବ। ଏକାଦଶୀ ତିଥିର ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଟଣାଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଁଠାରେ ଖଡୁଗଡୁ, କେଉଁଠାରେ ମୁଦି;**
**କେଉଁଠାରେ ବୋଲାଉଛ କରୁଣାନିଧି ।**

ପିତଳରେ ଖଡୁ, ଗଡୁ ଓ ଛୋଟ ଲୋଟା ଓ ମୁଦି ଆଦି ଗଢ଼ାଯାଇଥାଏ। ଏସବୁକୁ କେହି ବେଶି ପ୍ରାଧାନ୍ୟ ଦେଇ ନ ଥାନ୍ତି। କିନ୍ତୁ ପିତଳରେ ଦେବଦେବୀଙ୍କ ମୂର୍ତ୍ତିଗଢ଼ା ହେଲେ ତାଙ୍କୁ ଫୁଲ ଚନ୍ଦନ ଓ ନୈବିଦ୍ୟ ଦେଇ ପୂଜା କରିଥାନ୍ତି। ସ୍ଥାନ ଓ ଉଦ୍ଦେଶ୍ୟ ଅନୁସାରେ ବସ୍ତୁର ପ୍ରାଧାନ୍ୟରେ ଭିନ୍ନତା ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉଡ଼ି ନବ ଗଣି,**
**ପାଣି ପିଇବ ଛାଣି ।**

ଟଙ୍କା ପଇସା କାରବାର କଲାବେଳେ ଏହାକୁ ଗଣି ରଖିବା ଉଚିତ ହୋଇଥାଏ। ଟଙ୍କା ପଇସା ଗଣି ରଖିଲେ ପଛକୁ ସନ୍ଦେହ କରିବାର ଆଉ କୌଣସି ଅବକାଶ ରହି ନ ଥାଏ। ସେହିପରି ସ୍ୱଚ୍ଛ ତଥା ନିର୍ମଳ ପାଣି ସ୍ୱାସ୍ଥ୍ୟପକ୍ଷେ ହିତକର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାହୁଡ଼ା ପରେ ତୁଙ୍ଗନେତାଙ୍କ ଗସ୍ତ

### ପାଟକୁରା ବିଧାନସଭା ନିର୍ବାଚନ

କେନ୍ଦ୍ରାପଡା ଅଫିସ, ୧୧।୭

ପାଟକୁରା ନିର୍ବାଚନ ପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ୍। ୩ ପ୍ରମୁଖ ଦଳର ପ୍ରାର୍ଥୀ ପ୍ରଚାର ଜୋରଦାର ଚଳାଇଥିବା ବେଳେ ଆସନ କିଏ ହାତେଇବ ସେ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଜାରି ରହିଛି ଉତ୍ସାହ। କିଏ ପାଟକୁରାବାସୀଙ୍କ ସମସ୍ୟା, ଅସୁବିଧା ବିଧାନସଭାରେ ଉଠାଇ ତା'ର ସମାଧାନ କରିପାରିବ ସେ ନେଇ ଭୋଟର ତର୍ଜମା କରୁଛନ୍ତି। ବିଜେଡି ଓ ଭାଜପା ପାଇଁ ଏହି ଆସନ ଏବେ ସମ୍ମାନର ପ୍ରଶ୍ନ ପାଲଟି ଥିବା ବେଳେ କଂଗ୍ରେସର ରାଜ୍ୟ ନେତୃବୃନ୍ଦ ମଧ୍ୟ ଆସନ ହାତେଇବାକୁ ଅଣ୍ଟା ଭିଡ଼ିଛନ୍ତି। ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳର ଷ୍ଟାର ପ୍ରଚାରକଙ୍କ ନାମ ଘୋଷଣା କରିଛନ୍ତି। ତେବେ ଗତ ରାଜ୍ୟ ସଭା ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ବିଜେଡି ଖୋଲାଖୋଲି ସମର୍ଥନ ଦେବା ପରେ ଦୁଇ ଦଳର ନେତା ପ୍ରଚାର ମଇଦାନରେ କିପରି ପରସ୍ପରକୁ ଆକ୍ଷେପ ଓ ପ୍ରତିଆକ୍ଷେପ କରିବେ, ତାହାକୁ ରାଜ୍ୟବାସୀ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଦୁଇ ଦଳ ମିଳି ମିଶି ନିର୍ବାଚନ ଲଢୁଛନ୍ତି ବୋଲି କଂଗ୍ରେସ ଓ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଅଭିଯୋଗ ଆଣିଛନ୍ତି।

ଅନ୍ୟପଟେ କେବଳ ବିଜେଡି ପ୍ରାର୍ଥୀଙ୍କୁ ଛାଡ଼ିଲେ ନାମାଙ୍କନ ପତ୍ର ଦାଖଲ ତାରିଖଠାରୁ ମତଦାନ ଦିବସ ମଧ୍ୟରେ ୧୦୩ ଦିନ ବ୍ୟବଧାନ ରହିଛି। ଏହି ଲମ୍ବା ସମୟ ପ୍ରାର୍ଥୀ ଓ ଦଳୀୟ ନେତାଙ୍କୁ ପ୍ରଚାର ପାଇଁ ପର୍ଯ୍ୟାପ୍ତ ସମୟ ଦେଇଛି। ଫଳରେ ଗତ ଏକ ମାସ ହେବ ପାଟକୁରାକୁ ଦଳୀୟ ନେତା, ମନ୍ତ୍ରୀଙ୍କ ଗସ୍ତ ନିର୍ବାଚନୀ ମାହୋଲକୁ ଉଷ୍ମ କରିଛି। ଇତିମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ବିଜେଡି ମନ୍ତ୍ରୀ ଓ ୫୦ରୁ ଊର୍ଦ୍ଧ୍ୱ ବିଧାୟକ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମରେ ବୁଲି ପ୍ରଚାର କରୁଥିବା ବେଳେ ରାଜ୍ୟ ଭାଜପା ନେତୃବୃନ୍ଦଙ୍କ ସୁଅ ଛୁଟୁଛି। ତେବେ ପ୍ରଚାର ପାଇଁ ବାହୁଡ଼ା ପରଠାରୁ ରାଜ୍ୟ ଓ କେନ୍ଦ୍ରସ୍ତରର ନେତା ପାଟକୁରା ଆସିବେ ବୋଲି ସୂଚନା ମିଳିଛି। ସେହିପରି ଆସନ୍ତା ୧୨ ତାରିଖରେ କଂଗ୍ରେସର ରାଜ୍ୟସ୍ତରର ନେତା ପାଟକୁରାରେ ପହଞ୍ଚି ଦଳୀୟ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ପାଇଁ ପ୍ରଚାର କରିବେ। ୧୪ରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଟକୁରା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୧୭ ତାରିଖରେ ପାଟକୁରା ନିର୍ବାଚନମଣ୍ଡଳୀ ଗସ୍ତ କରି ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ପ୍ରଚାର କରିବେ। ତେବେ ମୁଖ୍ୟମନ୍ତ୍ରୀ ୧୮ ତାରିଖରେ ମଧ୍ୟ ପ୍ରଚାରରେ ସାମିଲ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

ଇତିମଧ୍ୟରେ ବିଜେଡି ଓ ଭାଜପା ପକ୍ଷରୁ କର୍ମୀ ସମ୍ମିଳନୀ, ବୈଠକ, ଘର ଘର ବୁଲି ପ୍ରଚାର କରିବାକୁ ଗୁରୁତ୍ୱ ଦିଆଯାଇଛି। ବିଜେଡି ପକ୍ଷରୁ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ଅଞ୍ଚଳର ଭୋଟରଙ୍କ ପାଇଁ ପୃଥକ୍ ଭାବେ କେତେକ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳୀୟ ଅନ୍ତଃକନ୍ଦଳ ମେଣ୍ଟାଇବା ପାଇଁ ମୁଖ୍ୟମନ୍ତ୍ରୀ କେତେକ ନେତାଙ୍କୁ ନବୀନ ନିବାସ ଡକାଇ ତାଗିଦ କରିଥିବା ବେଳେ ୪୦ ହଜାରରୁ ଅଧିକ ଭୋଟ ପାଇବା ପାଇଁ ରଣକୌଶଳ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଭାଜପା ପ୍ରାର୍ଥୀ ବିଜୟଙ୍କ ପାଇଁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ରୋଡ ଶୋ' କରିଥିବା ବେଳେ ରାଜ୍ୟ ପ୍ରଭାରୀ ଅରୁଣ ସିଂହ, ବରିଷ୍ଠ ନେତା ମନମୋହନ ସାମଲ, କନକବର୍ଦ୍ଧନ ସିଂହଦେଓ, ଭୃଗୁ ବକ୍ସିପାତ୍ର ପ୍ରମୁଖ ନିର୍ବାଚନ କ୍ଷେତ୍ରକୁ ଗସ୍ତ କରିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାଜ୍ୟ ସଭା ପାଇଁ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ ଦେବା ପରେ ରାଜ୍ୟ ରାଜନୀତିରେ ରାଜନୈତିକ ସମୀକରଣ ବଦଳିଥିବା ପରିଲକ୍ଷିତ ହେଉଛି। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଓ ବିଜେଡି ମଧ୍ୟରେ ଥିବା ତୀବ୍ର ବିରୋଧ ନରମିଯାଇଛି। ଶୀର୍ଷ ସ୍ଥାନୀୟ ନେତୃବୃନ୍ଦ ପାଟକୁରା ନିର୍ବାଚନ ପ୍ରଚାର ସମୟରେ ପ୍ରତିପକ୍ଷଙ୍କୁ କେଉଁ ପ୍ରକାର ବିରୋଧ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ବିଜୟଙ୍କ ପ୍ରତି ପାଟକୁରାବାସୀଙ୍କର ଦୃଢ଼ ସମର୍ଥନ ରହିଛି: ଭାଜପା

କେନ୍ଦ୍ରାପଡା ଅଫିସ, ୧୧।୭




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ପାଟକୁରାରେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ବିଜେଡି ପକ୍ଷରୁ ଟଙ୍କା ବଣ୍ଟା ହେଉଛି। ଯାହା ନିର୍ବାଚନର ସାଧାରଣ ଆଚରଣ ବିଧିକୁ ଉଲ୍ଲଂଘନ କରୁଛି। ଏ ନେଇ ଭାଜପା ପକ୍ଷରୁ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ବିଜେଡିର ଏହି ଟଙ୍କା ବଣ୍ଟନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସତ୍ତ୍ୱେ ଏହି ଆସନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ନିଶ୍ଚିତ ଜିତିବେ। ପାଟକୁରାର ସ୍ୱାଭିମାନ ବଞ୍ଚାଇବା ପାଇଁ ଏଥର ଭୋଟର ମନ ସ୍ଥିର କରିଛନ୍ତି ବୋଲି ଭାଜପା ନେତା ତଥା ରାଜ୍ୟ ପ୍ରଭାରୀ ଅରୁଣ ସିଂ କହିଛନ୍ତି। ସହରର ଏକ କଲ୍ୟାଣ ମଣ୍ଡପରେ ଗୁରୁବାର ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ପ୍ରଭାରୀ ସିଂ, ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ, ଭୃଗୁ ବକ୍ସିପାତ୍ର, ବିଧାୟକ ବିଷ୍ଣୁ ସେଠୀ ସାମିଲ ହୋଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ଜନ୍ମମାଟି ପାଟକୁରାରେ ବିଜୟ ୪ ଥର ବିଧାୟକ ହୋଇଛନ୍ତି। ତତ୍କାଳୀନ ସମୟରେ ହୋଇଥିବା ବିକାଶକୁ ପାଟକୁରା ବିଧାନସଭା କ୍ଷେତ୍ର ଅଧିବାସୀ ଅଙ୍ଗେ ନିଭାଇଛନ୍ତି। ତେବେ ତାଙ୍କ ପରେ ନିର୍ବାଚିତ ପ୍ରତିନିଧିମାନେ ବିକାଶର ଧାରା ଆଗକୁ ନେବା ପରିବର୍ତ୍ତେ ଠପ୍ ହୋଇଛି। ଦୁଇ ଦିନ ଲୋକଙ୍କ ସହ ମିଶିବା ପରେ ବିଜୟଙ୍କ ପ୍ରତି ପାଟକୁରାବାସୀଙ୍କ ଦୃଢ଼ ସମର୍ଥନ ରହିଥିବା ଜଣାପଡ଼ିଛି ବୋଲି ରାଜ୍ୟ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବା ବେଳର ଫଟୋ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଭୁବନମୋହନ ଜେନା, ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଫ୍ଟୱେର ସ୍ପୋକନ୍ ଟ୍ୟୁଟୋରିଆଲ କାର୍ଯ୍ୟକ୍ରମ

କେନ୍ଦ୍ରାପଡା ଅଫିସ, ୧୧।୭

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ମିଶନ ପକ୍ଷରୁ ସୂଚନା ଓ ବୈଷୟିକ ଯୋଗାଯୋଗ ମାଧ୍ୟମରେ ବମ୍ବେ ଆଇଆଇଟି ଓ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ସଫ୍ଟୱେର ସ୍ପୋକନ ଟ୍ୟୁଟୋରିଆଲ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ରହ୍ମପୁର ଆରଆଇଟିର ଏମ୍‌ସିଏ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁନୀଲ କୁମାର ନାହାକ, ରିସୋର୍ସପର୍ସନ ଭାବେ ଯୋଗଦେଇ ସଫ୍ଟୱେର ସ୍ପୋକନ ଟ୍ୟୁଟୋରିଆଲ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କଲେଜ ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚରଣ ବେହେରା, ପ୍ରଫେସର ପୂର୍ବାଷା ପ୍ରିୟଦର୍ଶିନୀ ଉତ୍ସବ ସଂଯୋଜନା କରିଥିଲେ। ସଂଯୋଜକ ପ୍ରଫେସର ଆନନ୍ଦ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ମିଶ୍ର, ଡ. ଜ୍ଞାନୀନ୍ଦ୍ର ଦାଶ, ରଞ୍ଜିତ କୁମାର ଦାସ, ଡ. ପ୍ରଭାକର ମଲ୍ଲିକଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଆଳି ବିଇଓଙ୍କ ବିଦ୍ୟାଳୟ ପରିଦର୍ଶନ



ବିଇଓ ଧ୍ରୁବଚରଣ ମହାନ୍ତି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

ଆଳି, ୧୧।୭ (ଡି.ଏନ୍.ଏ.)

ଜୁନ ୨୧ ତାରିଖରୁ ବିଦ୍ୟାଳୟଗୁଡିକ ଖୋଲିବା ପରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍‌ଥାନ କାର୍ଯ୍ୟକ୍ରମ ଓ ପ୍ରାଥମିକ ବିଦ୍ୟାଳୟରେ ଉଜ୍ଜ୍ୱଳ କାର୍ଯ୍ୟକ୍ରମ ୪୦ ଦିନ ବ୍ୟାପୀ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଆଳି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଧ୍ରୁବଚରଣ ମହାନ୍ତି ଓ ସିଆରସିସି ଅକ୍ଷୟ କୁମାର ଜେନା, ଅଟାଳ କ୍ଲଷ୍ଟରର ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ତଦାରଖ କରିଥିଲେ। ଏହି ଅବସରରେ ବିଇଓ ଶ୍ରେଣୀଗୃହକୁ ଯାଇ ପିଲାମାନଙ୍କ ସହିତ ଉତ୍ଥାନ କାର୍ଯ୍ୟକ୍ରମର ଭାବ ବିନିମୟ କରିବା ସହିତ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଉତଥାନ କାର୍ଯ୍ୟକ୍ରମର ପୁସ୍ତକଗୁଡ଼ିକୁ ସେ ତନଖି କରିବା ସହିତ ଏହି କାର୍ଯ୍ୟକ୍ରମ କିଭଳି ଆହୁରି ଉନ୍ନତ ହୋଇପାରିବ ସେ ଦିଗରେ ଶିକ୍ଷକମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏହାପରେ ସେ ମେଣ୍ଟପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ଅଷ୍ଟମ ଶ୍ରେଣୀର ଉତ୍ଥାନ କାର୍ଯ୍ୟକ୍ରମ ତଦାରଖ କରିଥିଲେ।


## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଟ୍ରକ୍

1. ଟେଣ୍ଡର ସଂ.13-KUR-TRD-0T-2019-20, ତା.02.07.2019ରିଖ

କାର୍ଯ୍ୟର ନାମ : 24 ଘଣ୍ଟିଆ ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ ରାହାମା ସ୍ଥିତ OHE ଡ଼ିପୋ ପାଇଁ TATA LPT-1613 କିମ୍ବା ଅନୁରୂପ (କ୍ୟାବିନ୍ ଭିତରେ 1+5 ବସିବା କ୍ଷମତା ସହିତ) ମେକ୍ ଏବଂ ମଡେଲ ର ୨ ଟନ୍ ବୋଝେଇ କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 21,16,671/-, EMD (ଟଙ୍କାରେ) : 42,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

2. ଟେଣ୍ଡର ସଂ.14-KUR-TRD-0T-2019-20, ତା.02.07.2019ରିଖ

କାର୍ଯ୍ୟର ନାମ : 24 ଘଣ୍ଟିଆ ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ କଟକ ସ୍ଥିତ OHE ଡ଼ିପୋ ପାଇଁ TATA LPT-1613 କିମ୍ବା ଅନୁରୂପ (କ୍ୟାବିନ୍ ଭିତରେ 1+5 ବସିବା କ୍ଷମତା ସହିତ) ମେକ୍ ଏବଂ ମଡେଲ ର ୨ ଟନ୍ ବୋଝେଇ କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 21,16,671/-, EMD (ଟଙ୍କାରେ) : 42,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

ବିଡ୍ ଦାଖଲ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) : ତା.22.07.2019 ରିଖ 1330 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) : ତା.22.07.2019 ରିଖ 1530 ଘଟିକାରେ।

ଟେଣ୍ଡର ନଥିପତ୍ର ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)
PR-219/K/19-20 ଖୋର୍ଦ୍ଧା ରୋଡ୍

## ରେଳୱେ ବିଦ୍ୟୁତୀକରଣ
### ଭୁବନେଶ୍ୱର
### ସଂକେତ ଏବଂ ଦୂରସଂଚାର କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.S-T_RE_BBS_KUR-BLGR_TELE, ତା.01.07.2019 ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ଏବଂ ସମ୍ବଲପୁର ମଣ୍ଡଳର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ସେକ୍ସନରେ ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (SP) / ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (SSP) / ଟ୍ରାକ୍ସନ ସବ୍-ଷ୍ଟେସନ (TSS) / ଟାୱାର ୱାଗନ ସେଡ୍ (TWS)ରେ ଗୁରୁତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ଜରୁରୀକାଳୀନ ସକେଟ, ଆର୍ଥିଙ୍ଗ୍ ଇତ୍ୟାଦିର ସଂସ୍ଥାପନ ସହିତ 6-କ୍ୱାଡ୍, OFC ଏବଂ PIJF କେବୁଲଗୁଡ଼ିକ ନିମନ୍ତେ ଖାଇ ଖନନ, ବିଛାଇବା ଏବଂ ଯୋଡ଼ିବା କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,61,13,297/-, EMD (ଟଙ୍କାରେ) : 2,30,600/-, ଟେଣ୍ଡର ପେପରର ମୂଲ୍ୟ (ଟଙ୍କାରେ) : 5,000/-, କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ)ମାସ।

ଟେଣ୍ଡର ବନ୍ଦ ହେବା ଏବଂ ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ : ତା.26.07.2019 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ଖୋଲାଯିବା ତାରିଖର 07 (ସାତ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/
PR-222/K/RE/19-20 ରେଳୱେ ବିଦ୍ୟୁତୀକରଣ,ଭୁବନେଶ୍ୱର

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


ASTROLOGY ASTROLOGY

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ



ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BUSINESS BUSINESS

FINANCE FINANCE

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
9078842412



DHARITRI
Career appointment
Every Wednesday and Saturday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମାଉସୀ ମା' ମନ୍ଦିରରେ ଭଜନ ସନ୍ଧ୍ୟା

**ରାହାମା,୧୧।୭(ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ କନ୍ଦମୂଳ ପଡିଆଠାରେ ଥିବା ଶ୍ରୀ ଶ୍ରୀ ଦଧିବାମନ ଜୀଉ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ମାଉସୀ ମା' ମନ୍ଦିର ନିକଟରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିସହ ନୂତନ ଜିଲାପାଳ ତଥା ଏହି ମାଟିର ପୁଅ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ରାହାମା ପ୍ରେସ୍ କ୍ଲବ, ରାହାମା ବଣିକ ସଂଘ ଓ ରଥ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରଥ କମିଟିର ସ୍ଥାୟୀ ସଭାପତି ନିତ୍ୟାନନ୍ଦ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ସୁନାକର ବେହେରା ପରିଚାଳନା କରିଥିଲେ। ଆଖଣ୍ଡଳମଣୀ ବିଦ୍ୟାପୀଠର ଶିକ୍ଷକ ବିନୋଦ କୁମାର ମୁଦୁଲି ଅତିଥି ପରିଚୟ ପ୍ରଦାନ ଓ ମାନପତ୍ର ପାଠ କରିଥିଲେ। ରଥ କମିଟି କୋଷାଧ୍ୟକ୍ଷ ଭିକାରୀ ଚରଣ ସେନାପତି, ଶିଶିର ଦାସ, ବଣିକ ସଂଘ ସଭାପତି ଜଟାଧାରୀ ଦାସ, ତାଳପଡ଼ା ମମତା ସାହୁ, ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର, ପ୍ରତାପ ଦାସ, ରଶ୍ମିକାନ୍ତ ଦାସ, ଚିନ୍ମୟ ଦାସ, ମନରୋମା ମହାପାତ୍ର, ମନୋଜ ସାହୁ, ରବୀନ୍ଦ୍ର ପ୍ରଧାନ, ରାହାମା ପ୍ରେସ୍ କ୍ଲବ୍ ସଭାପତି ମାନସ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

**ସାଲେପୁର, ୧୧।୭ (ଡ଼ି.ଏନ୍.ଏ):** ସାଲେପୁର ବ୍ଲକ୍ ଶିଶୁଆ ପଞ୍ଚାୟତ ଅନ୍ତର୍ଗତ ବାହାରପଡ଼ା ଗ୍ରାମର ପ୍ରମୋଦ କୁମାର ପଣ୍ଡା (ସୁକାନ୍ତ ନନା)ଙ୍କ ବୁଧବାର ୫୨ ବର୍ଷରେ ପରଲୋକ ଘଟିଛି। ସେ ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ଉଚ୍ଚବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ପ୍ରମୋଦ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ବନ୍ଧୁବତ୍ସଳଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ।

### ତାଳଦଣ୍ଡାରେ ଗୀତାଯଜ୍ଞ ପୂର୍ଣ୍ଣାହୁତି

**କୁଜଙ୍ଗ,୧୧।୭(ସ୍ୱ.ପ୍ର.)** କୁଜଙ୍ଗ ତାଳଦଣ୍ଡାସ୍ଥିତ ମାଉସୀ ମା'ମନ୍ଦିରରେ ଠାକୁରଙ୍କ ଘୋଷଯାତ୍ରା ଉପଲକ୍ଷେ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ହୋଇଆସୁଥିବା ୭ ଦିନିଆ ଗୀତା ଯଜ୍ଞର ଗୁରୁବାର ପୂର୍ଣ୍ଣାହୁତି ଦିଆଯାଇଛି। ଶୁକ୍ରବାର ମହାପ୍ରଭୁଙ୍କ ବାହୁଡା ଯାତ୍ରା ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ଏଥିସହ ମିଶନ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶହ ଶହ ବ୍ୟକ୍ତି ଯୋଗ ଦେଇଥିଲେ।

■ ସ୍ଲୁଇସ ଗେଟ୍ କାମ ନିମ୍ନମାନର

# ପ୍ରଭାବିତ ହେବେ ୫ ପଞ୍ଚାୟତର ଚାଷୀ

**ନାଉଗାଁ,୧୧।୭(ସ୍ୱ.ପ୍ର.)**

ଚାଷ ଜମିରୁ ଉଦ୍‌ବୃତ ଜଳ ନିଷ୍କାସନ ସହିତ ଆବଶ୍ୟକ ସମୟରେ ସଂରକ୍ଷିତ ଜଳକୁ ଚାଷ କାର୍ଯ୍ୟରେ ବିନିଯୋଗ କରିବା ନିମନ୍ତେ ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଗୋବରୀ ନଦୀରେ ସ୍ଲୁଇସ ଗେଟ୍ ନିର୍ମାଣ କରାଯାଇଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଲୁଇସ ଗେଟ୍ ନଷ୍ଟ ହୋଇଗଲାଣି। ସେହିପରି କେତେକ ସ୍ଲୁଇସ ଗେଟ୍‌କୁ ମାଛ ଧରାଳିମାନେ ମନଇଚ୍ଛା ବ୍ୟବହାର କରୁଛନ୍ତି। ଏହି ବ୍ଲକର କୋରୁଅ ପଞ୍ଚାୟତ ଗାରୋଇଠାରେ ଦେବୀ ଓ ଗୋବରୀ ନଦୀର ସଙ୍ଗମ ସ୍ଥଳରେ ନିର୍ମିତ ହୋଇ ଏକ ସ୍ଲୁଇସ ଗେଟ୍। ଏହି ଗେଟ୍ ୧୯୮୩ ମସିହାରେ ଜଳ ସମ୍ପଦ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ଏହା ମାଧ୍ୟମରେ ଡେରିକି, କୋରୁଅ, ଓଷକଣା, ତିରୁଣା, ଡାବର ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମିରୁ ବର୍ଷା ଦିନେ ଉଦବୃତ


ନିର୍ମାଣାଧୀନ ସ୍ଲୁଇସ୍ ଗେଟ୍।

ଜଳ ନିଷ୍କାସିତ ହୋଇଥାଏ। ସେହିପରି ଆବଶ୍ୟକ ସମୟରେ ଏହା ମାଧ୍ୟମରେ ଚାଷୀ ଜଳସେଚନ ସୁବିଧା ପାଇଥାନ୍ତି। ଦୀର୍ଘଦିନ ଧରି ଏହି ସ୍ଲୁଇସ ଗେଟ୍ ମାଛ ଧରାଳିଙ୍କ କବ୍‌ଜାରେ ରହିଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଅଧିକାଂଶ ଗେଟ୍ ନଷ୍ଟ ହୋଇଯାଇଥିଲା। ଫଳରେ ଜଳ ନିଷ୍କାସନ ଓ ସଂରକ୍ଷଣରେ ବାଧା ସୃଷ୍ଟି ହେଉଥିଲା। ଏହାର ମରାମତି ପାଇଁ ଚାଷୀମାନେ ବାରମ୍ବାର ଦାବି କରିବା ପରେ ବିଭାଗ ପକ୍ଷରୁ କିଛିଦିନ ହେଲା ସ୍ଲୁଇସ ଗେଟ୍ ମରାମତି କାମ ଆରମ୍ଭ ହୋଇଛି। କିନ୍ତୁ କାମ ହେଉଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ନିମ୍ନମାନର କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ୫ ପଞ୍ଚାୟତର ଚାଷୀ ଏହି ସ୍ଲୁଇସ୍ ଗେଟ୍ ଉପରେ ନିର୍ଭରଶୀଳ। ତେଣୁ ଏହି ଗେଟ୍ ମରାମତି କାର୍ଯ୍ୟ ଠିକ୍ ଭାବେ କରିବାକୁ ସେମାନେ ଦାବି କରିଛନ୍ତି।


ଢିଙ୍କିଆ ସରପଞ୍ଚଙ୍କୁ ମନ୍ତ୍ରୀ ରଘୁନନ୍ଦନ ଦାସ ସମ୍ବର୍ଦ୍ଧିତ କରୁଛନ୍ତି।

### ନବନିର୍ବାଚିତ ସରପଞ୍ଚ,ୱାର୍ଡସଭ୍ୟଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

# ଢିଙ୍କିଆରେ ବିକାଶକୁ ତ୍ୱରାନ୍ୱିତ କରାଯିବ

**କୁଜଙ୍ଗ,୧୧।୭(ସ୍ୱ.ପ୍ର.)**

ପାରାଦୀପ ଆଇଓସିଏଲ ସଂଲଗ୍ନ ଢିଙ୍କିଆ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଓ ୱାର୍ଡସଭ୍ୟମାନଙ୍କୁ ପାଟଣା ହାଟପଡ଼ିଆଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ଢିଙ୍କିଆର ବିକାଶକୁ ତ୍ୱରାନ୍ୱିତ କରାଯିବ। ପୋସ୍କୋ ପ୍ରକଳ୍ପ ନିର୍ମାଣ ସମୟରେ ଏହା ବିରୋଧୀଙ୍କ ଗଡ଼ ଥିଲା। ଫଳରେ ପୋଲିସ ପ୍ରଶାସନ ଏଠାକୁ ପ୍ରବେଶ ସହଜ ନ ଥିଲା। ଏଥିପାଇଁ ବିକାଶ ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ତେବେ ପଞ୍ଚାୟତର ବିକାଶ ପାଇଁ ନବ ନିର୍ବାଚିତ ସରପଞ୍ଚଙ୍କୁ ଉପଯୁକ୍ତ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗଚ୍ଛାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ଦିପ୍ତୀରଞ୍ଜନ କୁଅଁର, ବିଜେଡି ସାଧାରଣ ସମ୍ପାଦକ ପଦ୍ମଲୋଚନ ଦାଶ, ସାମାଜିକ କର୍ମୀ ଅକ୍ଷୟ ସ୍ୱାଇଁ, କରୁଣାକର ଦାସ, ବଳେଇପୁର ସରପଞ୍ଚ ମୁରଲୀଧର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ କିଶୋର କୁମାର ପରିଡ଼ା ମଧ୍ୟ ମନ୍ତ୍ରୀ ଦାସ ଓ ଉପସ୍ଥିତ ନେତୃବର୍ଗଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ରଞ୍ଜନ କୁମାର ବର୍ଦ୍ଧନ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶ୍ରମିକନେତା ଦିଲୀପ ବେହେରା ଧନ୍ୟବାଦ ଦେଇଥିଲେ। ସନାତନ ବର୍ଦ୍ଧନ, ଧନଞ୍ଜୟ ବେହେରା, ଅକ୍ଷୟ ବେହେରା, ପ୍ରଫୁଲ୍ଲ ମହାନ୍ତି, ଅନନ୍ତ ନାରାୟଣ ସ୍ୱାଇଁ, ନୃସିଂହ ଦାସ, ଭ୍ରମର ସେଠୀ, ଚନ୍ଦନ ମହାନ୍ତି, ନଟବର ଖଟୁଆ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଚେତନତା ଆବଶ୍ୟକ

**ଜଗତ୍‌ସିଂହପୁର ଅଫିସ, ୧୧।୭**

**ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ**

ସମ୍ପ୍ରତି ବିଶ୍ୱରେ ଜନସଂଖ୍ୟା ଯେଉଁ ହାରରେ ବୃଦ୍ଧିପାଉଛି ତାହା ଆଗାମୀ ଦିନରେ ଆହୁରି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏହାର ସମାଧାନ ପାଇଁ ସମସ୍ତେ ସଚେତନ ଓ ଦାୟିତ୍ୱବାନ ହେବା ଆବଶ୍ୟକ। ଜିଲା ସଦରମହକୁମା ଚିକିତ୍ସାଳୟର ନୂତନ ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଜୟ କୁମାର ବୈଠାରୁ ଏହା ପ୍ରକାଶ କରିଛନ୍ତି। ସେ କହିଲେ ଯେ, ୧୮୦୦ ମସିହାରେ ବିଶ୍ୱର ଜନସଂଖ୍ୟା ୨ ବିଲିୟନ ଥିବାବେଳେ ୨୦୧୯ ବେଳକୁ ତାହା ୭.୭ ବିଲିୟନକୁ ବୃଦ୍ଧିପାଇଛି। ଏହା ଆଦୌ ଶୁଭଙ୍କର ନୁହେଁ। ଏଥିପାଇଁ ଉଭୟ ମା'ଓ ଶିଶୁ କ୍ଷତିଗ୍ରସ୍ତ ହେଉଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବାର ନିୟୋଜନ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଅତିରିକ୍ତ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ବସନ୍ତ କୁମାର ବାରିକ ସାକ୍ଷରତା ହାର ବଢିଲେ ସଚେତନତା ବୃଦ୍ଧି ପାଇବ ବୋଲି କହିଥିଲେ। ଡିପିଏମ୍ ଚକ୍ରଧର ଜେନା ଜନସଂଖ୍ୟା ବୃଦ୍ଧିର ଅପକାରିତା ଓ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୀରେନ୍ଦ୍ର କୁମାର ନାୟକ ଚଳିତ ମାସ ୧୧ରୁ ୨୪ ତାରିଖ ମଧ୍ୟରେ ପରିବାର ସ୍ଥିରତା ପକ୍ଷ ଅବସରରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯିବ ବୋଲି କହିଥିଲେ। ବନ୍ଧ୍ୟାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡା. ମହେଶ୍ୱର ପ୍ରଧାନ, ଡା. ସରୋଜ କୁମାର ଜେନା, ଡା. ବସନ୍ତ କୁମାର ବାରିକ, ଡା. ପ୍ରମୋଦ କୁମାର ନାୟକ ଓ ଡା. ପ୍ରତାପ କୁମାର ଦାସଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଶିଶୁ ସ୍ୱାସ୍ଥ୍ୟ ଓ ପ୍ରଜନନ ଉପ ପରିଚାଳକ ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଜିଲା କୃଷି ଅଧିକାରୀ ମଲ୍ଲିକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରମେଶ ବେହେରା, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କ ସମେତ ଏକାଧିକ ନର୍ସିଂହୋମର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ବିରିଡି,୧୧।୭(ଡି.ଏନ.ଏ)**

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ସିଡିପିଓ ଗୌରୀ ଦେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଲୋକନାଥ ସାହୁ, ପିଏଚଇଓ ଭବାନୀ ଶଙ୍କର ହାଲଦାର, ବିପିଏମ ହରିହର ଚଇନି ପ୍ରମୁଖ ଯୋଗଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ ଯୋଜନାକୁ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଥିଲେ। ପରିବାର ନିୟୋଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱାସ୍ଥ୍ୟକର୍ମୀ ହେମଲତା ପରିଡା, ସାବିତ୍ରୀ ମଲ୍ଲିକ ଓ ବାସନ୍ତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କ ପେନ୍‌ସନ୍ ଅଦାଲତ

# ୧୦୨ ମାମଲା, ୭୫ ତୁରନ୍ତ ସମାଧାନ


ପେନସନ୍ ଅଦାଲତରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଜଗତ୍‌ସିଂହପୁର ଅଫିସ,୧୧।୭**

ଜଗତ୍‌ସିଂହପୁର ଜିଲାରେ ପ୍ରତି ମାସରେ ୨ଟି ପର୍ଯ୍ୟାୟରେ ପେନ୍‌ସନ୍ ଅଦାଲତ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହି ଅନୁଯାୟୀ, ଗୁରୁବାର ପ୍ରଥମ ପର୍ଯ୍ୟାୟ ଅଦାଲତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ଅଦାଲତରେ ଜିଲାର ୪ଟି ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଉକ୍ତ ବ୍ଲକଗୁଡିକ ହେଲା ବାଲିକୁଦା, ବିରିଡ଼ି, ଜଗତ୍‌ସିଂହପୁର ଓ ରଘୁନାଥପୁର। ମୋଟ ଉପରେ ୧୦୨ଟି ମାମଲାର ବିଚାର ହୋଇଥିବାବେଳେ ୭୫ଟି ତୁରନ୍ତ ସମାଧାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଅଦାଲତ ଜୁଲାଇ ୧୮ ତାରିଖରେ ଅନୁଷ୍ଠିତ ହେବ। ଏହିଦିନ କୁଜଙ୍ଗ, ଏରସମା, ତିର୍ତ୍ତୋଲ ଓ ନାଉଗାଁ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ପେନ୍‌ସନ୍ ସଂକ୍ରାନ୍ତୀୟ ମାମଲାର ବିଚାର ହେବ ବୋଲି ସୂଚନା ଦିଆଯାଇଛି। ଏହି ଅଦାଲତରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି ଏହା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଏକ ସୁଯୋଗ ଆଣିଥିବା କହିଥିଲେ। ସାଧାରଣ ପ୍ରଶାସନ ପେନ୍‌ସନ୍ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ସୁଧାଂଶୁ ଶେଖର ଭୂୟାଁ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଅମିମାଂସିତ ପେନ୍‌ସନ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବାରେ ଏହି ଅଦାଲତ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, କଣ୍ଟ୍ରୋଲର ଅଫ ଆକାଉଣ୍ଟସ୍ ବିଭାଗର ଯୁଗ୍ମ କଣ୍ଟ୍ରୋଲର ଦିଭାରାଣୀ ଡୋରା ପ୍ରମୁଖ ଉପସ୍ଥିତ ଥିଲେ। ପେନ୍‌ସନ୍ ମଞ୍ଜୁର ଅଧିକାରୀମାନେ ସେମାନଙ୍କ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ପେନ୍‌ସନ୍ ମଞ୍ଜୁର ପାଇଁ ଅଧିକ ସକ୍ରିୟ, ଆନ୍ତରିକତା ଓ ଦୃଢତାର ସହିତ କାର୍ଯ୍ୟ କରିବାକୁ କୁହାଯାଇଥିଲା। ବିଚାର ହୋଇଥିବା ୧୦୨ ମାମଲା ମଧ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ୩୯, ଜଗତ୍‌ସିଂହପୁର ବ୍ଲକର ୧୭, ବିରିଡ଼ି ୨୨, ରଘୁନାଥପୁର ୧୬ ଓ ବାଲିକୁଦା ବ୍ଲକର ୮ଟି ମାମଲା ଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ସାଧାରଣ ପ୍ରଶାସନ ଓ ପେନ୍‌ସନ୍ ଅଭିଯୋଗ ବିଭାଗର ସେକ୍‌ସନ୍ ଅଫିସର ପ୍ରଭାକର ଦାସ ଓ ଏଏସ୍‌ଓ ସନ୍ତୋଷ କୁମାର ମଲ୍ଲିକ, ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ସପନ ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ଓ ଶିକ୍ଷା ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


**Office of the Principal**
**ORISSA SCHOOL OF MINING ENGINEERING**
**Keonjhar, Odisha - 758001**

**No.38-KK:** Sealed quotations are invited from reputed Manufacturers/Authorized Dealers / Distributors /Suppliers for supply of **"Equipment/Machinery/Furniture etc"**. For details visit our website www.osme.co.in Last date for quotation is 12.08.2019. For details contact: 9861056080.

**Sd./- Principal**
30023/11/0001/1920

**Government of Odisha**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**
**No.: 6148/SSEPD** **Dt.10.07.19**
**SSEPD-DA3-DA-0001/2017**

**NOTICE**

No.07-gg: Application is hereby invited for appointment to **One** Post of State Coordinator for the Project "Universal ID for Persons with Disabilities (UDID)". Details of this notice containing required educational qualification, age etc. and other terms and conditions of appointment are available at the website **www.ssepd.gov.in**. Interested persons may furnish their application in plain paper along with Bio-data addressed to the Principal Secretary to Government, Social Security & Empowerment of Persons with Disabilities Department by 30th July 2019.

46001/11/0007/1920 **Sd./- Joint Secretary to Government**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

**ବିଜ୍ଞାପନ**

ପତ୍ରସଂଖ୍ୟା: ୦୫ ତା: ୦୩।୦୭।୨୦୧୯
File No.-H-93/2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗୃହ ନଂ.-ଏଚ୍‌ଆଇଜି-୫୨ (HIG-52) ଆଇଗିଣିଆ, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସଞ୍ଜୟ କୁମାର ପରିଜା, ପିତା- ୰ବିରଜା ଚରଣ ପରିଜା, ସା- ନାରାୟଣ ମିଶ୍ର ଲେନ୍, ମହତାବ ରୋଡ୍, ପୋ- ଅରୁଣୋଦୟ ମାର୍କେଟ୍, ଥାନା- ବାଦାମବାଡ଼ି, ଜି- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ସଞ୍ଜୟ କୁମାର ପରିଜା ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ ସଞ୍ଜୀବ କୁମାର ପରିଜା, ପିତା- ୰ବିରଜା ଚରଣ ପରିଜା, ସା- ନାରାୟଣ ମିଶ୍ର ଲେନ୍, ମହତାବ ରୋଡ୍, ପୋ- ଅରୁଣୋଦୟ ମାର୍କେଟ୍, ଥାନା- ବାଦାମବାଡ଼ି, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ADVERTISEMENT**

No.07-AA:- Applications are invited from intending candidates for the post of Member of Odisha Electricity Regulatory Commission (OERC). Last Date for receipt of applications is 5.30 P.M. of 12.08.2019. For details please visit the website of Energy Department of Govt. of Odisha at **http://energy.odisha.gov.in**

**Sd./-**
**Commissioner-cum-Secretary to Govt., Department of Energy**
**Government of Odisha**
04001/11/0001/1920

**GOVERNMENT OF ODISHA** No.163-O
OFFICE OF THE ENGINEER-IN-CHIEF
RURAL WORKS, BHUBANESWAR

**NOTICE INVITING TENDER FOR BUILDING WORKS IN ODISHA THROUGH e-procurement**

**No.- Online- 01-Bld.-2019-20** **Date: 09.07.2019**

**e-Procurement NOTICE**

| | | | |
|---|---|---|---|
| 1. | Name of the works | : | 1) Construction of 30 beded MCH at Sohela (Dist. -Bargarh) 2) Construction of 30 beded MCH at Simulia (Dist-Balasore) |
| 2. | Estimated cost | : | Rs.4.00 to 6.00 Crore |
| 3. | Class of Contractor | : | "A" Class & Special Class |
| 4. | Time for completion | : | 15 Calendar Months |
| 5. | E.M.D. required | : | 1% of the estimated cost |
| 6. | Cost of tender paper | : | Rs.10,000/- per set. |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of opending of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works.Building, Bhubaneswar | Online- 01-Bld.-2019-20 | 18.07.2019 11.00 A.M. | 06.08.2019 3.00 P.M. | 05.08.2019 | 07.08.2019 11.00 A.M. | 14.08.2019 11.00 A.M. |

7. Other details can be seen in the bidding documents, which is available in website **www.tendersorissa.gov.in**

**Sd./- Chief Engineer, Building Odisha, Bhubaneswar**
25123/11/0006/1920

**GOVERNMENT OF ODISHA** 167-O
**RURAL WATER SUPPLY & SANITATION ORGANISATION**
-x-x-x-x-x-x-x-
OFFICE OF THE EXECUTIVE ENGINEER
RWS&S DIVISION, ANGUL :AT: TALCHER
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)
:x:x:x:x:x:x:x:x:

**National Competitive Bidding through e-procurement**
**Bid Identification No. 04/EE/RWSS/ANGUL/2019-20 Dt. 06.07.2019 (Basudha)**

The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

1. No. of Tenders : 1 No.
2. Tender Paper Cost : Rs. 10,000.00
3. Value of work : Rs. 119.83 Lakhs
4. Class of Contractor : "B" & "A" Class
5. Date & time of availability of bid document in portal : 12.07.2019 at 17.00 hours to 19.07.2019 upto 17.00 hours
6. Date & time of seeking tender clarification : 16.07.2019 upto 17.00 hours
7. Date & time of opening of tender & verification of original document : 20.07.2019 at 15.00 hours in the office of the Executive Engineer, RWS&S Division, Angul:at:Talcher
8. Time of completion : 6 (Six) Calendar Months
9. The bidders have to participate in online biding only. Further details can be seen from the website **https://www.tendersodisha.gov.in**.
10. Corrigendum if any shall be publish in the above website only.

Sd/-
Executive Engineer,
RWS&S Division, Angul at Talcher
25019/11/0012/1920

**THE ODISHA STATE POLICE HOUSING & WELFARE CORPORATION LTD.**
**JANAPATH, BHOINAGAR, BHUBANESWAR - 22**
**(Electrical Division)**
**Ph.: 0674-2541545, 2542921, Fax: 0674-2541543**
**E-mail: jmelectricalophwc@gmail.com,**
**Website: www.ophwc.nic.in**
**INVITATIONS OF APPLICATION FOR PRE-QUALIFICATION OF REPUTED FIRMS FOR ENLISTMENT UNDER OSPH&WC, BHUBANESWAR**
**PRE-QUALIFICATION NOTICE NO.: 07/JM/ELECT/OPHWC/2019-20**

No.: CAD-181: Sealed applications in the prescribed format with detailed Pre-qualification Notice for enlistment of reputed firms under OSPH&WC are invited in single cover system from the eligible reputed firms for execution of FIRE FIGHTING WORKS. The firms who have already been submitted their Pre-qualification documents during Pre-qualification Notice published earlier vide No.-02/JM/ELECT/OPHWC/2019-20 are need not submit further. The detailed documents will be available from the website **www.ophwc.nic.in**.
The pre-qualification document is available from: **Dt.12.07.2019.**
Last date for issue of pre-qualification document is upto: **05.00 P.M. of Dt.16.07.2019.**
Last date for receipt of pre-qualification document is upto: **12.30 P.M. of Dt.17.07.2019.**
Date of opening of pre-qualification document at: **03.30 P.M. of Dt.17.07.2019.**

**Sd./- Joint Manager**
12025/11/0014/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୨ ଜୁଲାଇ, ୨୦୧୯



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି,
ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
- ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ଆରପିଡିଏସି ବୈଠକ ନେଇ ପ୍ରସ୍ତୁତି, ସିଏସ୍‌ଆରକୁ ନେଇ ଉଦ୍‌ବେଗ ପ୍ରକାଶ

**ଯାଜପୁର ଅଫିସ,୧୧।୭:** -କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆର୍‌ପିଡିଏସି ବୈଠକ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍‌ଆର୍) କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସିଏସ୍‌ଆର୍ ପାଣ୍ଠି ଓ ସଫଳତା ଉପରେ ହିସାବ ମାଗିଥିବାର ସୂଚନା ମିଳିଛି। ଏହାକୁ ନେଇ ବୈଠକରେ କିଛି ସମୟ ପାଇଁ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେବେ ଆଗାମୀ ୨ ସପ୍ତାହ ମଧ୍ୟରେ ଆରପିଡିଏସି ବୈଠକ ହେବା ନେଇ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଗତ ୩ ବର୍ଷ ମଧ୍ୟରେ ଆରପିଡିଏସି ବସି ନାହିଁ। ଏହାସହ ବିଧାନ ସଭା ଗୃହ କମିଟି ଗସ୍ତକୁ ୧ ବର୍ଷ ପୁରିଛି। କିମିଟିର ବିଭିନ୍ନ ପ୍ରତିଶ୍ରୁତି ଏ ଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ। ଏହି ମର୍ମରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା କୁହାଯାଉଛି।

### ଜିଲା ସଂସ୍କୃତି ପରିଷଦରେ ସୁକିନ୍ଦାରୁ ଜଣେ ମନୋନୀତ

**କଳିଙ୍ଗନଗର,୧୧।୭(ଡି.ଏନ୍.ଏ.):** ଯାଜପୁର ଜିଲା ସଂସ୍କୃତି ପରିଷଦର ସଦସ୍ୟଭାବେ ଗୁରୁବାର ସୁକିନ୍ଦା ଅଞ୍ଚଳର କବି, ସଂଗଠକ ତଥା ସୁକିନ୍ଦା ସାହିତ୍ୟ ସମାଜର ସମ୍ପାଦକ ହିମାଂଶୁ ଶେଖର ଦ୍ୱିବେଦୀଙ୍କୁ ମନୋନୀତ କରାଯାଇଛି। ଏ ନେଇ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ଓ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଯେ, ନିକଟରେ ଜିଲା ସଂସ୍କୃତି ପରିଷଦ ଗଠନ କରାଯାଇଥିଲା। ଏଥିରେ ସୁକିନ୍ଦାରୁ କାହାରିକୁ ସ୍ଥାନ ଦିଆଯାଇ ନ ଥିଲା। ଏହାକୁ ନେଇ ଗତ ୫ ତାରିଖ ବିଜେଡି ପକ୍ଷରୁ ଏକ ଟିମ୍ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିକୁ ବିଚାର କରି ଜିଲାପାଳ ଉକ୍ତ କମିଟିର ପୁନର୍ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ପୁନର୍ବାର ପରିଷଦ ଗଠନ କରାଯାଇଛି।

### ଅର୍ଥ ସାଜୁଛି ବାଧକ: ବଢ଼ିବାରେ ଲାଗିଛି ମେରୁଦଣ୍ଡ ହାଡ଼



**ସୁକିନ୍ଦା,୧୧।୭(ଡି.ଏନ୍.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ ଆମ୍ବିଳବା ପଞ୍ଚାୟତ ବରପାଳ ଗ୍ରାମର ଘାସିରାମ ମୁଣ୍ଡାଙ୍କ ପୁଅ ରତନା ମୁଣ୍ଡା ଜନ୍ମର ୫ ବର୍ଷ ପରଠାରୁ ଅପପୁଷ୍ଟି ଶିକାର ହୋଇଛନ୍ତି। ଏହି କାରଣରୁ ତାଙ୍କର ମେରୁଦଣ୍ଡ ହାଡ ବୃଦ୍ଧି ପାଇବାରେ ଲାଗିଛି। ପାରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଚିକିତ୍ସିତ ହୋଇ ନ ପାରି ଘରେ ପଡିଛନ୍ତି। ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରି ଯାହା ରୋଜଗାର ହେଉଛି। ସେଥିରେ ପରିବାରର ୬ ପ୍ରାଣୀଙ୍କ ଜଭରଣ ପୋଷଣରେ ସରିଯାଉଛି। ତେଣୁ ପୁଅର ଚିକିତ୍ସା ପାଇ ପଇସା ହେଉନି ବୋଲି ଘାସିରାମ କହିଛନ୍ତି।
ପ୍ରକଶ ଯେ, ୨୦୧୭ ଜୁଲାଇରେ ରତନାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ କର୍ମଚାରୀମାନେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଯୋଜନାରେ (ଆରବିଏସକେ) ନାମ ତାଲିକା ଭୁକ୍ତ କରି କଟକ କିମ୍ବା ଭୁବନେଶ୍ୱରରାଇ ଚିକିତ୍ସା ହେବାକୁ କହି ଘରକୁ ଫେରାଇ ଦେଇଥିଲେ। ପାଖରେ ଟଙ୍କା ନ ଥିବାରୁ ରତନା ଘର ବାରଣ୍ଡାରେ ସେବେଠାରୁ ପଡି ରହିଛନ୍ତି। ସରକାର ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ ଏହାର କେତେଦୂର ରୂପାୟନ ହୋଇଛି ତାହା ରତନାଙ୍କ କ୍ଷେତରୁ ଜଣାପଡିଛି। ଏ ସମ୍ପର୍କରେ ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସଙ୍କୁ ପଚାରିବାରୁ ତାଙ୍କ ନିକଟରେ ଏବାଦରେ କୌଣସି ଅଭିଯୋଗ ହୋଇ ନାହିଁ। ତେବେ ତୁରନ୍ତ ପରିବାରୁ ସହାୟତା କରାଯିବ ବୋଲି କହିଛନ୍ତି।

## ■ ପ୍ରାଚୁର୍ଯ୍ୟରେ ଭରପୂର, ହେଲେ ଶ୍ରୀହୀନ

# ବିକାଶ ବଦଳରେ ଠିକାଦାରି ଚିନ୍ତା



■ଏବେ ବି ୧୩୩ ଗ୍ରାମକୁ ସଡ଼କ ନାହିଁ
■ ନାଳିଆଝର ଗ୍ରାମବାସୀ ଭୋଗୁଛନ୍ତି ନର୍କ ଯନ୍ତ୍ରଣା
■ ଶିକ୍ଷିତ, ସଚେତନ ହେଲେ ନ ମିଳିପାରେ ଭୋଟ

**ଯାଜପୁର ଅଫିସ,୧୧।୭**

ମୂଲ୍ୟବାନ ଭୂ-ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଯାଜପୁର ଜିଲାରେ ଶିଳ୍ପସଂସ୍ଥାଗୁଡିକର ଲମ୍ବା ଧାଡ଼ି ଲାଗି ରହିଛି। ମାତ୍ର ସମସ୍ତ ପ୍ରାଚୂର୍ଯ୍ୟରେ ଭରପୁର ହୋଇଥିଲେ ହେଁ ଏହି ଜିଲା ଏବେ ସବୁକ୍ଷେତ୍ରରେ ଅବହେଳିତ ଓ ଶ୍ରୀହୀନ। ଗୋଟେପଟେ କମ୍ପାନୀଗୁଡ଼ିକ ଜିଲାର ଭୂସମ୍ପଦ ତଥା ପ୍ରାକୃତିକ ସମ୍ପଦ ଲୁଣ୍ଠନ କରୁଥିବାବେଳେ ଅନ୍ୟପଟେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। କିନ୍ତୁ ସ୍ଥାନୀୟ ଅଞ୍ଚଳ ଓ ଅଞ୍ଚଳବାସୀ ଅବହେଳିତ ହୋଇ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। କୋର୍ ନେଟ୍‌ୱର୍କ ହିସାବରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିନରେ ୧୩୩ ଗ୍ରାମକୁ ଅଦ୍ୟାବଧି ସଡ଼କ ସଂଯୋଗ ନ ହେବା ଜିଲାର ବିକାଶର ଏକ ନଗ୍ନ ନମୁନା ସାମ୍ନାକୁ ଆସିଛି। ସେଥିମଧ୍ୟରୁ ସୁକିନ୍ଦା ବ୍ଲକ ହାତୀବାରୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ନାଳିଆଝର ଗାଁ କଥା ଚିନ୍ତା କଲେ ଶାସକ ଓ ବିରୋଧୀ ନେତାମାନେ ଏଠାରେ ବିକାଶ ନୁହେଁ ବରଂ ଠିକାଦାରୀକୁ ଗୁରୁତ୍ୱ ଦେଉଥିବା ମନେ ହେଉଛି।

ଶିକ୍ଷା ଓ ଗମନାଗମନ କେବଳ ସଭ୍ୟତାର ଆଧାର ନୁହେଁ, ଏକ ଅଞ୍ଚଳ ଓ ଜାତିର ପ୍ରଗତିର ପରିଚାୟକ। ଯେଉଁ ଅଞ୍ଚଳର ଅଧିବାସୀ ଯେତେ ଅଧିକ ଶିକ୍ଷିତ ଓ ଗମନାଗମନ ସୁବିଧା ରହିଛି ସେହି ଅଞ୍ଚଳ ସେତେ ବିକଶିତ। ଉପଯୁକ୍ତ ଶାସନ ବିନା ଅର୍ଥନୈତିକ ଓ ସାମାଜିକ ବିକାଶର ପରିକଳ୍ପନା ଅସମ୍ଭବ। ଯାଜପୁର ଜିଲାରେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କିନ୍ତୁ ସ୍ୱଭାବ ସୁଲଭ ଢଙ୍ଗରେ ସେହିସବୁ ଯୋଜନା ଓ କାର୍ଯ୍ୟକ୍ରମ ଦିଗହରା ହୋଇଛି। ଏଥିପାଇଁ ଜନଗଣଙ୍କ ଭୋଟ ପାଇ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ଲୋକପ୍ରତିନିଧି ଓ ନିର୍ବାଚନରେ ଭାଗ ନେଇ କିଛି ଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିବା ବିରୋଧୀ ଦଳର ନେତାମାନେ ଦାୟୀ ବୋଲି କୁହାଯାଇପାରେ। ଏପରି କି ପ୍ରଶାସନିକ ଅବହେଳା ମଧ୍ୟ ତାଠାରୁ ଅଧିକ ଦୋଷୀ ମନେ ହୁଏ। ନିୟମିତ ସମୟ ଅନ୍ତରରେ ଏସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଆସୁଛି। ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶାସକ ଓ ବିରୋଧୀ ମହଲରେ ସରଗରମ ଆଲୋଚନା ମଧ୍ୟ ହେଉଛି। ମାତ୍ର ଶାସକ ଦଳ, ବିରୋଧୀ ଦଳ ସମେତ ପ୍ରଶାସନକୁ ଦାୟୀ କରି ଆରୋପ ଅଭିଯୋଗ ଭିତରେ କାର୍ଯ୍ୟାନୁଷ୍ଠାନ ସୀମିତ ରହୁଛି। ଗତ ୨ତାରିଖରେ ଏକ ତଥ୍ୟଭିତ୍ତିକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ବିଧାୟକ ମୋହନଚରଣ ମାଝୀଙ୍କ ଦ୍ୱାରା ଉତ୍ଥାପିତ ପ୍ରଶ୍ନସଂଖ୍ୟା ୧୯୬(ତାରକା ଚିହ୍ନିତ) ଉପରେ ଉକ୍ତ ଖବର ପର୍ଯ୍ୟବେକ୍ଷିତ ହୋଇଥିଲା। ଉକ୍ତ ପ୍ରଶ୍ନର ଉତ୍ତରରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ଉତ୍ତର ରଖିଛନ୍ତି ଯେ, କୋର ନେଟୱାର୍କ ହିସାବରେ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡକ ସଂଯୋଜ କରିବା ପାଇଁ ବାକି ଅଛି। ଅସଂଯୋଜିତ ଗ୍ରାମକୁ ୨୦୧୯-୨୦ ସୁଦ୍ଧା ସଂଯୋଗିକରଣ କରାଯିବାର ଯୋଜନା ରହିଛି ଓ ଏଥିପାଇଁ ୪୮୮୨.୭୦ ଲକ୍ଷ ଟଙ୍କା ଆବଶ୍ୟକ ହେବାର ଯୋଜନା ଅଛି ବୋଲି ଉତ୍ତରରେ ଦର୍ଶାଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ସାରା ଜିଲାରେ ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ହଟଚମଟ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ବିଡିଓମାନେ ମଧ୍ୟ ଏନେଇ ତତ୍ପରତା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଏହି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରସଙ୍ଗ ବିଧାନସଭା ପ୍ରଶ୍ନ ଓ ଉତ୍ତରରେ ସୀମିତ ରହିଯାଇଥିବା ଭଳି ମନେ ହେଉଛି। ୧୩୩ ଟି ଗ୍ରାମ ମଧ୍ୟରୁ ଏବେ ନାଳିଆଝର ଗ୍ରାମ ସାମ୍ନାକୁ ଆସିଛି। ଏହି ଗ୍ରାମରେ ମୁଣ୍ଡା ସମ୍ପ୍ରଦାୟର ୬୨ ପରିବାର ବସବାସ କରୁଛନ୍ତି। ମାଙ୍କଡ଼ା ପଥର ଖଣି ପାଇଁ ଗ୍ରାମକୁ ଏକ ଅସ୍ଥାୟୀ ରାସ୍ତା ତିଆରି ହୋଇଛି। କିନ୍ତୁ ପ୍ରଶାସନ ପକ୍ଷରୁ ଏଯାଏ ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ପାରିନାହିଁ। ଏଥିପାଇଁ ଗ୍ରାମର ଅର୍ଦ୍ଧାଧିକ ପିଲା ଅଶିକ୍ଷିତ। ଏହାସହ ଅପପୁଷ୍ଟି ଓ ବେରୋଜଗାର ଯୋଗୁ ଜିଲାର ନାଳିଆଝର ଗ୍ରାମ ପୁଣି ଏକ ନୂଆ ନଗଡ଼ାର ପରିଚୟ ହୋଇପାରେ ବୋଲି କୁହାଯାଉଛି। ଏଭଳିସ୍ଥିତିରେ ବିରୋଧୀ ଦଳର ନେତାମାନେ ଆଗେଇ ଆସି ଲୋକଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଶାସକ ଦଳ ଓ ଶାସନକଳ ସହିତ ହାତ ମିଳାଉଥିବା ସ୍ପଷ୍ଟ ହେଉଛି। ଅନ୍ୟପକ୍ଷେ ଆଦିବାସୀ ଅଧ୍ୟୁଷିତ ପିଲାମାନେ ଯଦି ଶିକ୍ଷିତ ଓ ସଚେତନ ହେବେ ଭବିଷ୍ୟତରେ କମ୍ ଟଙ୍କାରେ ଆଉ ଭୋଟ ମିଳିବ ନାହିଁ, ତେଣୁ ସେହି ଲକ୍ଷ୍ୟରେ ବିକାଶକୁ ଜାଣିଶୁଣି ବାଧା ଦିଆଯାଉଛି ବୋଲି କେତେକ ମତପ୍ରକାଶ କରୁଛନ୍ତି। ଏ ସଂକ୍ରାନ୍ତରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ୧୩୩ଟି ଗ୍ରାମକୁ ସଡ଼କ ସଂଯୋଗ ନାହିଁ ବିଷୟ ଜାଣି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବିଭାଗସ୍ତରରେ ଆଲୋଚନା ହେଉଛି। ସମସ୍ତ ଗ୍ରାମକୁ ଯେପରି ଗମନାଗମନ ବ୍ୟବସ୍ଥା ସୁଦୃଢ଼ିକରଣ ହୋଇ ପାରିବ ସେନେଇ ପ୍ରଚେଷ୍ଟା ଜାରି ରହିଛି ବୋଲି ବେହେରା କହିଛନ୍ତି।

### କଳା ପଲ୍‌ସରରେ ଆସି ଲୁଟିନେଲେ ସୁନାଚେନ୍

**ଧର୍ମଶାଳା,୧୧।୭(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଆକାଶ ହୋଟେଲ୍ ନିକଟରେ ଗୁରୁବାର ଅପରାହ୍ଣରେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ଏକ କଳା ପଲସରରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ବେକରୁ ଦେଢଭରି ଓଜନର ସୁନାଚେନ୍ ଛିଣ୍ଡାଇ ନେଇଥିବା ସ୍ୱାମୀ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।
ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମର ଶିକ୍ଷକ ନାରାୟଣ ସାହୁ ସ୍ତ୍ରୀ ଅନିତା ସାହୁଙ୍କ ସହ ଅପରାହ୍ଣ ୩ଟା ପାଖାପାଖି ସମୟରେ ବାଇକ୍‌ରେ ଆସୁଥିଲେ। ଆକାଶ ହୋଟେଲ ନିକଟରେ ହେଲମେଟ୍ ପିନ୍ଧିଥିବା ଦୁଇଜଣ ଦୁର୍ବୃତ୍ତ କଳା ପଲସରରେ ଆସି ତାଙ୍କ ବେକରୁ ହଠାତ ସୁନାଚେନ୍ ଛିଣ୍ଡାଇ ନେଇଥିଲେ। ଏହି ସମୟରେ ଅନିତା ତଳେ ପଡିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ଆସିବା ପରେ ଘଟଣା ବାବଦରେ ନାରାୟଣ ଥାନାରେ ଅଭିଯୋଗ କରିଥିଲେ। ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱର ପୋଲଠାରୁ ଚଣ୍ଡିଖୋଲ ମଧ୍ୟରେ ଦୁର୍ବୃତ୍ତମାନେ କଳା ପଲସରରେ ଆସି ବାରମ୍ବାର ଲୁଟ୍ କରୁଛନ୍ତି। କିନ୍ତୁ ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବା ଅଭିଯୋଗ ହୋଇଛି।

## ■ ରସୁଲପୁର ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ବିନା ଡାକ୍ତରରେ ଚାଲିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**ରସୁଲପୁର,୧୧।୭(ଡି.ଏନ୍.ଏ.)**

■ନିୟମିତ ଆସୁନାହାନ୍ତି ଡାକ୍ତର
■୨୪ଘଣ୍ଟିଆ ରୋଗୀ ସେବା ପ୍ରହସନ

ରସୁଲପୁର ବ୍ଲକ ଅଞ୍ଚଳର ୧.୭୩ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଦୃଢ ଭିତ୍ତିଭୂମୀ ରହିଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ମନମୁଖୀ କାର୍ଯ୍ୟ, ପ୍ରଶାସନିକ ଅବହେଳା ଯୋଗୁ ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବ୍ଲକ ଅଧିନସ୍ଥ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିନା ଡାକ୍ତରରେ ଚାଲିଛି। ଅଧିକାଂଶ ଡାକ୍ତର ନିୟମିତ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଡାକ୍ତରମାନେ ହେଡକ୍ୱାର୍ଟସରେ ରହୁ ନାହାନ୍ତି। ଫଳରେ ୨୪ଘଣ୍ଟିଆ ରୋଗୀ ସେବା ପ୍ରହସନରେ ପରିଣତ ହୋଇଛି। ସ୍ୱାସ୍ଥ୍ୟସେବା ଏକପ୍ରକାର ଠପ୍ ହୋଇଯାଇଛି। ଏନେଇ ବିଭିନ୍ନ ସମୟରେ ଜନ ଅସନ୍ତୋଷ ଦେଖାଦେଉଛି।
ପ୍ରକାଶ ଯେ, ଏହି ବ୍ଲକ ଅଧିନରରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଉକ୍ତ ଡାକ୍ତରଖାନା ଅଧିନରେ ୫ଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଗୁଡିକ ହେଉଛି ହରିପୁର, ସିଂହାପୁର, କୁଣ୍ଡପାଟଣା, ଲକ୍ଷ୍ମୀନଗର ଓ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ଗ୍ରାମାଞ୍ଚଳ ଲୋକଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସକାଶେ ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ସ୍ଥାପନ କରାଯାଇଛି। ବ୍ରହ୍ମବରଦା ଓ କୁଣ୍ଡପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିନା ଡାକ୍ତରରେ ଚାଲିଛି। ଏଠାରେ ଫାର୍ମାସିଷ୍ଟ ରୋଗୀ ସେବାକୁ ପରିଚାଳନା କରୁଛନ୍ତି। ଫଳରେ ଲୋକମାନେ ବାଧହୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭରସା ନ କରି ଅନ୍ୟତ୍ର ଚିକିତ୍ସିତ ହେଉଛନ୍ତି। ଲୋକଙ୍କ ଦ୍ୱାରରେ ସ୍ୱାସ୍ଥ୍ୟସେବା ସ୍ଲୋଗାନ କେବଳ କାଗଜକଲମରେ ସମୀତ ହୋଇ ରହିଥିବା ଏଥିରୁ ଜଣାପଡୁଛି। ଏହାଛଡା ସିଂହାପୁର, ଲକ୍ଷ୍ମୀନଗର, ଓ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଲେଖାଏ ଡାକ୍ତର ଅଛନ୍ତି। ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତରମାନେ ନିୟମିତ ଆସୁନାହାନ୍ତି। ଡାକ୍ତରମାନେ ପାଳିରେ କାର୍ଯ୍ୟ କରୁଥିବାରୁ ରୋଗୀ ସେବାରେ ବ୍ୟାଘାତ ଘଟୁଛି। ଏହାଛଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୮ଘଣ୍ଟିଆ ସେବା ଚାଲୁଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଡାକ୍ତରଖାନା ପରିସରରେ ରହୁ ନ ଥିବାରୁ ୨୪ ଘଣ୍ଟିଆ ରୋଗୀସେବା ପ୍ରହସନରେ ପରିଣତ ହୋଇଛି। ଲକ୍ଷ୍ମୀନଗର, କୁଣ୍ଡପାଟଣା, ବ୍ରହ୍ମବରଦା ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମୀ ମଧ୍ୟ ଦୁର୍ବଳ ରହିଛି। ଡାକ୍ତରଖାନରେ ପାଚେରୀ ନାହିଁ। ଡାକ୍ତର ଓ ନର୍ସମାନଙ୍କ ପାଇଁ ନିର୍ମିତ କ୍ୱାର୍ଟସଗୁଡିକ ଅବ୍ୟବହୃତ ଭାବରେ ପଡ଼ି ରହିଛି। ଡାକ୍ତରଖାନାର ପରିମଳ ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଛି। ପାଇଖାନା ଓ ପରିସ୍ରାଗାରକୁ ସଫାସୁତୁରା ରଖାଯାଉ ନାହିଁ। ଫଳରେ ରୋଗୀମାନେ ଏଣେତେଣେ ବାହାରେ ମଳମୂତ୍ର ତ୍ୟାଗ କରୁଥିବାର ଦେଖିବାକୁ ମିଳୁଛି। ଏଠାକାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନା ଫେଲ୍ ମାରିଛି। ରୋଗୀମାନଙ୍କୁ ଡାକ୍ତରଖାନାରୁ ମାଗଣା ଔଷଧ ପ୍ରଦାନ କରାଯାଉ ନାହିଁ। ଏହିଭଳି ନାନା ଅବ୍ୟବସ୍ଥା ଯୋଗୁ ସମଗ୍ର ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବା ଭଳି ମନେହେଉଛି। ଏ ସମ୍ପର୍କରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୁଧୀର କୁମାର ସାହୁଙ୍କୁ ପଚାରିବାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତର ନ ଥିବା ସମ୍ପର୍କରେ ମାସିକିଆ ରିପୋର୍ଟ ଜରିଆରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଆସୁଛି। ବାକି ଅନ୍ୟ ସବୁ ସମସ୍ୟାକୁ ସମାଧାନ କରିବା ଦିଗରେ ପ୍ରୟାସ ଜାରି ରହିଛି। ସବୁ କିଛି ଠିକ୍‌ଠାକ୍ ହେବାକୁ ସମୟ ଲାଗିବ ବୋଲି ସାହୁ ପ୍ରକାଶ କରିଛନ୍ତି।

### ଝରକା ତାଡ଼ି ଚୋରି କରିନେଲେ ଦୁର୍ବୃତ୍ତ, ଥାନାରେ ଅଭିଯୋଗ

**ଧର୍ମଶାଳା,୧୧।୭(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ପଣ୍ଡୁଆ ମୌଜାର ପ୍ରହଲ୍ଲାଦ ପ୍ରଧାନଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘରର ଝରକା ତାଡି ମୋବାଇଲ ଫୋନ୍, ନଗଦ ୮ ହଜାର ଟଙ୍କା ଓ ଏକ ପେନ୍‌ଡ୍ରାଇଭ୍ ଚୋରି କରି ନେଇଥିବା ଗୁରୁବାର ପ୍ରହଲ୍ଲାଦ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୮୩/୧୪) ରୁଜୁକରି ତଦନ୍ତ ଚଳାଇଛି। ପ୍ରହଲ୍ଲାଦ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଝରକା ତାଡି ଘରେ ପଶି ଚୋରି କରିଥିଲେ। ସକାଳେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

### ୭ କଲେଜର ବିଭିନ୍ନ ବିଭାଗରେ ୩୯୨ ସିଟ୍ ଖାଲିପଡ଼ିଛି

**ଧର୍ମଶାଳା,୧୧।୭(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକରେ ଥିବା ସମସ୍ତ ସରକାରୀ, ବେସରକାରୀ ଓ ସଂସ୍କୃତ ମହାବିଦ୍ୟାଳୟରେ ବୁଧବାର ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଆସନ୍ତା ୧୩ ତାରିଖ ଶନିବାର ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ଶେଷଦିନ ସୁଦ୍ଧା ବିଭିନ୍ନ ସରକାରୀ ଓ ଘରୋଇ, ସଂସ୍କୃତ ମହାବିଦ୍ୟାଳୟ କଳାରେ ୧୩୩୮ଜଣ, ବିଜ୍ଞାନରେ ୪୮୧ ଜଣ ଓ ବାଣିଜ୍ୟର ୨୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ଜଣାପଡିଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ, ବେସରକାରୀ ଓ ସଂସ୍କୃତ ମହାବିଦ୍ୟାଳୟରେ କଳାରେ ୨୧୦, ବିଜ୍ଞାନରେ ୧୫୯ ଓ ବାଣିଜ୍ୟରେ ୨୩ଟି ସିଟ୍ ଖାଲି ରହିଛି। ଧର୍ମଶାଳା ମହାବିଦ୍ୟାଳୟରେ କଳାରେ ୧୦, ବିଜ୍ଞାନରେ ୧୮ ଓ ବାଣିଜ୍ୟରେ ୨୩ ସିଟ୍ ଖାଲି ରହିଛି। ଧର୍ମଶାଳା ମହିଳା ମହାବିଦ୍ୟାଳୟରେ କଳାରେ ୧୨, କୋଟପୁର ବଜ୍ରଗିରି କଲେଜରେ କଳାରେ ୩୮ ଓ ବିଜ୍ଞାନରେ ୫ ସିଟ୍ ଖାଲି ରହିଛି। ସେହିପରି ଚଢେଇଧରାସ୍ଥିତ ଜଗନ୍ନାଥ ଜୀଉ ମହାବିଦ୍ୟାଳୟ କଳାରେ ୩୨ ଓ ବିଜ୍ଞାନରେ ୪୨, ଜେନାପୁର କଲେଜରେ କଳାରେ ୨୨, ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ମହାବିଦ୍ୟାଳୟ କଳାରେ ୨୩ ଓ ବିଜ୍ଞାନରେ ୫୧ ସିଟ୍ ଖାଲିରହିଛି। ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ କଳାରେ ୩୮, ସାରଦା ସଂସ୍କୃତ ମହାବିଦ୍ୟାଳୟରେ କଳାରେ ୪୭ ସିଟ୍ ଓ ବାରବାଟୀ ସଂସ୍କୃତ ମହାବିଦ୍ୟାଳୟରେ ୨୦ ସିଟ୍ ବାକି ରହିଛି। ତେବେ ଜାରକାସ୍ଥିତ ରେନେସା ଘରୋଇ କଲେଜର ବିଜ୍ଞାନରେ ସମସ୍ତ ସିଟ୍ ପୂରଣ ହୋଇଥିବା ଜଣାପଡିଛି।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ କୋର୍ଟ ଚାଲାଣ

**ଜେନାପୁର,୧୧।୭(ଡି.ଏନ୍.ଏ.)**

ଜେନାପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ କମାଗଡ ଗ୍ରାମର ପ୍ରଶାନ୍ତ କୁମାର ରାଉତ(୩୨)। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ପୀଡିତା ଜଣଙ୍କ ବାହାରକୁ ଆସିଥିବାବେଳେ ପ୍ରଶାନ୍ତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ପୀଡିତା ଜଣଙ୍କ ଚିତ୍କାର କରିବାରୁ ପ୍ରଶାନ୍ତ ସେଠାରୁ ଦୌଡି ପଳାଇଥିଲେ। ଗୁରୁବାର ସକାଳେ ଘଟଣା ସମ୍ପର୍କରେ ଥାନାରେ ପୀଡିତା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(୧୬୦/୧୯)ରୁଜୁକରି ପ୍ରଶାନ୍ତଙ୍କୁ ଅପରାହ୍ଣରେ ତାଙ୍କ ଘରୁ ପୋଲିସ ଗିରଫ କରିଥିଲା।

## କଳାକାରଙ୍କୁ ମିଳିନି କାଳାକାର ଭତ୍ତା

**ସୁକିନ୍ଦା,୧୧।୭(ଡି.ଏନ୍.ଏ.)**

ରାଜ୍ୟ ସରକାର କଳାକାରଙ୍କ ପାଇଁ ପେନ୍‌ସନ ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଞ୍ଚଳର ବହୁ କଳାକାର ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କର ଖାତାଧାରୀଙ୍କୁ ଛାଡିଦେଲେ ଅନ୍ୟ ବ୍ୟାଙ୍କ ଖାତାକୁ ଟଙ୍କା ଆସୁନାହିଁ। ଏ ନେଇ ବ୍ୟାଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭକରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବା ବହୁ କଳାକାର କହିଛନ୍ତି। ପ୍ରକାଶ ଯେ, ୨୦୧୮ରେ ରାଜ୍ୟ ସରକାର କଳାକାରଙ୍କ ପାଇଁ ପେନ୍‌ସନ ଯୋଜନା ଲାଗୁ କରିଥିଲେ। ଏହି ଯୋଜନାରେ ପ୍ରତିମାସରେ କଳାକାରଙ୍କୁ ମାସିକ ୧୨ ଶହ ଟଙ୍କା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା। ଏ ନେଇ ବ୍ଲକ ଅଞ୍ଚଳର ଶତାଧିକ କଳାକାର ପ୍ରମାଣପତ୍ର ସହ ସମସ୍ତ କାଗଜପତ୍ର ଦେଇ ଆବେଦନ କରିଥିଲେ। ଏହାପରେ ପ୍ରାରମ୍ଭରୁ ମାସେ ଦୁଇ ମାସ ପର୍ଯ୍ୟନ୍ତ ଅର୍ଥରାଶି ସିଧାସଳଖ ବ୍ୟାଙ୍କ ଖାତାକୁ ଆସିଥିଲା। କିନ୍ତୁ ସାତ ମାସ ହେବ କେବଳ ଷ୍ଟେଟବ୍ୟାଙ୍କ ଆକାଉଣ୍ଟ ଖାତାଧାରୀଙ୍କୁ ଛାଡିଦେଲେ ଅନ୍ୟ କାହାରି ଆକାଉଣ୍ଟକୁ ଟଙ୍କା ଆସୁ ନ ଥିବା ଦାମୋଦରପୁର ଗ୍ରାମର ଶୁକଦେବ ଖିଲାର, କାଙ୍କଡପାଳ ଗ୍ରାମର କ୍ଷେତ୍ରମୋହନ ପାତ୍ର କହିଛନ୍ତି। ସେହିପରି ସୁକିନ୍ଦା ବ୍ଲକର ମଙ୍ଗଳପୁର, ମୂଳଖମ୍ବ, ନୂଆଡିହ, କୁହିକା, ସୁକିନ୍ଦାଗଡ, ହରିପୁର, ହାତୀବାରିଠାରୁ ଖଣି ଅଞ୍ଚଳ ସହ କଳିଙ୍ଗନଗର ଅଞ୍ଚଳର ଶତାଧିକ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। କଳାକାର ପେନସନ ଆବେଦନ ସମୟରେ କୌଣସି ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟ ଥିବା ଖାତାଧାରୀ ଆବେଦନ କରି ପାରିବେ ବୋଲି ଦର୍ଶାଯାଇ ନ ଥିଲା। ତେବେ କାହିଁକି ଏପରି ହେଉଛି ବୋଲି କଳାକାର ଶୁକଦେବ ଖିଲାର ଓ କ୍ଷେତ୍ରମୋହନ ପାତ୍ରଙ୍କ ସମେତ ବହୁ କଳାକାର କହିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ (ବିଏସ୍‌ଏସ୍‌ଓ) ସ୍ମିତା ମାଝିଙ୍କୁ ପଚାରିବାରୁ ପେନ୍‌ଶନ ଯୋଜନାରୁ ବଞ୍ଚିତ ହୋଇଥିବା କଳାକାରଙ୍କ ବ୍ୟାଙ୍କ ଖାତା ନ୍ୟାଶନାଲ୍ ଇଲୋକ୍‌ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫର (ଏନ୍‌ଇଏଫ୍‌ଟି) ସଂଯୋଗ କରି ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ସେମାନେ ବ୍ୟାଙ୍କ ମ୍ୟାନେଜରଙ୍କୁ ଭେଟି ନିଜ ଆକାଉଣ୍ଟ ଖାତାକୁ ଏନ୍‌ଇଏଫ୍‌ଟି ସହିତ ସଂଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

## ସନ୍ଦେହଘେରରେ ସାହାରା ଗ୍ରୁପ କମ୍ପାନୀର କାର୍ଯ୍ୟକଳାପ

**ଯାଜପୁର ଅଫିସ,୧୧।୭**

■୨୦୧୮ରୁ ହେଲାଣି ୭ଥର ତଦନ୍ତ ନିର୍ଦ୍ଦେଶ
■ରିପୋର୍ଟ ଦାଖଲ କରିପାରୁନି ଏଆର୍‌ସିଏସ୍

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଥିବା ସାହାରା ଗ୍ରୁପ ଅଫ କମ୍ପାନୀର କାର୍ଯ୍ୟକଳାପ ଉପରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ୨୦୧୮ରୁ ଏଯାଏ ୭ଥର ନିର୍ଦ୍ଦେଶ ହୋଇଛି। ହେଲେ ଯାଜପୁର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ(ଏଆର୍‌ସିଏସ୍) ତରଫରୁ ଏଯାଏ କୌଣସି ତଦନ୍ତ ରିପୋର୍ଟ ଦାଖଲ ହୋଇ ପାରିନାହିଁ। ଏସଂକ୍ରାନ୍ତରେ ରାଜ୍ୟ ସମବାୟ ସମିତିର ନିବନ୍ଧକ ଉଦ୍‌ବେଗ ପ୍ରକାଶ କରିବା ସହିତ ପୁଣି ଥରେ ତଦନ୍ତ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ୧୦।୭।୨୦୧୯ ତାରିଖରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହିନିର୍ଦ୍ଦେଶକୁ ଅତିଗୁରୁତର ସହ ନେବାକୁ ନିବନ୍ଧକ ଚେତାବନୀ ଦେଇଛନ୍ତି। ପୂର୍ବରୁ ୨୨୧୬୭/୧୪।୧୨।୨୦୧୮, ୨୨୫୭୩/୨୧।୧୨।୨୦୧୮, ୨୪୪୩/୨୯।୧।୨୦୧୯, ୨୭୯୬/୧।୨।୨୦୧୯, ୬୧୭୫/୧୩।୩।୨୦୧୯ ଓ ୮୩୨୯/୧୪।୪।୨୦୧୯ ପତ୍ରସଂଖ୍ୟାରେ ଏମ୍‌ଏସ୍‌ସିଏସ୍ ଆଇନ ୨୦୦୨ର ଧାରା ୧୦୮ ଅନୁଯାୟୀ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସାହାରା ଗ୍ରୁପ ଅଫ୍ କମ୍ପାନୀର ବିଭିନ୍ନ ଶାଖା କ୍ରେଡିଟ କୋଅପରେଟିଭ ସୋସାଇଟି ଲିମିଟେଡ, ହମାରା ଇଣ୍ଡିଆ କୋପୋରେଟିଭ ସୋସାଇଟି ଲିଃ ଓ ସାହାରିୟାଁ ଇ-ମଲଟିପରପୋଜ କୋପୋରେଟିଭ ସୋସାଇଟ ଲିଃ ଅନୁମୋଦନ ପ୍ରମାଣପତ୍ର (ଏନଓସି) ହାସଲ ନ କରି ବେଆଇନ ଭାବେ ବିଭିନ୍ନ କାରବାର ଚଳାଇଛି। ରାଜ୍ୟ ସମବାୟ ସମିତି ନିବନ୍ଧକ(ଆରସିଏସ)ଙ୍କ ଅଭିଯୋଗକ୍ରମେ ଗତ ନଭେମ୍ବର ମାସରେ ରାଜ୍ୟ ପୋଲିସ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଏନେଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିଲା। ଏହାପରେ ସାହାର ଗ୍ରୁପ ଅଫ କମ୍ପାନୀର ସର୍କଲ/ଡିଭିଜନର ବିଭିନ୍ନ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇ ଆସୁଛି। କିନ୍ତୁ ଏଯାଏ ଯାଜପୁର ଏଆର୍‌ସିଏସ୍ ପକ୍ଷରୁ ସାହାରା ଗ୍ରୁପ ସମ୍ବନ୍ଧରେ କୌଣସି ତଦନ୍ତ ରିପୋର୍ଟ ଦାଖଲ ନ କରି ପରୋକ୍ଷରେ ସାହାରାକୁ ସହଯୋଗ କରୁଥିବା ଅଭିଯୋଗ ଉଠିଛି। ସାହାରା ଗ୍ରୁପ କମ୍ପାନୀର ବିଭିନ୍ନ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହିଛି। ତେବେ ଆବଶ୍ୟକ ତଦନ୍ତ ହୋଇପାରୁ ନ ଥିବାରୁ ସାହାରା ଗ୍ରୁପର ବେଆଇନ କାରବାର ବୃଦ୍ଧି ହେଉଥିବା ଅଭିଯୋଗ ଉଠିଛି। ଏହାକୁ ନେଇ ରେଜିଷ୍ଟ୍ରାର ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିବା ଜଣାପଡିଛି। ନିର୍ଦ୍ଦେଶପତ୍ରରେ ରେଜିଷ୍ଟ୍ରାର ଏମ୍‌ଏସ୍‌ସିଏସ୍ ଆଇନ ୨୦୦୨ଅନୁସାରେ ଅନୁଷ୍ଠାନର ନାମ, ପଞ୍ଜିକରଣ ସଂଖ୍ୟା, ରେଜିଷ୍ଟ୍ରିଂ ଅଥରିଟି, ବ୍ରାଞ୍ଚର ଏରିଆ ଅଫ ଅପରେଶନ ଇତ୍ୟାଦି ୪୨ଟି ତଥ୍ୟ ତଦନ୍ତ କରିବାକୁ ଦର୍ଶାଯାଇଛି। ଯଦି ଆଇନଗତ ଅଧିକାର ନ ଥାଇ ସାଧାରଣ ଲୋକଙ୍କଠାରୁ ଟଙ୍କା ଆଦାୟ କିମ୍ବା କୌଣସି ବେଆଇନ କାର୍ଯ୍ୟକଳାପ ହେଉଛି ତେବେ ସମ୍ପୃକ୍ତ କମ୍ପାନୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଓଡବ୍ଲ୍ୟୁ ଏସ୍‌ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିରେ ସର୍କଲ, ବ୍ରାଞ୍ଚ, କ୍ରେଡିଟ ସୋସାଇଟି, ସଭ୍ୟ ସଂଖ୍ୟା ଓ ଜମାରାଶି, ସୁଧ ପରିମାଣ, ଅଗ୍ରୀମ ଋଣ ସୁଧ ସହ ଆଦି ତଥ୍ୟ ଦେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଫେରସ୍ତ ହୋଇ ନ ଥିବା କେତେ ଅଭିଯୋଗ ହୋଇଛି ସେ ସମ୍ପର୍କରେ ତଥ୍ୟ ଦେବାକୁ ଦର୍ଶାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଯାଜପୁରରୋଡ ଚୋର୍ଦ୍ଦା ବାଇପାସ ନିକଟରେ ସାହାରା କ୍ରେଡିଟ କୋପୋରେଟିଭ ସୋସାଇଟି କାର୍ଯ୍ୟ କରୁଛି। ସହରର ବିଭିନ୍ନ ଦୋକାନୀଙ୍କ ଠାରୁ ପ୍ରତ୍ୟହ ଟଙ୍କା ଆଦାୟ କରି ଜମା କରାଯାଉଛି। ଆବଶ୍ୟକ ସ୍ଥଳେ ଟଙ୍କା ଉଠାଣ ସମୟରେ ବିଳମ୍ବ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ଏହାବାଦ ଯାଜପୁର, ବରୀ ଆଦି ଅଞ୍ଚଳରେ ସାହାରା ଗ୍ରୁପ କାର୍ଯ୍ୟ କରୁଛି। ଏସଂକ୍ରାନ୍ତରେ ଏଆର୍‌ସିଏସ୍ ଶରତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ବରୀ ବ୍ଲକ ରାମଚନ୍ଦ୍ରପୁର ଓ ଯାଜପୁରରେ ଥିବା ସାହାରା କମ୍ପାନୀର ବିଭିନ୍ନ କାର୍ଯ୍ୟାଳୟ ସମ୍ପର୍କରେ ଚିହ୍ନଟ କରାଯାଇଛି। ଏନେଇ ସମ୍ପୃକ୍ତ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ହୋଇଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ମହିଳାଙ୍କୁ ଗଣବଳାତ୍କାର

## ସରପଞ୍ଚଙ୍କ ସ୍ୱାମୀ, ସହଯୋଗୀଙ୍କ ବିରୋଧରେ ଅଭିଯୋଗ

**ରାଉରକେଲା ଅଫିସ,୧୧।୭** ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ଗ୍ରାମର ଜଣେ ମହିଳାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଗଣବଳାତ୍କାର କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଘଟଣାରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି । ପୋଲିସ ଏକ ମାମଲା (ନଂ. ୬୭/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁସାରେ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ଗତ ୭ ତାରିଖରେ ଚାଉଳ ନେବାକୁ ମହିଳାଙ୍କୁ ପଞ୍ଚାୟତ ଅଫିସକୁ ଡାକିଥିଲେ। ସେତେବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଦୁଇବ୍ୟକ୍ତିଙ୍କ ବ୍ୟତୀତ ଆଉ କେହି ନ ଥିଲେ। ଯୋଜନାବଦ୍ଧ ଭାବେ ସେମାନେ ମହିଳାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ଡାକି ନେଇ ବଳାତ୍କାର କରିଥିଲେ। ମହିଳା ଜଣକ ପ୍ରତିବାଦ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ପୀଡ଼ିତା ଲୋକଲଜ୍ଜା ଭୟରେ ମୁହଁ ବନ୍ଦ ରଖି ଘରକୁ ଫେରି ଆସିଥିଲେ। ସାମାଜିକ ବାସନ୍ଦ ଡରରେ ସେ ନିଜ ସ୍ୱାମୀଙ୍କୁ ମଧ୍ୟ ଏ ନେଇ କିଛି କହି ନ ଥିଲେ। ଘଟଣାର ସୁରାକ ପାଇ ମହିଳାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ଏପରି ଅବସ୍ଥାରେ ମହିଳା ମନରେ ସାହସ ସଞ୍ଚୟ କରି ଗୁରୁବାର ସକାଳେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଛି। ତେବେ ମହିଳା ଏ ନେଇ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିନାହାନ୍ତି। ତାଙ୍କ ବୟାନ ରେକର୍ଡ କରାଯାଇଛି। ଶୁକ୍ରବାର ତାଙ୍କ ଡାକ୍ତରୀମାଇନା କରାଯିବ ବୋଲି ପୋଲିସ କହିଛି।

# ନାବାଳିକାଙ୍କ ବିବାହ ରୋକିଲା ଡିସିପିୟୁ

**ବରଗଡ଼ ଅଫିସ,୧୧।୭:** ଛତିଶଗଡ଼ ଅଞ୍ଚଳର ଜଣେ ଯୁବକଙ୍କ ସହିତ ଶୁକ୍ରବାର ବରଗଡ଼ ଜିଲ୍ଲା ଭେଡ଼େନ ଥାନା ଲୁପୁରସିଂହା ଅଞ୍ଚଳର ଜଣେ ନାବାଳିକା (୧୪)ଙ୍କ ବିବାହ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇ ସାରିଥିଲା । ଏ ନେଇ ଖବର ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)ର ପ୍ରତିନିଧିମାନେ ବୁଧବାର ସମ୍ପୃକ୍ତ ନାବାଳିକାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରି ବିବାହ ରୋକିବାରେ ସଫଳ ହୋଇଛନ୍ତି ।

ପ୍ରକାଶ ଯେ, ସମ୍ପୃକ୍ତ ନାବାଳିକା ଦଶମ ଶ୍ରେଣୀର ଛାତ୍ରୀ ଥିଲେ । ଛତିଶଗଡ଼ ରାଜ୍ୟ ବିଳାସପୁର ଜିଲ୍ଲା ସାଗର ଗ୍ରାମର ଜଣେ ଯୁବକଙ୍କ ସହିତ ତାଙ୍କର ବିବାହ ଠିକ୍ ହେବାରୁ ଗତ ଜୁନ୍ ମାସରୁ ସେ ଆଉ ସ୍କୁଲକୁ ଯାଉ ନ ଥିଲେ । ଶୁକ୍ରବାର ବିବାହ ଲଗ୍ନ ଧାର୍ଯ୍ୟ ହୋଇଥିବା ନେଇ ଖବର ପାଇବା ପରେ ଭେଡ଼େନ ସିଡିପିଓ ଝୁନୁ କୁମାରୀ ପାତ୍ର ବରଗଡ଼ ଡିସିପିଓ ମଞ୍ଜୁ ଏକ୍କାଙ୍କୁ ସୂଚନା ଦେଇଥିଲେ । ଏହାପରେ ଡିସିପିଓ ଏକ୍କାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୋସିଆଲ ୱାର୍କର ବବିତା ରାଉତ ବୁଧବାର ସମ୍ପୃକ୍ତ ନାବାଳିକାଙ୍କ ଘରେ ପହଞ୍ଚିଥିଲେ । ସୋସିଆଲ ୱାର୍କର ରାଉତ୍ ଭେଡ଼େନ ସିଡ଼ିପିଓ ପାତ୍ର, ସୁପରଭାଇଜର ଅନୀତା ପୁରୋହିତ, ପ୍ରୀତିପ୍ରଭା ପ୍ରିୟଦର୍ଶିନୀ, ସ୍ଥାନୀୟ ସରପଞ୍ଚ ସସ୍ମିତା ସୁନା ପ୍ରମୁଖଙ୍କ ସହିତ ସମ୍ପୃକ୍ତ ନାବାଳିକାଙ୍କ ପରିବାର ଲୋକଙ୍କୁ ନାବାଳିକା ବିବାହର କୁପରିଣାମ ଉପରେ ବୁଝାଶୁଝା କରାଯାଇଥିଲା । ଫଳରେ ନାବାଳିକାଙ୍କ ବିବାହରୁ ଓହରିଯିବା ପାଇଁ ପରିବାର ଲୋକେ ସହମତି ପ୍ରକାଶ କରିଥିଲେ । ବରଗଡ଼ ଶିଶୁ ସୁରକ୍ଷା ସମିତି (ସିଡବ୍ଲ୍ୟୁସି)କୁ ଆସିବା ପାଇଁ ରାଉତ ପରାମର୍ଶ ଦେଇଥିଲେ । ଫଳରେ ନାବାଳିକା ଝିଅକୁ ଧରି ପରିବାର ଲୋକେ ଗୁରୁବାର ସିଡବ୍ଲ୍ୟୁସିକୁ ଆସିଥିଲେ । ସିଡବ୍ଲ୍ୟୁସି କର୍ତ୍ତୃପକ୍ଷ ମଧ୍ୟ ନାବାଳିକାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ ।


**ପଞ୍ଚାୟତ ସମିତି, ମାଲକାନଗିରି**
**PANCHAYAT SAMITI, MALKANGIRI**
Dist.: MALKANGIRI Pin : 764048 Ph. No.:06861-231219 Fax 06861-231219
E-mail: ori-bmalkangiri@nic.in

[illegible]

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

[illegible]

**OFFICE OF THE KONARK N.A.C.**
e-mail: nackonark@gmail.com, Phone: 06758-236826
Letter No.: 1026 Date: 11.07.2019

**CORRIGENDUM**
**Advertisement Published on 10.07.2019**
**Quotation Call Notice**

(The quotation paper will be available at NAC Office from the date of 11.07.2019 to 19.07.2019 upto 1.00 P.M. during the office hours on submission of non-refundable cost of Quotation Paper for Rs.2000/- in shape of Bank Draft/Cash in favour of Executive Officer, Konark NAC. The quotationer must have deposit EMD for Rs.10,000/- (Ten thousand) in shape of Bank Draft in any Nationalised Bank drawn in favour of Executive Officer, Konark NAC alongwith the quotation paper, failing which the quotation paper will be liable for rejection. A special authorizing letter from the manufacturer/company on Genuiness and guarantee of the materials must be enclosed with quotation paper otherwise the quotation will be liable for rejection. Quotations receive after due date shall not be taken into consideration).

**Sd./- Executive Officer, Konark NAC**

**OFFICE OF THE EXECUTIVE ENGINEER,**
**BURLA IRRIGATION DIVISION, BURLA**
**PHONE NO.0663 – 2430445** No. 130-A
**E-mail id – sambalpurirrigation@rediffmail.com**

Corrigendum No. 1 to 'e' Tender Call Notice No. BID-02/2019-20 (Online)

| | | | |
|---|---|---|---|
| 1. | Date and Time of availability of Bid Document in the Portal | : | Dt: 12.07.2019 at 11.00 AM TO Dt: 22.07.2019 up to 5.30 PM. |
| 2. | Last Date / Time for receipt of Bids in the Portal | : | Dt: 22.07.2019 up to 5.30 PM. |

**All other Terms & Conditions remains unaltered.**

Executive Engineer,
Burla Irrigation Division, Burla

32129/11/0006/1920

**OFFICE OF THE CHIEF DISTRICT MEDICAL OFFICER**
**DISTRICT PROGRAMME MANAGEMENT UNIT**
**NABARANGPUR**
**Email:- dhionab@gmail.com**
**Letter No.5264** **Date: 11.07.19**

**CORRIGENDUM**

Referring to the Tender notice vide No.5089 dtd. 05.07.2019 published in the Sambad & Dharitri on dated 06.07.2019. The format for Financial Bid for supply of Food is available in the website **(www.nabarangpur.nic.in)** for necessary attention and action. Earlier the same was not in the website. Interested Food Supplier may apply in the said financial format only. All other terms and conditions remain unaltered.

**Sd./-**
**CDM & PHO, Nabarangpur**

**CERTIFICATE (OPDR) CASE NO.2/2012**

FORM - Y

**NOTICE TO SHOW CAUSE WHY A WARRANT OF ARREST SHOULD NOT ISSUE (SEE SECTION 37(1)**
**In the Court of Certificate Officer-cum-Collector, Balasore**

**To**

**Sri Sridhar Panda**
S/o.- Late Sukadev Panda Proprietor M/S Mahalaxmi Rice Mill, Ada, At/Po :- Ada, PS-Simulia, Dist.-Balasore

Where as you have failed to satisfy Certificate No.2 of 2012 for Rs.1,59,04,311/- and it is proposed to execute the above Certificate by arrest and imprisonment of your person.

You are hereby required to appear before this court on the day of 31.07.2019 at 3 P.M. and to show cause why you should not be committed to the Civil Prison in execution of the said certificate.

Given under my hand and seal at......... this 22nd day of June 2019.

**Sd./- Certificate Officer-cum-Collector**
**Balasore**

ପତ୍ରସଂଖ୍ୟା- ୧୦୪୧ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୀରମହାରାଜପୁର** ତାରିଖ: ୦୩।୦୭।୨୦୧୯

ଏତଦ୍ୱାରା ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଓ ଜାତୀୟ ସହାୟତା କାର୍ଯ୍ୟକ୍ରମ ଯୋଜନା (NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀମତେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନସ୍ଥ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ସଭାରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ୧ ତାରିଖ ଏପ୍ରିଲ ମାସ ୨୦୧୮ ମସିହାଠାରୁ ୩୧ ତାରିଖ ମାର୍ଚ୍ଚ ମାସ ୨୦୧୯ ମସିହା ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯିବ। ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧିକାରୀ, ଗ୍ରାମପଞ୍ଚାୟତ ଅଧିକାରୀ, VRP ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସଭାରେ ସାମାଜିକ ସମୀକ୍ଷା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, MATE ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେବାକୁ ଅନୁରୋଧ କରାଗଲା।

| କ୍ରମିକ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) NSAP | MGNREGS | ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି ବା ସାମାଜିକ ସମୀକ୍ଷା | ପଞ୍ଚାୟତ ତଦାରଖରେ ଥିବା କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ/ ଗ୍ରାମରୋଜଗାର ସେବକ/ସେବିକା, ମେଟ ସମେତ ନିମ୍ନ ପଦାଧିକାରୀ ଯୋଗଦେବେ |
|---|---|---|---|---|---|
| ୧ | ଉପ୍ପଲା, ଭଟେସଂଘା, ସୁବଲୟା, ପିତାମହଲ, କମିରା | ୧୫।୦୭।୧୯ରୁ ୧୮।୦୭।୧୯ | ୧୯।୦୭।୧୯ରୁ ୩୧।୦୭।୧୯ | ୩୧।୦୭।୧୯, ପୂ ୧୧.୦୦ | ଉପ୍ପଲା- BSSO, ଭଟେସଂଘା- WEO, ସୁବଲୟା- APO, ପିତାମହଲ- MI, କମିରା- AEE |
| ୨ | ସଂଗ୍ରାମପୁର, ପୁରୁଣ୍ଡା, ଖଣ୍ଡହତା, ଲୁହୁରପଙ୍କ, କେନଝରିଆପାଲି | ୦୫।୦୮।୧୯ରୁ ୦୮।୦୮।୧୯ | ୦୯।୦୮।୧୯ରୁ ୨୨।୦୮।୧୯ | ୨୨।୦୮।୧୯, ପୂ ୧୧.୦୦ | ସଂଗ୍ରାମପୁର-BPM, ପୁରୁଣ୍ଡା-AEE, ଖଣ୍ଡହତା-WEO, ଲୁହୁରପଙ୍କ-RWS & S-JE, କେନଝରିଆପାଲି- GPEO |
| ୩ | ଦୁର୍ଲଭଡେଲି, ଭିଲୁଙ୍ଗ, ବାଗବର, ଚମ୍ପାପୁର | ୨୮।୦୮।୧୯ରୁ ୩୧।୦୮।୧୯ | ୦୪।୦୯।୧୯ରୁ ୧୮।୦୯।୧୯ | ୧୮।୦୯।୧୯, ପୂ ୧୧.୦୦ | ଦୁର୍ଲଭଡେଲି- APO, ଭିଲୁଙ୍ଗ- BPM, ବାଗବର- BSSO, ଚମ୍ପାମାଳ- WEO |
| ୪ | ବହଲପଦର | ୨୮।୦୮।୧୯ରୁ ୩୧।୦୮।୧୯ | ୦୪।୦୯।୧୯ରୁ ୧୮।୦୯।୧୯ | ୧୨।୦୯।୧୯, ପୂ ୧୧.୦୦ | ବହଲପଦର- Asst. MGNREGA |

ଗୋଷ୍ଠୀସ୍ତରୀୟ ଜନଶୁଣାଣି ୨୫।୦୯।୧୯

ନିମ୍ନୋକ୍ତ ବିଷୟ ଉପରେ ଆଲୋଚନା କରାଯିବ: (୧) ଗ୍ରା.ପ. ଦ୍ୱାରା ମଷ୍ଟରରୋଲ ଗ୍ରହଣ କରାଯାଇଥିବା ରେଜିଷ୍ଟର। (୨) ଅଫିସରଙ୍କ ଦ୍ୱାରା ପ୍ରଦତ୍ତ ମଷ୍ଟରରୋଲ କ୍ରମିକ ସଂଖ୍ୟା ସହ ମେଳ ହେଉଛି କି ନାହିଁ। (୩) ମଷ୍ଟରରୋଲ ପ୍ରଦର୍ଶିତ ଜବକାର୍ଡ ନମ୍ବର ଅଣକୁଶଳୀ ଶ୍ରମିକର କି ନୁହେଁ। (୪) ମଷ୍ଟରରୋଲ ପ୍ରଦର୍ଶିତ କାର୍ଯ୍ୟଦିବସ ଅନୁସାରେ ମାପ ହୋଇଥିବା କାର୍ଯ୍ୟଦିବସ ଜବକାର୍ଡଗୁଡ଼ିକର ମଷ୍ଟରରୋଲ ଅନୁଯାୟୀ ଅଣକୁଶଳୀ, କୁଶଳୀ ଶ୍ରମିକମାନଙ୍କର ନାମ ଠିକ୍ ଅଛି କି ନାହିଁ ଏବଂ ସମପରିମାଣରେ କାମ କରିଛନ୍ତି କି ନାହିଁ। ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଖରିଫ-୨୦୧୯**

**ଚାଷୀ ଭାଇମାନଙ୍କ ପାଇଁ ବିଶେଷ ସୂଚନା** No.30-L

- ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ମରୁଡି, କୁଆପଥର ବର୍ଷା, ବଜ୍ରପାତ, ଅଗ୍ନିକାଣ୍ଡ, ଭୂସ୍ଖଳନ ଓ ରୋଗପୋକ ଯୋଗୁଁ ଫସଲ କ୍ଷତି ହେଲେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆର୍ଥିକ ସହାୟତା ମିଳିଥାଏ।
- ଚଳିତ ଖରିଫ ୨୦୧୯ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଧାନ, ମକା ଓ ହରଡ ଫସଲ ଚାଷ ପାଇଁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି। ବୀମା ରାଶିର ୨.୦ ପ୍ରତିଶତ ହାରରେ ଧାନ ଫସଲ ପାଇଁ ହେକ୍ଟର ପ୍ରତି ଟ.୧୩୬୭.୦୦, ମକା ଫସଲ ପାଇଁ ହେକ୍ଟର ପ୍ରତି ଟ.୧୨୭୦.୦୦ ଓ ହରଡ ଫସଲ ପାଇଁ ହେକ୍ଟର ପ୍ରତି ଟ.୬୮୧.୨୪ପ. ପ୍ରିମିୟମ ନିକଟସ୍ଥ ବାଣିଜ୍ୟିକ ବ୍ୟାଙ୍କ, ଜିଲ୍ଲା ସମବାୟ ବ୍ୟାଙ୍କ କିମ୍ବା କ୍ଷେତ୍ରୀୟ ଗ୍ରାମିଣ ବ୍ୟାଙ୍କ ଶାଖା ରେ ୩୧ ଜୁଲାଇ, ୨୦୧୯ ତାରିଖ ସୁଦ୍ଧା ଜମା କରନ୍ତୁ ଏବଂ ନିଜ ଫସଲକୁ ବୀମାଭୁକ୍ତ କରାନ୍ତୁ।
- ଋଣୀ ଚାଷୀମାନଙ୍କର ବୀମା ପ୍ରିମିୟମ ସମ୍ପୃକ୍ତ ଋଣ ପ୍ରଦାନ କରୁଥିବା ସଂସ୍ଥାରେ ଜମା ହୋଇଥାଏ। କୃଷି ଫସଲ ଋଣ ଜୁଲାଇ ମାସ ମଧ୍ୟରେ ଅନୁମୋଦନ ହେବା ଜରୁରୀ।
- ଅଣ ଋଣୀ ଚାଷୀ ଭାଇମାନଙ୍କୁ ଅନୁରୋଧ ସେମାନେ ନିଜ ଅଂଚଳରେ ଜାତୀୟକରଣ ବ୍ୟାଙ୍କରେ କିମ୍ବା ନିକଟସ୍ଥ ଜନସେବା କେନ୍ଦ୍ର ରେ ବୀମା ପ୍ରିମିୟମ ୩୧ ଜୁଲାଇ, ୨୦୧୯ ତାରିଖ ସୁଦ୍ଧା ଜମା କରନ୍ତୁ ଓ ଯୋଜନାର ସମ୍ପୂର୍ଣ୍ଣ ସୁବିଧା ନିଅନ୍ତୁ।
- ଫସଲଗୁଡିକୁ ବୀମାଭୁକ୍ତ କରିବା ପାଇଁ ଜିଲ୍ଲା କୃଷି ଅଧିକାରୀ, ବ୍ଲକର ସହକାରୀ କୃଷି ଅଧିକାରୀ ଓ ସହକାରୀ ଉଦ୍ୟାନ ଅଧିକାରୀ, ପଂଚାୟତରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ ବା କୃଷକ ସାଥୀଙ୍କ ସହ ଯୋଗାଯୋଗ କରନ୍ତୁ।
- ଅଧିକ ଜାଣିବା ପାଇଁ ଜିଲ୍ଲା କୃଷି ବିଭାଗ କିମ୍ବା ବୀମା କମ୍ପାନୀ ଏଚ୍.ଡି.ଏଫ.ସି ଏରଗୋ (HDFC ERGO) ର ସହପରିଚାଳକ ଙ୍କ ମୋବାଇଲ ନଂ ୭୩୮୧୦୫୪୦୫୯ ରେ ଯୋଗାଯୋଗ କରନ୍ତୁ।

ବି.ଦ୍ର.- ମନେ ରଖନ୍ତୁ ଫସଲ ବୀମା ପ୍ରିମିୟମ ଜମା କରିବାର ଶେଷ ତାରିଖ ୩୧ ଜୁଲାଇ ୨୦୧୯। ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନକରି ଆଗୁଆ ଜମା କରନ୍ତୁ।

01386/11/0001/1920 କୃଷି ଉପ-ନିର୍ଦ୍ଦେଶକ, ମୟୂରଭଞ୍ଜ

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର**
**ବିଜ୍ଞାପନ**
**ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣଯୋଜନାରେ ଆର୍ଥିକ ସହାୟତା ପାଇଁ ଦରଖାସ୍ତ ଆହ୍ୱାନ**

No.: 10-RR: ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣ-ଯୋଜନାରେ ଆର୍ଥିକ ସହାୟତା ନିମନ୍ତେ ଗ୍ରନ୍ଥାଗାର କାର୍ଯ୍ୟକ୍ରମ ପାଇଁ ରେଜିଷ୍ଟ୍ରିଭୁକ୍ତ ବେସରକାରୀ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଏବଂ ଆବଶ୍ୟକୀୟ ସର୍ତ୍ତାବଳୀ (Guidelines) ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର Website: **rrrlf.gov.in** ରେ ଉପଲବ୍ଧ ଅଟେ। ସର୍ତ୍ତାବଳୀ ଅନୁଯାୟୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଏବଂ ଆବଶ୍ୟକ କାଗଜାଦି ସଂଲଗ୍ନ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ବିଜ୍ଞାପନ ପ୍ରକାଶିତ ହେବାର **୩୦ (ତିରିଶ)ଦିନ** ମଧ୍ୟରେ ଦାଖଲ କରିବେ। ନିର୍ଦ୍ଧାରିତ ସମୟ ସୀମା ପରେ ସଠିକ୍ ଭାବେ ପୂରଣ ହୋଇ ନ ଥିବା ଏବଂ ଆବଶ୍ୟକ କାଗଜାଦି ସଂଲଗ୍ନ ହୋଇ ନ ଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ଦରଖାସ୍ତଗୁଡ଼ିକୁ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣ-ଯୋଜନା (Non-Matching Scheme)ର ସର୍ତ୍ତାବଳୀ ଅନୁଯାୟୀ ତନଖି କରି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବଙ୍କ ନିକଟକୁ ଦରଖାସ୍ତ ପ୍ରାପ୍ତିର ଶେଷ ଦିନଠାରୁ **୧୫ (ପନ୍ଦର ଦିନ)** ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ। ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରତ୍ୟେକ ଦରଖାସ୍ତ ଫର୍ମର ପ୍ରଥମ ପୃଷ୍ଠାରେ ସ୍ୱାକ୍ଷରିତ ତନଖି ସାର୍ଟିଫିକେଟ ସହିତ ମୋହର ମାରି ପ୍ରେରଣ କରିବେ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

03001/11/0010/1920

**BERHAMPUR MUNICIPAL COPORATION** No. 49-C

No. 8177 Date: 11/07/19

TENDER CALL NOTICE

Sealed Tenders are invited to be reached by Speed Post/ Registered Post only from reputed manpower agencies/ service providers for "Providing Services of Manpower for 2 years to BeMC " The detailed terms & conditions are available at our official website www.berhampur.gov.in. The Last date of receipt of tenders in this office by 06.08.2019 by 4.00 PM and will be opened on 07.08.2019 at 11.30 AM in the office chamber of undersigned.

The authority reserves the right to accept or reject any tender without assigning any reason thereof.

Commissioner
Berhampur Municipal Corporation

13035/11/0015/1920

**OFFICE OF THE CDM&PHO, CUTTACK**
**Dept. of Health & Family Welfare, Govt. of Odisha**
**Advt. No.: 8471** **Date: 10.07.19**

**TENDER CALL NOTICE FOR MECHANIZED LAUNDRY**

Sealed tenders are invited from registered agency for outsourcing of Mechanized Laundry services with supply of Bed Sheets at Govt. Health Institution. The eligibility criteria and detail terms & conditions may be downloaded from the website **www.cuttack.nic.in**. The tenders should reach the office of the undersigned by 23rd July 2019 (till 12.00 PM). The tenders will be opened at 4.00 PM on 23rd July 2019. The undersigned reserves the right to reject any or all the tenders without assigning any reason thereof.

**Sd./- CDM&PHO, Cuttack**

GOVERNMENT OF ODISHA
OFFICE OF THE EXECUTIVE ENGINEER
U.I. IRRIGATION QUALITY CONTROL DIVISION
AT/P.O.KHATIGUDA, DIST. NABARANGPUR
Telephone No.06858-224244, Email id- uiiqcd@gmail.com No.129-A

No:760 QUOTATION CALL NOTICE NO.-01/2019-20 OF EE, UIIQC DIVISION Dtd.: 10.07.2019

Sealed quotations / tenders are invited from interested reputed Travel Agencies/ Tour operators or privates individuals for providing 01 (One) no of Non AC Diesel driven vehicles having sitting capacity not more than ten including driver, which shall conform to the Terms and conditions (Annexure-II) for official use in Office of the Executive Engineer, Upper Indravati Irrigation Quality Control Division No, Khatiguda, Nabarangpur on monthly rent basis:

1. The vehicle must be in road worthy condition, shall not be more than 3 Years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, Proof of up to date tax payment etc. which are mandatory for plying of vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of Account Payee Demand Draft drawn in favour of the Executive Engineer, Upper Indravati Irrigation Quality Control Division, Khatiguda, Nabarangpur and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants)
6. The vehicle must achieve a fuel minimum efficiency of 10 kms in case of Bolero/ Tata Sumo per liter.
7. The details of the make and year of manufacture of the vehicle, Registration No, mileage (Kms covered per liter) and name of the Driver with Driving License No. and period of validity should be specifically provided in the general bid information to be furnished with the Quotation/ Tender (Annexure- III)
8. The Quotation completed in all respect should reach the undersigned on or before 22.07.2019 by 11.00 A.M. and shall be opened on the 22.07.219 at 11.30 A.M. in presence of the bidders or their authorized representatives.
9. The application form of quotation/ tender containing general Bid Information & terms and conditions for hiring of vehicles etc. will be available with the Executive Engineer, Upper Indravati Irrigation Quality Control Division, Khatiguda, Nabarangpur on payment of Rs 100/- (Rupees One Hundred) only from Dt. 15.07.2019 to 22.07.2019 up to 11.00 A.M or can be downloaded from Odisha Govt. Website www.Odisha.gov.in from Dt. 15.07.2019 to 22.07.2019 up to 11.00 A.M In case the application form is downloaded from Govt. website, the applicant shall furnish a Demand Draft for an amount Rs 100/- (Rupees One Hundred) only towards the cost of application along with the application on or before Dt. 22.07.2019 up to 11.30 A.M.
10. Service Tax would be reimbursed separately over and over the hire charges.
11. The period of agreement for supplying the vehicle shall depend on the period for which estimate is sanctioned.
12. The authority reserves the right to reject any or all quotations without assigning any reason therof.

Sd/- Executive Engineer
U.I. Irr. Quality Control Division Khatiguda, Nabarangpur

32216/11/0001/1920

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BALASORE**
**E-Mail:- serw_balasore@yahoo.in, Tel/FAX:- 06782-260318**

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. PMGSY On-line N.C.B. No.- 258**

No.: 174-O: **The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads under Pradhan Mantri Gram Sadak Yojana in the districts of **Balasore & Bhadrak for 5 (Five)** number of packages with estimated cost totalling to **Rs. 10.63 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement. Dtd. 18.07.2019 from 11.00 AM.**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at **Three places** i.e. **O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand (i.e 05.08.2019 up-to 11.00 A.M)**, failing which the bids shall be declared non-responsive.

**Last Date/ Time for receipt of bids through e-procurement: 01.08.2019 upto 5.00 P.M.**

For further details and corrigendum (if any) please log on to **www.pmgsytenders.gov.in**.

**Sd./- Superintending Engineer**
**R.W.Circle, Balasore**

25105/11/0007/1920

**ପଞ୍ଚାୟତ ସମିତି, କୋରୁକୋଣ୍ଡା**
**PANCHAYAT SAMITI, KORUKONDA**
**AT/P.O.: Korukonda, Dist.- Malkangiri, PIN - 764082 (ODISHA)**
**Tel./Fax No.: 06861-238211, E-mail: ori-korukunda@gramsat.nic.in**

ବିଜ୍ଞାପନ ସଂଖ୍ୟା: /୧୯ ତା ୧୦।୭।୨୦୧୯ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ତଥା ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଦ୍ୱାରା ୨୦୧୮-୧୯ ଆର୍ଥିକ ବର୍ଷରେ Apr. 01 ଠାରୁ March 31 ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (M.G.N.R.E.G.S.) and NSAPର ପ୍ରକଳ୍ପଗୁଡ଼ିକର ମଷ୍ଟରରୋଲର ସତ୍ୟାସତ୍ୟ ଉପରେ ତନଖି ଏବଂ ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଣୁ ଉକ୍ତ ଗ୍ରାମସଭାରେ ଗ୍ରାମବାସୀ, ନିର୍ବାଚିତ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ/ସଭ୍ୟା, ସମସ୍ତ ଗ୍ରାମର ତଦାରଖ କମିଟି ସଦସ୍ୟ/ସଦସ୍ୟାଗଣ ଏବଂ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ ନିଜ ନିଜର କାର୍ଯ୍ୟପତ୍ର ତଥା ସଞ୍ଚୟ ପାସ୍ ବହି ସହିତ ବହୁ ସଂଖ୍ୟାରେ ଯୋଗଦାନ କରିବା ନିମନ୍ତେ ଅନୁରୋଧ କରାଗଲା। ଏହି ଗ୍ରାମସଭାରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ବିଭିନ୍ନ ସଂସ୍ଥାମାନଙ୍କରେ କାର୍ଯ୍ୟ କରୁଥିବା ଅଧିକାରୀ (PD Watershed, Forest, Horticulture and OTELP) ଓ Mateମାନେ ପ୍ରକଳ୍ପଗୁଡ଼ିକର ସମସ୍ତ କାଗଜାତ୍ ସହ ଉପସ୍ଥିତ ରହିବେ। ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଡେଙ୍ଗୁରା ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ପ୍ରଚାର କରାଇବେ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| Sl. No. | Name of the Block | Name of the GP | Social Audit Starting Date | Social Audit Ending Date | Jansunwai/ Social Audit & GP Level | Date of Public Hearing |
|---|---|---|---|---|---|---|
| 1 | Korukonda | Potrel | 15.07.2019 | 25.07.2019 | 25.07.2019 | 25.09.2019 |
| 2 | | Old Chimitapalli | 15.07.2019 | 25.07.2019 | 25.07.2019 | |
| 3 | | Kamwada | 15.07.2019 | 25.07.2019 | 25.07.2019 | |
| 4 | | Somnathpur | 15.07.2019 | 25.07.2019 | 25.07.2019 | |
| 5 | | Nakamamudi | 15.07.2019 | 25.07.2019 | 25.07.2019 | |
| 6 | | Tarlakota | 29.07.2019 | 12.08.2019 | 13.08.2019 | |
| 7 | | Mariwada | 29.07.2019 | 12.08.2019 | 13.08.2019 | |
| 8 | | Nilakamberu | 29.07.2019 | 12.08.2019 | 13.08.2019 | |
| 9 | | Chitapari-III | 29.07.2019 | 12.08.2019 | 13.08.2019 | |
| 10 | | Korukonda | 19.08.2019 | 07.09.2019 | 07.09.2019 | |
| 11 | | Tumusapalli | 19.08.2019 | 07.09.2019 | 07.09.2019 | |
| 12 | | Dudameta | 19.08.2019 | 07.09.2019 | 07.09.2019 | |

| କ୍ର.ନଂ. | ତାରିଖ | ଗ୍ରା.ପ.ର ନାମ | ସମୟ | ସଭାରେ ଉପସ୍ଥିତ ହେବାକୁ ଥିବା ପ୍ରାଧିକୃତ ଅଧିକାରୀ |
|---|---|---|---|---|
| ୧ | ୨୫।୦୭।୨୦୧୯ | ପଟ୍ରେଲ | ପୂ୧୦.୦୦ଘ. | APO |
| ୨ | | ପୁରୁଣା ଚିମିଟାପାଲ୍ଲୀ | ପୂ୧୦.୦୦ଘ. | WEO |
| ୩ | | କାମୱାଡ଼ା | ପୂ୧୦.୦୦ଘ. | BSSO |
| ୪ | | ସୋମନାଥପୁର | ପୂ୧୦.୦୦ଘ. | MI |
| ୫ | | ନାକାମାମୁଡ଼ି | ପୂ୧୦.୦୦ଘ. | BDO |
| ୬ | ୧୩।୦୮।୨୦୧୯ | ତର୍ଲାକୋଟା | ପୂ୧୦.୦୦ଘ. | WEO |
| ୭ | | ମାରିୱାଡ଼ା | ପୂ୧୦.୦୦ଘ. | BLO |
| ୮ | | ନୀଳକାମ୍ବେରୁ | ପୂ୧୦.୦୦ଘ. | APO |
| ୯ | | ଚିତାପାରି-୩ | ପୂ୧୦.୦୦ଘ. | BSSO |
| ୧୦ | ୦୭।୦୯।୨୦୧୯ | କୋରୁକୋଣ୍ଡା | ପୂ୧୦.୦୦ଘ. | C.P |
| ୧୧ | | ତୁମୁଷାପାଲ୍ଲୀ | ପୂ୧୦.୦୦ଘ. | AE |
| ୧୨ | | ଡୁଡାମେଟା | ପୂ୧୦.୦୦ଘ. | GPEO |


**ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ**
**M.G.N.R.E.G.S., କୋରୁକୋଣ୍ଡା ପଞ୍ଚାୟତ ସମିତି**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)**

ପତ୍ର ସଂଖ୍ୟା: **DCPU/JPR/୭୯୧/୧୯** ତାରିଖ: ୧୧।୦୭।୨୦୧୯

**ବିଜ୍ଞପ୍ତି**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା୧୫।୦୩।୨୦୧୯ରିଖରେ ଯାଜପୁର ଜିଲ୍ଲାର ପହଙ୍ଗା, ରାଉତରାପୁର ଗ୍ରାମର କିଛି ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏକ ଅସୁବିଧାଜନକ ସ୍ଥିତିରେ ଥିବା ଶିଶୁକୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଶିଶୁଟିକୁ ଯାଜପୁରସ୍ଥ ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରଠାରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି। ଯଦି ଉକ୍ତ ଶିଶୁଟିର ନିକଟ ସ୍ୱଜନ କିମ୍ବା ଅଭିଭାବକ/ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଅଧ୍ୟକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର, ଫୋନ୍-୨୨୨୧୩୧, ମୋ- ୯୩୩୭୮୧୦୪୯୭ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ୍-୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲକରି ଉକ୍ତ ଶିଶୁଟିକୁ ନେବା ପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

| ଶିଶୁର ଡାକ ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | ଶିଶୁ ରହୁଥିବା ଅନୁଷ୍ଠାନର ନାମ | CWC କେସ୍ ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|---|
| ପରୀ | ଝିଅ | ୫ ମାସ | ପହଙ୍ଗା, ରାଉତରାପୁର, ଯାଜପୁର | ଯାଜପୁରସ୍ଥ ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର | ୧୫୧୦/ ୧୫।୦୩।୨୦୧୯ |  |

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଯାଜପୁର**

## ସଂକ୍ଷେପରେ

### ବିଜେଡିର ନିର୍ବାଚନୀ ସଭା

ଡେରାବିଶ, ୧୧।୭ (ସ୍ୱ.ପ୍ର.): ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତର ମାଣିକବଜାରଠାରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପଞ୍ଚାୟତ ବିଜେଡି ସଭାପତି ପ୍ରମୋଦ କୁମାର ଭଦ୍ର ଅଧକ୍ଷତାରେ ଆୟୋଜିତ ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଦଳୀୟ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ମଦନମୋହନ ସାହୁ, ସମିତିସଭ୍ୟା ବିଦ୍ୟୁଲତା ସାହୁ, ପଞ୍ଚାୟତ ମହିଳା ଫେଡେରେଶନ୍ ସଭାନେତ୍ରୀ ସୁମିତ୍ରାରାଣୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ବିଜୟୀ କରାଇବାପାଇଁ କର୍ମୀମାନେ ଉଦ୍ୟମ କରିବାକୁ ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଶେଷରେ ପଞ୍ଚାୟତ ଯୁବ ବିଜେଡି ସଭାପତି ସଲିଳ କୁମାର ଭଦ୍ର ଧନ୍ୟବାଦ ଦେଇଥିଲେ। ଲଲାଟେନ୍ଦୁ କେଶରୀ ଖୁଣ୍ଟିଆ, ନବୀନ ଭଦ୍ର, ପ୍ରଭାତ କୁମାର ତ୍ରିପାଠୀ, ସୁକାନ୍ତ ସାହୁ, ସନ୍ତୋଷ ତ୍ରିପାଠୀ, ପ୍ରମୋଦ ସାହୁ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ସମାବେଶ ପରିଚାଳନା କରିଥିଲେ।

■ମାଡ଼ ମାରିବା ଅଭିଯୋଗରେ ମୌଲବୀ ଅଟକ ଘଟଣା

### ଆପୋସ ବୁଝାମଣା ପରେ ଛାଡ଼ିଦେଲା ପୋଲିସ

କେନ୍ଦ୍ରାପଡା ଅଫିସ, ୧୧।୭: ଟାଉନ ଥାନାରେ ଅଟକ ଥିବା ସ୍ଥାନୀୟ ଏକ ମଦ୍ରାସାର ମୌଲବୀଙ୍କୁ ଗୁରୁବାର ଆପୋସ ବୁଝାମଣା ପରେ ଛାଡ଼ି ଦେଇଛି ପୋଲିସ। ହେଲେ ଏଥିପାଇଁ ମୌଲବୀ ମଦ୍ରାସା ଛାଡ଼ିବା ସହିତ ଚାକିରିରୁ ଭିଆରଏସ୍ ନେବେ ବୋଲି ପ୍ରତିପକ୍ଷଙ୍କୁ ଲିଖିତ ଆକାରରେ ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ମଦ୍ରାସାରେ ବେଆଇନ କାର୍ଯ୍ୟ ଚାଲୁଥିବା ନେଇ ଅଭିଯୋଗ ଆସିଥିଲା। ଏ ନେଇ ଜମାତ ଅଲହଦିସେ ପକ୍ଷରୁ ମଦ୍ରାସାର ମୌଲବୀଙ୍କୁ ଉକ୍ତ ସ୍ଥାନ ଛାଡ଼ି ଚାଲିଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ସମ୍ପୃକ୍ତ ମୌଲବୀ କିଛିଦିନ ପାଇଁ ନିଜ ରାଜ୍ୟ ବିହାର ଚାଲିଯାଇଥିଲେ। ବୁଧବାର ମୌଲବୀ ତାଙ୍କ ପୁଅଙ୍କ ସହ ଆସି ସହରରେ ପହଞ୍ଚିବା ସହ ମଦ୍ରାସା ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜମାତର ସଦସ୍ୟ ତଥା ସହରର ଫକିରାବାଦ ଅଞ୍ଚଳର ସେକ୍ ତଫିକଉଦ୍ଦିନଙ୍କୁ ତାଙ୍କ ଦୋକାନରେ ପଶି ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ମୌଲବୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିଲା। ତେବେ ଏହି ଘଟଣାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ପରେ ପୋଲିସ ମୌଲବୀଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

### ୭୦ତମ ବନ ମହୋତ୍ସବ ପାଳିତ



ରାଜନଗର,୧୧।୭(ଡି.ଏନ.ଏ.) : ରାଜନଗର ବ୍ଲକର ଚାନ୍ଦିବାଉଁଶମୂଳ ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଇକୋ କ୍ଲବର ସଂଯୋଜକ ବନଜା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ। ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପରିବେଶବିତ୍ କବି ହେମନ୍ତ କୁମାର ରାଉତ ମୁଖ୍ୟଅତିଥି, ଓଷ୍ଟାର ସଭାପତି ସୀତାକାନ୍ତ ରାଉଳ ମୁଖ୍ୟବକ୍ତା, ଶିକ୍ଷାବିତ ଗୋଲେଖ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷ ହିଁ ଜୀବନ, ଏହାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବକୁ ଶିକ୍ଷୟିତ୍ରୀ ମମତା ରାଉତ, ସ୍ନେହଲତା ସାମଲ, ଲିଲି ବେହେରା, ପ୍ରୀତିଲତା ରାଉତ, ସୁଲୋଚନା ମହାନ୍ତି, ସୁରଜ ସାହୁ, ସଞ୍ଜୟ ଖଣ୍ଡୁଆଳ ପ୍ରମୁଖ ପରିଚାଳନା କରିଥିଲେ।

# ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସମାଗମ

ରାଜନଗର,୧୧।୭(ଡି.ଏନ.ଏ.)



ମଠଆଡିଆରେ ଦେଶୀୟ ପକ୍ଷୀ।

ମୌସୁମୀର ଆଗମନରେ ପକ୍ଷୀବିହାର ରୂପେ ପରିଚିତ ପ୍ରକୃତିର ଗନ୍ତାଘର କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନରେ ଏବେ ଦେଶୀୟ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ଜୁଲାଇ ପ୍ରଥମ ସପ୍ତାହରୁ ପକ୍ଷୀମାନଙ୍କର ସଂଖ୍ୟା ବଢିବାରେ ଲାଗିଛି। ରଙ୍ଗବେରଙ୍ଗର ପକ୍ଷୀଙ୍କ ଆଗମନ ଭିତରକନିକାର ଶୋଭାକୁ ଦ୍ୱିଗୁଣିତ କରିବାରେ ଲାଗିଛି। ଝିପିଝିପି ବର୍ଷା ବେଳେ ନୀଳ ଆକାଶରେ ଦଳ ଦଳ ହୋଇ ପକ୍ଷୀମାନଙ୍କର ଉଡିବାର ଦୃଶ୍ୟ ବେଶ ମନମୁଗ୍ଧକର । ସାଧାରଣତଃ ଏହି ଦେଶୀୟ ପକ୍ଷୀମାନେ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ୧୦ ଏକର ପରିମିତ ବଗଗହନରେ ସମାଗମ ହୋଇଥାନ୍ତି। ଗତ କେତେବର୍ଷ ହେଲା ପକ୍ଷୀମାନେ ଜାତୀୟ ଉଦ୍ୟାନର ମଠଆଡିଆକୁ ସେମାନଙ୍କର ନୂଆଠିକଣା ଭାବେ ବାଛି ନେଇଛନ୍ତି। ବର୍ତ୍ତମାନ ୧୨ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ଏଠାରେ ସମାଗମ ହୋଇଥିବା ଦେଖିବାକୁ ମିଳୁଛି। ୩୧ ତାରିଖ ଯାଏଁ ଭିତରକନିକା ବନ୍ଦ ରହିଥିବାରୁ କୋଳାହଳ ବି ନାହିଁ। ପକ୍ଷୀମାନେ ଜାତୀୟ ଉଦ୍ୟାନର ଶାନ୍ତ ପରିବେଶ ମଧ୍ୟରେ ମଠଆଡିଆ ଠାରେ ବସା ବାନ୍ଧିବା ଆରମ୍ଭ କରିଛନ୍ତି। ଚଳିତବର୍ଷ ବଗଗହନରେ ଦେଶୀୟ ପକ୍ଷୀଙ୍କୁ ଦେଖିବାକୁ ମିଳୁନି ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଚାରି ଏକର ପରିମିତ ମଠଆଡିଆରେ ଦେଶୀୟ ପକ୍ଷୀଙ୍କ କଳରବ ସାଙ୍ଗକୁ ମା' ପକ୍ଷୀମାନେ ନୀଡ ମଧ୍ୟରେ ଅଣ୍ଡା ଦେବାର ଅପୂର୍ବ ଦୃଶ୍ୟ ଏବେ ଆକର୍ଷଣ ପାଲଟିଛି। ଗୁଆଁ, ସୁନ୍ଦରୀ, ବନି, ରାଇ ପ୍ରଭୃତି ଗଛରେ ଦେଶୀୟ ପକ୍ଷୀମାନେ ବସା ବାନ୍ଧିବାରେ ଲାଗିଛନ୍ତି । ଆଜି ସୁଦ୍ଧା ମଠଆଡିଆରେ ପ୍ରାୟ ୩ ହଜାର ଦେଶୀୟ ପକ୍ଷୀ ବସା ବାନ୍ଧି ସାରିଲେଣି। ଜାତୀୟ ଉଦ୍ୟାନର ନୀଳ ଆକାଶରେ ସିନ୍ଦୁରା ଫାଟିବା ପରେ ଦଳ ଦଳ ହୋଇ ପକ୍ଷୀମାନେ ଉଡି କାଠିକୁଟା ସଂଗ୍ରହ କରି ସଞ୍ଜ ପୂର୍ବରୁ ନୀଡକୁ ଫେରି ଆସୁଥିବା ଦେଖିବାକୁ ମିଳିଛି । ଦେଶୀୟ ପକ୍ଷୀମାନଙ୍କ ମଧ୍ୟରେ ୧୧ ପ୍ରକାର ବଗ, ଗେଣ୍ଡାଳିଆ, ପାଣିକୁଆ, କିଙ୍ଗଫିସର, ଖଇରା ପ୍ରଭୃତି ପକ୍ଷୀ ଭିଡ ଜମାଇବାରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ୫ ହଜାର ଗେଣ୍ଡାଳିଆ ଥିବା ବନବିଭାଗ ପକ୍ଷରୁ ଜଣାପଡିଛି। ଜୁନ୍ ଦ୍ୱିତୀୟ ସପ୍ତାହରୁ ପକ୍ଷୀମାନଙ୍କର ଆଗମନ ହୋଇଛି। ମା'ପକ୍ଷୀମାନେ ବସାରେ ଅଣ୍ଡାଦେଇ ଛୁଆ ଫୁଟାଇବା ପରେ ଛୁଆମାନଙ୍କୁ ସାଥିରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରିଯିବେ। ଦେଶୀୟ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ରାଜନଗର ବନବିଭାଗ ପକ୍ଷରୁ ବନ କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇଛି।

■ ଜନସଂଖ୍ୟା ସ୍ଥିରତା ଦିବସ

# ପ୍ରଗତିରେ ବାଧକ ସାଜିଛି ଜନସଂଖ୍ୟା ବୃଦ୍ଧି

କେନ୍ଦ୍ରାପଡା ଅଫିସ, ୧୧।୭

ବିଶ୍ୱ ଜନସଂଖ୍ୟା ସ୍ଥିରତା ଦିବସ ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଶୁକ୍ରବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଏକ ଆଲୋଚନା ଚକ୍ର ସିଡିଏମ୍ଓ ଡା. ଉର୍ମିଳା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସମର୍ଥ ବର୍ମା, ଏଡିଏମ୍ଓ ଡା. ମିର୍ଜା ବାବର ବେଗ, ଜିଲା ମ୍ୟାଲେରିଆ ବିଭାଗ ଅଧିକାରୀ ସୁଶାନ୍ତ ଦାଶ, ଡିପିଏମ୍ ପ୍ରକାଶ କୁମାର ବାନାର୍ଜି ଯୋଗ ଦେଇଥିଲେ। ୨୦୧୯ର ବାର୍ତ୍ତା 'ପରିବାର ନିୟୋଜନ କରି ତୁଲାନ୍ତୁ ଦାୟିତ୍ୱ, ମାଆ ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ରୁହନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତ' ଶୀର୍ଷକ ଆଲୋଚନାଚକ୍ରରେ ନାବାଳିକାଙ୍କ ବିବାହ ରୋକିବା, ଶିଶୁଙ୍କୁ ଶିକ୍ଷିତ କରାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ ଦେଶର ଅର୍ଥନୀତି, ଉନ୍ନୟନ ଯୋଜନା ଉପରେ କୁପ୍ରଭାବ ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ। ସେହିପରି ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଚିକିତ୍ସା କ୍ଷେତ୍ରରେ ବ୍ୟବହୃତ କେତେକ ପଦ୍ଧତି ଓ ଆର୍ଥିକ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ସେମାନେ କହିଥିଲେ ଯେ, ଦେଶରେ ଦ୍ରୁତ ଜନ ସଂଖ୍ୟା ବୃଦ୍ଧି ଫଳରେ ସାମାଜିକ, ଅର୍ଥନୈତିକ, ନିରାମୟ ଜୀବନ, ଶିକ୍ଷା, ବିଜ୍ଞାନର ବିକାଶ ଆଦିରେ ବାଧକ ସାଜୁଛି। ଏଥିପାଇଁ ବିଶ୍ୱ ପ୍ରଗତିରେ ଦେଶ ସାମିଲ ହୋଇପାରୁନାହିଁ। ସନ୍ତାନ ଜନ୍ମ କ୍ଷେତ୍ରରେ କିଛି ସଂଯମତା ରକ୍ଷା କରିବା ଆବଶ୍ୟକ ହୋଇପଡ଼ିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ପ୍ରଥମ ଓ ଦ୍ୱିତୀୟ ସନ୍ତାନ ମଧ୍ୟରେ ଜନ୍ମ ବ୍ୟବଧାନ ଅନ୍ୟୂନ ୨ରୁ ୩ ବର୍ଷ ରଖିବା ଆବଶ୍ୟକ। ଏହି ଅବସରରେ ଯୋଗ ଦେଇଥିବା ଆଶାକର୍ମୀଙ୍କ ମଧ୍ୟରେ ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସ ପାଳନ ଉତ୍ସବରେ ଜିଲା ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପାଖଡ଼ରେ ବିଜେଡିର କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ପାଟକୁରା, ୧୧।୭ (ଡି.ଏନ୍.ଏ.)

ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ପାଖଡ ହାଇସ୍କୁଲ ନିକଟସ୍ଥ ଏକ ପଡ଼ିଆରେ ଗୁରୁବାର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ମନ୍ତ୍ରୀ ପରିଷଦର ସଦସ୍ୟ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇଥିଲେ। ଏଥିସହ ଦଳୀୟ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଅଭିନେତା କୁନା ତ୍ରିପାଠୀ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, ପାଟକୁରା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ବିଧାନସଭାକୁ ଗଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ। ତେଣୁ ପାଟକୁରାରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ଜିତାଇବାକୁ ବିଜେଡି ନେତାମାନେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଅଗ୍ରୱାଲ, ପାଖଡ ସରପଞ୍ଚ ଗୌରାଙ୍ଗ ଚରଣ ପରିଡ଼ା, ତଳକୁସୁମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା, ପ୍ରକୃତି ବନ୍ଧୁ ଦ୍ୱାରିକାନାଥ ସେନାପତି, ଗରଦପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣପ୍ରଭା ସେଠୀ, ଦିଲୀପ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗରଦପୁର ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ମହାନ୍ତି ସଭା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୨୦ ତାରିଖରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ତେଣୁ ବିଭିନ୍ନ ଦଳର ନେତା ଓ କର୍ମୀ ପାଟକୁରା ଅଞ୍ଚଳରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚଳାଇଛନ୍ତି।

■ ପଟ୍ଟାମୁଣ୍ଡାଇରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ

# ପୋଲିସ, ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା

ପଟ୍ଟାମୁଣ୍ଡାଇ,୧୧।୭ (ସ୍ୱ.ପ୍ର)



ପଟ୍ଟାମୁଣ୍ଡାଇ ବଜାରରେ ଟ୍ରାଫିକ ଭିଡ଼।

ପଟ୍ଟାମୁଣ୍ଡାଇ ବଜାରର ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି । ଛୋଟିଆ ବଜାରରେ ଅଧିକ ସଂଖ୍ୟକ ବ୍ୟବସାୟୀ ଓ ଗ୍ରାହକ ଏକାଥରେ କିଣାବିକା କରିବା ଯୋଗୁ ଅସମ୍ଭବ ଭିଡ ହେଉଛି । ପଟ୍ଟାମୁଣ୍ଡାଇ ବଜାର ଭିତରକୁ ସକାଳ ୯ଟା ଠାରୁ ଦିନ ଗୋଟାଏ ଏବଂ ଅପରାହ୍ନ ୩ ଠାରୁ ରାତି ୯ଟା ପର୍ଯ୍ୟନ୍ତ ଭାରୀଯାନ ସହ ଚାରିଚକିଆ ଯାନ ପ୍ରବେଶକୁ ପୋଲିସ ପକ୍ଷରୁ କଟକଣା କରାଯାଇଛି । ଏଥିସହିତ ତିନି ଚକିଆ ଅଟୋ ମଧ୍ୟ କଟକଣା ଭିତରେ ରହିଛି । ଏପଟେ ଟ୍ରାଫିକ ନିୟମ କରି ଦିଆଯାଇଥିଲେ ହେଁ ତାହା ଠିକ୍ ଢଙ୍ଗରେ ପାଳନ କରାଯାଉନାହିଁ । ଅଧିକାଂଶ ସମୟରେ ଟ୍ରାଫିକ୍ ଦାୟିତ୍ୱରେ ନିୟୋଜିତ ହୋମଗାର୍ଡ ସ୍ଥାନ ଛାଡି ଆଖପାଖକୁ ପଳାଇ ଯାଉଛନ୍ତି । ଏହି ସୁଯୋଗରେ ଅନାବଶ୍ୟକ ଭାବରେ ଗାଡିଗୁଡିକ ବଜାର ଭିତରକୁ ପ୍ରବେଶ କରି ଟ୍ରାଫିକ୍ ସମସ୍ୟା ବହୁଗୁଣିତ କରି ଦେଉଛି । ଯାହା ଫଳରେ ସାଧାରଣ ଲୋକ ଚଳପ୍ରଚଳ କରିବା କଷ୍ଟକର ହୋଇପଡିଛି । ଲାଇସେନ୍ସ ନ ଥିବା ବାଇକ୍ ଚାଳକ ବଜାର ଭିତରକୁ ପଶି ବେପରୁଆ ଭାବେ ଗାଡି ଚଳାଇବା ଓ ରାସ୍ତା ଅବରୋଧ କରି ଗାଡି ପାର୍କିଂ କରିବା ଟ୍ରାଫିକ୍ ସମସ୍ୟାକୁ ବିପର୍ଯ୍ୟସ୍ତ କରିଦେଇଛି । ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ବଜାର ଭିତରକୁ ବୁଲା ଗାଈ, ମେଣ୍ଢା, ଷଣ୍ଢ ହଟାଇବାରେ ପ୍ରଶାସନ ଓ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହାଛଡା ବଜାର ଭିତରେ ମେଡିକାଲ, ଥାନା, ପୋଷ୍ଟ ଅଫିସ୍, ତହସିଲ ଅଫିସ୍, ସବ୍-ରେଜିଷ୍ଟର୍ ଅଫିସ୍, ସରକାରୀ ଉଚ୍ଚ ବାଳିକା ସ୍କୁଲ ଓ ପ୍ରାଥମିକ ସ୍କୁଲ ପ୍ରଭୃତି ରହିଛି । ଟ୍ରାଫିକ୍ ଜାମ୍ ଫଳରେ ସ୍କୁଲ ପିଲାଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । ଏହି ବଜାର ଉପରେ ଆଳି, ରାଜକନିକା, ରାଜନଗର, ମହାକାଳପଡା, ଡେରାବିଶ୍, କେନ୍ଦ୍ରାପଡା ପ୍ରଭୃତି ଅଞ୍ଚଳର ଲୋକ ଓ ବ୍ୟବସାୟୀମାନେ ନିର୍ଭରଶୀଳ। ସପ୍ତାହରେ ରବିବାର ଓ ବୁଧବାର ପଟ୍ଟାମୁଣ୍ଡାଇ ପରିବା ହାଟ ଚାଲୁଥିବା ବେଳେ ଅସମ୍ଭବ ଭିଡ ହେଉଛି । ବଜାର ଭିତରେ ରାସ୍ତା ଉପରେ ଓ ଦୋକାନ ଆଗରେ ବାଇକ୍ ପାର୍କିଂ ହେବା ଫଳରେ ରାସ୍ତା ଅଣଚଉଡା ଯୋଗୁ ଗାଡି ଚଳାଚଳ ପ୍ରାୟ ବନ୍ଦ ହେଇଯାଉଛି । ଏହାଛଡା ବଜାର ଭିତରେ ବାଇକ୍ ଓ ଅଟୋ ଚାଳକମାନେ ଏଲ୍ଇଡି ଲାଇଟ୍ ଲଗାଇ ଗାଡି ଚଳାଇବା ଫଳରେ ବିପରୀତ ଦିଗରୁ ଆସୁଥିବା ଗାଡିଚାଳକମାନେ ଅସୁବିଧା ଭୋଗୁଛନ୍ତି। ଅଧିକାଂଶ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ବଜାର ଭିତର ରାସ୍ତାରୁ ବେଆଇନ ଅବରୋଧ ହଟାଇବା ପାଇଁ ବାରମ୍ବାର ଦାବି ହୋଇଆସୁଛି । ମାତ୍ର ପୌର କର୍ତ୍ତୃପକ୍ଷ ଏବଂ ପୋଲିସ୍ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଜନ ଅସନ୍ତୋଷର କାରଣ ହୋଇଛି।

# କେନାଲରେ ପାଣି ନାହିଁ, ଚାଷୀଙ୍କ ପାଇଁ ଲଘୁଚାପ ବର୍ଷା ଭରସା

କେନ୍ଦ୍ରାପଡା ଅଫିସ, ୧୧।୭



ଗୋବରୀ କେନାଲ ଶୁଖିଲା ପଡିଛି।

କେନ୍ଦ୍ରାପଡା ଅଫିସ, ୧୧।୭- ମୌସୁମୀ ପ୍ରବେଶ କରିଥିଲେ ହେଁ କେନ୍ଦ୍ରାପଡା ଜିଲାରେ ଆଶାନୁରୂପ ବର୍ଷା ହୋଇନାହିଁ। ଅପରପକ୍ଷରେ କେନାଲକୁ ଭରସା କରିଥିବା ଚାଷୀ ପାଣି ନ ପାଇ ଜମି ବେଉଷଣ କରି ହାତବାନ୍ଧି ବସିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ କେନାଲରେ ପାଣି ଅଥବା ଲଘୁ ଚାପ ବର୍ଷା ନ ହେଲେ ଚଳିତ ଖରିଫ ଚାଷ କ୍ଷତିଗ୍ରସ୍ତ ହେବ ବୋଲି ବହୁ ଚାଷୀ ମତ ଦେଇଛନ୍ତି । ଜଳସମ୍ପଦ ବିଭାଗ ଆସନ୍ତା ୧୫ ତାରିଖରେ ପାଣି କେନାଲରେ ଛାଡିବା ପାଇଁ ଯୋଜନା ରଖିଥିବା ପ୍ରକାଶ କରୁଥିବା ବେଳେ ପାଣିପାଗ ବିଶେଷଜ୍ଞ ୨୬ ତାରିଖରୁ ଲଘୁଚାପ ଜନିତ ବର୍ଷା ଉପକୂଳବର୍ତ୍ତୀ ଅଞ୍ଚଳରେ ହେବ ବୋଲି ପୂର୍ବାନୁମାନ କରିଛନ୍ତି ।

କୃଷି ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ସମୁଦାୟ ଜଳସେଚିତ ୬୫,୦୩୨ ହେକ୍ଟର ଜମି ମଧ୍ୟରୁ ୪୫,୯୧୪ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ । ମହାନଦୀ ନର୍ଥ ଡିଭିଜନ ଅନ୍ତର୍ଗତ ଡେରାବିଶ ବ୍ଲକର ୨୯୬୧ ହେକ୍ଟର, ମାର୍ଶାଘାଇର ୧୦୫୫ ହେକ୍ଟର ଓ ଗରଦପୁର ବ୍ଲକର ୧୦୪୯ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ । ସେହିପରି କେନ୍ଦ୍ରାପଡା ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡାର ୧୬,୩୫୭ ହେକ୍ଟର, ଡେରାବିଶର ୭୮୪୦ ହେକ୍ଟର, ମାର୍ଶାଘାଇର ୩୪୦୯ ହେକ୍ଟର, ମହାକାଳପଡାର ୩୦୦୭ ହେକ୍ଟର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୧୧,୦୪୯ ହେକ୍ଟର ଜମିକୁ କେନାଲ ପାଣି ଯୋଗାଇଥାଏ । ଅପରପକ୍ଷରେ ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ବର୍ଷା, ଉଠା ଜଳସେଚନ ବ୍ୟବସ୍ଥାରେ ଚାଷ କରିଥାନ୍ତି । ତେବେ ଚଳିତ ଖରିଫ ଚାଷ ପାଇଁ ଆବଶ୍ୟକ ପରିମାଣର ବର୍ଷା ଓ କେନାଲରେ ପାଣି ଆସି ନ ଥିବାରୁ ଚାଷୀ ଚାଷ କାମ ଛାଡି ହାତବାନ୍ଧି ବସିଛନ୍ତି । ଏ ସମ୍ପର୍କରେ କେନ୍ଦ୍ରାପଡା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କୁହନ୍ତି ଯେ, ଜିଲାର ଚାଷୀଙ୍କ ଜଳସେଚନ ପାଇଁ ୭ ନଦୀ, ୨୭ଟି ଉପନଦୀ ଓ କେନାଲ ଅଛି । ଏଥିପାଇଁ ଜଳସମ୍ପଦ ବିଭାଗ ଉପଯୁକ୍ତ ସମୟରେ ଜଳ ଛାଡିଲେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୁଅନ୍ତା ନାହିଁ। ସାଧାରଣତଃ କେନାଲ ପାଖାପାଖି ଜମିରେ ତଳି ପକାଯାଇ ଧାନଗଛ ରୁଆ ହୋଇଥାଏ । ସହଳ କିସମ ଧାନର ଗଜା ପାଇଁ ସମୟ ସୀମା ଅଛି। ଜୁଲାଇ ମାସ ଆରମ୍ଭରୁ ଧାନ ତଳି ପକାଇଲେ ଶତ ପ୍ରତିଶତ ହେଉଥିବା ଲକ୍ଷ୍ୟ କରାଯାଇଥିବା ବେଳେ ମାସର ଶେଷ ଆଡକୁ ତଳି ପକାଇଲେ ପ୍ରାୟ ୬୦ ପ୍ରତିଶତ ବିହନ ଗଜା ହେଉନାହିଁ । ଅକ୍ଷୟତୃତୀୟା ଠାରୁ କ୍ଷେତ ବେଉଷଣ ଆରମ୍ଭ ହୋଇଥିବା ବେଳେ ଅଦ୍ୟାବଧି କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯାଇନାହିଁ । ଡେରାବିଶ ବ୍ଲକ କୋସିଦା ଗ୍ରାମର ଚାଷୀ କେଶବ ଚନ୍ଦ୍ର ସାମଲ ପ୍ରଶାସନର ଏପରି ଖାମଖିଆଲି ନୀତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉଛି। କୌଣସି ବର୍ଷ ଚାଷୀ ଜଳକର ଦେବାରେ ଖିଲାପ କଲେ ତହିଁ ଆରବର୍ଷକୁ ସୁଧ ଲାଗୁଛି । ତେବେ ଉପଯୁକ୍ତ ସମୟରେ କେନାଲରେ ପାଣି ନ ଆସିବାରୁ ଚାଷରେ କ୍ଷତି ହେଉଛି । ସେ ଦର୍ଶାଇଛନ୍ତି ଯେ, ପ୍ରତିବର୍ଷ କେନାଲ ସଫା ଓ ପୁନରୁଦ୍ଧାର ନାମରେ ଘାସ ସଫା ହେଉଛି। ଏ ବାବଦରେ ବହୁ କୋଟି ଟଙ୍କା ହଡପ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି । ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। କେନ୍ଦ୍ରାପଡା କେନାଲ, ଜମ୍ବୁ କେନାଲ, ଗୋବରୀ କେନାଲ ଆଦିରେ ଦଳ ଭର୍ତ୍ତି ହୋଇ ରହିଥିବାରୁ ପାଣି ତଳମୁଣ୍ଡକୁ ଯାଇ ପାରୁନାହିଁ । ସେହିପରି ସହରର ଅଳିଆ ଆବର୍ଜନାରେ କେନ୍ଦ୍ରାପଡା କେନାଲ ପୋତି ହୋଇଗଲାଣି । ଏହାକୁ ସଫା କରିବା ଆଳରେ ଜଳସମ୍ପଦ ବିଭାଗ କେନାଲରେ ପାଣି ଛାଡିବାକୁ ବିଳମ୍ବ କରୁଛି । ବିଳମ୍ବରେ ଆସିଥିବା ପାଣି ଚାଷ ପାଇଁ ଉପଯୁକ୍ତ ହୋଇପାରୁ ନାହିଁ । ପ୍ରତିବର୍ଷ ଜୁଲାଇ ୫ ତାରିଖରେ କେନାଲରେ ପାଣି ଛଡା ଯାଇଥାଏ । ୧୦ ତାରିଖ ମଧ୍ୟରେ ଜିଲାର ସବୁ କେନାଲରେ ପାଣି ଆସିଯାଏ। ତେବେ ଚଳିତବର୍ଷ ଅଦ୍ୟାବଧି ପାଣି କେନାଲକୁ ଛଡା ଯାଇ ନ ଥିବାରୁ ଲଘୁଚାପ ବର୍ଷାକୁ ଅନାଇ ରହିଛୁ ବୋଲି ଚାଷୀ ସାମଲ କହିଛନ୍ତି । ଡେରାବିଶ ବ୍ଲକ ଛୋଟି ଗ୍ରାମର ବୁଦ୍ଧିଜୀବୀ ବାନାମ୍ବର ସାହୁ କୁହନ୍ତି ଯେ, ଜିଲାର ଅର୍ଥନୀତି କୃଷିକୁ ନେଇ ଚାଲିଛି। କୃଷି ଓ କୃଷକଙ୍କୁ ଉପଯୁକ୍ତ ସମୟରେ ପ୍ରଶାସନ ସହଯୋଗ ଦେବା କଥା । ତେବେ କେନାଲର ପୁନରୁଦ୍ଧାର ଜଳସମ୍ପଦ ବିଭାଗ ଖରାଦିନେ ଆରମ୍ଭ ନ କରି ବର୍ଷାଋତୁରେ ଆରମ୍ଭ କରୁଛନ୍ତି । ଫଳରେ ଏହି କାମ ଠିକ ସମୟରେ ସରି ପାରୁନାହିଁ । ଏହାର ସୁଯୋଗରେ କେତେକ ଠିକାଦାର ମଧ୍ୟ ନିଜର ହାତ ଚିକ୍କଣ କରୁଛନ୍ତି । ଏପରିକି ଜିଲାରେ କେତେକ ପାଣି ପଞ୍ଚାୟତ ଗଠନ ହୋଇଥିଲେ ମଧ୍ୟ ପ୍ରଶାସନର ତଦାରଖ ଅଭାବରୁ କେନାଲର ଠିକ ପରିଚାଳନା ହୋଇ ପାରୁନାହିଁ। ଫଳରେ ଚାଷ କ୍ଷତିଗ୍ରସ୍ତ ହେଉଥିବା ଦେଖି ଯୁବବର୍ଗ ଏହାକୁ ଅଣଦେଖା କରିବା ସହିତ ଦାଦନ ପାଇଁ ଜିଲା ବାହାରକୁ ଯାଉଛନ୍ତି । ଜଳସମ୍ପଦ ବିଭାଗ ନିର୍ବାହୀ ଅଧିକାରୀ ପ୍ରବୋଧ କୁମାର ରାଉତ କହିଛନ୍ତି ଯେ, କେତେକ କେନାଲର ପୁର୍ନଉଦ୍ଧାର ଚାଲିଥିବାରୁ ପାଣି ଛଡା ଯାଇପାରି ନାହିଁ। ଆସନ୍ତା ୧୫ ତାରିଖ ଠାରୁ କେନାଲ ମାଧ୍ୟମରେ ପାଣି ଛଡା ଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି ।

$ Dollar 68.44 (14) | Sensex 266.07 38,823.11 | Nifty 84.00 11,582.90 | Gold ₹930 35,800.00 | Silver ₹300 39,200.00



ଫ୍ଲିପ୍‌କାର୍ଟ ସହ ମିଶି ଆକ୍ସିସ୍ ବ୍ୟାଙ୍କ ଏକ ନୂଆ କ୍ରେଡିଟ କାର୍ଡ ପ୍ରଚଳନ କରିବ। ବର୍ଷକ ମଧ୍ୟରେ ବ୍ୟାଙ୍କ ୧୦ ଲକ୍ଷ ଏଭଳି କାର୍ଡ ଜାରି କରିବ।
– ସଞ୍ଜୀବ ମୋଘେ, ଏକ୍‌ଜିକ୍ୟୁଟିଭ ଭି.ପି., ଆକ୍ସିସ୍ ବ୍ୟାଙ୍କ



ଅନନ୍ତ ରାଜ ଲିମିଟେଡ ସହ ମିଶି ବିର୍ଲା ଇଷ୍ଟେଟ୍ସ ଗୁରୁଗ୍ରାମ ରିୟଲ ଇଷ୍ଟେଟ ବଜାରରେ ପ୍ରବେଶ କରିଛି। ନିକଟ ଭବିଷ୍ୟତରେ ଏହି କ୍ଷେତ୍ରରେ ଦରବୃଦ୍ଧିର ଫାଇଦା ମିଳିବ।
– କେ.ଟି.ଜିତେନ୍ଦ୍ରନ, ସିଇଓ, ବିର୍ଲା ଇଷ୍ଟେଟ୍ସ

## ସଂକ୍ଷେପରେ

### ଚୋକ୍‌ସିଙ୍କ ୨୪.୭୭ କୋଟିର ସମ୍ପତ୍ତି ଜବତ



**ନୂଆଦିଲ୍ଲୀ,୧୧-୭:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଦେଶ ତଥା ବିଦେଶରେ ଥିବା ୨୪.୭୭ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ଦୁବାଇସ୍ଥିତ ୩ ବ୍ୟବସାୟିକ ପ୍ରତିଷ୍ଠାନ, ଏକ ମର୍ସିଡିଜ ବେଞ୍ଜ କାର୍ ଓ ଦେଶ ତଥା ବିଦେଶରେ ଥିବା ସାବଧି ଜମା ଖାତାରେ ଥିବା ଟଙ୍କା ରହିଛି। ଇଡି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ ଅଧୀନରେ ଏ ସମ୍ପର୍କରେ ଅସ୍ଥାୟୀ ନିର୍ଦ୍ଦେଶ ଜାରି କରାଯାଇଥିଲା। ଚୋକ୍‌ସିଙ୍କ ବିରୋଧରେ ମୋଟ ୬୦୯୭.୭୩ କୋଟି ଟଙ୍କାର ଠକେଇ ଅଭିଯୋଗ ହୋଇଛି। ଅଦ୍ୟାବଧି ଇଡି ପକ୍ଷରୁ ୨୫୩୪.୭୦ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଭାରତରୁ ପଳାୟନ କରିବା ପରେ ଚୋକ୍‌ସି ବର୍ତ୍ତମାନ ଆଣ୍ଟିଗୁଆରେ ଅବସ୍ଥାନ କରୁଛନ୍ତି।

### ୨୧,୭୦୦ କୋଟିର ସମ୍ପତ୍ତି ବିକିବେ ଅନିଲ ଅମ୍ବାନୀ



**ମୁମ୍ବାଇ,୧୧-୭:** ଏକ ସମୟରେ ଦେଶର ଶ୍ରେଷ୍ଠ ଧନୀଙ୍କ ମଧ୍ୟରେ ଗଣା ହେଉଥିବା ରିଲାଏନ୍ସ ଏଡିଏଜି ଗ୍ରୁପ୍ ମାଲିକ ଅନିଲ ଅମ୍ବାନୀ ଏବେ ଋଣ ପରିଶୋଧ ପାଇଁ ନିଜର ସମ୍ପତ୍ତି ବିକିବାରେ ଲାଗିଛନ୍ତି। ସଡ଼କଠାରୁ ଆରମ୍ଭ କରି ରେଡିଓ ଷ୍ଟେଶନ ଏପରି ୭ କମ୍ପାନୀର ସମ୍ପତ୍ତି ବିକିବା ଲାଗି ସେ ଏବେ ଅଣ୍ଟାଭିଡିଛନ୍ତି। ଏହି ବିକ୍ରିରୁ ସେ ପ୍ରାୟ ୨୧,୭୦୦କୋଟି ଟଙ୍କା(୩.୨ ବିଲିୟନ ଡଲାର) ଅର୍ଥ ଯୋଗାଡ କରିବେ ବୋଲି ଆଶାକରାଯାଉଛି। ଏହି ଅର୍ଥକୁ ନେଇ ସେ ଋଣ ପରିଶୋଧ କରିବେ। ତାଙ୍କ ଉପରେ ଏବେ ମୋଟ ୯୩,୯୦୦ କୋଟି ଟଙ୍କାର ବକେୟା ଋଣ ରହିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରିଲାଏନ୍ସ କମ୍ୟୁନିକେଶନ୍ସ ବ୍ୟତୀତ ଗ୍ରୁପ୍‌ର ୪ କମ୍ପାନୀ ରିଲାଏନ୍ସ କ୍ୟାପିଟାଲ ଉପରେ ସର୍ବାଧିକ ୩୮,୯୦୦ କୋଟି, ରିଲାଏନ୍ସ ପାୱାର ଉପରେ ୩ ହଜାର କୋଟି, ରିଲାଏନ୍ସ ଇନ୍‌ଫ୍ରା ଉପରେ ୧୭,୮୦୦ କୋଟି, ରିଲାଏନ୍ସ ଇଞ୍ଜିନିୟରିଂ ଉପରେ ୭ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ସେହିପରି ରିଲାଏନ୍ସ କମ୍ୟୁନିକେଶନ୍ସ (ଆର୍‌କମ୍) ୩୫,୬୦୦ କୋଟି ଟଙ୍କା ପରିଶୋଧ କରିବାକୁ ବାକି ଅଛି।

### ଇ-ବାଣିଜ୍ୟ କାରବାରରେ ପାଦ ଥାପିବ ବିଓବି

**ନୂଆଦିଲ୍ଲୀ,୧୧-୭:** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଇ-ବାଣିଜ୍ୟ କାରବାରରେ ପାଦ ଥାପିବାକୁ ଯାଉଛି। ଏହା ଅନ୍‌ଲାଇନ ବଜାର ମଞ୍ଚରୁ ବ୍ୟାଙ୍କ ସେବା ତଥା କୃଷି ସମ୍ପର୍କିତ ଉତ୍ପାଦ ଉପସ୍ଥାପନ କରିବ। ବ୍ୟାଙ୍କ ପକ୍ଷରୁ କ୍ୟାଟାଲଗ୍ ତଥା କ୍ରୟ ମ୍ୟାନେଜମେଣ୍ଟ, ମୂଲ୍ୟ ନିର୍ଦ୍ଧାରଣ, ପ୍ରଚାର-ପ୍ରସାର ତଥା ଏହାସହିତ ଜଡ଼ିତ ସେବା ଲାଗି ସହାୟତା ପ୍ରଦାନ କରିବା ସହ ଡିଜିଟାଲ ବାଣିଜ୍ୟ ପ୍ରଦାନରେ ସହଯୋଗ ଲାଗି ଇଚ୍ଛୁକ ସଂସ୍ଥାଠାରୁ ବିଡ୍ ଆହ୍ୱାନ କରାଯିବ।

# ସମ୍ପତ୍ତି ଲିଜ୍ ଦେବ ବିଏସ୍‌ଏନ୍‌ଏଲ୍

**ଜମି, ଟାୱାର, ଫାଇବର ନେଟ୍‌ୱର୍କରୁ ମିଳିବ ୨୦ ହଜାର କୋଟି**

- କର୍ପୋରେଟ ଅଫିସ୍‌ରୁ ଲେଖାଗଲା ପତ୍ର
- ଜମି, କୋଠାର ଇନ୍‌ବିଲ୍ଟ ଏରିଆ ଆଦିର ତାଲିକା ଦେବାକୁ ନିର୍ଦ୍ଦେଶ
- ୨୦୧୮-୧୯ ସୁଦ୍ଧା କମ୍ପାନୀର କ୍ଷତିର ପରିମାଣ ୧୪,୨୦୨ କୋଟି

ନୂଆଦିଲ୍ଲୀ,୧୧-୭

ଟେଲିକମ୍ କ୍ଷେତ୍ରରେ ଘରୋଇ ଖେଳାଳିଙ୍କ ସହ ପ୍ରତିଯୋଗିତାର ସମ୍ମୁଖୀନ ହୋଇପାରୁ ନ ଥିବାରୁ ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍)ର ଆୟ ଦିନକୁ ଦିନ କମିବାରେ ଲାଗିଛି। ଫଳସ୍ୱରୂପ ଏହା ପ୍ରତିବର୍ଷ କ୍ଷତି ସହିଚାଲିଛି। ଏଭଳି ସ୍ଥିତିରେ ଏହି ସରକାରୀ ଟେଲିକମ କମ୍ପାନୀର କ୍ଷତିର ପରିମାଣ ଏବେ ପ୍ରାୟ ୧୪ ହଜାର କୋଟି ଟଙ୍କା ହେବ। କର୍ମଚାରୀଙ୍କୁ ଦରମା ଦେବାକୁ ଅର୍ଥ ନାହିଁ। ଏଥିରୁ ମୁକ୍ତି ପାଇବା ଲାଗି ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଏବେ ଏହାର ସମ୍ପତ୍ତିକୁ ଲିଜ୍ ଦିଆଯିବ। ଜମି, ମୋବାଇଲ ଟାୱାର, ଫାଇବର ନେଟ୍‌ୱର୍କକୁ ଲିଜ୍ ଦେଇ କମ୍ପାନୀ ପ୍ରାୟ ୨୦ ହଜାର କୋଟି ଟଙ୍କା ଆୟ କରିବ ବୋଲି ଆଭ୍ୟନ୍ତରୀଣ ଆକଳନରେ ଦର୍ଶାଯାଇଛି।

ପ୍ରାପ୍ତ ସୂଚନାନୁଯାୟୀ, କମ୍ପାନୀର କର୍ପୋରେଟ ଅଫିସ୍‌ରୁ ଏକ ସର୍କୁଲାର ଏହାର ସମସ୍ତ ଆଞ୍ଚଳିକ, ଜୋନ୍ ଅଫିସକୁ ପଠାଯାଇଛି। କମ୍ପାନୀ ନିକଟରେ ରହିଥିବା ଜମିର ପରିମାଣ, ମୋବାଇଲ ଟାୱାର ସଂଖ୍ୟା ଓ ଫାଇବର ନେଟ୍‌ୱର୍କର ବିସ୍ତାର ସମ୍ପର୍କରେ ଜଣାଇବାକୁ କୁହାଯାଇଛି। କମ୍ପାନୀର ଖାଲି ପଡିଥିବା ଜମି, କୋଠା ନିର୍ମାଣ ହୋଇଥିଲେ ଏହାର ଇନ୍‌ବିଲ୍ଟ ଏରିଆ ଇତ୍ୟାଦି ସମ୍ପର୍କରେ ରିପୋର୍ଟ ଦେବାକୁ




ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନାନୁଯାୟୀ, ବିଏସ୍‌ଏନ୍‌ଏଲ୍ ନିକଟରେ ଏବେ ପ୍ରାୟ ୩୨.୭୭ ଲକ୍ଷ ବର୍ଗମିଟର କୋଠା, କାରଖାନା ସହ ଜମି ରହିଛି। ତନ୍ମଧ୍ୟରୁ କେବଳ ଜମିର ପରିମାଣ ୩୧.୯୭ଲକ୍ଷ ବର୍ଗ ମିଟର ହେବ ବୋଲି ସର୍କୁଲାରରେ ଦର୍ଶାଯାଇଛି। ୨୦୧୪-୧୫ର ମୂଲ୍ୟ ଆଧାରିତ ମୁଦ୍ରାସ୍ଫୀତି ସୂଚକାଙ୍କ ହିସାବରେ ସମସ୍ତ ଜମିର ମୂଲ୍ୟ ପ୍ରାୟ ୧୭,୩୯୭ କୋଟି ଟଙ୍କା ହେବ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ୨୦୧୮-୧୯ ହିସାବରେ ଏହାର ବାସ୍ତବ ମୂଲ୍ୟ ପ୍ରାୟ ୨୦,୨୯୬ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ତେବେ ସରକାରଙ୍କଠାରୁ ବିକ୍ରି ଅଥବା ଦୀର୍ଘମିଆଦୀ ଲିଜ୍ ପାଇଁ ଅନୁମତି ପାଇବା ପରେ କମ୍ପାନୀ କୋଠା ସହ ଜମିର ମୂଲ୍ୟ ନିର୍ଦ୍ଧାରଣ କରିବ। ଜମିର ବାସ୍ତବ ମୂଲ୍ୟ ନିର୍ଦ୍ଧାରଣରେ କୋଠାର ମୂଲ୍ୟକୁ ସାମିଲ କରାଯାଇନାହିଁ। ସୂଚନାଥାଉ କି, ବିଏସ୍‌ଏନ୍‌ଏଲ୍‌ର ମୁମ୍ବାଇ, କୋଲକାତା, ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନ, ଗାଜିଆବାଦ୍,ଜବଲପୁରରେ କାରଖାନା ଓ ୱାର୍‌ଲେସ ଷ୍ଟେଶନ ରହିଛି। ଏହାଛଡ଼ା ବିଏସ୍‌ଏନ୍‌ଏଲ୍ ପକ୍ଷରୁ ପ୍ରସ୍ତୁତ ହୋଇଥିବା ତାଲିକାରେ ଅଫିସ ଓ ଷ୍ଟାଫ୍ କଲୋନୀଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି। ସମସ୍ତ ଜମିରୁ କିଛିର ମ୍ୟୁଟେସନ ହୋଇଥିବା ବେଳେ, କେତେକର ଫ୍ରିହୋଲ୍ଡ ହୋଇଛି। ଏହାଛଡ଼ା କିଛି ଜମିକୁ ଲିଜହୋଲ୍ଡ ଭାବେ ହସ୍ତାନ୍ତର କରାଯାଇଛି। ବିଏସ୍‌ଏନ୍‌ଏଲ୍ ନିକଟରେ ଏବେ ୧.୭୬ ଲକ୍ଷ କର୍ମଚାରୀ ରହିଥିବା ବେଳେ ଆୟ କମିବା କାରଣରୁ କମ୍ପାନୀ ଦରମା ଦେଇପାରୁନାହିଁ। ଏଣୁ ନନ୍ କୋର୍ ସମ୍ପତ୍ତିରୁ ଆୟ ବଢ଼ାଇବାକୁ କମ୍ପାନୀ ଆଗେଇଚାଲିଛି। ବର୍ତ୍ତମାନ କେନ୍ଦ୍ର ସରକାର ସମସ୍ତ ରାଷ୍ଟ୍ରାୟତ୍ତ ସଂସ୍ଥାର ଜମି, କୋଠା ଆଦିକୁ ଲିଜ୍ ଅଥବା ବିକ୍ରି କରି ରାଜସ୍ୱ ଆଦାୟ ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏଥିପାଇଁ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ(ଦୀପମ) ଗଠନ କରାଯାଇଛି। ଏହାରି ମାଧ୍ୟମରେ ବିଏସ୍‌ଏନ୍‌ଏଲ୍ ନିଜର ସମ୍ପତ୍ତି ବିକ୍ରି ଅଥବା ଲିଜ୍ ସମ୍ପର୍କରେ ନିଷ୍ପତ୍ତି ନେବ। ୨୦୧୮-୧୯ରେ କମ୍ପାନୀର ମୋଟ କ୍ଷତିର ପରିମାଣ ୧୪,୨୦୨ କୋଟି ଟଙ୍କା ରହିଛି ବୋଲି ଆକଳନ କରାଯାଇଛି। ୪ଜି ସ୍ପେକ୍ଟ୍ରମର ଅନୁପସ୍ଥିତି, କର୍ମଚାରୀଙ୍କ ଦରମା ପିଛା ଅଧିକ ବ୍ୟୟ ତଥା ଟାରିଫ୍‌କୁ ନେଇ ଘରୋଇ କମ୍ପାନୀଙ୍କ ସହ ପ୍ରତିଯୋଗିତା ଯୋଗୁ ବିଏସ୍‌ଏନ୍‌ଏଲ୍‌ର କ୍ଷତିର ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ୨୦୧୮-୧୯ ସୁଦ୍ଧା କମ୍ପାନୀର ରାଜସ୍ୱ ଆୟ ୧୯,୩୦୮ କୋଟି ହେବ ବୋଲି ଅନୁମାନ କରାଯାଉଛି। ୨୦୧୭-୧୮ରେ ଏହା ୨୫,୦୭୧ କୋଟି ଟଙ୍କା ଥିଲା। ସରକାର ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍‌କୁ ସହାୟତା ପ୍ୟାକେଜ ଦେବାକୁ ବିଚାର କରୁଛନ୍ତି।

# ପିସିଏରୁ ବାହାରିବ ୟୁକୋ ବ୍ୟାଙ୍କ



ଭୁବନେଶ୍ୱର,୧୧-୭(ବ୍ୟୁରୋ)

ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ଗତବର୍ଷ ମାର୍ଚ୍ଚ ତ୍ରୈମାସଠାରୁ ଏହାର ପରିଚାଳନାଗତ ଲାଭରେ ଅଭିବୃଦ୍ଧି ହାସଲ କରୁଛି। ପରିଚଳନାରେ ଉନ୍ନତି ଆଣିବା ଲାଗି ଅନାଦାୟ ଋଣ (ଏନ୍‌ପିଏ) ଅସୁଲ ଉପରେ ବ୍ୟାଙ୍କ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରୁଛି। ପ୍ରତି ତ୍ରୈମାସରେ ୨୦୦୦ କୋଟି ଟଙ୍କା ଅସୁଲ କରିବାକୁ ଏହା ଲକ୍ଷ୍ୟ ରଖିଛି। ଏହି ଉପାୟରେ ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ୮୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରହିଥିବା ବ୍ୟାଙ୍କର ଏମ୍‌ଡି ଏବଂ ସିଇଓ ଅତୁଲ କୁମାର ଗୋଏଲ ଗୁରୁବାର ଏଠାରେ ସୂଚନା ଦେଇଛନ୍ତି। ସେହିଭଳି ଏନ୍‌ସିଏଲ୍‌ଟିକୁ ଯାଇଥିବା ପ୍ରାୟ ୨-୩ ବଡ ଆକାଉଣ୍ଟରୁ ବ୍ୟାଙ୍କ ଜୁନ ତ୍ରୈମାସରେ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟାଙ୍କ ପାଇପାରିବ। ୨୦୨୦ ମାର୍ଚ୍ଚ ବେଳକୁ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କର ପ୍ରମ୍ପ୍ଟ କରେକ୍ଟିଭ୍ ଆକ୍ସନ (ପିସିଏ) କାର୍ଯ୍ୟାନୁଷ୍ଠାନରୁ ବ୍ୟାଙ୍କ ବାହାରିବା ନେଇ ଆଶା ରହିଛି। ବ୍ୟାଙ୍କ ଶୀଘ୍ର ଲାଭଜନକ ସ୍ଥିତିକୁ ଫେରିବାନଇ ପଦକ୍ଷେପ ନିଆଯାଉଛି ବୋଲି ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଗୋଏଲ ଏହା କହିଛନ୍ତି।

ଓଡିଶାରେ କୃଷି, ଏମ୍‌ଏସ୍‌ଏମ୍‌ଇ, ହାଉସିଂ କ୍ଷେତ୍ରରେ ଋଣ ପ୍ରଦାନକୁ ବର୍ତ୍ତମାନ ପ୍ରାଥମିକତା ଦିଆଯାଉଛି। ଏଠାରେ ବ୍ୟାଙ୍କ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଭାବେ କାର୍ଯ୍ୟ କରୁଛି। ଭୁବନେଶ୍ୱର, ବାଲେଶ୍ୱର ଏବଂ ସମ୍ବଲପୁରଠାରେ ୩ କାର୍ଯ୍ୟାଳୟ ସହ ଏହା ପରିଚାଳନାକୁ ଦେଖୁଛି। ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ୟାଙ୍କର ନେଟ୍ ଏନ୍‌ପିଏ ୬%କୁ ହ୍ରାସ ନେଇ ଲକ୍ଷ୍ୟ ରଖାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ମାର୍ଚ୍ଚ ତ୍ରୈମାସରେ ବ୍ୟାଙ୍କର ନେଟ୍ ଏନପିଏ ୯.୭୩ ରହିଥିବା ବେଳେ ଏହାକୁ ୬%କୁ ହ୍ରାସ କରାଇବା ଲାଗି ଅଂଶୀଦାରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛି।

ରିଟେଲ ପୋର୍ଟଫୋଲିଓ ବୃଦ୍ଧି, ନୂଆ ନିବେଶ ଯୋଜନା, ପିଏସ୍‌ବି ୫୯ ଯୋଜନା କାର୍ଯ୍ୟକାରିତା ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଉନ୍ନତ ପ୍ରଦର୍ଶନ କରୁ ନ ଥିବା ଶାଖାଗୁଡିକୁ କମାଇ ନିକଟବର୍ତ୍ତୀ ଶାଖାଗୁଡିକ ସହ ମିଶ୍ରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୭-୧୦ ଶାଖା ମିଶ୍ରଣ ହୋଇଛି। ଆଉ ୩ରୁ ୪ ଶାଖାକୁ ମିଶ୍ରଣ କରିବାକୁ ଯୋଜନା ରଖାଯାଇଛି।

# ମାଲ୍ୟାଙ୍କ ସମ୍ପତ୍ତି ଜବତକୁ ହାଇକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ,୧୧-୭

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ବମ୍ବେ ହାଇକୋର୍ଟରୁ ଗୁରୁବାର ଜୋରଦାର ଝଟକା ଲାଗିଛି। ସମ୍ପତ୍ତି ଜବତ ଉପରେ କଟକଣା ଲାଗୁ କରିବା ଲାଗି ମାଲ୍ୟାଙ୍କ ପକ୍ଷରୁ ଆଗତ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ମାଲ୍ୟାଙ୍କ ସମ୍ପତ୍ତି ଜବତକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ ଆଇନ ଅନୁସାରେ ସ୍ୱତନ୍ତ୍ର ଅଦାଲତ ଦ୍ୱାରା ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆଗତ ମାମଲାର



ରାୟ ପ୍ରକାଶ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଏଜେନ୍ସିଙ୍କ ପକ୍ଷରୁ ସମ୍ପତ୍ତି ଜବତ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିବାକୁ ମଦ ବ୍ୟବସାୟୀ ଆବେଦନ କରିଥିଲେ। ତେବେ ଜଷ୍ଟିସ ଅକିଲ କ୍ୟୁରେସି ଓ ଜଷ୍ଟିସ ଏସ୍.ଜେ.କାଠୱାଲାଙ୍କୁ ନେଇ ଗଠିତ ହାଇକୋର୍ଟ ଖଣ୍ଡପୀଠ ରହିତାଦେଶ ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ସୂଚନାଥାଉ କି, ଚଳିତବର୍ଷ ଜାନୁୟାରୀ ୫ରେ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ଅଦାଲତ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିଥିଲେ। ମାଲ୍ୟା ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

### ବନ୍ଧୁତ୍ୱ ସତ୍ତ୍ୱେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମୁଖ୍ୟ ଦେଇ ନ ଥିଲେ ଋଣ

ବନ୍ଧୁତ୍ୱ ଓ ବ୍ୟାଙ୍କ କାର୍ଯ୍ୟକୁ ଅଲଗା ରଖିବାକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏମ୍‌ଡି ଆଦିତ୍ୟ ପୁରୀ ବ୍ୟାଙ୍କ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସହ ତାଙ୍କର ବନ୍ଧୁତ୍ୱ ଥିଲେ ସୁଦ୍ଧା ସେ ତାଙ୍କୁ ଋଣ ଦେଇ ନ ଥିଲେ ବୋଲି ପୁରୀ ଉଦାହରଣ ଛଳରେ କହିଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମାଲ୍ୟାଙ୍କ ଋଣ ଆବେଦନକୁ ଖାରଜ କରିଥିଲା ବୋଲି ସେ ସୂଚନା ଦେଇଛନ୍ତି। ମାଲ୍ୟା ତାଙ୍କ ନିକଟକୁ ଋଣ ଆବେଦନ ନେଇ ଆସିଥିଲେ। ସେ ତାଙ୍କୁ କଫି ପିଆଇଥିଲେ ଓ ଆବେଦନ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କ ସାଥୀ ପରେଶ ସୁକଥାଙ୍କର ମାଲ୍ୟାଙ୍କ ଆବେଦନକୁ ଖାରଜ କରିଦେଇଥିଲେ ବୋଲି ଉଲ୍ଲେଖ କରି ପୁରୀ କହିଛନ୍ତି ଯେ, ଏହି ଘଟଣାକୁ ନେଇ ମାଲ୍ୟା ସର୍ବଦା ତାଙ୍କୁ ଗାଳି ଦେଉଥିଲେ। ତାଙ୍କ ମତରେ ବନ୍ଧୁତ୍ୱ ଓ ବ୍ୟାଙ୍କିଙ୍ଗ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ଋଣ ଦେବା ବେଳେ ସ୍ପଷ୍ଟ ମନୋଭାବ ପୋଷଣ କରିବା ସହ ରିସ୍କ ମ୍ୟାନେଜମେଣ୍ଟ କରିବା ଯୋଗୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅସୁବିଧାରେ ପଡିନି ବୋଲି ସେ କହଛନ୍ତି।

# ସୁନା ୩୬ ହଜାର ନିକଟତର

ନୂଆଦିଲ୍ଲୀ,୧୧-୭

ଆମେରିକା ଅର୍ଥନୀତିକୁ ଗତିଶୀଳ କରିବା ଲକ୍ଷ୍ୟରେ ସୁଧ ହାର କମାଯାଇପାରେ ବୋଲି ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରମ ପାୱେଲ ମନ୍ତବ୍ୟ ଦେବା ପରେ ସୁନା ବଜାରରେ ହଇଚଇ ସୃଷ୍ଟି ହୋଇଛି। ନିବେଶକମାନେ ସୁନାରେ ନିବେଶ କରିବା ସୁରକ୍ଷିତ ମନେ କରିବାରୁ ଗୁରୁବାର ପୁଣିଥରେ ସୁନାର ଅହେତୁକ ଦରବୃଦ୍ଧି ଘଟିଛି। ସ୍ଥାନୀୟ ସର୍ରାଫା ବଜାରରେ ହଳଦିଆ ଧାତୁର ମୂଲ୍ୟ ପ୍ରତି ୧୦ ଗ୍ରାମ ପ୍ରାୟ ୩୬ ହଜାର ଟଙ୍କାର ନିକଟତର ହୋଇଛି। ଗୁରୁବାର ପ୍ରତି ୧୦ ଗ୍ରାମ ସୁନାର ଦର ୯୩୦ ଟଙ୍କା ବୃଦ୍ଧି ପାଇ ୩୫,୮୦୦ ଟଙ୍କାରେ ପହଞ୍ଚିଛି। ଏହା ୨୦୧୪ ପରେ ସର୍ବାଧିକ ଦର ବୃଦ୍ଧି ବୋଲି କୁହାଯାଉଛି। ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନର ରିପୋର୍ଟ ଅନୁଯାୟୀ, ୯୯.୯% ଏବଂ ୯୯.୫% ଶୁଦ୍ଧତାର ୧୦ ଗ୍ରାମ ସୁନାର ମୂଲ୍ୟ ଗୁରୁବାର ୯୩୦ ଟଙ୍କା ବଢ଼ି ଯଥାକ୍ରମେ ୩୫,୮୦୦ ଟଙ୍କା ଏବଂ ୩୫,୬୩୦ ଟଙ୍କା ହୋଇଛି। ସେହିଭଳି ରୁପା ଦର ମଧ୍ୟ କେଜି ପ୍ରତି ୩୦୦ ଟଙ୍କା ବୃଦ୍ଧି ପାଇ ୩୯,୨୦୦ ଟଙ୍କାରେ ପହଞ୍ଚିଛି। ବ୍ୟବସାୟୀଙ୍କ କହିବାନୁଯାୟୀ, ସ୍ଥାନୀୟ ଜୁଏଲରଙ୍କ ପକ୍ଷରୁ ଚାହିଦା ବୃଦ୍ଧି କାରଣରୁ ସୁନା ଦର ବୃଦ୍ଧି ପାଇଛି। ଏହାମଧ୍ୟ ଖୁବଶୀଘ୍ର ୪୦ ହଜାର ଟଙ୍କା ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସୁନାର ଏଭଳି ଦରବୃଦ୍ଧିକୁ ଲକ୍ଷ୍ୟ କରି ବିଶେଷଜ୍ଞମାନେ ଆସନ୍ତାବର୍ଷ ଜୁନ୍ ସୁଦ୍ଧା ଏହି ଧାତୁର ମୂଲ୍ୟ ୧୦ ଗ୍ରାମ ପିଛା ୪୦ ହଜାର ଟଙ୍କା ହେବ ବୋଲି ଅନୁମାନ କରିଛନ୍ତି।

- ପାର୍ଲାମେଣ୍ଟରେ ବିଲ୍ ଗୃହୀତ

# ଆମେରିକାରେ ଗ୍ରୀନ୍ କାର୍ଡ ସୀମା ହଟିବ

ୱାଶିଂଟନ,୧୧-୭

ଗ୍ରିନ୍ କାର୍ଡ ଜାରି ରଖିବାର ବର୍ତ୍ତମାନର ୭ ପ୍ରତିଶତ ସୀମାକୁ ହଟାଇବା ଲାଗି ଆଗତ ଏକ ବିଲ୍‌କୁ ଆମେରିକା ପାର୍ଲାମେଣ୍ଟ ବୁଧବାର ଅନୁମୋଦନ କରିଛି। ଆମେରିକାରେ ସ୍ଥାୟୀ ଭାବେ ବସବାସ କରିବା ତଥା କାମ କରିବା ଲାଗି ଗ୍ରିନ୍ କାର୍ଡ ପ୍ରଦାନ କରାଯାଇଥାଏ। ପ୍ରତିନିଧି ସଭା ଦ୍ୱାରା ଅନୁମୋଦନ ଲାଭ କରିଥିବା ଏହି ବିଲ୍ ଦ୍ୱାରା ଭାରତ ଭଳି ଦେଶର ପ୍ରତିଭାଶାଳୀ ପେସାଦାରଙ୍କୁ ଆଶ୍ୱସ୍ତି ଆଣିଦେଇଛି। ଅନ୍ୟ ଦେଶ ତୁଳନାରେ ଭାରତୀୟମାନେ ଏହି ବିଲ୍ ଦ୍ୱାରା ଅଧିକ ଲାଭବାନ ହେବେ। କାରଣ ଚାଇନା ପରେ ବହୁସଂଖ୍ୟାରେ ଭାରତୀୟ ଗ୍ରିନ୍‌କାର୍ଡ ମାଧ୍ୟମରେ ଆମେରିକାରେ ବସବାସ କରିବାକୁ ଚାହୁଁଛନ୍ତି। ଫେୟାରନେସ୍ ଅଫ୍ ହାଇସ୍କିଲ୍ଡ ଇମିଗ୍ରାଣ୍ଟସ ଆକ୍ଟ, ୨୦୧୯ ଅଥବା ଏଚ୍‌ଆର୍ ୧୦୪ ନାମରେ ଆଗତ ଏହି ବିଲ୍ ୪୩୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟରେ ୬୫ ମୁକାବିଲାରେ ୩୬୫ ଭୋଟ୍‌ରେ ଅନୁମୋଦନ ଲାଭ କରିଥିଲା।


**CORRIGENDUM (Advertisement on 10.07.2019 for appointment of Handling Contractor for the F.Y. 2019-21)**

| | |
|---|---|
| Date of opening of Price Bid | On 17.07.2019 read as at 11.45 A.M. instead of 11.00 A.M. |

Yours faithfully
Sd./- C.S.O-cum-Dist. Manager
OSCSC Ltd., Nayagarh

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତରଭା, ଜିଲ୍ଲା- ସୁବର୍ଣ୍ଣପୁର**
ବିଜ୍ଞାପନ ସଂଖ୍ୟା : ୧୬୫୪/ ତା. ୦୪.୦୭.୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ମାନଙ୍କରେ ୨୦୧୯-୨୦ ଆର୍ଥିକ ବର୍ଷରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ.ଜି.ଏନ୍.ଆର.ଇ.ଜି.ଏସ୍)/ଏନ.ଏସ.ଏ.ପି/ପି.ଏ ମ.ଜି.ୱାଇ/ବି.ପି.ଜି.ୱାଇ.ର ୨୦୧୮-୧୯ ଆର୍ଥିକ ବର୍ଷରେ (1st April 2018 to 31st March 2019) ସଂପାଦିତ ହୋଇଥିବା ପ୍ରକଳ୍ପଗୁଡିକର ଶତ ପ୍ରତିଶତ ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ ପ୍ରକାରେ ଧାର୍ଯ୍ୟ କରାଯାଇଛି। ଏହି ସାମାଜିକ ସମୀକ୍ଷାକୁ ବିଧିବଦ୍ଧ ଭାବରେ ଆଦୃତ କରିବା ପାଇଁ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକମାନେ ନିଜ ନିଜ ପଞ୍ଚାୟତର ସହଯୋଗ କରିବେ।

**କାର୍ଯ୍ୟସୂଚୀ**

| କ୍ର.ନଂ. | ଯାଞ୍ଚ ତାରିଖ | ଗ୍ରା.ପ.ର ନାମ | ସମୟ | ପଦାଧିକାରୀଙ୍କ ପଦବୀ |
|---|---|---|---|---|
| ୧ | ୩୧.୦୭.୨୦୧୯ | ବାଲିଖମାର, ବାରଭଟା, କୁମ୍ଭାରମୁଣ୍ଡା, କମସରା, ତୁଲୁଣ୍ଡା, ଦୁବୁଲା, ସିଂହାରୀ | ୧୦.୦୦ଘ. | ବି.ଡି.ଓ,ଏ.ବି.ଡି.ଓ, ଏ.ଇ.ଇ., ଏ.ପି.ଓ.ଜି.ପି.ଇ ଓ ବି.ଏସ୍.ଏସ୍ ଓ ଡବ୍ଲ୍ୟୁ.ଇ.ଓ |
| ୨ | ୨୨.୦୮.୨୦୧୯ | ବଘିଆ, ବ୍ରାହ୍ମଣୀ, ମରାଡୁଗୁଛା, ସରଗଜ, ଝାରତରଭା | ୧୦.୦୦ଘ. | ବି.ଡ଼ି.ଓ.,ଏ.ଇ.ଇ., ଏ.ବି.ଡି.ଓ, ବି.ଏସ.ଏସ.ଓ, ଜି.ପି.ଇ.ଓ, ଏ.ପି.ଓ, ଡବ୍ଲ୍ୟୁ.ଇ.ଓ |
| ୩ | ୧୮.୦୯.୨୦୧୯ | ପୁଆ, ଜରାଦାରିଙ୍ଗ, ରାଣୀସର୍ଡା, ମେଣ୍ଡା, ଦେଉଳପଦର, ପାଇକବାହାଲ, ଶିବତୁଲା | ୧୦.୦୦ଘ. | ବି.ଡି.ଓ.ଏ.ବି.ଡି.ଓ, ଜି.ପି.ଇ.ଓ,ବି.ଏସ.ଏସ.ଓ, ଏ.ଇ.ଇ, ଡବ୍ଲ୍ୟୁ.ଇ.ଓ. ଏ.ପି.ଓ |
| | ୨୨.୧୦.୨୦୧୯ | ବ୍ଲକ ସ୍ତରୀୟ ଜନଶୁଣାଣି | ସ୍ଥାନ : ବ୍ଲକ ପରିସର, ତରଭା | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ତରଭା

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା:**

୧. ପ୍ରାକୃତିକ ବିପର୍ଯ୍ୟୟ ଏବଂ ଦୁର୍ବିପାକ ଦ୍ୱାରା ହେଉଥିବା କ୍ଷତିର ଭରଣା ପାଇଁ ଫସଲ ବୀମା କରନ୍ତୁ।
୨. ବରଗଡ଼ ଜିଲ୍ଲାରେ ଖରିଫ୍ ୨୦୧୯ ପାଇଁ ଧାନ, କପା ଏବଂ ଚିନାବାଦାମ ଶସ୍ୟ ଫସଲ ବୀମାରେ ଅନ୍ତର୍ଭୁକ୍ତ କରାଯାଇଅଛି ଏବଂ ଓରିଏଣ୍ଟାଲ ଇନ୍ସୁରେନ୍ସ କମ୍ପାନୀ ଲିମିଟେଡ୍ ଏଥିପାଇଁ ଅଧିସୂଚିତ ହୋଇଛି।
୩. ଧାନ ଫସଲ ପାଇଁ ଗ୍ରାମ ପଞ୍ଚାୟତ ଅଧିସୂଚିତ ବୀମା ଏକକ ହୋଇଥିବା ବେଳେ ଚିନାବାଦାମ ଏବଂ କପା ପାଇଁ ବ୍ଲକ୍ ବୀମା ଏକକ ଅଟେ।
୪. ପ୍ରିମିୟମ ଜମା କରିବାର ଶେଷ ତାରିଖ ୩୧।୦୭।୨୦୧୯ ଅଟେ। ତେଣୁ ଏହି ତାରିଖ ପୂର୍ବରୁ ଆପଣ ଆପଣଙ୍କ ନିକଟସ୍ଥ ଜନସେବା କେନ୍ଦ୍ରମାନଙ୍କରେ ଜମା କରିଦିଅନ୍ତୁ।
୫. ଅଭିଯୋଗ ଥିଲେ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଭିଯୋଗ ନିବାରଣ ଅଧିକାରୀଙ୍କ ସହ ୦୬୭୪-୨୫୪୭୦୮୧ରେ ସମ୍ପର୍କ କରନ୍ତୁ କିମ୍ବା ନିଃଶୁଳ୍କ ସହାୟତା ସେବା ନଂ. ୧୮୦୦-୧୧-୮୪୮୫ରେ ଯୋଗାଯୋଗ କରନ୍ତୁ।
୬. ଧାନ, ଚିନାବାଦାମ ଓ କପା ଫସଲର ପ୍ରିମିୟମ ନିମ୍ନମତେ ଧାର୍ଯ୍ୟ ହୋଇଛି।

**ଫସଲୱାରୀ ବୀମାକୃତ ରାଶି ଓ ପ୍ରିମିୟମର ପରିମାଣ**

| କ୍ରମିକ ନଂ. | | ଧାନ | ଚିନାବାଦାମ | କପା |
|---|---|---|---|---|
| ୧. | ବୀମାକୃତ ରାଶି (ହେକ୍ଟର ପ୍ରତି) | ଟ.୬୫୦୦୦/- | ଟ.୫୨୭୫୦/- | ଟ.୫୦୦୦୦/- |
| ୨. | ବୀମାକୃତ ରାଶି (ଏକର ପ୍ରତି) | ଟ.୨୬୩୦୫/- | ଟ.୨୧୩୪୮/- | ଟ.୨୦୨୩୫/- |
| ୩. | ପ୍ରିମିୟମ ଦେୟ ରାଶି (ହେକ୍ଟର ପ୍ରତି) | ଟ.୧୩୦୦/- | ଟ.୧୦୫୫/- | ଟ.୨୫୦/- |
| ୪. | ପ୍ରିମିୟମ ଦେୟ ରାଶି (ଏକର ପ୍ରତି) | ଟ.୫୨୬/- | ଟ.୪୨୭/- | ଟ.୧୦୧/- |
| ୫. | ନିର୍ଦ୍ଧାରିତ ବ୍ଲକ୍ | ସମସ୍ତ ଗ୍ରା.ପ. | ଅତାବିରା ଓ ଭେଡ଼େନ ବ୍ୟତୀତ ସମସ୍ତ ବ୍ଲକ୍ | ପଦ୍ମପୁର, ପାଇକମାଳ, ଗାଇସିଲଟ |

ସ୍ୱା./- (୧୦।୦୭।୧୯) କୃଷି ଉପନିର୍ଦ୍ଦେଶକ, ବରଗଡ଼

**OFFICE OF THE MUNICIPAL COUNCIL, BELPAHAR**
☎ - 06645-250458, Fax - 06645-250236, Email-nacbelpahar@gmail.com
**"e" PROCUREMENT NOTICE**
**BID REFERENCE NO.EO/BPHM/01/19-20, BID IDENTIFICATION NO.2019_ORULB_55369**
**TENDER CALL NOTICE NO.2019, DT: 09.07.2019**
Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Nature of the Work | : | Individual Civil Construction works as mentioned in website. |
| No. of Works | : | 03 Nos. |
| Estimated Cost | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt.12.07.2019 at 10.00 A.M. to dt.23.07.2019 up to 5.00 P.M. |
| Last Date/ Time for receipt of bids in the portal | : | dt. 23.07.2019 up to 05.00 P.M. |
| Submission of original Financial documents (Bid Cost & EMD) by Regd. Post/ speed Post | : | From dt. 24.07.2019 to 29.07.2019 during office hours on working days. |
| Bids received online shall be opened on | : | 11.00 A.M. and onwards on dt.30.07.2019 |
| Name & address of the officer inviting Bid | : | Executive Officer, Belpahar Municipality. |

Further the details can be seen from the procurement portal : www.tendersorissa.gov.in. If any addendum/corrigendum/ cancellation of tender shall be publish in the above website only.
**Sd./- Executive Officer, Belpahar Municipality**

**ODISHA HYDRO POWER CORPORATION LTD.** ODISHA NEW OPPORTUNITIES
(A Govt. of Odisha Undertaking)
OHPC ISO 9001, 14001 & OHSAS 18001 Certified Company
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22
Ph. : (0674) 2542983, 2542802, 2545526, 2542826,
Fax: (0674) 2542102. Email: fin.ohpc@yahoo.com
Website : www.ohpcltd.com CIN: U40101OR1995SGC003963

OHPC/AC/Cost Audit/230/15-16/1/5667 Date:11.07.2019

**NOTICE INVITING EXPRESSION OF INTEREST FOR APPOINTMENT/ EMPANELMENT OF COST ACCOUNTANT FIRMS FOR COST AUDIT, PREPARATION OF COST ACCOUNTING RECORDS, COST REVIEW AND OTHER COST RELATED ASSIGNMENTS IN OHPC**

Odisha Hydro Power Corporation Limited invites Expression of Interest from Cost Audit Firms located in the State of Odisha for appointment / empanelment for Cost Audit, Preparation of Cost Accounting Records, Cost Review and Other Cost Related Assignments in OHPC Ltd., its subsidiaries & JV Companies.

Date of display of tender document in website : 12th July 2019,11.00 AM
Last date of submission of EoI : 27th July 2019 upto 1.00 PM
Opening of bid : 27th July 2019, 3.00 PM

**For further details and terms & conditions, please visit the official website of OHPC, i.e. www.ohpcltd.com**
CGM (Finance)

NATIONAL HEALTH MISSION
**Odisha State Health & Family Welfare Society,**
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79
No.126-E

Adv. No.: 31/19 CONTRACTUAL APPOINTMENT Date: 12.07.2019

Applications are invited from eligible candidates for filling up the following post under **National Health Mission, Odisha** on contractual basis with monthly remuneration as noted against the post and subject to renewal as per OSH&FW Society terms and conditions. The position is purely temporary and co-terminus with the scheme.

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible |
|---|---|---|
| 01 | Regional Vaccine & Cold Chain Manager | Rs. 32,761/-+PI |

Interested candidates can log on to www.nrhmorissa.gov.in for details of vacancy, eligibility criteria, ToR, age, selection procedure etc. Online application form will be available from 13.07.2019 to 19.07.2019 by 11.59 P.M. Last date for receipt of the system generated application duly signed by the candidate along with self attested copies of all supportive documents is 27.07.2019 (by 5.00 P.M.).

Sd/-
Mission Director, NHM
Member Secretary, OSH&FWS, Odisha
10084/11/0014/1920

Government of Odisha
Office of the Superintending Engineer Northern Circle,Rural Works,Angul
E-Mail - sencrwangul@yahoo.co.in ☎ 06764 - 236404
**e-Procurement Notice for Bridge works in Odisha**
**Bid Identification No. Bridge Online AGL- 04/2019-20**
No. 1168 // Dt.10.07.2019 //

1. Name of the work : Bridge works
2. Total No.of work : 1 No.
3. Estimated cost : Rs.291.10 Lakhs
4. Class of Contractor : 'B' & 'A' Class
5 Period of completion. : 12(Twelve) Calendar Months
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works,Angul | Bridge Online AGL- 04 / 2019-20 | 17.07.19 at 10.00 A.M | 02.08.19 up to 5.00 P.M | 31.07.19 up to 2.00 P.M | 03.08.19 at 11.00 A.M | 07.08.19 at 11.00 A.M |

(1) For detailed Notice inviting Tenders,Please visit to the website www.tendersorissa.gov.in
25049/11/0003/1920 Sd/- Superintending Engineer, N.C,Rural Works,Angul.
No.169-O







MUTUAL FUNDS Sahi Hai

To know how Mutual Funds are right for you visit mutualfundssahihai.com

Mutual Fund investments are subject to market risks, read all scheme related documents carefully.


# ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଫାଇନାଲ

**ବର୍ମିଂହାମ୍,୧୧।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଦ୍ୱିତୀୟ ଦଳ ଭାବେ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ୧୦୭ଟି ବଲ୍ ବାକିରଖି ୮ ଉଇକେଟରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଅତି ସହଜରେ ହରାଇ ଫାଇନାଲକୁ ଉଠିଛି। ଏଥିସହିତ ଇଂଲଣ୍ଡ ଅଷ୍ଟ୍ରେଲିଆଠାରୁ ଲିଗ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଟାଇଟଲ ପାଇଁ ଇଂଲଣ୍ଡ ରବିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗତଥରର ରନର୍ସଅପ୍ ନ୍ୟୁଜିଲାଣ୍ଡକୁ ଭେଟିବ। ବୁଧବାର ନ୍ୟୁଜିଲାଣ୍ଡ ୧୮ ରନରେ ଭାରତକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏଥିସହିତ ଇଂଲଣ୍ଡ ଚତୁର୍ଥଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଇଂଲଣ୍ଡ ୧୯୭୯, ୧୯୮୭ ଓ ୧୯୯୨ ଫାଇନାଲ ଟିକେଟ ହାସଲ କରିଥିଲେ ମଧ୍ୟ ବିଶ୍ୱକପ୍ ଟ୍ରଫି ଜିତିବାରେ ବିଫଳ ହୋଇଥିଲା। ଅନ୍ୟପଟେ ୫ଥର ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ବିଶ୍ୱକପ୍ ଇତିହାସରେ ପ୍ରଥମଥର ପାଇଁ ସେମିଫାଇନାଲରେ ପରାସ୍ତ ହୋଇଛି। ୧୯୯୨ ପରେ ଇଂଲଣ୍ଡ ପ୍ରଥମଥର ପାଇଁ ବିଶ୍ୱକପ୍ ଫାଇନାଲକୁ ଉଠିଛି।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଏହା ବୁମେରାଂ ସାବ୍ୟସ୍ତ ହୋଇଥିଲା। ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୪୯ ଓଭରରେ ମାତ୍ର ୨୨୩ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ଇଂଲଣ୍ଡ ୩୨.୧ ଓଭରରେ ୨ ଉଇକେଟ ହରାଇ ୨୨୬ ରନ କରି ବିଜୟୀ ହୋଇଛି। ୮ ଓଭରରେ ୨୦ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ୱୋକ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୨୪ ରନ ଆଭରେଜ ଟାର୍ଗେଟର ପିଛା କରି ଇଂଲଣ୍ଡ ଆରମ୍ଭରୁ ଧୂଆଁଧାର ପ୍ରଦର୍ଶନ କରିଥିଲା। ଦୁଇ ଓପନର ଜନି ବେୟାରଷ୍ଟୋ ଓ ଜାସନ ରୟ ପ୍ରଥମ ଉଇକେଟରେ ୧୦୪ଟି ବଲ୍‌ର ସମ୍ମୁଖୀନ ହୋଇ ୧୨୪ ରନ କରି ବିଜୟର ମୂଳଦୁଆ ପକାଇଥିଲେ।



**ଜୋଫ୍ରା ଆର୍ଚର**
ଓଭର-୧୦
ମେଡେନ-୦
ରନ୍-୩୨
ଉଇକେଟ-୨

ତେବେ ବେୟାରଷ୍ଟୋ ୪୩ ବଲ୍‌ରୁ ୫ ଚୌକା ସହ ୩୪ ରନ କରିଥିବା ମିଚେଲ ଷ୍ଟାର୍କ ତାଙ୍କୁ ଏଲ୍‌ବିଡବ୍ଲ୍ୟୁ କରିବା ସହ ବ୍ରେକ୍ ଥ୍ରୁ ଦେଇଥିଲେ। ରିଭ୍ୟୁ ନେଇଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା ଓ ଥାର୍ଡ ଅମ୍ପାୟର ତାଙ୍କୁ ଆଉଟ୍ ଘୋଷିତ କରିଥିଲେ। ଏହାପରେ ରୟ ୬୫ ବଲରୁ ୯ ଚୌକା ଓ ୫ ଛକା ସହ ୮୫ ରନ କରିଥିବା ବେଳେ ପ୍ୟାଟ୍ କୁମିନ୍ସଙ୍କ ଲେଗ୍‌ଷ୍ଟମ୍ପ ଉପରେ ବାଉନ୍ସରକୁ ପୁଲ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ବଲ ତାଙ୍କ ବ୍ୟାଟ୍‌ରେ ବାଜିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲେ ମଧ୍ୟ ଅମ୍ପାୟର ଆଉଟ୍ ଘୋଷିତ କରିଥିଲେ। ଇଂଲଣ୍ଡ ତା'ର ରିଭ୍ୟୁ ହରାଇଥିବା ବେଳେ ରୟଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ପରେ ନିରାଶ ହୋଇ ସେ ଡ୍ରେସିଂରୁମ୍‌ରେ ବ୍ୟାଟିଂ ଗ୍ଲୋଭ୍ସ ଫୋପାଡିବାର ଲକ୍ଷ୍ୟ କରାଯାଇଥିଲା। ତୃତୀୟ ଉଇକେଟରେ ଅଧିନାୟକ ଇଅନ ମୋର୍ଗାନ ଓ ଜୋ ରୁଟ୍ ୭୫ ବଲରୁ ଅପରାଜିତ ୭୯ ରନ କରି

## ଗତଥର ଚାମ୍ପିୟନ ଅଷ୍ଟ୍ରେଲିଆର ବିଦାୟ

ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ମୋର୍ଗାନ ୩୯ ବଲରୁ ୮ ଚୌକା ସହ ୪୫ ଓ ରୁଟ୍ ୪୬ ବଲରୁ ୮ ଚୌକା ସହ ୪୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟାର୍କ ଓ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ମାତ୍ର ୧୪ ରନରେ ଟପ୍ ଅର୍ଡରର ମୂଲ୍ୟବାନ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଥାସମ୍ଭବ ପ୍ରୟାସ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଶେଷପର୍ଯ୍ୟନ୍ତ ଏହି ବିପର୍ଯ୍ୟୟର ପ୍ରଭାବରୁ ମୁକ୍ତିପାରି ନ ଥିଲା। ଫଳରେ ଦଳ ମାତ୍ର ୨୨୩ ରନରେ ସୀମିତ ରହିଥିଲା। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଘରୋଇ ବୋଲରଙ୍କ ମାପଚୁପ ବୋଲିଂର ସମ୍ମୁଖୀନ ହୋଇ ନ ପାରି ଅଷ୍ଟ୍ରେଲିଆ ତାରକା ବ୍ୟାଟ୍ସମ୍ୟାନମାନେ ବିଫଳ ପ୍ରଦର୍ଶନ କରିଥିଲେ। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେଙ୍କୁ ବାଦ୍ ଦେଲେ ବାକି ସମସ୍ତେ ବିଫଳ ହୋଇଥିଲେ। ଇନ୍‌ଫର୍ମ ଓପନର ତଥା ଅଧିନାୟକ ଆରୋନ ଫିଞ୍ଚ୍ ଖାତା ଖୋଲିବା ପୂର୍ବରୁ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲ୍‌କୁ ଖେଳିବାକୁ ଯାଇ ଲାଇନ୍ କ୍ରସ୍ କରି ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଫଳରେ ବଲ୍ ତାଙ୍କ ଆଗ ପ୍ୟାଡ୍‌ରେ ବାଜିଥିଲା। ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ସେମିରେ ଭାରତୀୟ ଅଧିନାୟକ ବିରାଟ କୋହଲି ମଧ୍ୟ ଅନୁରୂପ ଢଙ୍ଗରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଟୁର୍ନାମେଣ୍ଟରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଆସିଥିବା ଅଭିଜ୍ଞ ଓପନର ଡେଭିଡ ୱାର୍ନର କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ସେ ୧୧ ବଲରୁ ୨ ଚୌକା ସହ ମାତ୍ର ୯ ରନ କରିଥିବାବେଳେ କ୍ରିସ୍ ୱୋକ୍ସଙ୍କ ଏକ ବାଉନ୍ସରକୁ ମାରିବାକୁ ପ୍ରୟାସ କରି






ବିଫଳ ହୋଇଥିଲେ। ଫଳରେ ସେକେଣ୍ଡ ସ୍ଲିପ୍‌ରେ ଜନି ବେୟାରଷ୍ଟୋ ତାଙ୍କ କ୍ୟାଚ୍ ନେଇଥିଲେ। ସେହିପରି ପିଟର ହ୍ୟାଣ୍ଡସକମ୍ବ ୪ ରନ କରିଥିବା ବେଳେ ୱୋକ୍ସଙ୍କ ଏକ ଷ୍ଟମ୍ପ ଉପର ବଲକୁ ହାଲକା ଭାବେ ଡ୍ରାଇଭ କରିବାକୁ ଚେଷ୍ଟା କରିଥିଲେ। ତେବେ ବ୍ୟାଟ୍ ଓ ପ୍ୟାଡ୍ ମଝିରେ ବଲ୍ ଯାଇ ଷ୍ଟମ୍ପରେ ବାଜିଥିଲା ଓ ସେ ବୋଲ୍ଡ ହୋଇଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ସ୍ମିଥ୍ ଓ କାରେ ୧୨୭ ବଲରୁ ୧୦୩ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ୭୦ ବଲରୁ ୪ ଚୌକା ସହ ୪୬ ରନ କରିଥିବା ବେଳେ ସ୍ପିନର ଆଡିଲ ରସିଦ୍‌ଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ବଦଳ ଖେଳାଳି ଜେମ୍ସ ଭିନ୍ସଙ୍କୁ କ୍ୟାଚ୍ ଦେଇଥିଲେ। ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ଖାତା ଖୋଲିବା ପୂର୍ବରୁ ଏଲ୍‌ବିଡବ୍ଲ୍ୟୁ ହୋଇ ରସିଦଙ୍କ ଶିକାର ହୋଇଥିଲେ। ଏହାପରେ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ଗ୍ଲେନ୍ ମ୍ୟାକ୍ସୱେଲ ୨୩ ବଲରୁ ୨ ଚୌକା ଓ ୧ ଛକା ସହ ୨୨ ରନ କରିଥିବା ବେଳେ ଆର୍ଚରଙ୍କ ବଲ୍‌ରେ ଶର୍ଟ କଭରରେ ଇଅନ ମୋର୍ଗାନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ସେହିପରି ପ୍ୟାଟ୍ କୁମିନ୍ସ ୬ ରନ କରି ରସିଦଙ୍କ ବଲରେ ଫାଷ୍ଟ ସ୍ଲିପ୍‌ରେ ଜୋ ରୁଟଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ସ୍ମିଥ୍‌ଙ୍କ ପାଳି ପଡିଥିଲା। ସ୍ମିଥ୍ ଧୈର୍ଯ୍ୟର ସହ ବ୍ୟାଟିଂ କରି ୧୧୯ ବଲ୍ ଖେଳି ୬ ଚୌକା ସହ ୮୫ ରନ କରିଥିବା ବେଳେ ଉଇକେଟକିପର ଜୋଶ ବଟଲରଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ। ଲେଗ ବାଇ ନେବାକୁ ଯାଇ ନନ୍ ଷ୍ଟ୍ରାଇକର ଏଣ୍ଡରେ ସେ ରନ୍‌ଆଉଟ ହୋଇଥିଲେ। ଏହାପରେ ମିଚେଲ ଷ୍ଟାର୍କ ୩୬ ବଲରୁ ୧ ଚୌକା ଓ ୧ ଛକା ସହାୟତାରେ ୨୯ ରନ କରିଥିବାବେଳେ ୱୋକ୍ସଙ୍କ ବଲ୍‌ରେ ଉଇକେଟ ପଛରେ ବଟଲରଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ଜାସନ ବେହରନଡୋର୍ଫ ୧ ରନ କରି ମାର୍କ ଉଡ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ ଓ ଏଥିସହିତ ଅଷ୍ଟ୍ରେଲିଆ ଇନିଂସର ପରିସମାପ୍ତି ଘଟିଥିଲା। ବୋଲିଂରେ ଇଂଲଣ୍ଡ ତରଫରୁ ୱୋକ୍ସ ଓ ରସିଦ ୩ଟି ଲେଖାଏ, ଆର୍ଚର ୨ ଓ ଉଡ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**

ୱାର୍ନର-କ-ବେୟାରଷ୍ଟୋ-ବୋ-ୱୋକ୍ସ-୯
ଫିଞ୍ଚ-ଏଲବିଡବ୍ଲ୍ୟୁ-ଆର୍ଚେର-୦
ସ୍ମିଥ-ରନଆଉଟ-୮୫
ହ୍ୟାଣ୍ଡସକମ୍ବ-ବୋ-ୱୋକ୍ସ-୪
କାରେ-କ-ଭିନ୍ସ(ଅ)-ବୋ-ରଶିଦ-୪୬
ଷ୍ଟୋଇନିସ-ଏଲବିଡବ୍ଲ୍ୟୁ-ରଶିଦ-୦
ମ୍ୟାକ୍ସୱେଲ-କ-ମୋର୍ଗାନ-ବୋ-ଆର୍ଚେର-୨୨
କୁମିନ୍ସ-କ-ରୁଟ୍-ବୋ-ରଶିଦ-୬
ଷ୍ଟାର୍କ-କ-ବଟଲର-ବୋ-ୱୋକ୍ସ-୨୯
ବେହରେନଡର୍ଫ-ବୋ-ଉଡ୍-୧
ଲିୟନ-ନଟଆଉଟ-୫
ଅତିରିକ୍ତ-୧୬
ମୋଟ(ଅଲଆଉଟ, ୪୯ ଓଭର) ୨୨୩।
ଉଇକେଟ ପତନ: ୧/୪, ୨/୧୦, ୩/୧୪, ୪/୧୧୭, ୫/୧୧୮, ୬/୧୫୭, ୭/୧୬୬, ୮/୨୧୭, ୯/୨୧୭।

ବୋଲିଂ(ଇଂଲଣ୍ଡ)
ୱୋକ୍ସ ୮-୦-୨୦-୩
ଆର୍ଚେର ୧୦-୦-୩୨-୨
ଷ୍ଟୋକ୍ସ ୪-୦-୨୨-୦
ଉଡ୍ ୯-୦-୪୫-୧
ପ୍ଲଙ୍କେଟ ୮-୦-୪୪-୦
ରଶିଦ ୧୦-୦-୫୪-୩।

**ଇଂଲଣ୍ଡ ଇନିଂସ**

ଜାସନ-କ-କାରେ-ବୋ-କୁମିନ୍ସ-୮୫
ବେୟାରଷ୍ଟୋ-ଏଲବିଡବ୍ଲ୍ୟୁ-ଷ୍ଟାର୍କ-୩୪
ରୁଟ୍-ନଟଆଉଟ-୪୯
ମୋର୍ଗାନ-ନଟଆଉଟ-୪୫
ଅତିରିକ୍ତ-୧୩
ମୋଟ(୨ ଉଇକେଟ, ୩୨.୧ ଓଭର) ୨୨୬
ଉଇକେଟ ପତନ: ୧/୧୨୪, ୨/୧୪୭।

ବୋଲିଂ(ଅଷ୍ଟ୍ରେଲିଆ)
ବେହରେନଡର୍ଫ ୮.୧-୨-୩୮-୦
ଷ୍ଟାର୍କ ୯-୦-୭୦-୧
କୁମିନ୍ସ ୭-୦-୩୪-୧
ଲିୟନ ୫-୦-୪୯-୦
ସ୍ମିଥ ୧-୦-୨୧-୦
ଷ୍ଟୋଇନିସ୍ ୨-୦-୧୩-୦



ଅଷ୍ଟ୍ରେଲିଆ ପରାଜୟରେ ମର୍ମାହତ ଅଧିନାୟକ ଆରୋନ ଫିଞ୍ଚ୍।

# ଭିନ୍ନ ଭିନ୍ନ ସ୍ଥାନକୁ ଯିବେ ଭାରତୀୟ ଖେଳାଳି

**ଲଣ୍ଡନ,୧୧।୭(ପିଟି)**

ଭାରତୀୟ ଦଳର ବିଶ୍ୱକପ୍ ଜିତିବା ଆଶା ଶେଷ ହୋଇସାରିଛି। ପରବର୍ତ୍ତୀ ସିରିଜ ପୂର୍ବରୁ ଦଳୀୟ ଖେଳାଳିଙ୍କ ହାତରେ ଆଉ ୨ ସପ୍ତାହ ରହିଛି। ଦୀର୍ଘ ୭ ସପ୍ତାହ ଏକାଠି ରହିବା ପରେ ଦଳୀୟ ଖେଳାଳି ଏଠାରୁ ଭିନ୍ନ ଭିନ୍ନ ସ୍ଥାନକୁ ଯିବେ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। କିଛି ଖେଳାଳି ଭାରତକୁ ଫେରିବେ। ଆଉ କିଛି ଲଣ୍ଡନରେ ରହିବେ କିମ୍ବା ଦୁଇ ସପ୍ତାହ ଲାଗି ଅନ୍ୟ ସ୍ଥାନକୁ ଯାଇପାରନ୍ତି। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କିଛିଦିନ ମଧ୍ୟରେ ରାଞ୍ଚି ଫେରିବେ ବୋଲି ଆଶା କରାଯାଉଛି। ଭାରତୀୟ ଦଳରେ ତାଙ୍କ ଭବିଷ୍ୟତ ନେଇ ଆଲୋଚନା ଚାଲିଛି। ଅଧିନାୟକ ବିରାଟ କୋହଲି ମ୍ୟାଚ୍ ପରେ କହିଥିଲେ, ଧୋନୀ ତାଙ୍କ ଭବିଷ୍ୟତ ଯୋଜନା ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ୩୮ ବର୍ଷୀୟ ଧୋନୀ ଦେଶକୁ ଫେରିବା ପରେ ଘୋଷଣା କରିପାରନ୍ତି। ଭାରତୀୟ ଦଳ ଏବେ ଟେଷ୍ଟ ଓ ସୀମିତ ଓଭର କ୍ରିକେଟ ସିରିଜ୍ ଲାଗି ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ପ୍ରସ୍ତୁତ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ଅଗଷ୍ଟ ୩ରୁ ୮ ତାରିଖ ମଧ୍ୟରେ ୩ ଟି ୨୦ ମ୍ୟାଚ୍ ଖେଳିବ। ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ଆମେରିକାର ଫ୍ଲୋରିଡାରେ ଖେଳାଯିବ।

# ଧୋନୀଙ୍କୁ ଲତା ମଙ୍ଗେସ୍‌କରଙ୍କ ସମର୍ଥନ

**ମୁମ୍ବାଇ,୧୧।୭ (ପି.ଟି.)**



ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ ଏବେ କୋକିଳ କଣ୍ଠୀ ଲତା ମଙ୍ଗେସ୍‌କର ବାହାରିଛନ୍ତି। ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାଜୟ ପରେ ଏବେ ଟିମ୍ ଇଣ୍ଡିଆ ଓ ଭାରତୀୟ କ୍ରିକେଟରଙ୍କୁ ସବୁ ମହଲରୁ ସମାଲୋଚନା କରାଯାଉଛି। ଧୋନୀଙ୍କୁ ମଧ୍ୟ କେତେକେ ପରାଜୟ ପାଇଁ ଦାୟୀ କରୁଛନ୍ତି। ତେବେ ଲତା ଧୋନୀଙ୍କ ସପକ୍ଷରେ ବାହାରିଛନ୍ତି। ଅବସର କଥା ଚିନ୍ତା ନ କରିବାକୁ ଲତା ଧୋନୀଙ୍କୁ ପରାମର୍ଶ ଦେଇଛନ୍ତି। ଖୁବଶୀଘ୍ର ଯେକୌଣସି ମୁହୂର୍ତ୍ତରେ ଭାବପ୍ରବଣ ହୋଇ ଅବସର ନିଷ୍ପତ୍ତି ନେବାକଥା ଚିନ୍ତା କରିବାଠାରୁ ଦୂରରେ ରହିବାକୁ ସେ ଧୋନୀଙ୍କ କହିଛନ୍ତି। ଏବେ ବି ଧୋନୀଙ୍କ ନିକଟରେ ବହୁତ କ୍ରିକେଟ ବାକି ରହିଛି। ଏବେ ମଧ୍ୟ ଦେଶ ତାଙ୍କୁ ଆବଶ୍ୟକ କରୁଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାନାଲ ମ୍ୟାଚ୍‌ରେ ଭାରତ ୧୮ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ଏଥିସହିତ ଟୁର୍ନାମେଣ୍ଟ ଫେଭରାଇଟ ଭାରତ ବିଶ୍ୱକପ୍‌ରୁ ବାଦ୍ ପଡିଥିଲା।

୮୭ ବର୍ଷୀୟା ଲତା କ୍ରିକେଟର ଜଣେ ବଡ଼ ପ୍ରଶଂସିକା। ସେ ଟୁଇଟ୍ କରି ଧୋନୀଙ୍କ ସମ୍ପର୍କରେ ନିଜର ମତ ରଖିଛନ୍ତି। ଭାରତର ପରାଜୟ ପରେ ଧୋନୀଙ୍କ ଅବସର ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ହିନ୍ଦୀରେ ସେ ଟୁଇଟ୍ କରି ଧୋନୀଙ୍କ ସମର୍ଥନରେ ବାହାରିଛନ୍ତି। ଉଲ୍ଲେଖଥାଉ କି, ଧୋନୀ ସେମିଫାଇନାଲ ମ୍ୟାଚ୍‌ରେ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ରବୀନ୍ଦ୍ର ଜାଡେଜା ମଧ୍ୟ ଦ୍ରୁତ ୭୭ ରନ ସଂଗ୍ରହ କରିଥିଲେ। ସପ୍ତମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୧୬ ରନ କରିଥିଲେ ମଧ୍ୟ ଭାରତକୁ ବିଜୟୀ କରିପାରି ନ ଥିଲେ।

# ଭୁଲ୍ ନିଷ୍ପତ୍ତି

**ସୌରଭ ଗାଙ୍ଗୁଲି**

ପ୍ଲେ-ଅଫ୍ ହେଉଛି ପ୍ଲେ-ଅଫ୍। ଏହି ପର୍ଯ୍ୟାୟରେ ହିସାବ ଅଲଗା ଏବଂ ଚାପ ମଧ୍ୟ ଭିନ୍ନ। ଗ୍ରୁପ୍ ପର୍ଯ୍ୟାୟ ପ୍ରଦର୍ଶନର ମାନେ କିଛି ନାହିଁ। ମାଞ୍ଚେଷ୍ଟରରେ ଭାରତର ପ୍ରଦର୍ଶନ ସମସ୍ତେ ଜାଣନ୍ତି। ୨୦୧୫ଠାରୁ ଭାରତ ଏଠାରେ ଗୋଟିଏ ହେଲେ ମ୍ୟାଚ ହାରି ନାହିଁ। ତେଣୁ ଦଳଠାରୁ ସମସ୍ତେ ଭଲ ଆଶା କରିବା ସ୍ୱାଭାବିକ। କହିବାକୁ ଗଲେ ଫାଇନାଲ ତୁଳନାରେ ସେମିଫାଇନାଲରେ ଚାପ ଅଧିକ। ମ୍ୟାଚ ପାଇଁ ଅନ୍ୟକୁ ଚକିତ କଲା ଭଳି କେତେକ ନିଷ୍ପତ୍ତି ନେଇଥିଲା। ୩ଟି ଉଇକେଟର ଶୀଘ୍ରପତନ ପରେ ଧୋନୀଙ୍କ ଭଳି ଖେଳାଳିଙ୍କୁ ବିଳମ୍ବରେ ବ୍ୟାଟିଂ କରିବା ଲାଗି ପଠାଇବା ଏକ ବଡ଼ ଭୁଲ୍ ନିଷ୍ପତ୍ତି ଥିଲା। ଯୁବ ଖେଳାଳି ରିଷଭ ପନ୍ତଙ୍କ ସହିତ ଥିଲେ ସେ ତାଙ୍କୁ ଦିଗ୍‌ଦର୍ଶନ ଦେଇ ପାରିଥାନ୍ତେ। ଦୁହେଁ ହୁଏତ ଦଳ ପାଇଁ ଇନିଂସ ଗଢିପାରିଥାନ୍ତେ। ଭୁବନେଶ୍ୱର କୁମାରଙ୍କ ପାଇଁ ମୋର ଯଥେଷ୍ଟ ସମ୍ମାନ ରହିଛି, ହେଲେ ଏହି ମ୍ୟାଚରେ ସାମିଙ୍କୁ ଖେଳାଇବା


SEAGRAM'S
ROYAL STAG
MEGA MUSIC CDs


ଉଚିତ ହୋଇଥାନ୍ତା। ଭାରତ ତରଫରୁ ଜାଡ଼େଜାଙ୍କ ପ୍ରଦର୍ଶନ ଖୁବ୍ ଚମତ୍କାର ଥିଲା। ତାଙ୍କ ବୋଲିଂ ଉଚ୍ଚକୋଟୀର ଥିଲା। ଚାପରେ ଥିବା ଅବସ୍ଥାରେ ଲଢୁଆ ବ୍ୟାଟିଂ କରି ସେ ତାଙ୍କ ସାହସ ଓ ମନୋବଳର ପରିଚୟ ଦେଇଥିଲେ। ସେ ଓ ଧୋନୀ ରନ ହାରକୁ ଆଗେଇ ନେଇ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ଦଳ ଦୁର୍ଭାଗ୍ୟବଶତଃ ଜିତିପାରି ନ ଥିଲା। ବିଜୟର ଶ୍ରେୟ ନ୍ୟୁଜିଲାଣ୍ଡ ଦଳ ହେଉ ଅବା ଏହାର ଅଧିନାୟକ କେନ୍ ୱିଲିୟମସନଙ୍କୁ ଯିବ। ମ୍ୟାଚର ଫଳାଫଳରୁ ଏହା ସ୍ପଷ୍ଟ ସୂଚନା ମିଳୁଛି, ଯେ, କ୍ରିକେଟରେ କେହି ଅଣ୍ଡରଡଗ୍ ନୁହଁନ୍ତି। ତୁମେ ପଏଣ୍ଟ ଟେବୁଲରେ କେଉଁ ସ୍ଥାନରେ ରହିଛ ସେଥିରେ କିଛି ମାନେ ନାହିଁ। ମ୍ୟାଚ ଦିନ ଯିଏ ଭଲ ଖେଳିବ ସେହି ଦଳ ବିଜୟୀ ହେବ। (ଗେମ୍‌ପ୍ଲାନ୍)





ଆଇସିସି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡର ଜୋଫ୍ରା ଆର୍ଚେରଙ୍କ ବାଉନ୍ସର ଅଷ୍ଟ୍ରେଲିଆର ଆଲେକ୍ସ କାରେଙ୍କ ହେଲ୍‌ମେଟରେ ବାଜିଛି ଏବଂ ସେ ଆହତ ହୋଇଛନ୍ତି।

# ଜାଡେଜାଙ୍କୁ କ୍ଷମା ମାଗିଲେ ମଞ୍ଜରେକର

**ମାଞ୍ଚେଷ୍ଟର,୧୧।୭(ପି.ଟି.)**



ଶେଷରେ ପୂର୍ବତନ ବ୍ୟାଟ୍ସମ୍ୟାନ ସଞ୍ଜୟ ମଞ୍ଜରେକର ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ କ୍ଷମା ମାଗିଛନ୍ତି। ଜାଜେଡାଙ୍କ ବିରୋଧରେ ମନ୍ତବ୍ୟ ଦେବାପରେ ମଞ୍ଜରେକର ବେଶ୍ ବିବାଦୀୟ ହୋଇ ପଡିଥିଲେ। ଜାଜେଡା ଏକ ସମ୍ପୂର୍ଣ୍ଣ କ୍ରିକେଟର ନୁହନ୍ତି। ତାଙ୍କ ସ୍ଥାନରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ କିମ୍ବା ବୋଲରଙ୍କୁ ଖେଳାଇବା ଉଚିତ୍ ବୋଲି ସେ କମେଣ୍ଟ୍ରି କରିବା ବେଳେ କହିଥିଲେ। ଜାଡେଜା ମଧ୍ୟ ଏହାର କଡ଼ା ଜବାବ ଦେଇଥିଲେ। ଆପଣ ମୋ ବିଷୟରେ ବହୁତ କହିଲେଣି ଓ ମୁଁ ମଧ୍ୟ ବହୁତ ଶୁଣିଲିଣି। ଆପଣଙ୍କଠାରୁ ମୁଁ ଦୁଇଗୁଣ ଅଧିକ ମ୍ୟାଚ୍ ଖେଳିଛି। ଏବେ ମଧ୍ୟ ଖେଳୁଛି। ଲୋକଙ୍କୁ ସମ୍ମାନ ଦେବା ଶିକ୍ଷା କରନ୍ତୁ ବୋଲି ଜାଡେଜା ତାଙ୍କ ଜବାବରେ କହିଥିଲେ। ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଜାଡେଜା ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ ସବୁଥିରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଜାଡେଜା ମୋତେ ଭୁଲ ବୋଲି ପ୍ରମାଣିତ କରିଛନ୍ତି। ସେ ସବୁ ବିଭାଗରେ ଭଲ ପ୍ରଦର୍ଶନ କରିଛନ୍ତି। ଜାଜେଡାଙ୍କୁ ନେଇ ମୁଁ ଦେଇଥିବା ମନ୍ତବ୍ୟ ଭୁଲ ସାବ୍ୟସ୍ତ ହୋଇଛି ବୋଲି ମଞ୍ଜରେକର ସ୍ୱୀକାର କରିଛନ୍ତି। ଏବେ ମୋତେ ଜାଡେଜାଙ୍କୁ କ୍ଷମା ମାଗିବାକୁ ପଡିବ। ସଫଳ ପ୍ରଦର୍ଶନ ପରେ ଜାଡେଜା କମେଣ୍ଟ୍ରି ବକ୍ସକୁ ଚାହିଁ ମୋତେ ଖୋଜୁଥିଲେ। ତେବେ ମୁଁ ସେତେବେଳେ ଲଞ୍ଚ୍ କରୁଥିଲି। ମୋର ମନ୍ତବ୍ୟ ପାଇଁ ଦୁଃଖିତ ବୋଲି ମଞ୍ଜରେକର କହିଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଭାରତ ୬ ଉଇକେଟ ହରାଇ ୯୨ ରନ କରିଥିବା ବେଳେ ଜାଡେଜା ବ୍ୟାଟିଂ କରିବାକୁ ଆସିଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ସହ ସେ ସପ୍ତମ ଉଇକେଟରେ ୧୧୬ ରନର ଭାଗୀଦାରି ସ୍ଥାପନ କରିଥିଲେ। ତେବେ ୪୮ତମ ଓଭରରେ ସେ ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଛକା ମାରିବାକୁ ଯାଇ ଆଉଟ ହୋଇଥିଲେ। ୪ ଚୌକା ଓ ୪ ଛକା ସହ ଜାଡେଜା ୫୯ଟି ବଲର ସମ୍ମୁଖୀନ ହୋଇ ଦ୍ରୁତ ୭୭ ରନ ସଂଗ୍ରହ କରିଥିଲେ।

ମ୍ୟାଚରେ ବୁମ୍‌ରାଙ୍କ ନେତୃତ୍ୱାଧୀନ ଭାରତୀୟ ବୋଲିଂ ଆକ୍ରମଣ ଖୁବ୍ ଭଲ ରହିଥିଲା। ସେମାନେ ନ୍ୟୁଜିଲାଣ୍ଡକୁ ୨୩୯ରେ ସୀମିତ ରଖିବାରେ ମଧ୍ୟ ସଫଳ ହେଲେ। ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ଏହାକୁ ସହଜେ ଅତିକ୍ରମ କରିଯିବ ବୋଲି ନ୍ୟୁଜିଲାଣ୍ଡ ମନେ କରିଥିଲା। ଧାୱନ ଆଘାତପ୍ରାପ୍ତ ହେବା ପରେ ଏହି ବିଶ୍ୱକପ୍‌ରେ ଭାରତୀୟ ଦଳର ସମର୍ଥକଙ୍କ ଆଶଙ୍କା ଥିଲା ଯେ, କୋହଲି ଏବଂ ରୋହିତଙ୍କ ଉଇକେଟ ଯଦି ଶୀଘ୍ର ପତନ ଘଟେ ତା ହେଲେ କ'ଣ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଭାରତ ମାତ୍ର ୫ ରନ ସ୍କୋରରେ ଏହାର ୩ ଆଗଧାଡ଼ି ବ୍ୟାଟ୍ସମ୍ୟାନଙ୍କୁ ହରାଇ ସଂକଟରେ ପଡ଼ିଥିଲା। ଲିଗ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବା ଭାରତ ଏହି

## ସଂକ୍ଷେପରେ

### ପୂର୍ବତନ ଖେଳାଳି ତନୁଜା ବାଗ୍‌ଙ୍କ ଆର୍ଥିକ ଦୁରବସ୍ଥା ସୁଧାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୭ (ସ୍ପୋର୍ଟ୍ସ ବ୍ୟୁରୋ)- ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ତନୁଜା ବାଗ୍‌ଙ୍କ ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବାପରେ ତାଙ୍କ ଆର୍ଥିକ ଦୁରବସ୍ଥା ସୁଧାରିବା ଦିଗରେ ବିହିତ କର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡ଼ା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଖବର ଅନୁସାରେ କ୍ରୀଡ଼ା ସଫଳତା ଭିତ୍ତିରେ ତନୁଜାଙ୍କୁ ସରକାରୀ ପ୍ରୋତ୍ସାହନ ସ୍ୱରୂପ ତାଙ୍କୁ ହୋମ୍‌ଗାର୍ଡରେ ନିଯୁକ୍ତି ମିଳିଥିଲା। ମାତ୍ର ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ଛୁଟିରେ ରହିବାରୁ ତାଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ତାଙ୍କୁ ଝାରସୁଗୁଡ଼ାସ୍ଥିତ ଏକ ସ୍କୁଲରେ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ତାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାର ବିଷୟ ରିପୋର୍ଟରେ ପ୍ରକାଶ ପାଇବା ପରେ କ୍ରୀଡ଼ା ମନ୍ତ୍ରୀ ତଦନ୍ତ ପାଇଁ ଝାରସୁଗୁଡ଼ା ଜିଲା କ୍ରୀଡ଼ା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ରୀଡ଼ା ଅଧିକାରୀଙ୍କ ରିପୋର୍ଟକୁ ଭିତ୍ତିକରି ଜିଲାପାଳ ତନୁଜାଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଦୂତୀଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୧।୭,(କ୍ରୀଡ଼ା ପ୍ରତିନିଧି)- ଇଟାଲୀର ନାପୋଲିଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଥିବା ଓଡ଼ିଶାର ଦୂତୀ ଚାନ୍ଦଙ୍କୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମ ଭାରତୀୟଭାବେ ସ୍ୱର୍ଣ୍ଣପଦକ ହାସଲ କରି ଦୂତୀ ଓଡ଼ିଶା ସମେତ ସମଗ୍ର ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଛନ୍ତି। ଦୂତୀଙ୍କ ଏହି ସଫଳତା ଜାରି ରହିବାସହ ଭବିଷ୍ୟତର ଖେଳାଳିମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି କ୍ରୀଡ଼ାମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।



“ କିମ୍ବଦନ୍ତୀ ମହିଳା ବକ୍ସର ମେରିକମ୍‌ଙ୍କର ମୁଁ ଜଣେ ଜବରଦସ୍ତ ସମର୍ଥକ, ମୋ ପାଇଁ ସେ ପ୍ରେରଣାଦାୟକ ମଧ୍ୟ ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



“ ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ଭାରତୀୟ ଖେଳାଳି ନ୍ୟୁଜିଲାଣ୍ଡ ସ୍ପିନର ମିଚେଲ ସାଣ୍ଟନରଙ୍କୁ ଆକ୍ରମଣାତ୍ମକ ଖେଳିବାର ଥିଲା ।

–କେ. ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଅଧିନାୟକ

# ଆହତ ସମସ୍ୟା, ରୋହିତ୍–ବୁମ୍‌ରାଙ୍କ ଚମକ

ମାଞ୍ଚେଷ୍ଟର, ୧୧।୭

ପ୍ରମୁଖ ଟାଇଟଲ୍ ଦାବିଦାର ଭାବେ ଭାରତୀୟ କ୍ରିକେଟ୍ ଦଳ ଚଳିତ ଆଇସିସି ବିଶ୍ୱକପ୍‌କୁ ପ୍ରବେଶ କରିଥିଲା। ବିଶ୍ୱକପ୍ ଆଗକୁ ବଢ଼ିବା ସହିତ ବିରାଟ ବାହିନୀ କ୍ରିକେଟ୍‌ର ଏହି ମହାକୁମ୍ଭରେ ଦମ୍‌ଦାର ପ୍ରଦର୍ଶନ କରି ଟ୍ରଫି ଦାବିଦାର ଭାବେ ସ୍ଥିତି ବଜାୟ ରଖିଥିଲା। ରୋହିତ୍ ଶର୍ମାଙ୍କ ଚମତ୍କାର ଫର୍ମ, ବିରାଟ କୋହଲିଙ୍କ ଲଗାତର ୫ ଅର୍ଦ୍ଧଶତକ ଏବଂ ଯଶପ୍ରୀତ୍ ବୁମ୍‌ରାଙ୍କ ୧୮ ଉଇକେଟ୍ ଦଖଲ ସାଙ୍ଗକୁ ଟିମ୍‌ର ଆବଶ୍ୟକତା ସମୟରେ ତାଙ୍କର ଉଇକେଟ୍ ପ୍ରଦାନ କରିବାର ଦକ୍ଷତା, ଲିଗ୍ ପର୍ଯ୍ୟାୟରେ ଭାରତକୁ ଶ୍ରେଷ୍ଠ ଟିମ୍‌ର ମାନ୍ୟତା ଦେଇଥିଲା। ଲିଗ୍ ପ୍ରାରମ୍ଭରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଥିବା ଭାରତ ୩ୟ ମ୍ୟାଚ୍‌ରେ ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷରେ ପଏଣ୍ଟ ଭାଗ କରିଥିଲା। ଏହାପରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜକୁ ହରାଇବା ପରେ ଭାରତ ଆୟୋଜକ ଇଂଲଣ୍ଡ ନିକଟରେ ଆତ୍ମସମର୍ପଣ କରିଥିଲା। ଅନ୍ତିମ ଭାଗରେ ବାଂଲାଦେଶ ଓ ଶ୍ରୀଲଙ୍କା ବିପକ୍ଷ ବିଜୟ ସହ ଅଷ୍ଟ୍ରେଲିଆ ପରେ ୨ୟ ଦଳ ଭାବେ ମେନ୍ ଇନ୍ ବ୍ଲୁ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା।

ଭାରତୀୟ ଦଳର ଏହି ଦମ୍‌ଦାର ଅଭିଯାନରେ କିଛି ଚିନ୍ତାଜନକ ଘଟଣା ମଧ୍ୟ ରହିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ ପରେ ପରେ ଷ୍ଟାଇଲିଶ ବାମହାତୀ ଓପନର୍ ଶିଖର ଧାୱନ ଆଙ୍ଗୁଠି ଭାଙ୍ଗିଯିବା ଯୋଗୁ ସେ ବିଶ୍ୱକପ୍‌ରୁ ବାହାରି ଯାଇଥିଲେ। ଏହାପରେ ବଦଳ ଖେଳାଳିଭାବେ ଆସିଥିବା ବିଜୟ ଶଙ୍କର ୪ ନମ୍ବର ସ୍ଥାନରେ ତିନୋଟି ଲୋ–ସ୍କୋର କରିବା ପରେ ହଠାତ୍ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ଆଘାତ ପାଇ ସେ ମଧ୍ୟ ବିଶ୍ୱକପ୍‌ରୁ ବିଦା ନେଇଥିଲେ। ଏହାପରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ୪ ନମ୍ବର ସ୍ଥାନରେ ସୁଯୋଗ ମିଳିଥିବାବେଳେ ବିଜୟଙ୍କ ସ୍ଥାନରେ ଆସିଥିବା ମୟଙ୍କ ଅଗ୍ରୱାଲ ଗୋଟିଏ ବି ମ୍ୟାଚ୍‌ରେ ଖେଳିବାର ସୁଯୋଗ ନ ପାଇବା କ୍ରିକେଟ୍‌ପ୍ରେମୀଙ୍କୁ କିଛି ଅଜବ ଅଜବ ଲାଗିଥିଲା।





ଯଶପ୍ରୀତ ବୁମ୍‌ରା, ରୋହିତ ଶର୍ମା।

**ଧୋନୀଙ୍କ ଧିମା ବ୍ୟାଟିଂକୁ ସମାଲୋଚନା**

ମିଡ୍‌ଲଅର୍ଡରରେ ଭାରତୀୟ ବ୍ୟାଟ୍ସମ୍ୟାନ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ କେବଳ ଭେଟେରାନ ମହେନ୍ଦ୍ର ସିଂ ଧୋନୀ କିଛିଟା ସଫଳ ହୋଇଥିଲେ। କିନ୍ତୁ ଅତ୍ୟଧିକ ଧିମା ବ୍ୟାଟିଂ କରିବା ଯୋଗୁ ଧୋନୀଙ୍କୁ ବେଶ୍ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ସେହିଭଳି ପାକିସ୍ତାନକୁ ସେମିଫାଇନାଲରେ ପ୍ରବେଶରୁ ରୋକିବା ଲାଗି ଭାରତ ଜାଣିଶୁଣି ଇଂଲଣ୍ଡ ନିକଟରୁ ହାରିଥିଲା ବୋଲି ମଧ୍ୟ ଆଲୋଚନା ହୋଇଥିଲା। ତେବେ ଭୁବନେଶ୍ୱର କୁମାରଙ୍କ ସ୍ଥାନରେ ଖେଳିବାର ସୁଯୋଗ ପାଇଥିବା ମହମ୍ମଦ ସାମି ୪ ମ୍ୟାଚ୍‌ରୁ ୧୬ ଉଇକେଟ୍ ଅକ୍ତିଆର କରିବା ଭାରତ ପାଇଁ ସବୁଠାରୁ ବଡ଼ ସଫଳ ଖବର ରହିଥିଲା।

ପ୍ରତିଯୋଗିତା ସାରା ଭାରତ ଯେତେଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷରେ ଗୋଟିଏ ଦିନ ଖରାପ ଖେଳ ବିଶ୍ୱକପ୍ ବାହାର ରାସ୍ତା ଦେଖାଇ ଦେଇଛି। ଟୁର୍ନାମେଣ୍ଟରେ ସବୁଠାରୁ ବଡ଼ ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରଥମଥର ଲାଗି ସାଂଘାତିକ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

**ହାଇ ପଏଣ୍ଟ**

ଲଗାତର ପାଞ୍ଚ ବିଜୟ (ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ବାତିଲ) ବିଜୟ ସହ ଦମ୍‌ଦାର ଭାବେ ଭାରତ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ରୋହିତ୍‌ଙ୍କ ୧୨୨ ରନ ବଳରେ ଭାରତ ୨୨୮ ରନର ଲକ୍ଷ୍ୟକୁ ୬ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଏହାପରେ ଧାୱନଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୩୫୨ ରନର ଲକ୍ଷ୍ୟ ଧାର୍ଯ୍ୟ କରି ଶେଷରେ ୫୨ ରନରେ ବାଜିମାତ୍ କରିନେଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଧୋଇ ଯାଇଥିଲେ ମଧ୍ୟ ମାଞ୍ଚେଷ୍ଟରରେ ପାକିସ୍ତାନକୁ ହରାଇ ବିଶ୍ୱକପ୍‌ରେ ଭାରତ ଏହାର ପଡ଼ୋଶୀ ରାଷ୍ଟ୍ର ବିପକ୍ଷରେ ଅପରାଜେୟ ରେକର୍ଡ ବଜାୟ ରଖିପାରିଥିଲା। ବ୍ୟକ୍ତିଗତ ଭାବେ ଦେଖିବାକୁ ଗଲେ ସାମିଙ୍କ ହ୍ୟାଟ୍ରିକ ସ୍ମରଣୀୟ ମୁହୂର୍ତ୍ତ ରହିଥିଲା।

**ଲୋ ପଏଣ୍ଟ**

ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୪୦ ରନର ଟାର୍ଗେଟ୍‌କୁ ପିଛା କରୁଥିବାବେଳେ ଇନିଂସର ପ୍ରଥମ ୪୦ ମିନିଟ୍‌ରେ ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ ହେନରୀଙ୍କୁ ସାମ୍ନା କରିବାରେ ବିଫଳ ହୋଇଥିଲା। ଫଳରେ ମାତ୍ର ୫ ରନରେ ଭାରତ ଆଗଧାଡ଼ିର ୩ ବ୍ୟାଟ୍ସମ୍ୟାନ ରୋହିତ୍, ଲୋକେଶ ରାହୁଲ ଓ କୋହଲିଙ୍କ ଉଇକେଟ୍ ହରାଇଥିଲା। ଲିଗ୍ ପର୍ଯ୍ୟାୟରେ ଏହି ୩ ବ୍ୟାଟ୍ସମ୍ୟାନ ମିଳିତ ଭାବେ ପାଖାପାଖି ୧୫୦୦ ରନ ସଂଗ୍ରହ କରିଥିବାବେଳେ ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କିନ୍ତୁ ପ୍ରତ୍ୟେକ ୧ ରନ କରିଥିଲେ। ଭାରତର ପରାଜୟର ଏହା ଅନ୍ୟତମ ପ୍ରମୁଖ କାରଣ ରହିଥିଲା।

**ଅଧିନାୟକଙ୍କ ନିଷ୍ପତ୍ତି**

ଅଧିନାୟକ ଭାବେ କୋହଲିଙ୍କ ଅଭିଜ୍ଞତା ବୃଦ୍ଧି ପାଇଥିଲେ ମଧ୍ୟ ବିଶ୍ୱକପ୍‌ରେ ତାଙ୍କର କେତେକ ନିଷ୍ପତ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ପ୍ରଥମ ଭୁଲ ଭାବେ ସ୍ପିନରଙ୍କୁ ସହାୟତା କରୁ ନ ଥିବା ଏଜବାଷ୍ଟନ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷରେ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ ଖେଳାଇଥିଲେ। ଏହି ଦୁଇ ପ୍ରମୁଖ ରିଷ୍ଟ ସ୍ପିନର ୨୦ ଓଭରରେ ୧୬୦ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଯେଉଁଠାରେ କି ପ୍ରତିପକ୍ଷ ଅଧିନାୟକ ଇଅନ ମୋର୍ଗାନ ସଠିକ୍ ଭାବରେ ପିଚ୍‌କୁ ବୁଝିପାରି ସ୍ପିନର ମୋଇନ ଅଲିଙ୍କ ସ୍ଥାନରେ ଲିଆମ ପ୍ଲଙ୍କେଟ୍‌ଙ୍କୁ ଖେଳାଇଥିଲେ। ଏହି ଦ୍ରୁତ ବୋଲର ମଧ୍ୟ ସେହି ମ୍ୟାଚ୍‌ରେ ୩ ଉଇକେଟ୍ ଦଖଲ କରିବାରେ ସଫଳ ହୋଇଥିଲେ। ସେହିଭଳି କେଦାର ଯାଦବଙ୍କ ସ୍ଥାନରେ ଦୀନେଶ କାର୍ତ୍ତିକଙ୍କ ଚୟନକୁ ନେଇ ମଧ୍ୟ କୋହଲିଙ୍କ ନେତୃତ୍ୱ ଦକ୍ଷତା ପ୍ରତି ଆଙ୍ଗୁଠି ଉଠିଛି। ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଲଡୁଆ ଅର୍ଦ୍ଧଶତକ ପରେ କେଦାରଙ୍କୁ ବାଦ୍ ଦିଆଯାଇଥିଲା।

**ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟାର**

୯ ଇନିଂସରୁ ୫ ଶତକ ସହ ୮୧ ଆଭରେଜରେ ୬୪୮ ରନ ସଂଗ୍ରହ କରିଥିବା ରୋହିତ୍ ଭାରତ ପାଇଁ ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟାର ରହିଛନ୍ତି। ବୁମ୍‌ରା ମଧ୍ୟ ଟୁର୍ନାମେଣ୍ଟ ସାରା ପ୍ରଭାବୀ ବୋଲିଂ କରି ୧୮ ଉଇକେଟ୍ ଅକ୍ତିଆର କରିଛନ୍ତି। ରୋହିତ୍ ମାରିଥିବା ୫ ଶତକ ମଧ୍ୟରୁ ୩ ସେ କ୍ରମାଗତ ଭାବେ (ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କା) ଅର୍ଜନ କରିଥିଲେ। ଏହିକ୍ରମରେ ସେ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ଶତକ ହାସଲ କରିବାରେ କୁମାର ସଙ୍ଗକାରାଙ୍କୁ ଟପି ଯାଇଥିଲେ।

**ନିରାଶ କରିଥିଲା**

ଭାରତର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ୭ ମ୍ୟାଚ୍‌ରୁ ମାତ୍ର ୬ ଉଇକେଟ୍ ଅକ୍ତିଆର କରିବା ସବୁଠାରୁ ନିରାଶାଜନକ ଘଟଣା ରହିଥିଲା। ସେ ଶ୍ରୀଲଙ୍କା ବିପକ୍ଷରେ ୫୮ ରନରେ ଏବଂ ଇଂଲଣ୍ଡ ବିପକ୍ଷରେ ୭୩ ରନରେ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ସେହିଭଳି ତାଙ୍କ ପାର୍ଟନର ଚହଲ ମଧ୍ୟ କିଛି ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ସେ ୧୨ ଉଇକେଟ୍ ପାଇଥିଲେ। ଟୁର୍ନାମେଣ୍ଟରେ କୁଲଦୀପ ଓ ଚହଲଙ୍କ ଇକୋନୋମିକ ରେଟ୍ ଯଥାକ୍ରମେ ୫.୦୨ ଓ ୫.୯୭ ରହିଥିଲା।

**ପରିସଂଖ୍ୟାନ**

- ସର୍ବାଧିକ ରନ: ରୋହିତ ଶର୍ମା। ୯ ଇନିଂସରୁ ୫ ଶତକ ସହ ୮୧ ଆଭରେଜରେ ୬୪୮ ରନ୍।
- ସର୍ବାଧିକ ଉଇକେଟ୍: ଯଶପ୍ରୀତ୍ ବୁମ୍‌ରା । ୯ ଇନିଂସରୁ ୨୦.୬୧ ଆଭରେଜରେ ୧୮ ଉଇକେଟ୍ । ଇକୋନୋମିକ ୪.୪୧ ରହିଥିବାବେଳେ ୫୫ ରନରେ ୪ ଉଇକେଟ୍ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଥିଲା।
- ବ୍ୟକ୍ତିଗତ ଶ୍ରେଷ୍ଠ ସ୍କୋର: ରୋହିତ୍ ଶର୍ମା। ଓଲ୍ଡ ଟ୍ରାଫୋର୍ଡରେ ପାକିସ୍ତାନ ବିପକ୍ଷରେ ୧୪୦ ରନ।
- ଶ୍ରେଷ୍ଠ ବୋଲିଂ ଫିଗର: ମହମ୍ମଦ ସାମି। ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷରେ ୧୦ ଓଭରରେ ୬୯ ରନ ବ୍ୟୟରେ ୫ ଉଇକେଟ୍।

# ସେରେନା–ହାଲେପ୍ ଫାଇନାଲ

ଲଣ୍ଡନ, ୧୧।୭ (ଏଏଫ୍‌ପି)

ଚଳିତବର୍ଷର ୱିମ୍ବଲଡନ ଓପନ୍ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲ ଆମେରିକାର ସେରେନା ୱିଲିୟମ୍ସ ଏବଂ ରୋମାନିଆର ସିମୋନା ହାଲେପ୍‌ଙ୍କ ମଧ୍ୟରେ ଖେଳାଯିବ। ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡ ସମକକ୍ଷ ହେବା ଲକ୍ଷ୍ୟରେ ଥିବା ସେରେନା ଗୁରୁବାର ଖେଳାଯାଇଥିବା ଏକ ସେମିଫାଇନାଲରେ ଚେକ୍ ରିପବ୍ଲିକର ବାରବୋରା ଷ୍ଟ୍ରାଇକୋଭାଙ୍କୁ ହରାଇ ଦେଇଛନ୍ତି। ଆମେରିକାର ଏହି ଷ୍ଟାର ଖେଳାଳି ୬–୧, ୬–୨ ସିଧା ସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ସେରେନା ଏଠାରେ ପୂର୍ବରୁ ୭ଥର ଟାଇଟଲ ଜିତିସାରିଛନ୍ତି। ଅନ୍ୟପକ୍ଷରେ ରୋମାନିଆର ପ୍ରଥମ ମହିଳା ଖେଳାଳି ହିସାବରେ ସିମୋନା ହାଲେପ୍ ୱିମ୍ବଲଡନ ଓପନ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନାଙ୍କୁ ୬–୧, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି।



ଲଣ୍ଡନ: ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ରୋମାନିଆର ସିମୋନା ହାଲେପ।

ଏଠାରେ ୭ମ ସିଡ୍‌ପ୍ରାପ୍ତ ଏହି ୨୭ ବର୍ଷୀୟା ଖେଳାଳି ୨୦୧୮ରେ ଫ୍ରେଞ୍ଚ ଓପନ ଚାମ୍ପିୟନ ହୋଇଥିଲେ। ସେ ତାଙ୍କ କ୍ୟାରିୟରର ୫ମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବେ। ପ୍ରି–କ୍ୱାର୍ଟରରେ ୧୫ ବର୍ଷୀୟା ନୂଆ ଷ୍ଟାର କୋକୋ ଗଫ୍‌ଙ୍କୁ ନକଆଉଟ୍ କରିଥିବା ହାଲେପ୍ ଏହା ପୂର୍ବରୁ ୨୦୧୪ରେ ୱିମ୍ବଲଡନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଏଜିନି ବୋଚାର୍ଡଙ୍କଠାରୁ ସେ ହାରିଯାଇଥିଲେ। ଗୁରୁବାର ମ୍ୟାଚରେ ପରେ ହାଲେପ୍ କହିଛନ୍ତି, ଇତିମଧ୍ୟରେ ମୋର ଅଧିକ ଅଭିଜ୍ଞତା ହୋଇଗଲାଣି। ଆଉ ସୁଯୋଗ ହାତଛଡ଼ା କରିବି ନାହିଁ। ସୂଚନାଯୋଗ୍ୟ, ସ୍ୱିତୋଲିନା ୟୁକ୍ରେନର ପ୍ରଥମ ମହିଳା ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଅନ୍‌ଲାଇନରେ ଟିକେଟ ବିକ୍ରି ଆରମ୍ଭ

କଟକ ଅଫିସ,୧୧।୭

**ରାଜ୍ୟ ଗୋଷ୍ଠୀ ଟିଟି**

ଆସନ୍ତା ୧୭ରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ହେବାକୁ ଥିବା ଟେବୁଲ ଟେନିସ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୧ତମ ସଂସ୍କରଣ ପାଇଁ ଅନଲାଇନ ଟିକେଟ ବିକ୍ରି ଗୁରୁବାର ମଧ୍ୟାହ୍ନରୁ ଆରମ୍ଭ ହୋଇଛି । www.paytm.com, www.insider.in ୱେବସାଇଟରେ ଟିକେଟ ବିକ୍ରି ଚାଲିଛି । ୫୦, ୧୦୦, ୨୦୦ ଓ ୪୦୦ ଟଙ୍କାର ଟିକେଟ ବିକ୍ରି କରାଯାଉଛି । ଧାର୍ଯ୍ୟ ୫୦ ଓ ୧୦୦ ମୂଲ୍ୟର ଟିକେଟଗୁଡ଼ିକ ଗୋଟିଏ ଦିନ ନିମନ୍ତେ ସମୟସୀମା ରହିଥିବା ବେଳେ ୨୦୦ ଓ ୪୦୦ ଟଙ୍କା ବିଶିଷ୍ଟ ଟିକେଟ ଦ୍ୱାରା ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ପାଇ ପାରିବେ ଦର୍ଶକ । ୧୫ ତାରିଖରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିସରରେ ବକ୍ସ ଅଫିସ ଖୋଲାଯାଇ ଟିକେଟର ହାର୍ଡକପି ପ୍ରଦାନ କରାଯିବ । ମୋଟ ୫ହଜାର ଟିକେଟ ଅନଲାଇନରେ ଉପଲବ୍ଧ ଅଛି ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି । ଛାତ୍ରୀଛାତ୍ରଙ୍କ ନିମନ୍ତେ କିଛି କମ୍ପ୍ଲିମେଣ୍ଟାରି ଟିକେଟର ବ୍ୟବସ୍ଥା ମଧ୍ୟ ହେବ ବୋଲି ଜଣାପଡ଼ିଛି । ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ଏହା ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଅଳ୍ପ ଦିନ ବାକି । ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ବେଳେ ଅଧିକରୁ ଅଧିକ ଦର୍ଶକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବେ ବୋଲି ଆଶା ରହିଛି । ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ କହିଛନ୍ତି, ଅନଲାଇନରେ ଟିକେଟ ବୁକ କରିବା ସହଜ ପ୍ରକ୍ରିୟା ଅଛି । ଲୋକମାନେ ଏହି ଗେମକୁ ଉପଭୋଗ କରିବାକୁ ଅଧିକ ମାତ୍ରାରେ ଆସନ୍ତୁ ବୋଲି ସେ ନିବେଦନ କରିଛନ୍ତି । ପ୍ରତିଯୋଗିତାରେ ୧୬ଟି ଦେଶ ଭାଗ ନେବା ସ୍ପଷ୍ଟ ହୋଇଛି । ଅଷ୍ଟ୍ରେଲିଆ, ବାଂଲାଦେଶ, ସାଇପ୍ରସ, ଇଂଲଣ୍ଡ, ଘାନା, ଗୁଏନା, ଭାରତ, ମାଲେସିଆ, ନାଇଜେରିଆ, ପାକିସ୍ତାନ, ସ୍କଟଲାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଉଗାଣ୍ଡା, ୱେଲସ୍ ଓଡ଼ିଶା ଆସୁଛନ୍ତି । ଜର୍ସି ଦଳ ଭିଜା ସମସ୍ୟା ଯୋଗୁଁ ଆସି ପାରୁ ନ ଥିବା ଜଣାପଡ଼ିଛି ।

# ୟୁଥ୍ ୱାର୍ଲ୍ଡ ରେକର୍ଡ ଭାଙ୍ଗିଲେ ଲାଲ୍‌ରିନୁଙ୍ଗା

ଆପିଆ, (ସାମୋଆ), ୧୧।୭ (ପି.ଟି.)

ଚଳିତ ରାଜ୍ୟଗୋଷ୍ଠୀ ଚମ୍ପିୟନଶିପ୍‌ର ତୃତୀୟ ଦିବସରେ ୟୁଥ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜେରେମି ଲାଲ୍‌ରିଙ୍ଗୁଆନା ଚମକପ୍ରଦ ପ୍ରଦର୍ଶନ କରିଛନ୍ତି। ସେ ତିନୋଟି ରେକର୍ଡ ଭଙ୍ଗ କରିଛନ୍ତି, କିନ୍ତୁ କ୍ଲିନ୍ ଆଣ୍ଡ୍ ଜର୍କ ଉତ୍ତୋଳନରେ ବିଫଳ ହୋଇଛନ୍ତି। ୬୭ କେଜି କାଟେଗୋରିରେ ଅଂଶଗ୍ରହଣ କରିଥିବା ୧୬ ବର୍ଷୀୟ ଜେରେମି ସ୍ନାଚ୍ କାଟେଗୋରିରେ ୧୩୬କେଜି ଉତ୍ତୋଳନ କରିବା ସହ ୟୁଥ୍ ୱାର୍ଲ୍ଡ, ଏସିଆନ ଏବଂ ରାଜ୍ୟଗୋଷ୍ଠୀ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବରୁ ୟୁଥ୍ ୱାର୍ଲ୍ଡ ଏବଂ ଏସିଆନ ରେକର୍ଡ ମଧ୍ୟ ଲାଲ୍‌ରିନୁଙ୍ଗାଙ୍କ ନାମରେ ରହିଥିଲା। ଏପ୍ରିଲରେ ଚାଇନାର ନିଙ୍ଗ୍‌ବୋଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୩୪କେଜି ଉତ୍ତୋଳନ କରି ସେ ଏହି ରେକର୍ଡ ଅଧିକାରୀ ହୋଇଥିଲେ। ଭାରତର ଅନ୍ୟ ଭରୋତ୍ତୋଳକମାନେ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତନ୍ମଧ୍ୟରେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଛି। ଅଚିନ୍ତା ଶିଉଲି ମୋଟ ୩୦୫କେଜି (୧୩୬କେଜି+୧୬୯କେଜି) ଉତ୍ତୋଳନ କରି ସିନିୟର ଏବଂ ଜୁନିୟର ପୁରୁଷ ୭୩ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ଜିତିପାରିଛନ୍ତି। ସେହିପରି ମହିଳା ୭୬କେଜି ମହିଳା ବିଭାଗରେ ମନପ୍ରୀତ କୌର ୨୦୭ କେଜି (୯୧କେଜି+୧୧୬କେଜି) ଉଠାଇ ସ୍ୱର୍ଣ୍ଣ ଜିତିଛନ୍ତି। ରାଜ୍ୟଗୋଷ୍ଠୀ ଚମ୍ପିୟନଶିପ୍‌ରେ ଏକ ସଙ୍ଗରେ ୟୁଥ୍, ଜୁନିୟର ଓ ସିନିୟର କାଟେଗୋରିରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ମନେ ପଡ଼ନ୍ତି

ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୁଞ୍ଜବିହାରୀ ମହାନ୍ତି
ଗୋପୀନାଥପୁର(ହାଟବଜାର), ଜଟଣୀ
ଆବିର୍ଭାବ: ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା, ୧୯୨୭ ମସିହା
ତିରୋଧାନ: ଆଷାଢ ଶୁକ୍ଳପକ୍ଷ ଏକାଦଶୀ (ସୁନାବେଶ) ୨୦୧୮ ମସିହା
ଆଜିକୁ ଠିକ ଏକବର୍ଷତଳେ ଜଗନ୍ନାଥଙ୍କର ସୁନାବେଶ ଦିନ ଆମମାନଙ୍କୁ ଶୋକସାଗରରେ ଭସାଇ ପ୍ରଭୁଙ୍କର ଶରଣାପନ୍ନ ହୋଇଗଲ। ଆଜିବି ଆପଣଙ୍କର ଅବର୍ତ୍ତମାନ ଆମମାନଙ୍କୁ ପ୍ରତି ମୁହୂର୍ତ୍ତରେ ଗଭୀର ବେଦନା ଦେଉଅଛି। ଆପଣଙ୍କର ଅମର ଆତ୍ମା ପ୍ରଭୁ ଜଗନ୍ନାଥଙ୍କ ଚରଣକମଳରେ ରହି ଆମକୁ ଆଶୀର୍ବାଦ କରିବା ସହ ପଥ ପ୍ରଦର୍ଶନ କରୁ, ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ–୧୩୧୯୦

ଏକାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁରେନ୍ଦ୍ର ନାଥ ଶୁକ୍ଳ
Q.No: G6/4, ଭକ୍ତିମଣ୍ଡପ, ଗୋପବନ୍ଧୁ ଛକ, ବୁର୍ଲା, ସମ୍ବଲପୁର
ଆବିର୍ଭାବ: ୦୯।୦୯।୧୯୪୦ (ଭାଦ୍ରବ ପୂର୍ଣ୍ଣିମା)
ତିରୋଧାନ: ୧୨।୦୭।୨୦୦୮ (ବାହୁଡା ଦଶମୀ)
ଚାହୁଁ ଚାହୁଁ ଏଗାରବର୍ଷ ବିତିଗଲାଣି, କିନ୍ତୁ ଆଜିବି ଆପଣଙ୍କ ସ୍ମୃତି ଆମ୍ଭମାନଙ୍କ ମନ ମଧ୍ୟରେ ଅଛି। ଯେଉଁଠି ଥାଅ ନା କାହିଁକି ଆପଣଙ୍କର ଆଶୀର୍ବାଦ ଆମ୍ଭର କାମ୍ୟ। ତୁମ୍ଭର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ପରମ ଦୟାଳୁ ଶ୍ରୀଜଗନ୍ନାଥ ଠାକୁରଙ୍କ ଚରଣତଳେ ଆମ୍ଭର କୋଟି କୋଟି ପ୍ରଣାମ।
ଶୋକସନ୍ତପ୍ତ:
ସ୍ତ୍ରୀ: ଉର୍ମିଳା, ଶିବ, ସୁଜାତା, ସୌମେନ୍ଦ୍ର (ବାବୁ) ଓ ପରିବାରବର୍ଗ।
ଧ–୬୬୬୦୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ମଙ୍ଗୁଳି ଚରଣ ସେଠୀ
ପିତା ଧର୍ମ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ।
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ।।
ବାପା, ଠିକ୍ ଆଜିକୁ ଦୁଇବର୍ଷ ତଳେ ଏହି ତିଥିରେ ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ପରମଧାମକୁ ପ୍ରାପ୍ତ ହେଲେ, କିନ୍ତୁ ଆଜିବି ଆମ୍ଭେମାନେ ଆପଣଙ୍କ ଆଦର୍ଶ ଓ ସଂସ୍କାରକୁ ପାଥେୟ କରି ଅଗ୍ରସର ହେଉ। ସେହି ପରମ ଧାମରୁ ଆପଣ ଏତିକି ଆଶୀର୍ବାଦ କରୁନ୍ତୁ। ଇତି ଆପଣଙ୍କର ଗୁଣମୁଗ୍ଧ: ପୁତ୍ର–ପୁତ୍ରବଧୂ: ବାବୁ– କୁନି, ବୁଲୁ– ସୁଇଟି, ମୁନା– ମିତାଲି, କନ୍ୟା– ଜ୍ୱାଇଁ: ଜୟନ୍ତି– ରତ୍ନାକର, ମଞ୍ଜୁ– ଲକ୍ଷ୍ମଣ, ସଞ୍ଜୁ–ସୁଦର୍ଶନ, ଇତି– ପ୍ରଶାନ୍ତ, ନାତିନାତୁଣୀ: ଜିପୁ, ବାପି, ଡୁଗୁ, ଶୁଭମ୍, ଚନ୍ଦୁ, ଶାନ୍, ଅଂଶୁଲ୍, ମିତୁଲ୍, ଅଭିକ୍, ଲିଜା, ରୋଜି, ଗୁଡ୍ଡି ଓ ମାନ୍ୟା।
ଧ–୬୬୦୧୦

In Memorium



Late Dr Er Soyuz Priyadarsan Ph.D
Date of birth: 11.10.1975
(Durga Astami)
Date of demise: 17.07.2005
(Bada Ekadasi)
My dearest Son Soyuz, may god grant you eternal peace in heavenly abode!
Your unfortunate father:
P.N. Sethi
Ph: 9338585956
D-13364

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଦମୟନ୍ତୀ ନାୟକ
ସ୍ଥାନ: ଗତିକୃଷ୍ଣ ଭିଲ୍ଲା, ଭୁବନେଶ୍ୱର
ଆବିର୍ଭାବ: ୧୨।୧୧।୧୯୫୧
ତିରୋଧାନ: ୦୧।୦୭।୨୦୧୯
ବୋଉ, ଆମକୁ ଶୋକସାଗରରେ ଭସାଇଦେଇ ତୁ ଅସମୟରେ ଚାଲିଗଲୁ। ସ୍ନେହ, ପ୍ରେମର ଅବତାର ଥିଲୁ। ତୋର ଶୂନ୍ୟତା ଆମପାଇଁ ସର୍ବଦା ଅପୂରଣୀୟ। ଭଗବାନ ତୋ ଆତ୍ମାକୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ବର୍ଷା, ବିଦିଶା

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ମୃଣାଳକାନ୍ତ ସ୍ୱାଇଁ(ଟିଟୁ)
Hotel Miland Palace (Director)
ବ୍ରହ୍ମେଶ୍ୱର ପାଟଣା-ଭୁବନେଶ୍ୱର
ଆବିର୍ଭାବ- ୧୯.୧୦.୧୯୫୨ ରମା ଏକାଦଶୀ
ତିରୋଧାନ- ୧୫.୦୭.୨୦୧୬ ହରିଶୟନ ଏକାଦଶୀ
ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକସନ୍ତପ୍ତ
ପତ୍ନୀ- ଲଳିତା, ଦୁଇଝିଅ, ଦୁଇଜ୍ୱାଇଁ ପୁଅ ଆଦିତ୍ୟ, ବନ୍ଧୁ ଓ ପରିବାର ବର୍ଗ
ଧ–୧୩୩୬୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୨/୨୦୧୯ Bhubaneswar, Friday, July 12/ 2019

## ସଂକ୍ଷେପରେ

### ଦୁଇ ବଖରା ଜଳିଗଲା



**ନାଉଗାଁ,୧୧।୭(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶିଖର ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ପ୍ରଶାନ୍ତ ବାରିକଙ୍କ ୨ ବଖରା ପୋଡ଼ିଯାଇଛି। ବିଦ୍ୟୁତ ଶଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିବା ବେଳକୁ ଘର ସହ ସମସ୍ତ ଆସବାବପତ୍ର, ଧାନ, ଚାଉଳ ଆଦି ପୋଡି ନଷ୍ଟ ହୋଇଯାଇଥିଲା। ନାଉଗାଁ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ରନାଥ ନାୟକ ପହଞ୍ଚ କ୍ଷୟକ୍ଷତି ଆକଳନ କରିଥିବା ଜଣାଯାଇଛି। ପ୍ରଶାନ୍ତ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଜୁ ଯୁବବାହିନୀ ସଂଯୋଜିକାଙ୍କୁ ଦୁର୍ବ୍ୟବହାର

**ବିରିଡ଼ି,୧୧।୭(ଡି.ଏନ.ଏ):** ବିରିଡ଼ି ବ୍ଲକ ବିଜୁ ଯୁବବାହିନୀର ସଂଯୋଜିକା ସୁନିତା ସାହୁଙ୍କୁ ବ୍ଲକ ପରିସରରେ ଜନୈକ ଯୁବକ ମଙ୍ଗଳବାର ଗାଳିଗୁଲଜ କରିଥିଲେ। ଏନେଇ ସେ ବିରିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୭୭/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସୁନିତା ନିଜ ଅଫିସ ପ୍ରକୋଷ୍ଠରେ ବସିଥିବାବେଳେ କୁଲକଇଜଙ୍ଗା ମହାତୋଳ ଗ୍ରାମର ଗଗନ ବିଶ୍ୱାଳ ଧସେଇ ପଶିବା ସହ ତାଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ସେହିପରି ବୁଧବାର ମଧ ବ୍ଲକକୁ ଆସି ପୁଣି ସଂଯୋଜିକାଙ୍କୁ ଗାଳିଗୁଲଜ କରିଥିଲେ। ତେଣୁ ଏ ନେଇ ସେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

### କାର ଧକ୍କାରେ ସ୍କୁଟି ଚାଳକ ମୃତ

**ସାଲେପୁର,୧୧।୭ (ଡି.ଏନ୍.ଏ.):** କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅଧୀନ କଳାଗ୍ନି ଛକ ନିକଟରେ ଗୁରୁବାର ସନ୍ଧ୍ୟା ୭ଟା ବେଳେ ଏକ କାର୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ୍ କଟିକଟା ପଞ୍ଚାୟତ ଅନ୍ତର୍ଗତ ପାଟସାଇଲୋ ଗ୍ରାମର ପ୍ରିୟବ୍ରତ ଷଡ଼ଙ୍ଗୀ। ସୂଚନାଯୋଗ୍ୟ, ପ୍ରିୟବ୍ରତ କୌଣସି କାମରେ ସ୍କୁଟିରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ କଳାଗ୍ନି ଛକ ନିକଟରେ ଏକ କାର୍(ନଂ. ଓ.ଡ଼ି.-୦୨-ଏଚ୍-୫୦୧୫) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ପ୍ରିୟବ୍ରତ ତଳେ ପଡିଯିବାରୁ କାରଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଏଥିଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସାଲେପୁର ପୋଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରି ଅଗ୍ନିଶମ ଗାଡ଼ିରେ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଏଥିସହ ପୋଲିସ୍ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

# ଡାଇରିଆ ୱାର୍ଡ ଛାତରୁ ପ୍ଲାଷ୍ଟର ଖସିଲା

**ଜଗତ୍ସିଂହପୁର ଅଫିସ,୧୧।୭:**

**ଜଗତ୍ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ**

ବୁଧବାର ବିଳମ୍ବିତ ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟ ଡାଇରିଆ ୱାର୍ଡ ଛାତରୁ ପ୍ଲାଷ୍ଟର ଖସି ଜଣେ ରୋଗୀଙ୍କ ଗୋଡ଼ରେ ପଡିଥିଲା। ସମ୍ପୃକ୍ତ ରୋଗୀଙ୍କ ଘର ଗୁହାଳିପୁରରେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍ଓ) ଡା. ଅଜୟ କୁମାର ବୈଠାରୁ କହିଛନ୍ତି ଯେ, ଉକ୍ତ ବିଲ୍ଡିଂ ବହୁ ପୁରୁଣା ହୋଇଗଲାଣି। ମରାମତିରେ କାମ ଚାଲିଛି। ତେଣୁ ଡାଇରିଆ ୱାର୍ଡ ଛାତରୁ ପ୍ଲାଷ୍ଟର ଖସିଥିଲେ ସୁଦ୍ଧା ସେଭଳି କିଛି ଅସୁବିଧା ହୋଇନାହିଁ। ଆଗକୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଚିନ୍ତା କରାଯାଉଛି। ଚିକିତ୍ସାଳୟକୁ ଲାଗିକରି ଥିବା ଜଳସେଚନ ବିଭାଗ କର୍ମଚାରୀଙ୍କ ସରକାରୀ କ୍ୱାର୍ଟର୍ସରେ ନୂଆ ବିଲ୍ଡିଂ କରାଯିବାକୁ ଯୋଜନା ହେଉଛି। ଏହି କ୍ୱାର୍ଟର୍ସର ଅଧା ଜମି ହସ୍ତଗତ ହୋଇଗଲାଣି। ଅବଶିଷ୍ଟ କିପରି ହାତକୁ ଆସିବ ସେନେଇ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଏହି ଜମି ଚିକିତ୍ସାଳୟ ଦଖଲକୁ ଆସିଗଲେ ଭିତ୍ତିଭୂମି ଅଭାବଜନିତ ସମସ୍ୟା ଦୂର ହୋଇଯିବ। ତେବେ ଏହା ମଧ୍ୟରେ ମାତୃ ଶିଶୁ ସ୍ୱାସ୍ଥ୍ୟ (ଏମ୍ସିଏଚ୍) ୱାର୍ଡ କରାଯିବ। ବହୁତଳ ବିଶିଷ୍ଟ ବିଲ୍ଡିଂ ନିର୍ମାଣ ହେବ। ଏନେଇ ପ୍ରାଥମିକ ପର୍ଯ୍ୟାୟରେ ଅନୁଦାନ ଆସିଛି। କିନ୍ତୁ ସବୁ ଜମି ଦଖଲକୁ ଆସିଲା ପରେ ଯୋଜନାବଦ୍ଧ ଭାବରେ ବିଲ୍ଡିଂ କାମ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବିଲ୍ଡିଂ ନିର୍ମାଣ ହୋଇଗଲେ ପୁରୁଣା ବିଲ୍ଡିଂ ଭାଙ୍ଗି ଦିଆଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି।






# ୭ ବର୍ଷ ହେଲା ନାହାନ୍ତି ସ୍ଥାୟୀ ଡାକ୍ତର

**ନାଉଗାଁ,୧୧।୭(ସ୍ୱ.ପ୍ର.)**

- ୬ ପଞ୍ଚାୟତ ଲୋକଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା
- ଫାର୍ମାସିଷ୍ଟଙ୍କ ହାତରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର
- ୩ ମାସରେ ଗଲେଣି ୪ ଡାକ୍ତର

ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ଯୋଜନା ଉପରେ ଯୋଜନା କରିଚାଲିଛନ୍ତି। କିନ୍ତୁ ଆବଶ୍ୟକ ଡାକ୍ତର ଅଭାବରୁ ଜନସାଧାରଣ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରୀସ୍ତରରେ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ମାସେ କିମ୍ବା ୨ ମାସ ନୁହେଁ, ଦୀର୍ଘ ୭ ବର୍ଷ ଧରି କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବା ଦେଖିବାକୁ ମିଳୁଛି। ନାଉଗାଁ ବ୍ଲକ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଦେଇଛି ଏଭଳି ସମସ୍ୟା। ସୂଚନା ଅନୁଯାୟୀ, ୨୦୧୨ରେ ଏଠାରେ ଥିବା ଡାକ୍ତର ନୃସିଂହ ଚରଣ ଦାସଙ୍କୁ ଅନ୍ୟତ୍ର ବଦଳି କରାଯିବା ପରେ ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୬ ପଞ୍ଚାୟତର ୩୦ ହଜାର ଲୋକ ନିର୍ଭର କରନ୍ତି। ସ୍ଥାୟୀ ଡାକ୍ତର ନ ଥିବାରୁ ଜଣେ ସ୍ୱାସ୍ଥ୍ୟ ସେବକଙ୍କ ସହ ରାଷ୍ଟ୍ରୀୟ ବାଳ ବିକାଶ ସଂସ୍ଥାର ଜଣେ ଫାର୍ମାସିଷ୍ଟ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଅନ୍ୟପକ୍ଷରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଅଭ୍ୟର୍ଥନା ଗୃହ ନିର୍ମାଣ ହୋଇଥିବାବେଳେ ଶୀତତାପ ନିୟନ୍ତ୍ରିତ କକ୍ଷ ବ୍ୟବସ୍ଥା ହୋଇଛି। ଡାକ୍ତର ନ ଥିବାରୁ ସାଧାରଣ ରୋଗୀ ଖର୍ଚ୍ଚାନ୍ତ ହୋଇ ନାଉଗାଁ ଓ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ବହୁବାର ଧାରଣା ଓ ଅନଶନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିଯୁକ୍ତି ପାଇଁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ ଅଦ୍ୟାବଧି କୌଣସି ବ୍ୟବସ୍ଥା କରାଯାଇନାହିଁ। ଏ ସମ୍ପର୍କରେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସୁନନ୍ଦନ ମହାନ୍ତିଙ୍କୁ ପଚାରିବାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଗଲାଣି। କିନ୍ତୁ ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଧରି କିଏ ଡେପୁଟେଶନରେ ତ ଆଉ କିଏ ଅନ୍ୟତ୍ର ବଦଳି ହୋଇଯାଉଛନ୍ତି ବୋଲି କହିଛନ୍ତି। କେଉଁ କାରଣରୁ ୩ ମାସ ମଧ୍ୟରେ ୪ ଜଣ ଡାକ୍ତର ଏଠାରୁ ବଦଳି ହୋଇଗଲେଣି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଫାର୍ମାସିଷ୍ଟଙ୍କ ଯୋଗଦାନକୁ ବିରୋଧ

# ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଟାୟାର ଜାଳି ପ୍ରତିବାଦ



ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଲୋକେ ଟାୟାର ଜାଳି ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।

**ନାଉଗାଁ,୧୧।୭(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଡେରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ଲାଗି ରହିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଫାର୍ମାସିଷ୍ଟଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ବୁଧବାର ସମ୍ପୃକ୍ତ ଫାର୍ମାସିଷ୍ଟ ଏଠାରେ କାର୍ଯ୍ୟରେ ଯୋଗଦେବା ପରେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଟାୟାର ଜାଳି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ୭ ଦିନ ମଧ୍ୟରେ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ ଏଠାରୁ ବଦଳି କରା ନ ଗଲେ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଅନଶନ କରାଯିବ ବୋଲି ସେମାନେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବାବେଳେ ଜଣେ ଫାର୍ମାସିଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। କିଛିଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜଣେ ଫାର୍ମାସିଷ୍ଟ ନିଶାସକ୍ତ ଅବସ୍ଥାରେ ଶୋଇରହିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ପରେ ତାଙ୍କୁ ସେଠାରୁ ବଦଳି କରାଯାଇ ଏଠାକୁ ପଠାଯାଇଛି। ତେଣୁ ସ୍ଥାନୀୟ ବାସିନ୍ଦା ମଙ୍ଗୁଳି ଚରଣ ବେହେରା, ମହାଦେବ ବିଶ୍ୱାଳ, ଭରତ ଜେନା, ମନୋଜ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ଜେନା ପ୍ରମୁଖ ଏନେଇ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ନାଉଗାଁ ଥାନା ଅଧିକାରୀ, ଜଗତ୍ସିଂହପୁର ବିଧାୟକ ଓ ନାଉଗାଁ ଅଗ୍ନିଶମ ସେବା ସଂସ୍ଥାକୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଜୟ ବୈଠାରୁ କହିଛନ୍ତି ଯେ, ଜିଲାପାଳଙ୍କ ସହ ଆଲୋଚନା କରାଯାଇ ନୂତନ ଭାବେ ଯୋଗଦେଇଥିବା ଫାର୍ମାସିଷ୍ଟଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। କିନ୍ତୁ ଡେରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ କର୍ମଚାରୀ ଆବଶ୍ୟକ ଥିବାରୁ ତାଙ୍କୁ ସେଠାରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ, ୧୫ ଦିନ ଅନୁଧ୍ୟାନ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ଦେବା ପରେ ଯାହା ପଦକ୍ଷେପ ନିଆଯିବ।

## ଜନସଂଖ୍ୟା ସ୍ଥିରୀକରଣ ପକ୍ଷ ପାଳନ

# ବାହାରିଲା ସଚେତନତା ରଥ




ଜନସଂଖ୍ୟା ସ୍ଥିରୀକରଣ ପକ୍ଷ ପାଳନ ଅବସରରେ ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

**ରଘୁନାଥପୁର, ୧୧।୭ (ଡି.ଏନ.ଏ.)**

ଜାତୀୟ ସ୍ୱାସ୍ଥ୍ୟମିଶନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରୀକରଣ ପକ୍ଷ ପାଳନ ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ଗୁରୁବାର ହୋଇଯାଇଛି। ଏହାଛଡା ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ପିଏଚଇଓ ରାନୁ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଚେତନତା ଧର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁକାନ୍ତ କୁମାର ଦଳାଇ ଅତିଥି ଭାବେ ଉପସ୍ଥିତ ହୋଇ ଜନସଂଖ୍ୟା ସ୍ଥିରୀକରଣ ପକ୍ଷ ପାଳନର ଉଦ୍ଦେଶ୍ୟ ଓ ଗୁରୁତ୍ୱକୁ ଉପଲବ୍ଧ କରି ସମସ୍ତ ମେଡିକାଲ ଷ୍ଟାଫ, ଜନସାଧାରଣଙ୍କ ମନରେ ସଚେତନତାର ମଞ୍ଜି ବୁଣିପାରିଲେ ଏହା ସଫଳ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ପରିବାର ନିୟୋଜନ ଏକ ମାନସିକ ଅଧିକାର। ପ୍ରତ୍ୟେକ ଦମ୍ପତି ଗର୍ଭ ନିରୋଧକ ପଦ୍ଧତି ଆପଣାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ବିଭିନ୍ନ ପ୍ରକାର ପରିବାର ନିୟୋଜନ ସେବା ସମ୍ପର୍କରେ ପ୍ରଥମେ ଅବଗତ ହେବା ଜରୁରୀ ଅଟେ। ଅନ୍ତରା, ଛାୟା ଭଳି ଇଞ୍ଜେକସନ ଓ ଔଷଧ ବ୍ୟବହାର କରିବା ସହ ପ୍ରସବ ପରବର୍ତ୍ତୀ ଆଇୟୁସିଡି, ମହିଳା ଓ ପୁରୁଷ ବନ୍ଧ୍ୟାକରଣ ଭଳି ସ୍ଥାୟୀ ପଦ୍ଧତି କରାଇବା ସମ୍ପର୍କରେ ପିଏଚଇଓ ମହାପାତ୍ର ପରାମର୍ଶ ରଖିଥିଲେ। ଆଶା ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ସୂଚନା ସଂଗ୍ରହ, ପ୍ରଥମ ସନ୍ତାନର ୩ ବର୍ଷ ପରେ ଦ୍ୱିତୀୟ ନିଷ୍ପତ୍ତି ଓ ସର୍ବପରେ ପ୍ରତ୍ୟେକ ଦମ୍ପତି ଦାୟିତ୍ୱର ସହ ନିଜ ସନ୍ତାନଙ୍କୁ ଗଢି ତୋଳିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଡା. ପ୍ରଭାସ କୁମାର ତ୍ରିପାଠୀଙ୍କ ସମେତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଦଳାଇ ପତାକା ଦେଖାଇ ସଚେତନତା ରଥ ପରିଭ୍ରମଣର ଶୁଭାରମ୍ଭ କରିଥିଲେ।

### ବାଇକ ମୁହାଁମୁହିଁ, ୩ ଗୁରୁତର

**ନାଉଗାଁ,୧୧।୭(ସ୍ୱ.ପ୍ର)**

ନାଉଗାଁ ବ୍ଲକ ଶିଖରଘାଟ ପୋଲ ଉପରେ ଗୁରୁବାର ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଓଷକଣା ପଞ୍ଚାୟତ ଭଟଣା ଗ୍ରାମର ସୁଶାନ୍ତ ଲେଙ୍କା, ତୁଷାର ଜେନା, ନିଲୁରାମ ନାୟକ ବାଇକ ଯୋଗେ ଶିଖରଘାଟରୁ କାକାଟପୁର ଆଡକୁ ଯାଉଥିଲେ। ଶିଖରଘାଟ ପୋଲ ଉପରକୁ ଉଠିବାବେଳେ ସେମାନେ ଅପରପାର୍ଶ୍ୱରୁ ଆସୁଥିବା ଅସ୍ତରଙ୍ଗ ବ୍ଲକ ବାଲିଡିହ ଗ୍ରାମର ଈଶ୍ୱର ବେହେରାଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ୪ଜଣ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପ୍ରଥମେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ୩ ଜଣଙ୍କୁ ଜଗତ୍ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଈଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଟ୍ରେନ୍‌ରେ କଟି ଯୁବକ ମୃତ

**କୁଜଙ୍ଗ,୧୧।୭(ସ୍ୱ.ପ୍ର.):** କଟକ-ପାରାଦୀପ ରେଳପଥରେ ଚଳନ୍ତା ଟ୍ରେନ୍‌ରେ କଟି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ବ୍ଲକ ଅରଖିଆ ଗ୍ରାମର ଉପନ ଦାଶଙ୍କ ପୁତ୍ର ତପନ କୁମାର ଦାସ(୨୭)। ଭୋର ସମୟରେ ରେଳଧାରଣା ନିକଟରେ ତାଙ୍କର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାରକୁ ଖବର ଦେଇଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ ଯୁବକଙ୍କ ମାନସିକ ଅବସ୍ଥା ଭଲ ନ ଥିଲା ବୋଲି କୁହାଯାଉଛି। ସେ ଅନେକ ସମୟରେ ମଠରେ ରହୁଥିଲେ। ମାନସିକ ସନ୍ତୁଳନ ହରାଇ ସେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହିଛନ୍ତି।






# ଷ୍ଟେଟ ବ୍ୟାଙ୍କ ଶାଖାରୁ ୪୦ଲକ୍ଷ ଲୁଟ୍

**ବସ୍ତା/ରୂପସା, ୧୧।୭(ଡି.ଏନ.ଏ.)**



ଜବତ ବୋମା ଓ କଟର ମେସିନ୍।

- କଲେଜ,ସ୍କୁଲ ୟୁନିଫର୍ମରେ ଆସିଥିଲେ ଦୁର୍ବୃତ୍ତ
- ୪ ବୋମା, କଟର ମେଶିନ ଜବତ
- ଲୁଟ୍ ପରେ ବାହାରୁ ତାଲା ପକାଇ ପଳାଇଲେ

ବାଲେଶ୍ୱର ସଦର ବ୍ଲକ ଅଧୀନ ଷ୍ଟେଟ ବ୍ୟାଙ୍କ, ଶ୍ରୀରାମପୁର ଶାଖାରୁ ଗୁରୁବାର ପୂର୍ବାହ୍ନରେ ଏକ ବଡ ଧରଣର ଲୁଟ୍ ଘଟଣା ଘଟିଛି। ହାଇସ୍କୁଲ ଶିକ୍ଷକ ଓ କଲେଜ ୟୁନିଫର୍ମ ପିନ୍ଧି ଦୁର୍ବୃତ୍ତମାନେ ବ୍ୟାଙ୍କ କର୍ମଚାରୀ,ଗ୍ରାହକଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ୪୦ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହାସହ ବ୍ୟାଙ୍କ ଅଧିକାରୀ ଓ ଗ୍ରାହକଙ୍କଠାରୁ ୨ଟି ମୋବାଇଲ୍ ମଧ ଲୁଟି ନେଇଛନ୍ତି। ଖବରପାଇ ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ୪ ବୋମା, ଗୋଟିଏ କଟର୍ ମେଶିନକୁ ପୋଲିସ ଜବତ କରିଛି।

ଗୁରୁବାର ପୂର୍ବାହ୍ନ ୧୧ଟା ୨୦। ଶ୍ରୀରାମପୁର ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଗ୍ରାହକଙ୍କ ଗହଳି ଲାଗି ରହିଥିଲା। ଏହି ସମୟରେ କଳା ଓ ଲାଲ୍ ରଙ୍ଗର ୨ଟି ପଲସରରେ ୬ଜଣ ଯୁବକ ବ୍ୟାଙ୍କ ନିକଟରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ କଲେଜ ୟୁନିଫର୍ମ (ନାଭି ବ୍ଲୁ ରଙ୍ଗର ପ୍ୟାଣ୍ଟ ଓ ଆକାଶୀ ରଙ୍ଗର ଶାର୍ଟ) ପିନ୍ଧି ଥିବାବେଳେ ଅନ୍ୟ ୩ ଜଣ ଶିକ୍ଷକଙ୍କ ୟୁନିଫର୍ମ (କଳା ପ୍ୟାଣ୍ଟ ଓ ଧଳା ଶାର୍ଟ) ପିନ୍ଧି ମୁହଁରେ ଧଳା ରୁମାଲ୍ ବାନ୍ଧି ବ୍ୟାଙ୍କ ଭିତରକୁ ପଶିଥିଲେ। ଏହାପରେ ସେମାନଙ୍କ ମଧ୍ୟରୁ ୨ଜଣ ପକେଟ୍‌ରୁ ବନ୍ଧୁକ ବାହାର କରିବା ସହ ଜଣେ ଗ୍ରାହକଙ୍କୁ ଗୋଟିଏ ରୁମ୍‌ରେ ଭର୍ତ୍ତି କରି ତାଙ୍କଠାରୁ ଟଙ୍କା ଓ ମୋବାଇଲ୍ ଲୁଟ୍ ନେଇ ଜଗି ରହିଥିଲେ। ଅନ୍ୟ ଜଣେ ବ୍ୟାଙ୍କ କର୍ମଚାରୀମାନଙ୍କୁ ଏକାଠି କରି ବ୍ୟାଙ୍କର ମଝିରେ ଅଟକ ରଖିଥିଲେ। ଅନ୍ୟ ୨ ଜଣ ମାରଣାସ୍ତ୍ର ସହ ବ୍ୟାଙ୍କ ମ୍ୟାନେଜର ଦାୟିତ୍ୱରେ ଥିବା ଫିଲ୍ଡ ଅଫିସର ଲିଙ୍ଗରାଜ ସାହୁଙ୍କୁ ଭୟଭୀତ କରାଇ ଷ୍ଟ୍ରଙ୍ଗ ରୁମ୍‌କୁ ନେଇ ଚାବି ଖୋଲିବାକୁ ଧମକ ଦେଇଥିଲେ। ସେ ଚାବି ଖୋଲିଦେବା ପରେ ଦୁର୍ବୃତ୍ତମାନେ ୩୦ଲକ୍ଷ ଟଙ୍କା ସିଧା ବ୍ୟାଗ୍‌ରେ ଭର୍ତ୍ତି କରିଥିଲେ। ଅନ୍ୟ ଜଣେ କ୍ୟାଶ୍ କାଉଣ୍ଟରରେ ଥିବା ଦିନମାନର ଡିପୋଜିଟ୍ ୧୦ଲକ୍ଷ ଟଙ୍କା କବ୍‌ଜା କରି ନେଇଥିଲେ। ଆଉ ଜଣେ ବ୍ୟାଙ୍କର ପ୍ରବେଶ ଫାଟକରେ ଛିଡ଼ା ହୋଇ ପରିସ୍ଥିତି ଉପରେ ନଜର ରଖିଥିଲେ। ମାତ୍ର ୨୦ ମିନିଟ୍ ମଧ୍ୟରେ ଦୁର୍ବୃତ୍ତମାନେ ଲୁଟପାଟ କରି ବ୍ୟାଙ୍କ ପ୍ରବେଶ ଫାଟକରେ ବାହାରପଟୁ ତାଲା ପକାଇ ବାଇକ୍ ଯୋଗେ ପଳାଇଥିଲେ। ବ୍ୟାଙ୍କ ଫିଲ୍ଡ ଅଫିସର୍ ଲିଙ୍ଗରାଜ ସାହୁ ତୁରନ୍ତ ଏ ନେଇ ବସ୍ତା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଫାଟକରେ ପଡ଼ିଥିବା ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ଭୟଭୀତ ଗ୍ରାହକ ଓ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏସ୍‌ପି ବି. ଯୁଗଳକିଶୋର କୁମାର, ସଦର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ବସ୍ତା ଏସ୍‌ଡିପିଓ ରଣଜିତ୍ ପୃଷ୍ଟି, ବସ୍ତା ଆଇଆଇସି ଧନେଶ୍ୱର ସାହୁ ଓ ରୂପସା ଓଆଇସି ସୁଚନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ରହି ଅନୁସନ୍ଧାନ ଜାରି ରଖିଛନ୍ତି।

ବ୍ୟାଙ୍କ କର୍ତ୍ତୃପକ୍ଷ ନିରାପତ୍ତା ପାଇଁ ବ୍ୟାଙ୍କରେ କେବଳ ସିସିଟିଭି ଲଗାଇଥିବା ବେଳେ କୌଣସି ସିକ୍ୟୁରିଟି ଗାର୍ଡ଼ ନିଯୁକ୍ତି ଦେଇ ନ ଥିଲେ। ଏହାର ସୁଯୋଗ ନେଇଥିଲେ ଦୁର୍ବୃତ୍ତମାନେ। ଏ ସମ୍ପର୍କରେ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ କହିଛନ୍ତି, ବ୍ୟାଙ୍କରେ ଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ କରାଯିବ। ଏବେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରି ଯାଞ୍ଚ କରାଯାଉଛି। ଖୁବଶୀଘ୍ର ଅପରାଧୀ ଧରାପଡ଼ିବେ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

-ଲାମାର୍ଟିନ

## ସଂକ୍ଷେପରେ

### ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ବ୍ରହ୍ମାନନ୍ଦ



**ପୁରୀ ଅଫିସ, ୧୧।୭:** ଘୋଷଯାତ୍ରା ଏବଂ ବାହୁଡ଼ାଯାତ୍ରା ସମୟରେ ଅନେକ ସାମାଜିକ ଅନୁଷ୍ଠାନ ସଚେତନତା ବାର୍ତ୍ତା ପ୍ରଦାନ କରିଥାନ୍ତି। ଶରଧାବାଲିରେ ଗୁରୁବାର ପରିବେଶ ଓ ଘରଚଟିଆର ସୁରକ୍ଷା ବାର୍ତ୍ତା ଦେଇଥିଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରୁ ଆସିଥିବା ଏ. ବ୍ରହ୍ମାନନ୍ଦ ଆଚାରୀ। ବାତ୍ୟା ଫନୀରେ ପୁରୀ ସହର ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି। ଜିଲାରେ ବହୁ ଗଛ ଭାଙ୍ଗିପଡ଼ିଛି। ଜୀବଜଗତ ସନ୍ତୁଳନ ଲାଗି ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ରୋପଣ ଲାଗି ସେ ସଚେତନତା ସୃଷ୍ଟି କରିଛନ୍ତି। ଏଥିସହିତ ଘର ଚଟିଆର ସୁରକ୍ଷା ଲାଗି ଆହ୍ୱାନ ଦେଇଛନ୍ତି। ବ୍ରହ୍ମାନନ୍ଦ କହିଛନ୍ତି, ଘରଚଟିଆ ହେଉଛି ପ୍ରକୃତିର ବନ୍ଧୁ। ଏଗୁଡ଼ିକ ଦିନକୁ ଦିନ ଲୋପ ପାଇଯିବାକୁ ବସିଲେଣି। ଏହାର ସୁରକ୍ଷା ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ। ସେହିପରି ସେ ବାଳିକା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେମାନଙ୍କ ଉପରେ ବଢ଼ି ଚାଲିଥିବା ନିର୍ଯାତନାକୁ ରୋକିବା ଲାଗି ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି। ବାଳିକାମାନଙ୍କୁ ନିର୍ଯାତନା ନୁହଁ ବରଂ ସେମାନଙ୍କୁ ଫୁଲ ପରି ଫୁଟିବାକୁ ଦିଆଯିବା ଉଚିତ ବୋଲି ସେ କହିଛନ୍ତି। ବ୍ରହ୍ମାନନ୍ଦ ପୁରୀରେ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରି ଆସୁଛନ୍ତି। ଗତ ୫ବର୍ଷ ଧରି ସେ ପରିବେଶ ସୁରକ୍ଷା ଓ ପଲିଥିନମୁକ୍ତ ଭାରତ ଲାଗି ଭକ୍ତଙ୍କୁ ସଚେତନ କରୁଛନ୍ତି। ପଲ୍ଲିଶ୍ରୀ ମେଳାରେ ଚାରାଟିଏ ରୋପଣ କରିବାକୁ ନିଜକୁ ଗଛବେଶରେ ସଜାଇ ଶ୍ରୀକ୍ଷେତ୍ରରେ ବୁଲୁଛନ୍ତି।

### ବିଶ୍ୱକୁ ଆକର୍ଷିତ କରୁଛି ଶ୍ରୀଜଗନ୍ନାଥ ସଂସ୍କୃତି

**ପୁରୀ ଅଫିସ, ୧୧।୭ :** ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଚନ୍ଦନପୁର ଭାର୍ଗବୀ ବିହାରସ୍ଥିତ ଶ୍ରୀଜଗନ୍ନାଥ ଆଶ୍ରମ ପରିସରରେ ଶ୍ରୀଜଗନ୍ନାଥ ପର୍ଯ୍ୟଟନ ତୀର୍ଥ ପ୍ରକଳ୍ପ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ମନୋରଞ୍ଜନ ମିଶ୍ର ଅଧକ୍ଷତା କରିଥିବା ବେଳେ ପ୍ରଫେସର ଅଭିମନ୍ୟୁ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା ବିଶ୍ୱକୁ ମାର୍ଗଦର୍ଶନ କରୁଛି। ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଅବସରରେ ଆଡ଼ପ ଦର୍ଶନ ଭକ୍ତଙ୍କୁ ଅଶେଷ ପୁଣ୍ୟପ୍ରାପ୍ତି ଦେଇଥାଏ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କହିଲେ ଯେ, ଶ୍ରୀକ୍ଷେତ୍ର ସାରା ବିଶ୍ୱକୁ ଭାତୃତ୍ୱ ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରୁଛି। ଏହାର ସ୍ୱର୍ଣ୍ଣାଭ ବେଳାଭୂମି ଓ ମହାପ୍ରଭୁଙ୍କ ଦର୍ଶନ ନେଇ ଲକ୍ଷାଧିକ ଭକ୍ତଙ୍କ ସମାଗମ ଏଠାରେ ହୋଇଥାଏ। ନିକଟରେ କେନ୍ଦ୍ର ସରକାର ଦେଶର ବିଭିନ୍ନ ରାଜ୍ୟର ୧୪୭ଟି ପର୍ଯ୍ୟଟନ ପ୍ରକଳ୍ପକୁ ବିଶ୍ୱସ୍ତରୀୟ କରିବା ଲାଗି ଯୋଜନା କରିଥିବା ବେଳେ ଏଥିରୁ ପୁରୀକୁ ସାମିଲ କରାଯାଇନାହିଁ। ଶ୍ରୀକ୍ଷେତ୍ର ହେଉଛି ବିଶ୍ୱର ଆଧାତ୍ମିକ ଜ୍ଞାନକେନ୍ଦ୍ର। ଏହାର ଐତିହ୍ୟ ସଂସ୍କୃତି ବିକାଶ ଲାଗି ରାଜ୍ୟ ସରକାର ଯତ୍ନବାନ ହେବା ଆବଶ୍ୟକ। ଏହି ଆଲୋଚନାଚକ୍ରରେ ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର, ହରେକୃଷ୍ଣ ପ୍ରଧାନୀ, ବାବା ଡ. ନାରାୟଣ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବହୁ ଜଗନ୍ନାଥ ପ୍ରେମୀ, ଗବେଷକ ଉପସ୍ଥିତ ଥିଲେ।

■ ବାଟବଣା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ୨ ମାସ ହେଲା ବନ୍ଦ ରହିଛି କାର୍ଯ୍ୟାଳୟ

**ନୟାଗଡ଼ ଅଫିସ,୧୧।୭**

ନୟାଗଡ଼ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବାଟବଣା ହୋଇପଡ଼ିଥିବା ଅଭିଯୋଗ ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭକରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ଥିବା କାର୍ଯ୍ୟାଳୟରେ ତାଲା ପଡ଼ିଛି। ଏ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ( ଆର୍‌ଏସ୍‌ବିୱାଇ) ପକ୍ଷରୁ ସରକାରୀ ମେଡ଼ିକାଲ୍ ପରିସରରେ ଏକ କାର୍ଯ୍ୟାଳୟ ଖୋଲାଯାଇ ସେଠାରେ ଡାଟା ଏଣ୍ଟ୍ରି ଅପରେଟର( ଡିଇଓ)ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏମାନେ ଆରଏସ୍‌ବିୱାଇ ଓ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ଥିବା ରୋଗୀମାନଙ୍କୁ ସହାୟତା କରିବା ପାଇଁ ନିଯୁକ୍ତ ହୋଇଥିଲେ। ପରେ ଅଗଷ୍ଟ ୧୫ଠାରୁ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ହେଲା। ନିଯୁକ୍ତ ପାଇଥିବା ଡିଇଓମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିଷୟରେ ବୁଝିଥିଲେ। ସ୍ୱାସ୍ଥ୍ୟ କାର୍ଡ଼ ଥିବା ରୋଗୀମାନେ ମେଡ଼ିକାଲ୍‌ରେ ଭର୍ତ୍ତି ହେବା ପରେ ମେଡ଼ିକାଲ ବାହାରୁ ମିଳୁଥିବା ରୋଗୀମାନଙ୍କ କାର୍ଡ଼ ଏଣ୍ଟ୍ରି କରାଯିବା ପରେ ରୋଗୀମାନେ ସେମାନଙ୍କ ପାଇଁ ଥିବା ସମସ୍ତ ପ୍ରାପ୍ୟ ପାଉଥିଲେ। ଆରଏସ୍‌ବିୱାଇ ବନ୍ଦ କରି କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା ଆରମ୍ଭ କଲେ। ହେଲେ ଓଡ଼ିଶାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହୋଇଥିବାରୁ ରାଜ୍ୟରେ ଏହାକୁ ଲାଗୁ କରାଗଲା ନାହିଁ। ଫଳରେ ଏହିଭଳି ଅବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ମେ ୨୪ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରଏସ୍‌ବିୱାଇ ଅନ୍ତର୍ଗତ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚାହିଁଲେ ରଖି ପାରିବେ ନ ହେଲେ ନାହିଁ ବୋଲି ଅର୍ଡ଼ର ଆସିଥିଲା। ଫଳରେ ୩୧ ମେରେ ଜିଲାରେ କାମ କରୁଥିବା ୧୪ ଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ସେମାନେ ହେଲେ ଜିଲାରେ ପ୍ରତି ବ୍ଲକରେ ଥିବା ଜଣେ ଜଣେ ଡିଇଓ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ୪ ଜଣ ଡିଇଓ, ଚାନ୍ଦପୁର ମେଡ଼ିକାଲ୍‌ରେ ଥିବା ଜଣେ ଡିଇଓ ଏବଂ ଜଣେ ଆଟେଣ୍ଡାଣ୍ଟ। ଏ ନେଇ ୧୪ ଜଣ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୨ ମାସ ହେଲାଣି ଉକ୍ତ କାର୍ଯ୍ୟାଳୟ ବନ୍ଦ ହୋଇ ପଡ଼ିଥିବା ଯୋଗୁଁ ଅଧିକାଂଶ ରୋଗୀଙ୍କୁ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଚିକିତ୍ସା ପାଇପାରିବେ। ସେହିଭଳି ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ମହିଳା ସଦସ୍ୟମାନଙ୍କ ପାଇଁ ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇପାରିବେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଆଦେଶ ଆସିବା ପରେ ଆମେ ଏହାକୁ ବନ୍ଦ କରିଦେଇଛୁ। ଆୟୁଷ୍ମାନ ଯୋଜନା ଚାଲୁ ହେଲେ ହୁଏତ ଏହା ଖୋଲାଯାଇପାରେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ଅଧିକାଂଶ ଜିଲାରେ ଏହି କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିବା ନେଇ ସେ ସୂଚନା ଦେଇଥିଲେ।




ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କାର୍ଯ୍ୟାଳୟ ବନ୍ଦ ରହିଛି ।

■ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ

■ ୧୪ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ



ଓଡ଼ଗାଁ କୁରାଳ ଦଧିବାମନଜୀଉଙ୍କ କୃଷ୍ଣ ବେଶ।

## ବ୍ଲକସ୍ତରୀୟ ଶିଳ୍ପ ସଚେତନତା ଶିବିର

**ଓଡ଼ଗାଁ,୧୧।୭(ସ୍ୱ.ପ୍ର.)**

ରାଜ୍ୟ ତଥା ଜାତୀୟ ସ୍ତରରେ ବେକାରି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଶିଳ୍ପୋଦ୍ୟୋଗୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ଏହାଦ୍ୱାରା ଯୁବପିଢ଼ି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟକୁ ମଧ୍ୟ ରୋଜଗାରକ୍ଷମ କରିବାରେ ସହାୟ ହୋଇପାରିବେ । ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନୟାଗଡ ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ କୋମଣ୍ଡସ୍ଥିତ ଆନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । କଲେଜର ଅଧ୍ୟାପକ ପୀତବାସ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ଜିଲା ଶିଳ୍ପ କେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ସୀତାରାମ ସାହୁ ମୁଖ୍ୟବକ୍ତା ଓ ସ୍କିଲ ଇଣ୍ଡିଆ ସଂଯୋଜକ ବୈଦ୍ୟନାଥ ସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିଳ୍ପୋଦ୍ୟୋଗୀମାନଙ୍କୁ ସରକାରଙ୍କ ତରଫରୁ ଯୋଗାଇଦିଆଯାଉଥିବା ବିଭିନ୍ନ ପ୍ରକଳ୍ପ ଏବଂ ତତ୍ ସଂକ୍ରାନ୍ତୀୟ ସରକାରୀ ପ୍ରୋତ୍ସାହନ ତଥା ତାଲିମ ନିମନ୍ତେ ଆବଶ୍ୟକ ପାଠ୍ୟଖସଡା ସମ୍ପର୍କରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବିଶଦ ବିବରଣୀ ପ୍ରଦାନ କରିଥିଲେ। କଲେଜର ସମସ୍ତ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ କେତେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିଳ୍ପୋଦ୍ୟୋଗୀ ହେବାର ଆଶା ଅଙ୍କୁରୋଦଗମ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଅଗରବତି ପ୍ରସ୍ତୁତ କରୁଥିବା କୋମଣ୍ଡର ସଫଳ ମହିଳା ଶିଳ୍ପୋଦ୍ୟୋଗୀ ଶୁଭଶ୍ରୀ ଆଳଟିଆଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଓଡ଼ଗାଁ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ରବୀନ୍ଦ୍ର କୁମାର ସୁବୁଦ୍ଧି ଶିବିର ପରିଚାଳନା କରିଥିଲେ ।



ନୟାଗଡ଼ ବ୍ଲକ ବାଉଁଶିଆପଡ଼ାସ୍ଥିତ ରାସବିହାର ମଠ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କୁ ସନ୍ଧ୍ୟା ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।

## ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସଚେତନତା

**ଖଣ୍ଡପଡ଼ା,୧୧।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କୃଷି ଅଧିକାରୀଙ୍କ ଆବାହକତ୍ୱରେ ଏହି ବ୍ଲକ ଅନ୍ତର୍ଗତ ବାଣପୁର ଓ ଘଣାଶାଳିଆ ଗ୍ରାମଠାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବାଣପୁର ସରପଞ୍ଚ ପ୍ରଦୀପ କୁମାର କର, ସମିତି ସଭ୍ୟ ସଦାନନ୍ଦ ପ୍ରଧାନ, ଭିଏଲ୍‌ଇ ଚନ୍ଦ୍ରମଣି ନାୟକ ଓ ଅର୍ଜୁନ ଗୁରୁ, କୃଷି ଅଧିକାରୀ ମିଲନ କୁମାର ସ୍ୱାଇଁ ଓ ବୀମା କମ୍ପାନୀ ଅଧିକାରୀମାନେ ସଭାରେ ଯୋଗଦେଇ କୃଷକଙ୍କ ଫସଲ ବୀମାଭୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ । ବିଶେଷତଃ କ୍ଷତିଗ୍ରସ୍ତ କୃଷକଙ୍କ ଆର୍ଥିକ ସହାୟତା ଉପରେ ଆଲୋଚନା ହୋଇଥିଲା।

## ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

**ନୟାଗଡ଼ ଅଫିସ,୧୧।୭**

ମଧ୍ୟପ୍ରଦେଶର ଜଣେ ଯୁବତୀଙ୍କୁ ରଣପୁର ଅଞ୍ଚଳର ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଛନ୍ତି। ଏ ନେଇ ସମ୍ପୃକ୍ତ ଅଣଓଡ଼ିଆ ଆଦିବାସୀ ଯୁବତୀ ରଣପୁର ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ମଧ୍ୟପ୍ରଦେଶ ଧନଗାଁ ଅଞ୍ଚଳର ୧୯ ବର୍ଷୀୟା ଆଦିବାସୀ ଯୁବତୀ ଛତିଶଗଡ଼ ରାଇପୁରର ଏକ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ଉକ୍ତ କମ୍ପାନୀରେ ନୟାଗଡ଼ ଜିଲା ରଣପୁର ଥାନା ବାସୁଦିଆ ଗାଁର ଜଣେ ଯୁବକ ମଧ୍ୟ କାମ କରୁଥିଲେ। ସେଠାରେ ୨ଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରାୟ ୨ ବର୍ଷ ଧରି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ୬ ମାସ ତଳେ ଗାଁକୁ ଯାଉଛି କହି ଯୁବକ ସେଠାରୁ ପଳାଇ ଆସିଥିଲେ। ଯୁବତୀ ଜଣଙ୍କ ତାଙ୍କ ଫେରିବା ବାଟକୁ ଚାହିଁ ବସି ରହିଥିଲେ ମଧ୍ୟ ଯୁବକ ଯାଇ ନ ଥିଲେ। ଫଳରେ ବାଧହୋଇ ଦୁଇ ଦିନ ତଳେ ଯୁବତୀ ଜଣଙ୍କ ଯୁବକଙ୍କ ଗ୍ରାମକୁ ଆସିଥିଲେ। ସେଠାରେ କେହି ନ ଥିବାରୁ ସେ ଗୁରୁବାର ରଣପୁର ଥାନାରେ ଅଭିଯୋଗ କରିଥିଲେ। ରଣପୁର ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି । ଏ ନେଇ ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ କୁହନ୍ତି ଯୁବତୀ ଜଣଙ୍କ ଅଭିଯୋଗ କଲା ପରେ ଆମେ ଗ୍ରାମକୁ ଯାଇ ତଦନ୍ତ କରିଛୁ। ଯୁବକଙ୍କ ପରିବାର ଛତିଶଗଡ଼ ରାଇପୁରରେ ରହୁଥିବା ଜଣାପଡ଼ିଛି। ସେହିଭଳି ଯୁବତୀଙ୍କୁ ନୟାଗଡ଼ ମହିଳା କାଉନ୍‌ସେଲିଂ କେନ୍ଦ୍ରରେ ରଖାଯାଇଥିବା ସେ ପ୍ରକାଶ କରିଥିଲେ।



ଅଭିଯୋଗ କରିଥିବା ଯୁବତୀ।

■ ମଧ୍ୟପ୍ରଦେଶର ଯୁବତୀଙ୍କୁ ବଳାତ୍କାର

■ ରଣପୁର ଯୁବକଙ୍କ ନାମରେ ଥାନାରେ ଅଭିଯୋଗ

## ହେଲ୍‌ପ ଡେସ୍କ ରୁମ୍‌ରେ ତାଲା: ରୋଗୀ ପାଉନାହାନ୍ତି ସେବା

**ଖୋର୍ଦ୍ଧା ଅଫିସ,୧୧।୭**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ହେଲପ୍ ଡେସ୍କ ରୁମ୍‌ରେ ସବୁବେଳେ ତାଲା ଝୁଲୁଛି। କୌଣସି ବିଭାଗ ବା ଡାକ୍ତରଙ୍କ ସମ୍ପର୍କରେ ଜାଣିବା ପାଇଁ ଲୋକ ଯାଇ ତାଲା ପଡିଥିବା ଦେଖି ଫେରୁଛନ୍ତି। ୨୦୧୭ ଡିସେମ୍ବର ୨୧ରେ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନର ଦେଢବର୍ଷ ବିତିଯାଇଥିଲେ ହେଁ ରୋଗୀ ସେବା ନ ପାଇବା ସଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


HLW CAB SERVICES PVT. LTD.
ପବିତ୍ର ବାହୁଡ଼ା ଯାତ୍ରାର ଶୁଭେଚ୍ଛା
ଆପଣଙ୍କର ୨ବର୍ଷର ଚାରିଚକିଆ ଯାନକୁ ଆମ ସହିତ ପଞ୍ଜୀକୃତ କରି ମାସିକ ₹40,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
ଆପଣଙ୍କର ବୈଧ Driving License ସହିତ ₹70,000/- ବିନିଯୋଗ କରି ଗାଡ଼ିର ମାଲିକ ହୁଅନ୍ତୁ ଓ ଆମ ସହିତ ବ୍ୟବସାୟରେ ଭାଗୀଦାରି ହୋଇ ମାସିକ ₹40,000/-ରୁ ₹50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
Franchisee Required for all over Odisha
HLW CAB www.hlwcab.com
For Details Contact:
7064773777, 9776622228, 9437123801

CLASSIFIED DISPLAY

Passport Seva
Consular, Passport & Visa Division
Ministry of External Affairs, Government of India
Passport Seva Service Excellence

Alert on Fake Websites related to Passport Services

It has come to the notice of the Ministry that many fraudulent websites and mobile applications are collecting data from applicants and also levying additional hefty charges for filling up the online application form and scheduling appointment for Passport and related services. Some of these **fake website** are registered in the domain name *.org, *.in, *.com such as **www.indiapassport.org, www.online-passportindia.com, www.passportindiaportal.in, www.passport-india.in, www.passport-seva.in, www.applypassport.org** and many other similar looking websites.

It is therefore advised to all citizens applying for Indian Passport and related services that they should NOT visit to the above mentioned fraudulent websites or make payment related to passport services. The official website of the Ministry of External Affairs, Government of India for applying Passport services is **www.passportindia.gov.in**.

Alternatively, applicants may also use the official mobile App **mPassport Seva** which can be downloaded from Android and iOS application stores.

*Sd./- Regional Passport Officer Bhubaneswar*

See Career Appointment on every Wednesday & Saturday



OFFICE OF THE PRINCIPAL
RAYAGADA AUTONOMOUS COLLEGE
RAYAGADA
Adv. No. 1037/RAC/2019 Date: 10.07.2019
WALK-IN-INTERVIEW
FOR LECTURERS (GUEST FACULTY)

| Sl. No. | Subjects | No. of Vacancies |
|---|---|---|
| 1. | Odia | 04 |
| 2. | Commerce | 04 |
| 3. | History | 03 |
| 4. | English | 02 |
| 5. | Hindi | 01 |
| 6. | Pol. Science | 01 |
| 7. | Mathematics | 01 |
| 8. | Botany | 01 |
| 9. | Zoology | 01 |

**Qualification:** Master's Degree with atleast 55% of marks in the subject concerned from a recognized university. M.Phil and Ph.D holders shall be given weightage.
**Age Limit:** Upper Age limit 42 years as on 21.07.2019. Relaxation of 5 years for SC/ST/SEBC/WOMEN/ Ex-Servicemen & 10 years for PWD with a disability of 40% or more
Engagement shall be purely temporary.
**Schedule:** Date of Interview- 21.07.2019 (Sunday)
Registration- 9.00AM to 10.30AM (21.07.2019)
Venue- Rayagada Autonomous College, Rayagada
**Documents Required:** All relevant original certificates alongwith a set of photocopies of the certificates.
No TA & DA shall be paid.
*Sd./- PRINCIPAL*
*Rayagada Autonomous College, Rayagada*



ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT *
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR Baramunda 9777806331 | BHUBANESWAR Saheed Nagar 6371045707 | BHUBANESWAR Jaydev Vihar 6372287878 | CUTTACK Link Road 7381770531 | KORAPUT In front of S.L.N Hospital 6372307123

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ସବୁ ଔଷଧ ଦୋକାନରେ ଉପଲବ୍ଧ
ଆୟୁର୍ବେଦିକ ଔଷଧ
କ୍ୟାପ୍‌ସୁଲ, ଟ୍ୟାବ୍‌ଲେଟ୍ ଓ ଅଏଣ୍ଟମେଣ୍ଟ
Erotic Capsule
Erotic Ointment
Vigo-X Tablet
*Cond. App.
WANTED Distributer & Stockist
Please Call Between 10.30am to 5pm
033-25649070



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି,
ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
- ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର



**ଦଶପଲ୍ଲା,୧୧।୭ (ଡି.ଏନ.ଏ.):** ଜଙ୍ଗଲକୁ ବାଉଁଶ କାଟିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଟାକରା ଗୋପାଳପୁର ଗ୍ରାମର ମନୋଜ ନାୟକ(୨୭)। ସେ ଗୁରୁବାର ନିକଟସ୍ଥ ଜଙ୍ଗଲକୁ ବାଉଁଶ କାଟିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ କରିଥିଲା। ତାଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନୟାଗଡ ସ୍ଥାନାନ୍ତର କରାଯାଇଛି।

### କହ୍ନେଇପୁର ଗାଁରେ ବୋମା ଫୁଟିବା ଘଟଣା
### ସମାଧାନ ନିମନ୍ତେ ଶାନ୍ତି କମିଟି ବୈଠକ ନେଇ ଦ୍ୱନ୍ଦ୍ୱ

**କୃଷ୍ଣପ୍ରସାଦ,୧୧।୭(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କହ୍ନେଇପୁର ଗାଁରେ ୨ଗୋଷ୍ଠୀ ବିବାଦ ଯୋଗୁ ଗତ ସୋମବାର ଗଣ୍ଡଗୋଳ, ବୋମାମାଡ଼ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୧୧ଜଣ ଆହତ ହୋଇଥିଲେ। ଏହି ବିବାଦ ଗାଁରେ ଦୀର୍ଘବର୍ଷ ଧରି ଲାଗି ରହିଥିବାରୁ ଅନେକ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏଭଳି ପରିସ୍ଥିତିରେ ନିକଟସ୍ଥ ଅନ୍ୟ ଗ୍ରାମର କେତେଜଣ ଶାନ୍ତି କମିଟି ବୈଠକ ଦ୍ୱାରା ସମାଧାନ କରିବାକୁ ଯେଉଁ ଉଦ୍ୟମ କରିଥିଲେ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟିହୋଇଛି। ଶାନ୍ତି କମିଟି ମାଧମରେ ପରିସ୍ଥିତିରେ ସୁଧାର ଆଣିବାକୁ ଆସନ୍ତା ୧୫ ତାରିଖରେ ବୈଠକ ଅନୁଷ୍ଠିତ ହେବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଉଭୟ ଗୋଷ୍ଠୀ ମଧରେ ମତାନ୍ତର ଯୋଗୁ ଏହି ବୈଠକ ଓ ଏହାର ସମୟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟିହୋଇଛି। ଏହାଦ୍ୱାରା ସମାଧାନର ଆଶା ମଉଳିଯିବା ସହ ଗ୍ରାମରେ ଅଶାନ୍ତ ପରିସ୍ଥିତି ଜାରି ରହିଛି। ଏ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ ହୋଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଖାଲିପଡ଼ିଛି ଏଡିଏମ୍‌ଓ (ମେଡିକାଲ) ପଦବୀ

**ଖୋର୍ଦ୍ଧା ଅଫିସ,୧୧। ୭:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ର ଏଡିଏମ୍‌ଓ (ମେଡିକାଲ) ପଦବୀ ଖାଲି ପଡିଛି। ସେହିପରି ସିଡିଏମ୍‌ଓ ଅଫିସର ମ୍ୟାଲେରିଆ ଅଫିସର ଓ ଏଡିଏମ୍‌ଓ(ପରିବାର ନିୟନ୍ତ୍ରଣ) ଅନୁରୂପ ଭାବେ ଖାଲି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୫ଟି ପୋଷ୍ଟ ସ୍ଥାନରେ ୩୨ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ୧୧ ଜଣ ଡାକ୍ତର ଡେପୁଟେଶନରେ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବାବେଳେ କାର୍ଯ୍ୟରତ ଅଧିକାଂଶ ଡାକ୍ତର ଓ କର୍ମଚାରୀ ଡ୍ୟୁଟି ଛାଡି ବୁଲାବୁଲି ଓ ବେସର କାରୀ କ୍ଲିନିକ୍ ପାଇଁ ସମୟ ଦେଉଥିବା ଅଭିଯୋଗ ହେଉଛି। ରାଜ୍ୟରେ ଖୋର୍ଦ୍ଧା ଜିଲା ୧ ନଂ. ବୋଲି କୁହାଯାଉଥିଲେ ହେଁ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି।

# ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା

- ଅନ୍‌ଲାଇନ୍‌ରେ ପ୍ରମାଣପତ୍ର ଦେବାରେ ବିଳମ୍ବ
- ପଟ୍ଟା ପ୍ରଦାନରେ ଲାଞ୍ଚ ଅଭିଯୋଗ
- ଜମିଜମା କେସ୍‌ର ହେଉନି ସମାଧାନ
- ଜିଲା ପ୍ରଶାସନ, ବିଧାୟକଙ୍କ ପଦକ୍ଷେପ ଦାବି

**ଖଣ୍ଡପଡ଼ା,୧୧।୭(ସ୍ୱ.ପ୍ର.)**

କର୍ମଚାରୀଙ୍କ ସ୍ୱେଚ୍ଛାଚାର ଯୋଗୁ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ଏବେ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ସାଧାରଣରେ ଅଭିଯୋଗ ହେଉଛି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ପୂର୍ବରୁ ଖଣ୍ଡପଡା ଓ ଭାପୁର ଗୋଟିଏ ତହସିଲ ଅଧୀନରେ ଥିବାବେଳେ ଜଣେ ତହସିଲଦାର ସମସ୍ତ କାର୍ଯ୍ୟର ସୂଚାରୁ ପରିଚାଳନା କରୁଥିଲେ। ବର୍ତ୍ତମାନ ୨ ଜଣ ତହସିଲଦାର ଥିବାବେଳେ ଏଭଳି ଅବ୍ୟବସ୍ଥା କିପରି ହେଉଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହେଉଛି। ଯେତେବେଳେ ତହସିଲର ସମସ୍ତ କାର୍ଯ୍ୟ ଅଫ୍‌ଲାଇନରେ ହେଉଥିଲା, ଆବେଦନକାରୀ ସ୍ୱଳ୍ପ ଖର୍ଚ୍ଚରେ ମାତ୍ର ୨ଦିନ ମଧ୍ୟରେ ବିଭିନ୍ନ ପ୍ରମାଣପତ୍ର ପାଉଥିଲେ। ମାତ୍ର ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟ ଅଧିକ ବିଳମ୍ବ ହେଉଥିବା ଲୋକେ କହୁଛନ୍ତି। ସୂଚନାଯୋଗ୍ୟ, ଛାତ୍ରୀଛାତ୍ରମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ନାମଲେଖା ଆରମ୍ଭ ହୋଇଗଲାଣି। କିନ୍ତୁ ଏଠାରେ ଠିକ୍ ସମୟରେ ଆବାସିକ, ଜାତି ଓ ଆୟ ପ୍ରମାଣପତ୍ର ତହସିଲ କାର୍ଯ୍ୟାଳୟରୁ ମିଳୁ ନ ଥିବା ଅଭିଯୋଗ ହେଉଛି । ରାଜସ୍ୱ ନିରୀକ୍ଷକମାନେ ଯଥା ସମୟରେ ପିଲାମାନଙ୍କ ରିପୋର୍ଟ ଦେଉ ନ ଥିବା ଓ ତହସିଲ କର୍ତ୍ତୃପକ୍ଷ ବିଭିନ୍ନ କାରଣରୁ ପ୍ରମାଣପତ୍ର ଦେବାରେ ବିଳମ୍ବ କରୁଥିବା କୁହାଯାଉଛି। ଅପରପକ୍ଷରେ ଖଣ୍ଡପଡ଼ା ତହସିଲର ଅଭିଲେଖାଗାର (ରେକର୍ଡ ରୁମ୍)ରେ ୨୦୧୫ ପୂର୍ବରୁ ଜମିଜମା କେସ୍ ଘଟଣାରେ ପଟ୍ଟା ନ ହୋଇ ଦରଖାସ୍ତଗୁଡ଼ିକ ସେମିତି ପଡିରହିଛି। ସେବା ଆଇନ୍ ଓ ମ୍ୟୁଟେଶନ ଆଇନ ଅନୁସାରେ ୩ ମାସ ମଧ୍ୟରେ ରେକର୍ଡ ସଂଶୋଧନ ହେବା କଥା। ଏ କ୍ଷେତ୍ରରେ ମଧ୍ୟ ମୋଟା ଅଙ୍କର ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ରାଜସ୍ୱ ନିରୀକ୍ଷକ ରେକର୍ଡ ସଂଶୋଧନ ପାଇଁ ରିପୋର୍ଟ ଦେଇଦେବା ପରେ ଅଭିଲେଖାଗାରରେ ଅଯଥାରେ କେସ୍‌ଗୁଡ଼ିକୁ ପକାଇ ରଖିବା ନେଇ ଅସନ୍ତୋଷ ଦେଖାଦେଇଛି। କିଛି ମ୍ୟୁଟେଶନ, ଓଏଲ୍‌ଆର କେସ୍ ସଂଶୋଧନ ହୋଇଥିବାବେଳେ ତାହାର ପଟ୍ଟା କିମ୍ବା ନକଲ ମଧ୍ୟ ମିଳୁନି। ପଟ୍ଟା ପ୍ରଦାନ କରିବାରେ ଅନ୍ ଲାଇନ୍‌ରେ ସମସ୍ୟା ଦେଖାଦେଲେ ଅଫ୍ ଲାଇନ୍‌ରେ ଦେବା ପାଇଁ ଲୋକେ ଦାବି କରୁଛନ୍ତି। ଓଏଲ୍‌ଆର୍ ଓ ମ୍ୟୁଟେଶନ ପଟ୍ଟା ପାଇଁ ବହୁତ ରସିଦ୍ କଟାଯାଇ ପଡିରହିଥିବାବେଳେ ଏହା ମିଳୁ ନ ଥିବାରୁ ଜମିବିକ୍ରି ଓ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ପୁରୁଣା କେସ୍‌ର ନକଲ ମାଗିଲେ ଦିଆଯାଉନି। ଜମିଜମା ମାପ ଚିହ୍ନଟ ପାଇଁ ପ୍ରାୟ ୩ରୁ ୫ ହଜାର ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଏହି କାର୍ଯ୍ୟାଳୟରେ ୧୦୭ ଓ ୧୪୪ କେସ୍ ଏକ ପ୍ରହସନ ପାଲଟିଥିବା ଅଭିଯୋଗ ହେଉଛି । ତହସିଲ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ଜବରଦଖଲ ମାମଲା ମଧ୍ୟ ପଡିରହିଛି । ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଭୂମିହୀନ/ ବାସହୀନ ବ୍ୟକ୍ତି ଜବରଦଖଲ କରି ପୁରୁଷାନୁକ୍ରମେ ସରକାରୀ ଜମିରେ ବସବାସ କରୁଛନ୍ତି। ସେମାନଙ୍କର ୧୦ ଷ୍ଟାଣ୍ଡାର୍ଡରୁ ଊର୍ଦ୍ଧ୍ୱ ଜାଗା ନ ଥିବାବେଳେ ସରକାରଙ୍କ ତରଫରୁ ରେକର୍ଡ ସଂଶୋଧନ କରି ପଟ୍ଟା ଦେବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ତହସିଲ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏଥିରେ ଦୁର୍ନୀତି, ଅନିୟମିତତା ଦେଖାଦେଇଛି। ତେବେ ଏ ଦିଗରେ ଜିଲା ପ୍ରଶାସନ, ରାଜସ୍ୱ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବା ସହ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି । ଖଣ୍ଡପଡ଼ା ତହସିଲଦାର ପାର୍ଥସାରଥି ହାଁସଦାଙ୍କୁ ଏ ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ପ୍ରତ୍ୟହ ଶତାଧିକ ସଂଖ୍ୟାରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବେଦନ କରିବାର ଦିନେ ୨ ଦିନ ମଧ୍ୟରେ ପ୍ରମାଣପତ୍ର ପ୍ରଦାନ କରାଯାଉଛି । ପୂର୍ବରୁ ପ୍ରଚଳିତ ଅଫ୍‌ଲାଇନ ବ୍ୟବସ୍ଥାରେ ପଟ୍ଟା ପ୍ରସ୍ତୁତ ହୋଇଥିବାବେଳେ ନୂତନ ନିୟମାନୁସାରେ ସେ ସବୁ ପଟ୍ଟା କିନ୍ତୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଲାଗୁ ହୋଇ ନ ପାରେ। ତେଣୁ ସମସ୍ତ ରେକର୍ଡ, ପଟ୍ଟା ଇତ୍ୟାଦି ଅନ୍‌ଲାଇନରେ ପ୍ରଦାନ କରିବାକୁ ପଡିବ। ମାତ୍ର ଏଥିରେ ଇଣ୍ଟରନେଟ୍ ନେଟୱାର୍କ ବାଧକ ସାଜିଛି। ତେଣୁ ଯଥାସାଧ୍ୟ ଉକ୍ତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ତହସିଲଦାର କହିଥିଲେ। ଅନେକ ସମୟରେ ଇଣ୍ଟରନେଟ୍ ସମସ୍ୟା ଯୋଗୁ କାର୍ଯ୍ୟ ସମ୍ପାଦନରେ ସମସ୍ୟା ସୃଷ୍ଟି ହେଉଥିବା ହାଁସଦା ପ୍ରକାଶ କରିଥିଲେ ।

### ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୧୧।୭**

ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ ଓ ନୟାଗଡ଼ ଶାଖାର ସ୍ଥାପନ ଦିବସ ଗୁରୁବାର ସ୍ଥାନୀୟ ମୈତ୍ରୀ ସଭାଗୃହରେ ପାଳିତ ହୋଇଯାଇଛି । ଶାଖା ଅଧ୍ୟକ୍ଷ ବିଦ୍ୟାଧର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ରାଷ୍ଟ୍ରୀୟ ସଚିବ ଗୀତ୍ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତ ବିକାଶ ପରିଷଦର ବହୁମୁଖୀ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଅଗାମୀ ଦିନରେ ପରିଷଦ ପକ୍ଷରୁ ପୋଷ୍ୟଗ୍ରାମ, ରକ୍ତଦାନ ଶିବିର, ବୃକ୍ଷରୋପଣ ଭଳି କାର୍ଯ୍ୟମାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଶ୍ରୀଧର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୋହମ୍ ସଂଗଠନର ସମ୍ପାଦକ କାମାକ୍ଷାପ୍ରସାଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଚିବ ପ୍ରଦୀପ କୁମାର ସାହୁ ବିବରଣୀ ପାଠ କରିଥିବା ବେଳେ ପ୍ରାଣକୃଷ୍ଣ ଆଚାର୍ଯ୍ୟ, ଦୁର୍ଯ୍ୟୋଧନ ସାହୁ, ପ୍ରଫୁଲ୍ଲ ନାୟକ, ହରେକୃଷ୍ଣ ସାହୁ, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଦସ୍ୟା ସୌଦାମିନୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଶୋକ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ରାସ୍ତା ଉପରେ ଲହଡ଼ି ମାରୁଛି ବର୍ଷାପାଣି

**ଖଣ୍ଡପଡ଼ା,୧୧।୭(ସ୍ୱ.ପ୍ର.)**

କଣ୍ଟିଲୋ ମେଡିକାଲ ଛକଠାରୁ ଯାତ୍ରାପଦା ବଜାର ମଧ୍ୟରେ ଥିବା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଗାନ୍ଧୀପାର୍କ ନିକଟରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଲହଡି ମାରୁଥିବା ପରିଲକ୍ଷିତ ହେଉଛି। ଫଳରେ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲାର ବାଘମାରୀଠାରୁ କଣ୍ଟିଲୋ ଦେଇ ଦଶପଲ୍ଲାକୁ ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗ କରୁଛି। ପ୍ରଥମ ପର୍ଯ୍ୟାୟରେ ପୂର୍ତ୍ତ ବିଭାଗ ପକ୍ଷରୁ ରାକମା–ବାଣପୁର ପ୍ରାୟ ୧୩ କି.ମି. ରାସ୍ତାର ନବୀକରଣ ଓ ସମ୍ପ୍ରସାରଣ ପାଇଁ ୨୪ କୋଟି ଟଙ୍କା ବ୍ୟୟ କରାଯାଇ କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରତ୍ୟହ ଏହି ରାସ୍ତାରେ କଟକ, ଭୁବନେଶ୍ୱର, ପୁରୀ ଆଦି ଅଞ୍ଚଳରୁ ଲୋକେ ଦଶପଲ୍ଲା, ସମ୍ବଲପୁର, ବଲାଙ୍ଗୀର, ଫୁଲବାଣୀ ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି । ଏହାଛଡା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରୀଛାତ୍ର ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ରାସ୍ତାଟିକୁ ଦୁଇ ଲେନ ଭାବରେ ସମ୍ପ୍ରସାରଣ କରାଯାଇ ୪୮ନଂ. ରାଜ୍ୟ ରାଜପଥ ଭାବରେ ସାମିଲ କରାଯାଇଛି । ଉକ୍ତ ଅନୁଦାନ ଅର୍ଥରେ ୧୨ମିଟର ଚଉଡ଼ା ବିଶିଷ୍ଟ ରାସ୍ତା ନିର୍ମାଣ କରାଯାଇଛି। ତେବେ କମେଇ ସେତୁଠାରୁ କଣ୍ଟିଲୋ ଗାନ୍ଧୀପାର୍କ ପର୍ଯ୍ୟନ୍ତ ରାସ୍ତାର କେତେକ ସ୍ଥାନରେ ନିର୍ମାଣ କାର୍ଯ୍ୟରେ ତ୍ରୁଟି ଦେଖିବାକୁ ମିଳିଛି । କଣ୍ଟିଲୋ ମେଡିକାଲ ଛକଠାରୁ ବଜାର ମଧ୍ୟରେ ଥିବା ଏୟାରଟେଲ ଟାୱାର ପାର୍ଶ୍ୱ ଉକ୍ତ ରାଜପଥର ସିମେଣ୍ଟ କଂକ୍ରିଟ ରାସ୍ତା ଭୂମି ପତ୍ତନଠାରୁ ପ୍ରାୟ ୧୦ଫୁଟ ଉଚ୍ଚରେ ରହିଛି। ଉକ୍ତ ରାସ୍ତା ଖାଲୁଆ ରହିଥିବାରୁ ସମ୍ପ୍ରତି ବର୍ଷା ସମୟରେ ବର୍ଷାପାଣି ରାସ୍ତା ଉପରେ ଜମିରହି ସମସ୍ୟା ସୃଷ୍ଟି କରୁଛି। ଅପରପକ୍ଷରେ ଗାନ୍ଧୀପାର୍କ ନିକଟ କଲେଜ ରାସ୍ତାଟି ଗ୍ରାମରାସ୍ତାଠାରୁ ନିଚାରେ ଥିବାରୁ ଏବଂ ଉଦ୍‌ବୃତ୍ତ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଗ୍ରାମ ଓ ପାହାଡରୁ ନିର୍ଗତ ବର୍ଷାଜଳ ରାସ୍ତା ଉପରେ ଲହଡି ମାରୁଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଯାନବାହନ ଓ ଭାରିଯାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଜମି ରହଥିବା ପାଣି ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା ନାହିଁ କିମ୍ବା ରାସ୍ତା ପତ୍ତନରେ ସମତୁଲ ନ ଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।



ରାସ୍ତା ଉପରେ ବର୍ଷା ପାଣି।

### ଚାରା ରୋପଣ କଲେ ପ୍ରଶାସନିକ ଅଧିକାରୀ

**ପୁରୀ ଅଫିସ, ୧୧।୭**

ବାତ୍ୟାରେ ପୁରୀ ଜିଲାରେ ଲକ୍ଷ ଲକ୍ଷ ଗଛ ଭାଙ୍ଗିଯାଇଛି। ତେଣୁ ଜିଲାରେ କିପରି ସବୁଜିମା ଫେରିପାଇବ ସେଥିଲାଗି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରା ରୋପଣ କରାଯାଉଛି। ବନ ବିଭାଗ ପକ୍ଷରୁ ମଧ୍ୟ ମାଗଣାରେ ଲୋକଙ୍କୁ ଚାରା ବଣ୍ଟନ କାର୍ଯ୍ୟ ଜାରି ରହିଛି। ମାଗଣାରେ ଚାରା ଦିଆଯାଉଥିଲେ ମଧ୍ୟ ସହରୀ ଲୋକେ ଏଥିପ୍ରତି ଏତେଟା ଆଗ୍ରହ ଦେଖାଉନାହାନ୍ତି। ତେଣୁ ଏଥିପ୍ରତି ଲୋକଙ୍କୁ ଅଧିକ ଉତ୍ସାହିତ କରିବା ଲାଗି ଗୁରୁବାର ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଚାରା ରୋପଣ କରିଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା ପ୍ରମୁଖ ପ୍ରଶାସନିକ ଅଧିକାରୀ ବିଭିନ୍ନ ପ୍ରକାର ଚାରା ଲଗାଇଛନ୍ତି। ଜିଲାପାଳ ସିଂ ନିଜେ କୋଦାଳରେ ମାଟି ଖୋଳି ଏହି ଚାରା ରୋପଣର ଶୁଭାରମ୍ଭ କରିବା ସହିତ ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ବାଡ଼ିବଗିଚାରେ ଚାରାଟିଏ ଲଗାଇବେ ଏବଂ ଅନ୍ୟକୁ ଏଥିପାଇଁ ପରାମର୍ଶ ଦେବେ ତେବେ ଖୁବଶୀଘ୍ର ଜିଲାରେ ସବୁଜିମା ଫେରିଆସିବ ବୋଲି କହିଥିଲେ ।

### ■ ଷ୍ଟ୍ରେଚର ମିଳିଲାନି, ଆସିଲେନି କର୍ମଚାରୀ
## ଅଧା ଜନ୍ମ ପିଲା ସହ ମା'ଙ୍କୁ ଦୁଇ ମହଲାକୁ ଟେକିନେଲେ ପରିବାର ଲୋକେ

**କଟକ ଅଫିସ, ୧୧।୭**

ପ୍ରସବ ଯନ୍ତ୍ରଣାରେ ଆମ୍ବୁଲାନ୍ସ ଭିତରେ ଛଟପଟ ହେଉଥାନ୍ତି ଜଣେ ମହିଳା। ଆମ୍ବୁଲାନ୍ସଟି ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ନିକଟରେ ପହଞ୍ଚିଥିଲା। ଆମ୍ବୁଲାନ୍ସ ଷ୍ଟ୍ରେଚରରେ ସମସ୍ୟା ଥାଏ। ଫଳରେ ପରିବାର ଲୋକେ ପ୍ରସୂତି ରୋଗ ବିଭାଗକୁ ଷ୍ଟ୍ରେଚର ପାଇଁ ଯାଇଥିଲେ। ହେଲେ ଉକ୍ତ ବିଭାଗରେ ଥିବା କର୍ମଚାରୀମାନେ ଷ୍ଟ୍ରେଚର ନାହିଁ ବୋଲି କହିଥିଲେ। ଫଳରେ ପରିବାର ଲୋକେ ସେମାନଙ୍କୁ ଟିକିଏ ରୋଗୀଙ୍କୁ ଧରି ଦୁଇ ମହଲାକୁ ଆଣିବା ପାଇଁ କାକୁତିମିନତି ହୋଇଥିଲେ। ମାତ୍ର କର୍ମଚାରୀମାନେ ଶୁଣି ନ ଥିଲେ। ଇତିମଧ୍ୟରେ ୧ ଘଣ୍ଟା ବିତି ଯାଇଥିଲା। ଆମ୍ବୁଲାନ୍ସ ଭିତରେ ପ୍ରସବ ଯନ୍ତ୍ରଣାରେ ମହିଳା ଜଣକ ବାଡେଇପିଟି ହେଉଥାନ୍ତି। ଶେଷରେ ପରିବାର ଲୋକେ ଆମ୍ବୁଲାନ୍ସରୁ ମହିଳାଙ୍କୁ କାଢିଲା ବେଳକୁ ତାଙ୍କ ଗର୍ଭରେ ଥିବା ଶିଶୁର ମୁଣ୍ଡଟି ବାହାରକୁ ବାହାରି ଆସିଥିଲା। ସେହିଭଳି ଅବସ୍ଥାରେ ମହିଳାଙ୍କୁ ଟେକିଟେକି ପରିବାର ଲୋକେ ଦୁଇ ମହଲାରେ ଥିବା ଲେବର ରୁମ୍ ପର୍ଯ୍ୟନ୍ତ ନେଇଥିଲେ। ଲେବର ରୁମ୍ ଦ୍ୱାର ପାଖରେ ଶିଶୁଟି ସମ୍ପୂର୍ଣ୍ଣ ଜନ୍ମ ନେଇଥିଲା। ଏହି ଘଟଣାକୁ ନେଇ ସମ୍ପୃକ୍ତ ମହିଳାଙ୍କ ପରିବାର ଓ ଉକ୍ତ ଦୃଶ୍ୟକୁ ଆରମ୍ଭରୁ ଦେଖୁଥିବା ଅନ୍ୟ ରୋଗୀ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ। ବୁଧବାର ବିଳମ୍ବିତ ରାତିରେ ଏସ୍‌ସିବି ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଉକ୍ତ ଘଟଣାକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ତେବେ ଘଟଣା ସମ୍ପର୍କରେ ମେଡିକାଲ ପକ୍ଷରୁ ତଦନ୍ତ କରାଯାଉଥିବା ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି କହିଛନ୍ତି। ଖବର ନେବାରୁ ଜଣାପଡ଼ିଛି, ସମ୍ପୃକ୍ତ ଆସନ୍ନ ପ୍ରସବା ମହିଳା ଜଣକ ନୟାଗଡ଼ ଅଞ୍ଚଳରୁ ଏସ୍‌ସିବିକୁ ଆସିଥିଲେ। ପ୍ରସବ ଯନ୍ତ୍ରଣା ପାଇଁ ପ୍ରଥମେ ସେ ନୟାଗଡ଼ ଡାକ୍ତରଖାନକୁ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କିଛି ଜଟିଳତା ଥିବାରୁ ଡାକ୍ତରମାନେ ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଉଚ୍ଚତର ଚିକିତ୍ସା ପାଇଁ ମହିଳା ଜଣକ ଏସ୍‌ସିବି ଆସିବା ପରେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସରକାର ମାତୃ ଓ ଶିଶୁ ମୃତ୍ୟୁହାରକୁ ରୋକିବା ପାଇଁ ବହୁବିଧ ପଦକ୍ଷେପ ନେଉଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା କର୍ମଚାରଙ୍କେର ଏଭଳି ଆଚରଣ ଯୋଜନାକୁ ବାଟବଣା କରୁଛି।

**ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲରେ ଅପ୍ରୀତିକର ପରିସ୍ଥିତି**

## ଜନସଂଖ୍ୟା ରୋକିବା ପାଇଁ ସଚେତନ ହେବା ଦରକାର

**ନୟାଗଡ଼ ଅଫିସ,୧୧।୭**

ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାରଣ ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ କୁମାର ମହାପାତ୍ର ଯୋଗଦେଇ ଜନସଂଖ୍ୟା ରୋକିବା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିନକୁ ଦିନ ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜନସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଦମ୍ପତିମାନେ ସଚେତନ ହୋଇ ପରିବାର ନିୟୋଜନକୁ ଆପଣାଇବା ଦରକାର ବୋଲି ସେ କହିବା ସହ ଜନସଂଖ୍ୟା ରୋକିବା ପାଇଁ ଅସ୍ଥାୟୀ ଓ ସ୍ଥାୟୀ ପରିବାର ଯୋଜନା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ (ପରିବାର ନିୟୋଜନ) ଡା. ସୁରେଶ ମିଶ୍ର ଜିଲାରେ ପରିବାର ନିୟୋଜନ ପାଇଁ ଜୁନ୍ ୨୭ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ ଆଶା କର୍ମୀମାନେ ବୁଲି ପରିବାର ନିୟନ୍ତ୍ରଣ ପାଇଁ ଯୋଗ୍ୟ ଦମ୍ପତିମାନଙ୍କୁ ବୁଝାଇଛନ୍ତି। ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଅସ୍ତ୍ରୋପ୍ରଚାର କରାଯିବ । ମହିଳା ବନ୍ଧ୍ୟାକରଣ ପାଇଁ ୩୬୦, ପୁରୁଷ ବନ୍ଧ୍ୟାକରଣ ପାଇଁ ୧୨୦, କପରଟି ପାଇଁ ୯୬୦ ଓ ଅନ୍ତରା ଇଞ୍ଜେକଶନ ପାଇଁ ୪୦୦ ଏହିଭଳି ମୋଟ ୧୮୪୦ ଜଣଙ୍କୁ ଚିହ୍ନଟ କରାଯାଇଥିବା ସେ ସୂଚନା ଦେଇଥିଲେ। ସଂକ୍ରାମକ ରୋଗ ନିରାକରଣ ଅଧିକାରୀ ନସୌଦ ଅଲ୍ଲୀ ଖାଁ ନିଜ ବକ୍ତବ୍ୟରେ ସମାଜରେ ଜନସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବାରୁ ଏହା ସମାଜ ପାଇଁ ପ୍ରତିକୂଳ ଅବସ୍ଥା ବୋଲି ପ୍ରକାଶ କରିଥିଲେ । ସକାଳେ ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

### ୨ୟ ଦିନରେ ଖବରଦାତାଙ୍କ ଧାରଣା

**ଦଶପଲ୍ଲା,୧୧।୭(ଡି.ଏନ.ଏ.)**

ବିଦ୍ୟାଳୟରେ ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ପ୍ରତିବାଦରେ ଖବରଦାତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦଶପଲ୍ଲା ଥାନା ସମ୍ମୁଖରେ ଦିଆଯାଇଥିବା ଗଣଧାରଣା ଗୁରୁବାର ୨ୟ ଦିନରେ ପହଞ୍ଚିଛି। ଏହି ଧାରଣାରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ବିଭିନ୍ନ ସଂଗଠନ ସାମିଲ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଧାରଣାରେ ଜିଲା ଖବରଦାତା ସଂଘର ଉପସଭାପତି ରାମକୃଷ୍ଣ ରଥ, ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର ଯୋଗଦେଇ ଶିକ୍ଷକମାନଙ୍କ ଏଭଳି କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି। ସେହିପରି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ସିପିଆଇ(ଏମ୍) ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ମଧ୍ୟଖଣ୍ଡ ସରପଞ୍ଚ ଗଣେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି।

## ବିଦ୍ୟୁତ୍ ସେବାରୁ ବଞ୍ଚିତ ୧୯ ପରିବାର
### ■ ତାର ଟଣାଯାଇ ଘରେ ମିଟର, ବୋର୍ଡ ବସାଯାଇଛି

**ଗଣିଆ,୧୧।୭(ଡି.ଏନ.ଏ.)**

ପ୍ରତି ଘରକୁ ବିଜୁଳି ଓ ପାଣି ଯୋଗାଣ ଲକ୍ଷ୍ୟ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଅର୍ଥ ବ୍ୟୟବରାଦ କରୁଛନ୍ତି। ହେଲେ ପ୍ରଶାସନିକ ଅବହେଳା ଯୋଗୁ ଅନେକ ସ୍ଥାନରେ ଜନସାଧାରଣ ଏଭଳି ଲୋକାଭିମୁଖୀ ଯୋଜନାର ସୁଫଳ ପାଇପାରୁନାହାନ୍ତି। କେଉଁଠି ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡିରହିଛି ତ ଆଉ କେଉଁଠି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ଗଣିଆ ବ୍ଲକ ଅଫିସଠାରୁ ମାତ୍ର ୫ କିଲୋମିଟର ଦୂର ରାସଙ୍ଗ ପଞ୍ଚାୟତର ବସନ୍ତପୁର ଗ୍ରାମରେ ରହୁଥିବା ୧୯ ପରିବାର ପ୍ରାୟ ୧ବର୍ଷ ଧରି ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସରକାରଙ୍କ ନିର୍ଦ୍ଦେଶକ୍ରମେ ବସନ୍ତପୁର ଗ୍ରାମର ୧୯ ପରିବାରକୁ ନୂତନ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଏନ୍‌ଟିପିସି ତରଫରୁ ଗତବର୍ଷ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେପ୍ଟେମ୍ବର ୨୦୧୮ ସୁଦ୍ଧା ପ୍ରତ୍ୟେକଙ୍କ ଘରେ ବିଦ୍ୟୁତ୍ ମିଟର, ବୋର୍ଡ, ସୁଇଚ୍ ଆଦି ଲଗାଇବା କାର୍ଯ୍ୟ ଶେଷହୋଇଥିଲା। ଏପରି କି ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇ ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ସଂଯୋଗ ନିମିତ୍ତ ତାର ଟଣାଯାଇଛି। ହେଲେ ଟ୍ରାନ୍ସଫର୍ମରକୁ ଚାର୍ଜ କରାଯାଉ ନ ଥିବାରୁ ହିତାଧିକାରୀମାନେ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ ବୋଲି ଗ୍ରାମର ନିରୁପମା ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ସଂଯୋଗ ନ ଥାଇ ହିତାଧିକାରୀଙ୍କଠାରୁ ଶୁଳ୍କ ଆଦାୟ ପାଇଁ କର୍ମଚାରୀମାନେ ଯାଇଥିବା ଗ୍ରାମର ସଞ୍ଜୁ ନାୟକ କହିଛନ୍ତି। ଏ ସମ୍ପର୍କରେ ଗଣିଆ ବ୍ଲକ ସେସୁ ବିଭାଗ କନିଷ୍ଠଯନ୍ତ୍ରୀ ଜ୍ଞାନରଞ୍ଜନ ସାହୁଙ୍କୁ ପଚାରିବାରୁ ଏହି ନିର୍ମାଣ କାର୍ଯ୍ୟ ଏନ୍‌ଟିପିସି ହାତକୁ ନେଇଥିଲା । ତେଣୁ ଉକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ପଚାରିବା ପରେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି ସେ କହିଥିଲେ ।



ଘରେ ଲାଗିଥିବା ବିଦ୍ୟୁତ୍ ବୋର୍ଡ ସମ୍ମୁଖରେ ହିତାଧିକାରୀ ନିରୁପମା ସାହୁ।

### ■ ନବନିର୍ମାଣ କୃଷକ ସଂଗଠନର ବୈଠକ
## ୧୬ରେ ଚିନିକଲ ବଞ୍ଚାଅ ବିକ୍ଷୋଭରେ ହେବେ ସାମିଲ

**ନୟାଗଡ଼ ଅଫିସ,୧୧।୭**

ନୟାଗଡ଼ ଜିଲା ନବନିର୍ମାଣ କୃଷକ ସଂଗଠନର ଜିଲାସ୍ତରୀୟ ବୈଠକ ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ହାତୀଶାଳ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଇଧର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ଜାତି, ଧର୍ମ, ଦଳମତ ନିର୍ବିଶେଷରେ ଚାଷୀମାନେ ଏକଜୁଟ ହୋଇ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏକଜୁଟ ହୋଇ ଲଢ଼େଇ କଲେ ଚାଷୀଙ୍କ ପେନସନ୍ ଓ କୃଷି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିପାରିବ ବୋଲି ସେ ପ୍ରକାଶ କରିଥିଲେ । ଚାଷୀଙ୍କ ସଂଗଠିତ ଲଢ଼େଇ ଯୋଗୁ ରାଜ୍ୟରେ କାଳିଆ ଯୋଜନା ଏବଂ ବାର୍ଦ୍ଧକ୍ୟ ଭତ୍ତାରେ ୨ଶହ ଟଙ୍କା ବୃଦ୍ଧି ହୋଇପାରିଛି। ଚାଷୀମାନେ ସମାଜର ମେରୁଦଣ୍ଡ ହୋଇଥିଲେ ହେଁ ସେମାନଙ୍କୁ ଅବହେଳା କରାଯାଉଛି। ପ୍ରତିରକ୍ଷା ପାଇଁ ବଜେଟରେ ଯେତିକ ଅର୍ଥ ଖର୍ଚ୍ଚ କରାଯାଉଛି ତା'ର ଅଧା ବି ଚାଷୀଙ୍କ ପାଇଁ ଖର୍ଚ୍ଚ କରାଯାଉନାହିଁ। ତେଣୁ ଚାଷୀମାନେ ଏ ଦିଗରେ ସଚେତନ ହେବା ଦରକାର। ଜିଲାରେ ସଂଗଠନକୁ ସୁଦୃଢ଼ କରିବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ସେହିଭଳି ଆସନ୍ତା ୧୬ ତାରିଖ ଚିନିକଲ ବଞ୍ଚାଅ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ହେବାକୁ ଥିବା ବିକ୍ଷୋଭରେ ସାମିଲ ହେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସନ୍ତୋଷ ପ୍ରଧାନ, ରିତ ଦଳବେହେରା, ସୌମ୍ୟରଞ୍ଜନ ପ୍ରଧାନ, ସୁରେଶ ଭୋଳ, ମମତା ନାଥ, ମହେଶ୍ୱର ଜେନା ପ୍ରମୁଖ ଯୋଗ ଦେଇ ଶିଳ୍ପ ବିହୀନ ନୟାଗଡ଼ ଜିଲାରେ ଏକମାତ୍ର ଚିନିକଲକୁ ପୁନର୍ବାର ଚାଲୁ କରିବା ପାଇଁ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉଦ୍ୟମ ନ କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ପ୍ରକାଶ କରିଥିଲେ। ଚିନିକଲକୁ ବଞ୍ଚାଇବା ପାଇଁ ଚାଷୀମାନେ ବଳିଦାନ ଦେବା ଲାଗି ପ୍ରସ୍ତୁତ ବୋଲି ଘୋଷଣା କରିଥିଲେ। ବୈଠକ ପରେ ଚାଷୀମାନେ ଶୋଭାଯାତ୍ରାରେ ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କ ସହିତ ଚାଷୀମାନେ ଆଲୋଚନା କରି ଧାନ କିଣା ସମୟରେ ଅଖା ବାବଦ ଦେବାକୁ ଥିବା ଅର୍ଥକୁ ମିଲରମାନଙ୍କ ସହିତ କଥାହୋଇ ଆସନ୍ତା ୧୮ ତାରିଖ ସୁଦ୍ଧା ଫେରାଇବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ପ୍ରଧାନ, ଅଜୟ ମହାନ୍ତି, କୁଳମଣି ହାତୀ, ଶ୍ରୀନିବାସ ନାୟକ, କୁଳମଣି ନାୟକ, ଧନେଶ୍ୱର ସାହୁ , ଗୋକୁଳ ଜେନା ପ୍ରମୁଖ ଯୋଗଦେଇଥିଲେ।



ଉପଜିଲାପାଳଙ୍କ ସହିତ ଚାଷୀମାନେ ଆଲୋଚନା କରୁଛନ୍ତି।